# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୭/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, January 7/ 2019 | ★★★★

୪୫ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ରହମନଙ୍କୁ ୫୨**

ଓସ୍କାର ଏବଂ ଗ୍ରାମୀ ପୁରସ୍କାର ବିଜେତା ସୁନାମଧନ୍ୟ ସ୍ୱର ସଂଯୋଜକ ଏବଂ ଗାୟକ ଏ. ଆର୍. ରହମନ ରବିବାର ୫୨ ବର୍ଷରେ ପଦାର୍ପଣ କରିଛନ୍ତି।

**୦୫ ୧୫**

**କୁଲଦୀପଙ୍କୁ ୫ ଉଇକେଟ ସଫଳତା**

କୁଲଦୀପ ଯାଦବଙ୍କ ୫ଉଇକେଟ ସଫଳତା ବଳରେ ଭାରତ ସିଡ୍‌ନୀରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି।





ଆବୁଧାବି: ଏସିଆନ୍ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଥାଇଲାଣ୍ଡ ବିପକ୍ଷ ମ୍ୟାଚରେ ଗୋଲ ସ୍କୋର ପରେ ସୁନୀଲ ଛେତ୍ରୀଙ୍କୁ ସାଥି ଖେଳାଳିଙ୍କ ବଧେଇ। ଏହି ମ୍ୟାଚରେ ଭାରତ ୪-୧ ଗୋଲରେ ବିଜୟ ଲାଭ କରିଛି। **(ରିପୋର୍ଟ ଖେଳ ପୃଷ୍ଠା)**

## ବିବାଦୀୟ ମନ୍ତବ୍ୟ କାଳ

# ମହାରଥୀଙ୍କ ମନ୍ତ୍ରୀ ପଦ ଗଲା

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ବହୁଚର୍ଚ୍ଚିତ ପିପିଲି ଗଣବଳାତ୍କାର ମାମଲାର ରାୟ ପ୍ରକାଶ ପରେ ବିବାଦୀୟ ମନ୍ତବ୍ୟ ଦେଇ ସମାଲୋଚନାର ଶିକାର ହୋଇଥିବା କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଶେଷରେ ରବିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ମହାରଥୀଙ୍କ ଇସ୍ତଫା ଦାବିରେ ଭାଜପା ଓ କଂଗ୍ରେସ ରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ, ବିକ୍ଷୋଭ ଜାରି ରଖିଥିଲେ। ଏପରି କି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଗସ୍ତ ସମୟରେ ଏହି ଘଟଣାରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ମହାରଥୀ ମନ୍ତ୍ରୀପଦରୁ ହଟିଛନ୍ତି। ମହାରଥୀଙ୍କ ଇସ୍ତଫାପତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିବା ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଇଛନ୍ତି। ମହାରଥୀ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିଲେ।

ଗତ ଡିସେମ୍ବର ୨୪ରେ ଭୁବନେଶ୍ୱର ପ୍ରଥମ ଅତିରିକ୍ତ ଜିଲାଜଜ୍ ମାମଲାର ରାୟ ପ୍ରକାଶ କରିଥିଲେ। ଉପଯୁକ୍ତ ପ୍ରମାଣ ଅଭାବରୁ ଅଦାଲତ ଅଭିଯୁକ୍ତ ସୁକାନ୍ତ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଏହାର ଦିନକ ପରେ ମନ୍ତ୍ରୀ ମହାରଥୀ 'ସତ୍ୟର ଜୟ' ହୋଇଛି ଓ ପୀଡ଼ିତା ନ୍ୟାୟ ପାଇଛନ୍ତି ବୋଲି ମହାରଥୀ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ପୀଡ଼ିତାଙ୍କ ପରିବାର, କଂଗ୍ରେସ, ଭାଜପା ଏବଂ ବିଭିନ୍ନ ଗଣସଙ୍ଗଠନ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମହିଳା କଂଗ୍ରେସ ଓ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବ୍ୟାପକ ଆନ୍ଦୋଳନ, କ୍ୟାଣ୍ଡେଲ ଶୋଭାଯାତ୍ରା, ମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ସହ ଅଣ୍ଡା, ଟମାଟୋ ମାଡ଼ କରାଯାଇଥିଲା। ଏପରି କି ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ମଧ୍ୟ ଘେରାଉ କରିବାକୁ ଚେଷ୍ଟା କରାଯାଇଥିଲା। ଏହାପରେ ମହାରଥୀ ନିଜ ମନ୍ତବ୍ୟ ପାଇଁ କ୍ଷମାପ୍ରାର୍ଥନା କରିଥିଲେ। ମାତ୍ର ଭାଜପା ଓ କଂଗ୍ରେସ ମହାରଥୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଦାବିରେ ଆନ୍ଦୋଳନ ଜାରି ରଖିଥିଲେ। ଧୀରେ ଧୀରେ ମହାରଥୀଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଶନିବାର ବାରିପଦାର ସ୍ୱାଭିମାନ ସମାବେଶରେ ମୋଦି ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ନୀତିକୁ ସମାଲୋଚନା କରି ପିପିଲି ଗଣବଳାତ୍କାର ☞ପୃଷ୍ଠା-୪

### ପିପିଲି ଗଣବଳାତ୍କାର ମାମଲା



- କୃଷକ ସମାବେଶ ପୂର୍ବରୁ ମନ୍ତ୍ରୀ ହଟିଲେ
- ବହିଷ୍କାର ଦାବିରେ ଅଟଳ ଥିଲେ ଭାଜପା, କଂଗ୍ରେସ
- ଦିନକ ପୂର୍ବରୁ ମୋଦି କରିଥିଲେ ସମାଲୋଚନା
- ଗୋଟିଏ ଘଟଣାରେ ଦୁଇଥର ଇସ୍ତଫା

## ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ଦେଇଛି: ମହାରଥୀ

ଚାପରେ ନୁହେଁ, ସ୍ୱତଃପ୍ରବୃତ୍ତ ଭାବେ ଇସ୍ତଫା ଦେଇଛି। କୌଣସି ପରିସ୍ଥିତିରେ ଦଳ ଉପରେ ଚାପ ପଡୁ, ଏ କଥା ଚାହେଁନାହିଁ ବୋଲି ବିଦାୟୀ କ୍ୟାବିନେଟ୍ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଛନ୍ତି। ରବିବାର ଇସ୍ତଫା ଦେବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମହାରଥୀ ଏହି ମନ୍ତବ୍ୟ ଦେଇଛନ୍ତି। ଦଳ ଉପରେ କି ଚାପ ପଡ଼ିବାରୁ ଇସ୍ତଫା ଦେବାକୁ ପଡ଼ିଲା ବୋଲି ଖବରଦାତାମାନେ ପ୍ରଶ୍ନ କରିଥିଲେ। ହେଲେ ମହାରଥୀ ତାହାର କୌଣସି ଉତ୍ତର ରଖି ନ ଥିଲେ। ମହାରଥୀଙ୍କ ଇସ୍ତଫାର କେଇ ଘଣ୍ଟା ପୂର୍ବରୁ ପିସିସି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ ଏବଂ ଆଇନଜୀବୀ ନିଶିକାନ୍ତ ମିଶ୍ର ରାଜ୍ୟ ସରକାରଙ୍କ ତଦନ୍ତ ପ୍ରକ୍ରିୟାକୁ ନେଇ ଅଙ୍ଗୁଳି ଉଠାଇଥିଲେ।

ସତ୍ୟପ୍ରକାଶ କହିଥିଲେ ଯେ, ପିପିଲି ପୀଡିତା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଥିବା ପିପିଲିର ତତ୍କାଳୀନ ବ୍ଲକ ଅଧ୍ୟକ୍ଷ ବର୍ତ୍ତମାନର ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ ଏବଂ ସମିତିସଭ୍ୟ ଧରଣୀଧର ସାହୁଙ୍କୁ ସାକ୍ଷୀ ଭାବରେ ହାଜର କରାଯାଇଥିଲା, ଯେଉଁମାନେ ଅଦାଲତରେ ନିଜର ମତ ବଦଳାଇ ବିଚାର ପ୍ରକ୍ରିୟାକୁ ବିଭ୍ରାନ୍ତ କରିଥିଲେ। ଏଥିସହିତ ପରୋକ୍ଷରେ ଅଭିଯୁକ୍ତଙ୍କୁ ଖସିଯିବାକୁ ସୁଯୋଗ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ତରବରିଆ ପଦକ୍ଷେପ ନେଇ ପିପିଲି ଥାନାର ତତ୍କାଳୀନ ଆଇଆଇସିଙ୍କୁ ପ୍ରଥମେ ନିଲମ୍ବନ ଏବଂ ପରେ ବହିଷ୍କାର କରିଥିଲେ। ପୀଡ଼ିତାଙ୍କ ପରିବାର ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ନିଯୁକ୍ତ କରିବା ପାଇଁ ବିଧିବଦ୍ଧ ଭାବେ ଆବେଦନ କରିବା ପରେ ମଧ୍ୟ ସରକାର ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲେ, ଯାହା ପରବର୍ତ୍ତୀ ସମୟରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତକୁ ବାଟବଣା କରିଥିଲା। ତେଣୁ ଜଣେ କାର୍ଯ୍ୟରତ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ପୁନଃ ତଦନ୍ତର ଆବଶ୍ୟକତା ରହିଛି। ଇସ୍ତଫା ଠିକ୍ ଅଛି, କିନ୍ତୁ ବେବିନାଙ୍କୁ ନ୍ୟାୟ ମିଳୁ ବୋଲି ସତ୍ୟପ୍ରକାଶ କହିଛନ୍ତି।

## କ୍ଷତିପୂରଣ ନ ଦେଲେ ଗାଡ଼ି ବାଜ୍ୟାପ୍ତି

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ 'ଓଡ଼ିଶା ମୋଟର ଯାନ (ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ)ନିୟମ-୧୯୬୦'ର ସଂଶୋଧନ କରାଯାଇଛି । ଫଳରେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ମାଲିକ କ୍ଷତିପୂରଣ ଦେବାକୁ ଏଣିକି ବାଧ୍ୟହେବେ। ଯଦି ସେ କ୍ଷତିପୂରଣ ନ ଦିଅନ୍ତି, ତା'ହେଲେ ତାଙ୍କ ଗାଡ଼ିକୁ ସରକାର ବାଜ୍ୟାପ୍ତି କରି ନିଲାମ କରିପାରିବେ। ଆଉ ସେଥିରୁ ଆଦାୟ ଅର୍ଥକୁ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଆକାରରେ ପ୍ରଦାନ କରିପାରିବେ। ଏହି ଡ୍ରାଫ୍ଟ ରୁଲ୍ ଅନୁସାରେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ କୌଣସି କୋର୍ଟ ମୁକୁଳାଇବେ ନାହିଁ। ଯଦି ଗାଡ଼ିର ଆବଶ୍ୟକ ବୀମା ନାହିଁ, ଦୁର୍ଘଟଣା ପରେ ମାଲିକ ଆବଶ୍ୟକ କ୍ଷତିପୂରଣ ଭରଣା ନ କରିଲେ, ସେ ଗାଡ଼ିକୁ ରିଲିଜ୍ କରାଯାଇ ପାରିବ ନାହିଁ। ଏ କ୍ଷେତ୍ରରେ ଜବତ ଗାଡ଼ିକୁ ସର୍ବସାଧାରଣରେ ନିଲାମ କରିଦିଆଯିବ ବୋଲି ଜଣାପଡ଼ିଛି। ସଡ଼କ ଦୁର୍ଘଟଣା ବୃଦ୍ଧି ଏବେ ସମସ୍ତଙ୍କ ପାଇଁ ☞ପୃଷ୍ଠା-୪

**■ ଏବେ ସାଧାରଣ ନିର୍ବାଚନ ହେଲେ ମୋଦିଙ୍କୁ ନିଅଣ୍ଟ ପଡ଼ିବ ୧୫ ଆସନ**

# ଏନ୍‌ଡିଏକୁ ମିଳିବନି ସଂଖ୍ୟାଗରିଷ୍ଠତା

**ନୂଆଦିଲ୍ଲୀ,୬।୧**

ସାଧାରଣ ନିର୍ବାଚନ ପାଇଁ ଜାତୀୟ ରାଜନୀତି ଚଳଚଞ୍ଚଳ। କାରଣ ଆଉ ମାତ୍ର ୪ ମାସ ଗଲେ ଦେଶର ମତଦାତା ସେମାନଙ୍କ ପ୍ରତିନିଧି ବାଛିବେ ଓ କେନ୍ଦ୍ରରେ ଗଢ଼ାହେବ ନୂଆ ସରକାର। ଏଥିଲାଗି ସବୁ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ଗଣତନ୍ତ୍ରର ଏହି ମହାପର୍ବରେ ପ୍ରତିଦ୍ୱନ୍ଦ୍ୱିତା କରି ପୁଣିଥରେ ବିଜୟ ଟିକା ପିନ୍ଧିବାକୁ ଶାସକ ଭାଜପା ନାନା ଉପାୟ ପାଞ୍ଚୁଛି। ସେପଟେ ଗୈରିକ ଦଳ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ହାତରୁ କ୍ଷମତା ଛଡ଼ାଇନେବା ପାଇଁ କଂଗ୍ରେସ ନେତୃତ୍ୱ ନେଉଥିବା ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ନୂଆ ରଣନୀତି ସ୍ଥିର କରୁଛି। ଅନ୍ୟପକ୍ଷରେ ଆଉ କେତେକ ବିରୋଧୀ ଦଳ ତୃତୀୟ ମେଣ୍ଟ ଅଥବା ସଂଘୀୟ ସାମ୍ମୁଖ୍ୟ ଗଢ଼ି କ୍ଷମତା ଚାଖିବାର ସ୍ୱପ୍ନ ଦେଖୁଛନ୍ତି। ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳିବେ ତାହା ଏପ୍ରିଲ-ମେ'ରେ ହେବାକୁ ଥିବା ଲୋକ ସଭା ନିର୍ବାଚନର ଜନାଦେଶ କହିବ। ମାତ୍ର ଦେଶରେ ବର୍ତ୍ତମାନ ସ୍ଥିତିରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲେ ଭାଜପାକୁ ମିଳିବ ନାହିଁ ସଂଖ୍ୟାଗରିଷ୍ଠତା। ୫୪୩ ଆସନ ବିଶିଷ୍ଟ ଲୋକ ସଭା ଦଖଲ କରିବାକୁ ହେଲେ କୌଣସି ଦଳ ବା ମେଣ୍ଟକୁ ମ୍ୟାଜିକ୍ ନମ୍ବର ୨୭୨ ଛୁଇଁବାକୁ ପଡ଼ିବ। ମାତ୍ର ଏବେ ଭୋଟ କରାଗଲେ ଏନ୍‌ଡିଏ ପାଇଁ ଏହି କୁହୁକ ସଂଖ୍ୟାରୁ ୧୫ ଆସନ ନିଅଣ୍ଟ ପଡ଼ିବ। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଜନମତ ସର୍ଭେ ରବିବାର ଏଭଳି ଭବିଷ୍ୟବାଣୀ କରିଛି। ୨୦୧୮ ଡିସେମ୍ବର ☞ପୃଷ୍ଠା-୪

### ଇଣ୍ଡିଆ ଟିଭି-ସିଏନ୍‌ଏକ୍ସର ଜନମତ ସର୍ଭେ



- ଭାଜପା ୨୨୩, ଏନ୍‌ଡିଏ ୨୫୭
- କଂଗ୍ରେସ ୮୫, ଉପା ୧୪୬
- ଅନ୍ୟ ଦଳ ୧୪୦
- ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ କରାଯାଇଥିଲା ସର୍ବେକ୍ଷଣ

## ଓଡ଼ିଶାରେ ବିଜେଡି ୧୩, ଭାଜପା ୮

**ନୂଆଦିଲ୍ଲୀ,୬।୧**

ଏବେ ସାଧାରଣ ନିର୍ବାଚନ ହେଲେ ଓଡ଼ିଶାରେ ଶାସକ ବିଜେଡି ୧୩ ଆସନ ଦଖଲ କରିବ ଓ ଭାଜପାକୁ ୮ ଆସନରେ ସଫଳତା ମିଳିବ। ଅନ୍ୟପକ୍ଷରେ କଂଗ୍ରେସ ଏଠାରେ ଖାତା ଖୋଲିପାରିବ ନାହିଁ ବୋଲି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ କରିଥିବା ଜନମତ ସର୍ଭେରୁ ଜଣାପଡ଼ିଛି। ଏହି ସଂସ୍ଥା ପକ୍ଷରୁ ନଭେମ୍ବର ୧୫ରେ ପ୍ରକାଶିତ ରିପୋର୍ଟ ଅନୁସାରେ ସେତେବେଳେ ରାଜ୍ୟର ୨୧ ଲୋକ ସଭା ଆସନରୁ ବିଜେଡି ୧୬ ଓ ଭାଜପା ୫ ଆସନ ଦଖଲ କରିବ ବୋଲି ମତଦାତା କହିଥିଲେ। ପ୍ରକାଶ ଯେ, ୨୦୧୪ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ୨୦ ଆସନ ଦଖଲ କରିଥିବାବେଳେ ଭାଜପାକୁ ଗୋଟିଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ଶଶୀଙ୍କୁ କୃଷି, ରମେଶଙ୍କୁ ପଞ୍ଚାୟତିରାଜ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ପ୍ରଦୀପ ମହାରଥୀଙ୍କ ଇସ୍ତଫା ପରେ ତାଙ୍କ ନିକଟରେ ଥିବା ୨ଟି ବିଭାଗକୁ ଶଶିଭୂଷଣ ବେହେରା ଏବଂ ରମେଶ ମାଝିଙ୍କୁ ପ୍ରଦାନ କରାଯାଇଛି। ଅର୍ଥ ଓ ଅବକାରୀ ମନ୍ତ୍ରୀ ଥିବା ଶଶିଭୂଷଣ ବେହେରାଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଏସ୍‌ସି,ଏସ୍‌ଟି, ଓବିସି, ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ମାଝିଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ନିର୍ବାଚନ ବର୍ଷ ହୋଇଥିବାରୁ ଉପରୋକ୍ତ ଦୁଇ ମନ୍ତ୍ରୀଙ୍କୁ ଚତୁର୍ଥ ପାଳିର ଶେଷ ଯାଏଁ ଅତିରିକ୍ତ ଦାୟିତ୍ୱରେ ରଖାଯାଇ ନ ପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟ କେତେଜଣ ମନ୍ତ୍ରୀ ମଧ୍ୟ ବିଭିନ୍ନ କାରଣରୁ ବିବାଦୀୟ ହୋଇଛନ୍ତି। ତେଣୁ ନିର୍ବାଚନର ଅବ୍ୟବହିତ ପୂର୍ବରୁ ସ୍ୱଳ୍ପ ଦିନ ପାଇଁ ମନ୍ତ୍ରିମଣ୍ଡଳ ଅଦଳବଦଳ ହେଉଛି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିବ।

**ଆଜିର ସମ୍ପାଦକୀୟ**

**ପୁରାଣ ନୁହେଁ, ବିଜ୍ଞାନ**

**ଆଜିର ମନ୍ତବ୍ୟ**

"କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିଜ ପରିବାର ଯୋଗୁ ସବୁକିଛି ପାଇଛନ୍ତି।

– ନିର୍ମଳା ସୀଥାରାମନ୍, ପ୍ରତିରକ୍ଷାମନ୍ତ୍ରୀ

**କିଛି ତଥ୍ୟ**

ଗତ ୩ ବର୍ଷରେ ବେଆଇନ ଅର୍ଥ କାରବାରରେ ସମ୍ପୃକ୍ତ ଥିବା ଦେଶର ପ୍ରାୟ ୧୧୦ କମ୍ପାନୀ ବିରୋଧରେ ତଦନ୍ତ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। –ଅର୍ଥ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 06.01.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 72 | 122 | 132 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


# ଏସିପି ପୁଅଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**



ଆୟୁଷ (ଫାଇଲ ଫଟୋ)

ସ୍ପେଶାଲ ସ୍କ୍ୱାଡ୍ ମୁଖ୍ୟ ଏସିପି ସଞ୍ଜୀବ ଶତପଥୀଙ୍କ ପୁଅ ଆୟୁଷ ଶତପଥୀ(୧୨)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ସେ ବେକରେ ଜିନ୍ସ ପ୍ୟାଣ୍ଟ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ କୁହାଯାଇଛି। ନୟାପଲ୍ଲୀ ପୋଲିସ କ୍ୟାପିଟାଲ ହସ୍ପିଟାଲରୁ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୬/୧୯) ରୁଜୁ ହୋଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ଆୟୁଷ ଅନ୍‌ଲାଇନରେ କୌଣସି ଏକ ଗେମ୍ ଖେଳିବା ପରେ ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ପୋଲିସ ତାଙ୍କ ମୋବାଇଲ୍‌କୁ ଜବତ କରି ତଦନ୍ତ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଏସିପି ସଞ୍ଜୀବ ପରିବାର ସହ ନୟାପଲ୍ଲୀ ଥାନା ଅନ୍ତର୍ଗତ ଜୟଦେବ ବିହାର ପୋଲିସ କଲୋନୀ ପ୍ଲଟ୍ ନଂ-ଡି୨୧ରେ ରହୁଛନ୍ତି। ପୁଅ ଆୟୁଷ ଏକ ଘରୋଇ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ତାଙ୍କର ଏକ ବଡ଼ ଝିଅ ମଧ୍ୟ ଅଛନ୍ତି। ଆୟୁଷ ପାଠ ପଢୁ ନ ଥିବାରୁ ଶନିବାର ସନ୍ଧ୍ୟାରେ ତାଙ୍କ ମା' ଗାଳି କରିଥିଲେ। ପରେ ରାତି ପ୍ରାୟ ୧୧ଟା ୩୦ରେ ସେ ଅନ୍‌ଲାଇନ୍‌ରେ କୌଣସି ଏକ ଗେମ୍ ଡାଉନ୍‌ଲୋଡ୍ କରି ଖେଳୁଥିଲେ। ଗେମ୍‌ରେ କିଛି ସମସ୍ୟା ଥିବାରୁ ସେ ବାପାଙ୍କୁ ସମାଧାନ କରିବାକୁ ଡାକିଥିଲେ। ହେଲେ ସଞ୍ଜୀବ କୌଣସି କାର୍ଯ୍ୟରେ ବାହାରକୁ ଚାଲିଯାଇଥିଲେ। ରାତି ପ୍ରାୟ ୧୨ଟାରେ ସଞ୍ଜୀବ ଘରକୁ ଫେରିବା ପରେ ପୁଅକୁ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପଟେ ୧୨ ବର୍ଷର ଜଣେ ବାଳକ କିପରି ଆତ୍ମହତ୍ୟା କଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆୟୁଷ ଏଭଳି କେଉଁ ଗେମ୍ ଖେଳୁଥିଲେ ଯେ ସେଥିପାଇଁ ତାଙ୍କୁ ଆତ୍ମହତ୍ୟା କରିବାକୁ ପଡ଼ିଲା ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି ତାହାକୁ ନେଇ ସାଧାରଣରେ ନାନା ସନ୍ଦେହ ପ୍ରକାଶ ପାଇଛି।

## ବାଧ୍ୟତାମୂଳକ ହେବ ଡିଏଲ୍ ସହ ଆଧାର ସଂଯୋଗ

**ନୂଆଦିଲ୍ଲୀ,୬।୧**

ଆଗାମୀ ଦିନରେ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍)କୁ ଆଧାର ସହ ସଂଯୋଗ ବାଧ୍ୟତାମୂଳକ ହେବାକୁ ଯାଉଛି। କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ରବିବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଲଭଲି ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୧୦୬ତମ ଇଣ୍ଡିଆନ ସାଇନ୍ସ କଂଗ୍ରେସରେ ଯୋଗଦେଇ କେନ୍ଦ୍ର ଆଇନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ କହିଛନ୍ତି ଯେ, ଆଧାର ସହ ଡିଏଲ୍‌କୁ ସଂଯୋଗ ବାଧ୍ୟତାମୂଳକ କରିବା ଲାଗି ସରକାର ଖୁବଶୀଘ୍ର ଏକ ବିଲ୍ ଆଣିବାକୁ ଯାଉଛନ୍ତି। ବର୍ତ୍ତମାନ ବ୍ୟବସ୍ଥାରେ ଜଣେ ଗାଡ଼ି ଚାଳକ ଦୁର୍ଘଟଣା ଘଟାଇ ଘଟଣାସ୍ଥଳରୁ ପଳାଇ ଯାଉଛନ୍ତି ଏବଂ ନକଲ ଡିଏଲ୍ ହାସଲ କରୁଛନ୍ତି। ଏହାଦ୍ୱାରା ସେ ବ୍ୟକ୍ତି ସହଜରେ ଆଇନ ଜାଲରୁ ଖସିଯାଉଛି। ତେବେ ଥରେ ଆଧାର ସଂଯୋଗ ହୋଇଗଲେ ଜଣେ ବ୍ୟକ୍ତି ନିଜର ନାମ ବଦଳାଇପାରିବେ, କିନ୍ତୁ ତାଙ୍କର ବାୟୋମେଟ୍ରିକ୍ସ ବଦଳିବନି। ଏଣୁ ନକଲ ଡିଏଲ୍ ପାଇଁ ☞ପୃଷ୍ଠା-୪




# ସିବିଆଇ ତଦନ୍ତ ଦାବି କରୁଛନ୍ତି ପୀଡ଼ିତାଙ୍କ ମା': ଧର୍ମେନ୍ଦ୍ର

- ମୋତେ ଡର ଲାଗୁଛି କହିଲେ କେନ୍ଦ୍ରମନ୍ତ୍ରୀ
- କ୍ରାଇମବ୍ରାଞ୍ଚ କଥା ନ ମାନିଲେ କ୍ଷତି ହେବ କହିଥିଲେ ଓକିଲ
- ପୀଡ଼ିତାଙ୍କ ପରିବାର ପ୍ରତି ବିପଦ ରହିଛି

**ଭୁବନେଶ୍ୱର, ୬।୧(ବ୍ୟୁରୋ):** ପିପିଲି ଗଣବଳାତ୍କାର ଘଟଣାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦିଅନ୍ତୁ। ୨୦୧୧ରେ ଘଟିଥିବା ସେହି ଦୁଃଖଦ ଘଟଣା ଆମ ମନକୁ କଷ୍ଟ ଦେଉଛି। ଓଡ଼ିଶା ପୋଲିସ ବିଭାଗ ଜାଣିଶୁଣି ଏହି ଘଟଣାରେ ହାତ ବାନ୍ଧି ଦେଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ନାଁରେ ଅଭିଯୁକ୍ତଙ୍କୁ ଜାଣିଶୁଣି ଖସେଇବାର ଚେଷ୍ଟା କରାଗଲା ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଖୋଦ୍ ପୀଡିତାଙ୍କ ମା' ଦାବି କରିଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ପୀଡିତାଙ୍କ ପରିବାରକୁ ଭେଟି ଫେରିବା ସମୟରେ ରାସ୍ତାରେ କିଛି ଶାସକ ଦଳ ନେତା ଧମକାଇଥିବା ଧର୍ମେନ୍ଦ୍ର ଅଭିଯୋଗ କରିବା ସହ ସେ ଏବେ ଡରିଯାଇଥିବା ମଧ୍ୟ କହିଛନ୍ତି।

ଭାଜପା ରାଜ୍ୟ ମୁଖ୍ୟାଳୟଠାରେ ରବିବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପରିବାର ତରଫରୁ ଦୁଇଟି ବଡ ଅଭିଯୋଗ କରାଯାଇଛି। ବଳାତ୍କାର ପରେ ବସ୍ତ୍ରରେ ପ୍ରମାଣ ରହିଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ଆସିବାବେଳେ ସେହି ବସ୍ତ୍ରକୁ ଅନାଇଲେ ନାହିଁ। କମିଶନ ନିଯୁକ୍ତି ସମୟରେ ବସ୍ତ୍ର ନେଇ ତାଙ୍କ ପରିବାର ଦେଇଥିଲା। ସରକାରଙ୍କ ପକ୍ଷରୁ ଯେଉଁ ଓକିଲ ନିଯୁକ୍ତ ହୋଇଥିଲେ ପୀଡିତା ପରିବାରକୁ କ୍ରାଇମବ୍ରାଞ୍ଚ କଥା ମାନିବାକୁ ବାରମ୍ବାର ପ୍ରବର୍ତ୍ତାଇଥିଲେ। ଏପରି ନ କଲେ ତାଙ୍କର କ୍ଷତି ହେବ ବୋଲି ଓକିଲ କହିଥିବା ପୀଡିତାଙ୍କ ଭାଇ ଜଣାଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି। ପୀଡିତା ମା'ଙ୍କ ଆଖିରୁ ଏବେ ମଧ୍ୟ ଲୁହ ଶୁଖୁନାହିଁ। ସେ ସିବିଆଇ ତଦନ୍ତ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡିଶା ଗସ୍ତରେ ଆସି ଦେଶବାସୀଙ୍କ ସାମ୍ନାରେ ଏହି ପ୍ରସଙ୍ଗ ଉପସ୍ଥାପିତ କରିଥିଲେ। ଆଜି ପୀଡିତାଙ୍କ ଗାଁରୁ ଫେରିବା ସମୟରେ କିଛି ଶାସକ ଦଳ ଲୋକ ଧମକାଇଥିବାବେଳେ ତାଙ୍କ ଉପରେ ଆକ୍ରମଣ ହେବାର ସମ୍ଭାବନା ଥିବା ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। କେତେଦିନ ପୀଡିତାଙ୍କ ପରିବାରକୁ ସୁରକ୍ଷା ଦେବୁ, ଆସନ୍ତା ନିର୍ବାଚନରେ ଆମେ ପୁଣିଥରେ ନିର୍ବାଚନ ଜିତିବୁ ବୋଲି ଶାସକ ଦଳର କିଛି ଲୋକ ଦୟାନଦୀ ବ୍ରିଜ ଉପରେ ଧମକ ଦେଇଥିବା ଧର୍ମେନ୍ଦ୍ର କହିଛନ୍ତି। ଏହି ସମୟରେ ପୋଲିସ ସୁରକ୍ଷା ନ ଦେଇ ଚାଲିଯାଇଥିବା ଧର୍ମେନ୍ଦ୍ର ଅଭିଯୋଗ ଆଣିଛନ୍ତି। ଏହାସହ ପୀଡିତାଙ୍କ ପରିବାର ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ ହେବାର ସମ୍ଭାବନା ଅଛି ବୋଲି ସେ କହିଛନ୍ତି। ସେହିପରି ଆଜି ପୋଲିସ ଉପସ୍ଥିତିରେ ପୀଡିତାଙ୍କ ପରିବାରକୁ ଧମକାଯାଇଥିବା ନେଇ ମଧ୍ୟ ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ସମ୍ବେଦନଶୀଳ ହୁଅନ୍ତୁ ବୋଲି ଧର୍ମେନ୍ଦ୍ର ନିବେଦନ କରି କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର ଏକ ଅଡିଓ ଟେପ୍ ଶୁଣାଇଥିଲେ, ଯେଉଁଥିରେ ପୀଡିତାଙ୍କ ମା' କାନ୍ଦିକି କହୁଛନ୍ତି ଯେ, ମନ୍ତ୍ରୀଙ୍କ ଇସ୍ତଫା ମୋ ଝିଅ ପ୍ରତି ଉଚିତ ନ୍ୟାୟ ନୁହେଁ। ଘଟଣାର ସିବିଆଇ ତଦନ୍ତ ହେଉ, ଦୋଷୀଙ୍କୁ ଫାଶି ମିଳୁ, ଏହାପରେ ମୋ ଝିଅକୁ ଉଚିତ ନ୍ୟାୟ ମିଳିବ ବୋଲି ସେ କହିଛନ୍ତି। ଏହାକୁ ଶୁଣାଇବା ପରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଗତ ୧୯ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଦୁର୍ନୀତି ଅଭିଯୋଗରେ ବହୁ ନେତାଙ୍କୁ ନିଜ ମନ୍ତ୍ରିମଣ୍ଡଳରୁ ବିଦା କରିଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସେହିମାନେ ପୁଣି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବାର ନଜିର ରହିଛି। ଓଡ଼ିଶା ପୋଲିସ ସମ୍ବେଦନଶୀଳ ହେବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର ଅଭିଯୋଗ କରିଛନ୍ତି।




# ମହାରଥୀଙ୍କ ଇସ୍ତଫା ପରେ ପ୍ରତିକ୍ରିୟା



ପିପିଲି ଗଣବଳାତ୍କାର ଘଟଣାକୁ ନେଇ ପ୍ରଦୀପ ମହାରଥୀ କେବଳ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଦେଲେ ଆମେ ଖୁସି ହୋଇପାରିବୁ ନାହିଁ। ଏହା ଖୁସିର ବିଷୟ ନୁହେଁ। ମହାରଥୀ ବହୁ ବାଧବାଧକତାରେ ଇସ୍ତଫା ଦେଇଛନ୍ତି। ଯଦି ୨୦୧୨ରେ ମହାରଥୀ ଏହି ଘଟଣାକୁ ନେଇ ଇସ୍ତଫା ଦେଇଥିଲେ ତେବେ ପୁଣି କାହିଁକି ତାଙ୍କୁ ମନ୍ତ୍ରିମଣ୍ଡଳରେ ରଖାଯାଇଥିଲା। ପୀଡିତା ମା'ଙ୍କ ଦାବି ଅନୁଯାୟୀ ଘଟଣାର ସିବିଆଇ ତଦନ୍ତ ହେଉ। ପୀଡିତାଙ୍କୁ ପ୍ରକୃତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମର ଆନ୍ଦୋଳନ ଜାରି ରହିବ। ନଚେତ୍ ପୁଣି ମହିଳା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ, ସିବିଆଇ ଅଫିସ୍ ଘେରାଉ କରିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବ।

**– ସୁମିତ୍ରା ଜେନା, ମହିଳା କଂଗ୍ରେସ ସଭାପତି**



ଭାଜପା ମୁଖ୍ୟ ଦାବି ଥିଲା ଘଟଣାର ସିବିଆଇ ତଦନ୍ତ କରାଯାଉ। ନୈତିକ ଇସ୍ତଫା କଥା କହି ଶାସକ ଦଳ ନୂଆ ସୁଆଙ୍ଗ ରଚିଛନ୍ତି। ୩ଟି ଦାବିରୁ କେବଳ ମନ୍ତ୍ରୀଙ୍କ ଇସ୍ତଫା କଥା ମାନିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରାଇମବ୍ରାଞ୍ଚକୁ ଲଗାଇ ତଥ୍ୟ ନଷ୍ଟ କରିଥିବାରୁ ମହିଳାମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଆମ ଆନ୍ଦୋଳନ କେବଳ ଆରମ୍ଭ ହୋଇଥିଲା। ଆଗକୁ ପୀଡିତାଙ୍କୁ ନ୍ୟାୟ ନ ମିଳିବା ଯାଏଁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

**– ପ୍ରଭାତୀ ପରିଡା, ଭାଜପା ମହିଳା ମୋର୍ଚ୍ଚା ସଭାପତି**



ପିପିଲି ଗଣବଳାତ୍କାର ଓ ମୃତ୍ୟୁ ଘଟଣାର ରାୟ ଉପରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ମନ୍ତବ୍ୟ ଉଚିତ୍ ନ ଥିଲା। ସାମ୍ବିଧାନିକ ପଦବୀରେ ଥାଇ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହେବା ପରେ ସତ୍ୟର ଜୟ ହୋଇଛି ଓ ପୀଡ଼ିତାଙ୍କୁ ନ୍ୟାୟ ମିଳିଛି ବୋଲି କହିବା ମହାରଥୀଙ୍କ ପାଇଁ ଅଡୁଆ ପରସ୍ଥିତି ସୃଷ୍ଟି କରିଥିଲା। ଏହି ଘଟଣାରେ ରାଜ୍ୟ ସରକାର ଓ ସମ୍ପୃକ୍ତ ମନ୍ତ୍ରୀଙ୍କ ବିରୋଧରେ ଜନ ଆନ୍ଦୋଳନ ସୃଷ୍ଟି ହୋଇଥିଲା। ଯେଉଁଥି ପାଇଁ ମହାରଥୀଙ୍କୁ ଇସ୍ତଫା ଦେବାକୁ ପଡ଼ିଲା।

**– ନରସଂହ ମିଶ୍ର, ବିରୋଧୀ ଦଳ ନେତା**

ମନ୍ତ୍ରୀ ଇସ୍ତଫା ଦେଲେ ଆମର କୌଣସି ଲାଭ ନାହିଁ । ଏହା ତାଙ୍କର ବ୍ୟକ୍ତିଗତ କଥା ଓ ରାଜ୍ୟ ସରକାରଙ୍କର କଥା। ଦୋଷୀ ଦଣ୍ଡ ପାଇବା ଦରକାର।

**– ଅମୂଲ୍ୟ ବେହେରା, ପୀଡ଼ିତାଙ୍କ ଭାଇ**

## ବଦଳିଲା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟସୂଚୀ

# ୧୬ ନୁହେଁ ୧୫ରେ ବଲାଙ୍ଗୀର ଆସିବେ ମୋଦି

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସନ୍ତା ଓଡିଶା ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଆସନ୍ତା ୧୬ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ୧୫ରେ ମୋଦି ବଲାଙ୍ଗୀର ଗସ୍ତରେ ଆସିବେ। ଏନେଇ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂ ଦେଓ ରବିବାର ସୂଚନା ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବାସହ ଏକ ଦଳୀୟ ସମାବେଶକୁ ଉଦ୍‌ବୋଧନ କରିବେ। କନକ କହିଛନ୍ତି ଯେ, ଦୀର୍ଘ ୧୯ ବର୍ଷ ଶାସନ କ୍ଷମତାରେ ଥିବା ସତ୍ତ୍ୱେ ରାଜ୍ୟରେ ଚାଷଜମି ଜଳସେଚିତ ହେବାରେ ବିଫଳ ହୋଇଛି। କେନ୍ଦ୍ର ସରକାରଙ୍କଠାରୁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ସହାୟତା ସତ୍ତ୍ୱେ ଜଳସେଚନ ପାଇଁ ପ୍ରକଳ୍ପ ନିର୍ମାଣର ପ୍ରତିଶ୍ରୁତିକୁ ଶାସକ ଦଳ ଅଦ୍ୟାବଧି ପୂରଣ କରିନାହାନ୍ତି। ଏପରି କି ଗୋଟିଏ ଜଳସେଚନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ମଧ୍ୟ ହୋଇପାରିଲା ନାହିଁ। ସେହିପରି ଓଡିଶାର ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ କୌଣସି ଆନ୍ତରିକତା ପ୍ରଦର୍ଶନ କଲେନାହିଁ। ଶିକ୍ଷକ, ଡାକ୍ତର ଅଭାବ କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ଉତ୍କଟ ରୂପ ଧାରଣ କରିବା ସତ୍ତ୍ୱେ ସମସ୍ୟାର ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି କନକ ଅଭିଯୋଗ କରିଛନ୍ତି।

# ନକଲି ଜର୍ଦ୍ଦା କାରଖାନା ଠାବ

## ୬ ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ୨ ବ୍ୟବସାୟୀ ଗିରଫ

**ମହାକାଳପଡା, ୬।୧ (ଡି.ଏନ.ଏ.)**

**ମହାକାଳପଡ଼ା ବ୍ଲକ**
- ବ୍ୟବସାୟୀଙ୍କ ଘରେ ଦେଢ଼ବର୍ଷ ହେଲା ଚାଲିଥିଲା କାରବାର
- ଅବକାରୀ ବିଭାଗ ଓ ପୋଲିସର କାର୍ଯ୍ୟକଳାପକୁ ନେଇ ପ୍ରଶ୍ନବାଚୀ

କେନ୍ଦ୍ରାପଡା ଜିଲା ମହାକାଳପଡା ଥାନା ଅଧୀନ ରାଜଗଡଠାରେ ରବିବାର ଏକ ନକଲି ଜର୍ଦ୍ଦା(ଗୋପାଳ–୬୦) କାରଖାନା ଠାବ ହୋଇଛି। କେନ୍ଦ୍ରାପଡ଼ା ସ୍ପେଶାଲ ସ୍କ୍ୱାଡ ଓ ମହାକାଳପଡ଼ା ଥାନା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏହି କାରଖାନାରୁ ୬ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏଥିସହ ୨ଜଣ ବ୍ୟବସାୟୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ରାଜଗଡ଼ର ସାଜିଦ ରାଜା (୩୪) ଓ ନଛିପଡା ଗ୍ରାମର ସଞ୍ଜୟ ମଲିକ (୪୨)।

ଘଟଣା ମୁତାବକ, କେନ୍ଦ୍ରାପଡ଼ା ଜିଲାରେ ନକଲି ଜର୍ଦ୍ଦା କାରଖାନା ଚାଲୁଥିବା ସନ୍ଦେହ କରି ଦିଲ୍ଲୀସ୍ଥିତ ଗୋପାଳ–୬୦ ଜର୍ଦ୍ଦା କମ୍ପାନୀ ପକ୍ଷରୁ ଏସ୍‌ପିଙ୍କୁ ଅଭିଯୋଗ ହୋଇଥିଲା। ଅସଲି ଜର୍ଦ୍ଦା ପ୍ୟାକେଟ୍‌ଠାରୁ ଏହା କମ୍ ଦରରେ ମିଳୁ ଥିବାରୁ ଜିଲାର ବହୁ ଛୋଟବଡ଼ ଦୋକାନରେ ଏହା ବିକ୍ରି ହେଉଥିବା ଜଣାପଡ଼ିଥିଲା। ତେବେ ରବିବାର କେନ୍ଦ୍ରାପଡ଼ା ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସ୍ପେଶାଲ ସ୍କ୍ୱାଡ, ମହାକାଳପଡ଼ା ପୋଲିସ ରାଜଗଡ଼ସ୍ଥିତ ସାଜିଦଙ୍କ ଘରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଦିଲ୍ଲୀସ୍ଥିତ ଗୋପାଳ ୬୦ ଜର୍ଦ୍ଦା କମ୍ପାନୀର ସାଧାରଣ ପରିଚାଳକ ଓ ଟିମ ଉପସ୍ଥିତ ଥିଲେ। ଚଢ଼ାଉ ସମୟରେ ସାଜିଦଙ୍କ ଘରୁ ୧୦ ବସ୍ତା ଜର୍ଦ୍ଦାପତି, କେମିକାଲ ଜାରକିନ, ଜର୍ଦ୍ଦା ଲେବଲ, ସେଣ୍ଟ କଞ୍ଚାମାଲ, ଯନ୍ତ୍ରାଂଶ ଆଦି ଜବତ କରାଯାଇଥିଲା। ଜବତ ସାମଗ୍ରୀ ବଜାର ମୂଲ୍ୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଏହି ନକଲି କାରବାରରେ ଏକ ବଡ଼ ର୍‌ୟାକେଟ୍ ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ଏଥିସହ ସାଜିଦ ଓ ତାଙ୍କ ସହଯୋଗୀ ସଞ୍ଜୟଙ୍କୁ ପୋଲିସ ଗିରଫ କରି ପଚରାଉଚୁରା କରୁଛି। ଏ ନେଇ ୪/୧୯ ନଂ. ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉ ବେଳେ ପୋଲିସ ସ୍କ୍ୱାଡରେ ପିକେ କାନୁନଗୋ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ଦିଲ୍ଲୀସ୍ଥିତ ଗୋପାଳ ଜର୍ଦ୍ଦା କମ୍ପାନୀର ସାଧାରଣ ପରିଚାଳକ କେ.ଏସ୍ ଚୌହାନ ପ୍ରମୁଖ ସାମିଲ ଥିଲେ।

ଏହି ନକଲି କାରଖାନା ଦୀର୍ଘ ଦେଢ଼ବର୍ଷ ହେବ ଚାଲୁଥିବା ବେଳେ ଜର୍ଦ୍ଦାପତି ଓ ଜାରକିନ ଭଦ୍ରକରୁ ଅଣାଯାଉଥିବା ସୂଚନା ମିଳିଛି। ଚଢ଼ାଉ ବେଳେ ରାଜା ଗୋଲଡେନପତିନାମରେକେତୋଟିଜର୍ଦ୍ଦାପାଉଚ୍‌ପୋଲିସରହସ୍ତଗତହୋଇଛି। ଦେଢ଼ବର୍ଷ ଧରି କାରଖାନା ଚାଲିଥିବା ବେଳେ ପୋଲିସ ବା ଅବକାରୀ ବିଭାଗ ଏ ସମ୍ପର୍କରେ ଜାଣି ନ ପାରିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ମାଓବାଦୀଙ୍କ ବର୍ବରକାଣ୍ଡ

# ଠିକାଦାରଙ୍କ କ୍ୟାମ୍ପ ଧ୍ୱଂସ, ଜଗୁଆଳିଙ୍କୁ ହତ୍ୟା

ଫୁଲବାଣୀ ଅଫିସ/ ଖଜୁରିପଡ଼ା(ଡି.ଏନ.ଏ.), ୬।୧

କନ୍ଧମାଳ ଜିଲାରେ ମାଓବାଦୀମାନେ ସକ୍ରିୟ ହୋଇ ଉଠିଛନ୍ତି। କିଛିଦିନ ହେଲା ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଇ ଆତଙ୍କ ସୃଷ୍ଟି କରି ଆସୁଥିଲେ। ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଖଜୁରିପଡା ବ୍ଲକ ସୁଦ୍ରୁକୁମ୍ପା ଫାଣ୍ଡି ଅଞ୍ଚଳରେ ବର୍ବରକାଣ୍ଡ ଘଟାଇଛନ୍ତି। ଫାଣ୍ଡିଠାରୁ ୧ କିମି ଦୂର ପାତିଆମ୍ବା ଗ୍ରାମରେ ଥିବା ଜଣେ ଠିକାଦାରଙ୍କ କ୍ୟାମ୍ପ ଧ୍ୱଂସ କରିବା ସହ ଘରୁ ଡାକିନେଇ ଜଗୁଆଳିଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ମଲିକପଡା ଗ୍ରାମର ରବୀନ୍ଦ୍ର ମଲ୍ଲିକ। ମାଓବାଦୀମାନେ ମୃତଦେହ ନିକଟରେ ହାତଲେଖା ପୋଷ୍ଟର ଛାଡ଼ି ଯାଇଛନ୍ତି। ଏହା ଗାଡାଙ୍ଗି ଜଙ୍ଗଲରେ ୫ ମାଓବାଦୀଙ୍କ ହତ୍ୟାର ପ୍ରତିଶୋଧ ବୋଲି ସେଥିରେ ଉଲ୍ଲେଖ କରିଛନ୍ତି। ବିକାଶକୁ ବିରୋଧ କରୁନୁ। ଠିକାଦାର ଓ ପୋଲିସ ମିଶି ବିପ୍ଳବୀମାନଙ୍କୁ ହତ୍ୟା କରୁଥିବା ଘଟଣାକୁ କେକେବିଏନ ସଂଗଠନ ବିରୋଧ କରୁଛି ବୋଲି ପୋଷ୍ଟରରେ ଦର୍ଶାଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅଧିକାଂଶ ଲୋକ ଘର ଛାଡ଼ି ଅନ୍ୟତ୍ର ଚାଲି ଯାଇଥିବା ଜଣାପଡିଛି।



ମାଓବାଦୀମାନେ ପୋଡ଼ିଦେଇଥିବା ଗାଡ଼ି।

କନ୍ଧମାଳ ଏସ୍‌ପି ପ୍ରତୀକ ଗୀତା ସିଂ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ମାଓବାଦୀମାନଙ୍କର ଏହା ବିକାଶ ବିରୋଧୀ ହିଂସା । ରବୀନ୍ଦ୍ରଙ୍କୁ ସେମାନେ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି। ସମସ୍ତ ମାଓବାଦୀ କେକେବିଏନ ସଙ୍ଗଠନର ଏବଂ ସେମାନେ ଅଣ ଓଡ଼ିଆ। ଶନିବାର ରାତିରେ କିଛି ମହିଳା ମାଓବାଦୀଙ୍କ ସମେତ ପ୍ରାୟ ୨୦ରୁ ୨୫ ଜଣ ସଶସ୍ତ୍ର ମାଓବାଦୀ ପାତିଆମ୍ବାସ୍ଥିତ ଠିକାଦାରଙ୍କ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ସେଠାରେ ୩ ଟ୍ରାକ୍ଟର, ଗୋଟିଏ ମିନିଟ୍ରକ, ରୋଲର ଏବଂ କିଛି ଦୂରରେ ଥିବା ଜେସିବି ମେଶିନ ପୋଡ଼ିଥିଲେ। ଜଙ୍ଗଲକୁ ଫେରିବା ବାଟରେ ସେମାନେ ରବୀନ୍ଦ୍ରଙ୍କୁ ଘରୁ ଉଠାଇ ନେଇ ନିସ୍ଥୁକ ମାଡ଼ ମାରିବା ପରେ ଗୁଳି କରି ହତ୍ୟା କରିଛନ୍ତି। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ସଦର ଥାନାରେ ୨ଟି ମାମଲା (ନଂ.୨,୩/୧୯) ରୁଜୁ ହୋଇଛି ବୋଲି ଏସ୍‌ପି ସିଂ କହିଛନ୍ତି।

ଅନ୍ୟ ଏକ ବିଶେଷ ସୂତ୍ରରୁ ଜଣାପଡିଛି ଯେ, ସମ୍ପୃକ୍ତ ଠିକାଦାରଙ୍କୁ ମାଓବାଦୀ ଟଙ୍କା ମାଗିଥିଲେ। ଠିକାଦାର କୁଆଡ଼େ କିଛି ଟଙ୍କା ଦେଇଥିଲେ । ଆଉ କିଛି ଟଙ୍କା ଦେବା ବାବଦରେ ପୋଲିସକୁ ଜଣାଇଥିବା ମାଓବାଦୀମାନେ ସନ୍ଦେହ କରି ତାଙ୍କୁ ଟାର୍ଗେଟ କରିଥିଲେ। ଗତ ମେ ୧୩ ତାରିଖ ରାତିରେ ସୁଦ୍ରୁକୁମ୍ପା ନିକଟ ଗାଡାଙ୍ଗି ଜଙ୍ଗଲରେ ଏସଓଜି ଯବାନମାନଙ୍କ କୋମ୍ବିଙ୍ଗ ଅପରେଶନରେ ୫ ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ମାଓବାଦୀମାନେ ଚୁପ ରହିଥିଲେ। ସୁଯୋଗ ଦେଖି ଶନିବାର ଏହି ବର୍ବରକାଣ୍ଡ ଘଟାଇଛନ୍ତି। ରବୀନ୍ଦ୍ରଙ୍କୁ ଘରୁ ଡାକି ନେଇ ହତ୍ୟା କରାଯାଇଛି ବୋଲି ତାଙ୍କ ସ୍ତ୍ରୀ ପ୍ରମୋଦିନୀ କହିଛନ୍ତି। ଏ ସମ୍ପର୍କରେ କାହାରିକୁ କହିଲେ ଜୀବନରେ ମାରି ଦିଆଯିବ ବୋଲି ଧମକ ମିଳିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାଦାରଙ୍କ ଠାରୁ ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି।

# ୧୦ ଡିଗ୍ରୀ ତଳେ ୭ ସହର

ଭୁବନେଶ୍ୱର, ୬।୧(ବ୍ୟୁରୋ)

ସାରା ରାଜ୍ୟରେ ଶୀତ ପ୍ରକୋପ ଜାରି ରହିଛି। ଆସନ୍ତା ଦୁଇଦିନ ଏହିଭଳି ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟର ୭ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଅନୁଗୋଳରେ ୭.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୯.୮, କେନ୍ଦୁଝରେ ୮.୮, ସୁନ୍ଦରଗଡ଼ ଓ ଫୁଲବାଣୀ ୮, ଟିଟିଲାଗଡ଼ ୯.୫, ସୋନପୁର ଓ ଦାରିଙ୍ଗବାଡ଼ିରେ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ଅନ୍ୟ ସହରଗୁଡ଼ିକରେ ତାପମାତ୍ରା ୧୦ରୁ ୧୪ଡିଗ୍ରୀ ମଧ୍ୟରେ ରହିଥିଲା।

# ଚାଳିଆରେ ପଶିଗଲା କାର୍, ଦମ୍ପତି ମୃତ

ରାୟଗଡା ଅଫିସ୍, ୬।୧

ରାୟଗଡା ସହରଠାରୁ ୧୨କି.ମି ଦୂର ସାଙ୍କେଶ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ୩୨୬ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଚାଳିଆ ଭିତରକୁ କାର ପଶିଯିବାରୁ ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନଙ୍କର ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ କାର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଓଆର୍.୧୮.ସି-୨୭୬୧ ନମ୍ବର ବିଶିଷ୍ଟ ଏକ କାର୍ ଗୁମ୍ମା ଅଭିମୁଖେ ଯାଉଥିଲା। ଅପରାହ୍ନ ୫ଟା ସମୟରେ ସାଙ୍କେଶ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଚାଳିଆ ଭିତରକୁ ପଶିଯାଇଥିଲା। ଫଳରେ ଚାଳିଆରେ ଥିବା ଜଣେ ମହିଳାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଉ ଜଣେ ଗୁରୁତର ଆହତ ହୋଇଥିଲେ। ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଚାଳିଆ ଭିତରେ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।




ଅଭିନେତ୍ରୀ ନିକିତାଙ୍କ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ବାପା

- ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ନାଁରେ ଏତଲା ଦେଲେ
- ଯୁକ୍ତିତର୍କ ବେଳେ ଛାତରୁ ସ୍ୱାମୀ ଠେଲି ଦେଇଥିବା ଅଭିଯୋଗ
- ହତ୍ୟା ମାମଲା ରୁଜୁ


ସ୍ୱାମୀ ଲିପନ ଓ ନିକିତା

କଟକ ଅଫିସ, ୬।୧

ଜଣାଶୁଣା ଚଳଚ୍ଚିତ୍ର ତଥା ଧାରାବାହିକ ଅଭିନେତ୍ରୀ ନିକିତା ଓରଫ ଲକ୍ଷ୍ମୀପ୍ରିୟା ବେହେରା ଛାତରୁ ପଡ଼ିଯିବାରୁ ଶନିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତେବେ ନିକିତାଙ୍କୁ ତାଙ୍କ ସ୍ୱାମୀ ଲିପନ ସାହୁ ଛାତରୁ ଠେଲି ହତ୍ୟା କରିଥିବା ଚାଉଳିଆଗଞ୍ଜ ଥାନାରେ ରବିବାର ରାତି ୮ଟାରେ ଅଭିଯୋଗ ହୋଇଛି। ନିକିତାଙ୍କ ବାପା ସନାତନ ବେହେରା ଏଭଳି ଅଭିଯୋଗ ଆଣିଛନ୍ତି। ସନାତନ ଶନିବାର ପୋଲିସ ଆଗରେ ଲିପନଙ୍କ ବିରୋଧରେ ଏଭଳି ଅଭିଯୋଗ କରିଥିଲେ ମଧ୍ୟ ଲିଖିତ ଏତଲା ଦେଇ ନ ଥିଲେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଥିଲେ। ସନାତନ ନିକିତାଙ୍କ ଶାଶୁ କୁନ୍ତଳା ସାହୁ ଓ ଶ୍ୱଶୁର ଲିଙ୍ଗରାଜ ସାହୁଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଇଛନ୍ତି। ଲିପନ ତାଙ୍କ ମା' ଓ ବାପାଙ୍କ ପ୍ରରୋଚନରେ ପଡ଼ି ନିକିତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅଭିଯୋଗ ଆଧାରରେ ପୋଲିସ ଆଇପିସି ଦଫା ୪୯୮(ଏ), ୩୦୨, ୩୦୬, ୩୪ ଅନୁଯାୟୀ ଏକ ମାମଲା(୮/୧୯) ରୁଜୁ କରିଛି। ପୋଲିସ ଲିପନଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ପୋଲିସର ଏକ ଟିମ୍ ନିକିତାଙ୍କ ଘରକୁ ଯାଇ ତଦନ୍ତ କରିଛି। ସେଠାରୁ ନିକିତାଙ୍କ କିଛି ଭଙ୍ଗା ଚୁଡି ଜବତ କରିଛି।

୨୦୧୬ରେ ନିକିତାଙ୍କ ସହ ଲିପନଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସେମାନଙ୍କ ଏକ ୫ ମାସର ପୁଅ ଅଛି। କିନ୍ତୁ ନିର୍ଯାତନାରେ ଅତିଷ୍ଠ ହୋଇ ନିକିତା ଗତ ୬ ମାସ ହେବ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳରେ ରହୁଥିବା ବାପା ସନାତନଙ୍କ ଘରେ ରହୁଥିଲେ। ଲିପନ ବେଳେ ବେଳେ ସେଠାକୁ ଆସନ୍ତି। ଶୁକ୍ରବାର ରାତିରେ ଲିପନ ନିକିତାଙ୍କ ପାଖକୁ ଆସିଥିଲେ। ଦୁହେଁ ଘରର ଦ୍ୱିତୀୟ ମହଲାକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ପରେ ଲିପନ ନିକିତାଙ୍କୁ ନେଇ ଛାତ ଉପରକୁ ଯାଇଥିଲେ। ଛାତ ଉପରେ ପାଟିତୁଣ୍ଡ ହେବା ମଧ୍ୟରେ ନିକିତାଙ୍କୁ ଲିପନ ଠେଲିଦେବାରୁ ସେ ତଳେ ପଡ଼ିଯାଇଥିଲେ। ସେ ଚାପରେ ରହିଥିବାରୁ ଏପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ସନାତନ ଅଭିଯୋଗରେ ଦର୍ଶାଇଛନ୍ତି।

■ ଅର୍ଥାଭାବରୁ ହୋଇପାରିଲାନି ଶବସତ୍କାର

# ୩ ଦିନ ପରେ ପୋତିଦେଲେ ସମ୍ପର୍କୀୟ

ସଜନାଗଡ଼, ୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଅର୍ଥ ଅଭାବରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ସତ୍କାର କରି ନ ପାରିବାରୁ ଘରେ ୩ ଦିନ ଧରି ପଡି ରହିଥିଲା। ରବିବାର ସମ୍ପର୍କୀୟମାନେ ପହଞ୍ଚି ସତ୍କାର କରି ନ ପାରି ଜଙ୍ଗଲରେ ପୋତି ଦେଇଥିବା ଜଣାପଡିଛି।

ସଜନାଗଡ଼ ବଜାର ୧୯ନଂ. ରାଜ୍ୟ ରାଜପଥ ପାର୍ଶ୍ୱ ଜଙ୍ଗଲ ଜମିରେ ଏକ ଝୁମ୍ପୁଡିରେ ରହୁନ୍ତି ମକରା ବିନ୍ଧାଣି (୭୨) ଓ ତାଙ୍କ ସ୍ତ୍ରୀ ସୁହାଗୀ (୬୫)। ତାଙ୍କର ଏକମାତ୍ର ପୁଅର ବହୁବର୍ଷ ହେଲା ମୃତ୍ୟୁ ହୋଇଯାଇଛି। ଏହି ଦମ୍ପତି ପାଖ ଦୋକାନରେ କାମ କରି ଗୁଜୁରାଣ ମେଣ୍ଟାଉଥିଲେ। ମକରାଙ୍କ ବୟସ ବୃଦ୍ଧି ହେବା ସହ ଦିନକୁ ଦିନ ଅସୁସ୍ଥ ହୋଇପଡିଲେ। ଉଭୟଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବା ବେଳେ କେବଳ ସରକାରଙ୍କ ୧୦କେଜି ଚାଉଳ ଏକମାତ୍ର ଭରସା ଥିଲା। କିଛିଦିନ ତଳେ ମକରା ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇଥିଲେ। ସୁହାଗୀ କାମକରି ମିଳୁଥିବା ଅର୍ଥରେ ସ୍ୱାମୀଙ୍କ ଔଷଧ ସହ ଖାଦ୍ୟ ମଧ୍ୟ ଯୋଗାଡ଼ କରୁଥିଲେ। ଗତ ଶୁକ୍ରବାର ଅପରାହ୍ନ ୩ଟାରେ ମକରାଙ୍କ ମୃତ୍ୟୁ ହୋଇଥିଲା। ସୁହାଗୀ ସ୍ୱାମୀଙ୍କ ମୃତ୍ୟୁ ଖବର ଶନିବାର ସାହିପଡ଼ିଶାଙ୍କ ସହ ନୂଆସାହି ଗ୍ରାମରେ ରହୁଥିବା ଦେଢ଼ଶୁର ମଙ୍ଗଳିଆଙ୍କୁ ଜଣାଇଥିଲେ। ମଙ୍ଗଳିଆ ପହଞ୍ଚି ସାନଭାଇର ମୃତଦେହ ପାଖରେ ଜଗିରହି ସମ୍ପର୍କୀୟଙ୍କୁ ଜଣାଇଥିଲେ। ମାତ୍ର ପଡ଼ୋଶୀ କି ଗ୍ରାମବାସୀ ତାଙ୍କ ନିକଟରେ କେହି ପହଞ୍ଚି ନ ଥିଲେ। ରବିବାର ପୂର୍ବାହ୍ନରେ ସମ୍ପର୍କୀୟମାନେ ପହଞ୍ଚି ଗ୍ରାମବାସୀ ଏବଂ ପଞ୍ଚାୟତ ସହ ଯୋଗାଯୋଗ କରିଥିଲେ। ପଞ୍ଚାୟତ ତରଫରୁ ମଧ୍ୟ କୌଣସି ସହାୟତା ମିଳି ନ ଥିଲା। ସ୍ୱାମୀଙ୍କ ଶବଦାହ ଏବଂ ଶୁଦ୍ଧିକ୍ରିୟା ପାଇଁ ସ୍ତ୍ରୀ ସୁହାଗୀଙ୍କ ନିକଟରେ ଅର୍ଥ ନ ଥିବାବେଳେ ବନ୍ଧୁବର୍ଗଙ୍କ ଆର୍ଥିକ ସ୍ଥିତି ଏତେଟା ଭଲ ନ ଥିବାରୁ ସେମାନେ ମୃତଦେହ ସତ୍କାର କରି ନ ପାରି ନିକଟସ୍ଥ ଜଙ୍ଗଲରେ ପୋତି ଦେଇଥିଲେ।

## ସହାୟତାର ହାତ ବଢ଼ାଇଲେ ଗଣମାଧ୍ୟମ ପ୍ରତିନିଧି, ବିଧାୟକ

ସୁହାଗୀଙ୍କ କହିବା ଅନୁଯାୟୀ, ସ୍ୱାମୀ ମକରାଙ୍କୁ ପକ୍ଷାଘାତ ହେବା ପରେ ସେ ସ୍ଥାନୀୟ ହୋଟେଲ୍‌ରେ କାମକରି ଗୁଜୁରାଣ ମେଣ୍ଟାଉଥିଲେ। କିଛିଦିନ ପୂର୍ବରୁ ସ୍ଥାନୀୟ ଅଞ୍ଚଳର ମୁନା ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କ ନିକଟରେ ପହଞ୍ଚି ତାଙ୍କର ଧରମପୁଅ ହେବା ସହ ସମସ୍ତ ଖର୍ଚ୍ଚ, ସେବାଶୁଶ୍ରୂଷା ଏବଂ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ତାଙ୍କ ଘର ସମ୍ମୁଖରେ ଥିବା ଦଖଲ ଜାଗାରେ ଏକ ହୋଟେଲ କରିଥିଲେ। ମକରାଙ୍କ ମୃତ୍ୟୁ ଖବର ପାଇବା ପରେ ମୁନା ହୋଟେଲ ବନ୍ଦ କରି ପଳାଇ ଯାଇଛନ୍ତି। ମୁନା ତାଙ୍କୁ ସାହାଯ୍ୟ ବଦଳରେ ପ୍ରତାରଣା କରିଥିବା ସୁହାଗୀ କାନ୍ଦି କାନ୍ଦି କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ତରଫରୁ ଶବଦାହ ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ତତ୍‌କ୍ଷଣାତ୍ ଅର୍ଥରାଶି ମିଳୁଥିବା ବେଳେ ମକରାଙ୍କ କ୍ଷେତ୍ରରେ ଏହା ମିଳି ନ ଥିଲା। ଖବର ପାଇ ପ୍ରଥମେ ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚି ଉକ୍ତ ପରିବାରକୁ ୧ହଜାର ଟଙ୍କା ପ୍ରଦାନ କରିଥିଲେ। ଏ ନେଇ ସଜନାଗଡ଼ ସରପଞ୍ଚ ସବିତା ଖାଲପାଲିଆଙ୍କୁ ଯୋଗାଯୋଗ କରାଯିବାରୁ ସେ ଏ ସମ୍ପର୍କରେ କିଛି ଖବର ପାଇ ନ ଥିବା କହିଛନ୍ତି। ନୀଳଗିରି ବିଡିଓ ରାମଦାସ ଟୁଡୁ କହିଛନ୍ତି ଯେ, ମୁଁ ଏ ସମ୍ପର୍କରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଖବର ପାଇଲି। ତତ୍‌କ୍ଷଣାତ୍ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯମୁନା ହେମ୍ବ୍ରମଙ୍କୁ ଜଣାଇବା ସହ ଉକ୍ତ ପରିବାରକୁ ସହାୟତା ଯୋଗାଇବାକୁ ଜଣାଇଛି। ନୀଳଗିରି ବିଧାୟକ ସୁକାନ୍ତ ନାୟକ କହିଛନ୍ତି ଯେ, ସେ ଏ ସମ୍ପର୍କରେ ଖବର ପାଇବା ପରେ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ୨ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।




■ ହୀରାକୁଦ ଡ୍ୟାମ୍‌ରେ ପକ୍ଷୀ ଗଣନା

# ବିଦେଶାଗତ ପକ୍ଷୀଙ୍କ ଆଗମନ ନେଇ ଆଶାବାଦୀ

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍‌ରେ ରବିବାର ବିଦେଶାଗତ ପକ୍ଷୀ ଗଣନା କରାଯାଇଛି। ରବିବାର ସକାଳ ୭ଟାରେ ପକ୍ଷୀ ଗଣନା କାମ ଆରମ୍ଭ ହୋଇଥିଲା। ସମ୍ବଲପୁର, ଝାରସୁଗୁଡ଼ା ଓ ହୀରାକୁଦ ବନଖଣ୍ଡର ଅଧିକାରୀ ଓ କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ। ସମ୍ବଲପୁର ଡିଭିଜନର ୯ଟି ଟିମ୍, ଝାରସୁଗୁଡ଼ାର ୬, ହୀରାକୁଦ ବନ୍ୟପ୍ରାଣୀ ବିଭାଗର ୬ଟି ଟିମକୁ ମିଶାଇ ମୋଟ ୨୧ ଟିମ୍ ଗଣନାରେ ସାମିଲ ହୋଇଥିଲେ। ପ୍ରତ୍ୟେକ ଟିମ୍‌ରେ ୨ ଜଣ ବନ କର୍ମଚାରୀ, ଜଣେ ଏନଜିଓ କର୍ମଚାରୀ, ଓୟୁଏଟି ଛାତ୍ର ରହିଥିଲେ। ତେବେ ଚଳିତ ବର୍ଷ ପାଣିପାଗ ଭଲ ରହିଛି। ଶୀତ ମଧ୍ୟ ଅଧିକ ରହିଛି । ତେଣୁ ଗତବର୍ଷ ଅପେକ୍ଷା ଏଥର ହୀରାକୁଦକୁ ବିଦେଶୀ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢିବା ନେଇ ବନ ବିଭାଗ ଆଶା କରୁଛି । ଚୂଡ଼ାନ୍ତ ରିପୋର୍ଟ ଆସିଲା ପରେ ଠିକ ସଂଖ୍ୟା ଜଣାପଡିବ ବୋଲି ଡିଏଫଓ ସଞ୍ଜିତ କୁମାର କହିଛନ୍ତି ।

ବନ ବିଭାଗ ସୂଚନା ଅନସାରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଗତ ନଭେମ୍ବରରୁ ଏଠାକୁ ବିଭିନ୍ନ ପ୍ରଜାତିର ବିଦେଶୀ ପକ୍ଷୀ ଆସିଛନ୍ତି। ପୋଚାଡ, ଟୁଫେଡ ଡକ, ବ୍ରାମିନି ଡକ, ନରଦେନ ପିନଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ,ଏସିଆନ ଓପନବିଲ, ଗ୍ରେ ହୀରୋନ, ପରପଲ ହୀରୋଜେନ, କେଟେଲ ଗ୍ରେଡ, ଲିଟିଲ ଗ୍ରେଡ, ଇଣ୍ଟର ମିଡିଏଟ ରି-ଗ୍ରେଟ, ଇଣ୍ଡିଆନ ପଣ୍ଡ ହୀରେନ, ଇଣ୍ଡିଆନ ସେଗ, ଲିଟିଲ କରମୋରେଣ୍ଟ, ଗ୍ରେଟ କରମୋରେଣ୍ଟ, ଲିଟିଲ ଗ୍ରେଟ, ଗ୍ରେଟ କ୍ରେଷ୍ଟଟେଡ ଗ୍ରେଟ, କମନ କଟ, ପରପଲ ସ୍ୱାନ, ରେଡ ୱେଟଲେଟ ଲେଫ ୱିନ, ରିଭର ଲେଫୱିନ, ଫ୍ଲୋଭର, ସେଣ୍ଟ ଫ୍ଲୋଭର, ସ୍ନିପ, ଷ୍ଟିୟୁଟ, ଗୁଲସ, କିଙ୍ଗଫିସର, ରିଭର ଟ୍ରଷ୍ଟ, ବ୍ଲାକ ବେଲିଆଟ ଟ୍ରଫ୍ଟ ପ୍ରଭୃତି ବିଦେଶାଗତ ପକ୍ଷୀ ଏଠାକୁ ଆସିଥିବା ଚିହ୍ନଟ କରାଯାଇଛି । ଗତ ବର୍ଷ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ପକ୍ଷୀ ଏଠାକୁ ଆସିଥିଲେ। ହେଲେ ଚଳିତ ବର୍ଷ ଏହି ସଂଖ୍ୟା ବଢିପାରେ। ୨୦୧୭ରେ ୫୭ ପ୍ରଜାତିର ୭୬ ହଜାର ୭୬୮, ୨୦୧୬ରେ ୬୦ ପ୍ରଜାତିର ୯୫ ହଜାର ୯୧୨, ୨୦୧୫ରେ ୬୪ପ୍ରଜାତିର ୫୮ ହଜାର ୯୭, ୨୦୧୪ରେ ୫୪ ପ୍ରଜାତିର ୬୩ ହଜାର ୮୯୨, ୨୦୧୩ରେ ୬୦ ପ୍ରଜାତିର ୭୯ ହଜାର ୧୩୮ ବିଦେଶୀ ପକ୍ଷୀ ହୀରାକୁଦ ଆସିଥିବା ରିପୋର୍ଟ ରହିଛି।





"କେନ୍ଦ୍ରରେ 'ୱାନ୍ ମ୍ୟାନ୍ ଶୋ' ଚାଲିଛି। ଏଥିଯୋଗୁ ଏନ୍‌ଡିଏ ସହଯୋଗୀଙ୍କ ମଧରେ ନୈରାଶ୍ୟ ଭାବ ବଢ଼ିବାରେ ଲାଗିଛି। ଫଳରେ ଭାଜପା ଏକ ବୁଡ଼ିଯାଉଥିବା ଜାହାଜ ପାଲଟିଛି।

–ଶଶୀ ଥରୁର, କଂଗ୍ରେସ ଏମ୍‌ପି

## ସଂକ୍ଷେପରେ

### ୟୁପିର ୩ ମନ୍ତ୍ରୀଙ୍କ ସଚିବ ଜେଲ୍ ଗଲେ

**ଲକ୍ଷ୍ନୌ,୬।୧:** ଦୁର୍ନୀତି ଓ ଲାଞ୍ଚ ନେବା ଅଭିଯୋଗରେ ଉତ୍ତରପ୍ରଦେଶର ୩ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ଶନିବାର ରାତିରେ ଜେଲ୍ ପଠାଇ ଦିଆଯାଇଛି। ୩ ସଚିବଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଅନୁକମ୍ପା ଦେଖାଇବା ଲାଗି ସେମାନେ ଲାଞ୍ଚ ଦାବି କରୁଥିବା ଷ୍ଟିଙ୍ଗ୍ ଅପରେଶନରେ ଧରାପଡ଼ିଥିଲା। ୨୦୧୬ ଡିସେମ୍ବରରେ ଏକ ହିନ୍ଦୀ ନ୍ୟୁଜ୍ ଚ୍ୟାନେଲ ପକ୍ଷରୁ ଏହି ଷ୍ଟିଙ୍ଗ୍ ଅପରେଶନ କରାଯାଇଥିଲା। ଏହି ଘଟଣା ପଦାକୁ ଆସିବା ପରେ ତିନି ବ୍ୟକ୍ତିଗତ ସଚିବ ଓ.ପି. କଶ୍ୟପ, ରାମନରେଶ ତ୍ରିପାଠୀ ଏବଂ ସନ୍ତୋଷ ଅୱସ୍ଥିଙ୍କ ବିରୋଧରେ ହଜରତଗଞ୍ଜ ଥାନାରେ ଏତଲା ଦାଏର କରାଯାଇଥିଲା। କଶ୍ୟପ ଯୋଗୀ ଆଦିତ୍ୟନାଥଙ୍କ କ୍ୟାବିନେଟ ମନ୍ତ୍ରୀ ଓ.ପି. ରାଜଭରଙ୍କ ବ୍ୟକ୍ତିଗତ ସଚିବ ଥିବାବେଳେ ତ୍ରିପାଠୀ ଖଣିମନ୍ତ୍ରୀ ଅର୍ଚ୍ଚନା ପାଣ୍ଡେଙ୍କର ଏବଂ ଅୱସ୍ଥି ଶିକ୍ଷା ଉପମନ୍ତ୍ରୀ ସନ୍ଦୀପ ସିଂଙ୍କ ବ୍ୟକ୍ତିଗତ ସଚିବ ଥିଲେ। ଦୁର୍ନୀତି ନିବାରଣ ଆଇନର ଧାରା ୭ ଅନୁଯାୟୀ ସେମାନଙ୍କ ବିରୋଧରେ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ଜେଲ୍ ପଠାଇ ଦିଆଯାଇଛି।

### ଆତ୍ମହତ୍ୟା କରିଥିବା ଚାଷୀଙ୍କ ଋଣଛାଡ଼ କରିବ ରାଜସ୍ଥାନ


ଅଶୋକ ଗେହଲଟ

**ଜୟପୁର,୬।୧:** ୨୦୧୪ରୁ ୨୦୧୮ ମଧରେ ରାଜସ୍ଥାନରେ ଆତ୍ମହତ୍ୟା କରିଥିବା କୃଷକମାନଙ୍କ ସମସ୍ତ ଋଣ ଛାଡ଼ହେବ। କୃଷିଋଣ ଛାଡ଼ ସମ୍ପର୍କିତ ପଦ୍ଧତି ଅନୁଧାନ ଲାଗି ଗଠିତ ଆନ୍ତଃ ବିଭାଗୀୟ କମିଟି ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଏହା ସୁପାରିସ କରିବା ନିମନ୍ତେ ନିଷ୍ପତ୍ତି ନେଇଛି। ଶନିବାର ସହରାଞ୍ଚଳ ବିକାଶ ମନ୍ତ୍ରୀ ଶାନ୍ତି ଧରିଓ୍ୱାଲଙ୍କ ଅଧକ୍ଷତାରେ ବସିଥିବା ପ୍ରଥମ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଉପରୋକ୍ତ ସମୟ ମଧରେ ରାଜସ୍ଥାନରେ ପାଖାପାଖି ୭୦ ଜଣ କୃଷକ ଆତ୍ମହତ୍ୟା କରିଥିଲେ। ଗେହଲଟ ସରକାର ଗଢ଼ିବା ପରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରିବାକୁ ଘୋଷଣା କରିଥିଲେ।

### ଇତିହାସର ଆଇନାରେ

### ଜାନୁୟାରୀ ୭ର ପ୍ରମୁଖ ଘଟଣା

୧୯୮୫ ଜାନୁୟାରୀ ୭ରେ ଜାପାନ ଏହାର ପ୍ରଥମ ଆନ୍ତଃଗ୍ରହ ମହାକାଶଯାନ ଏମ୍‌ଏସ୍-ଟି୫ ମହାକାଶକୁ କାଗୋଶିମାରୁ ପ୍ରେରଣ କରିଥିଲା। ଏହା 'ପାୟୋନିର' ବା 'ପାଥ୍-ଫାଇଣ୍ଡର' ନାମରେ ପରିଚିତ ଏହି ଯାନର ପ୍ରକୃତ ନାମ ଥିଲା ସାକିଗେକ୍। ଏହାକୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସ୍ପେସ୍ ଆଣ୍ଡ ଏରୋନଟିକାଲ ସାଇନ୍ସ ଫର ନ୍ୟାଶନାଲ ସ୍ପେସ୍ ଡେଭେଲପ୍‌ମେଣ୍ଟ ଏଜେନ୍ସି ବିକଶିତ କରିଥିଲା।

୧୯୩୫ ଜାନୁୟାରୀ ୭ରେ ରୋମରେ ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ପିରି ଲାଭାଲ୍ ଏବଂ ଇଟାଲୀ ପ୍ରଧାନମନ୍ତ୍ରୀ ବେନିଟୋ ମୁଶୋଲିନୀଙ୍କ ମଧରେ ଫ୍ରାଙ୍କୋ-ଇଟାଲୀଆନ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ହିଟଲରଙ୍କ ପତିଆରା ଓ ଜର୍ମାନୀର ମେଣ୍ଟ କୂଟନୀତିକୁ ଚ୍ୟାଲେଞ୍ଜ୍ ଦେବା ପାଇଁ ଏହି ଚୁକ୍ତି କରାଯାଇଥିଲା।



# ଲଢ଼େଇ ମଝିରେ ହାଲ୍

**ନୂଆଦିଲ୍ଲୀ,୬।୧(ପି.ଟି.)**

ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ହାଲ୍)କୁ ନେଇ ଦେଶର ରାଜନୀତି ସରଗରମ ହୋଇଛି। ହାଲ୍‌କୁ ସରକାର ଏକ ଲକ୍ଷ କୋଟି ଟଙ୍କା ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିବା ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଲୋକ ସଭାରେ କହିଥିବାବେଳେ ସେ ଗୃହକୁ ଭୁଲ ତଥ୍ୟ ଦେଇଥିବା କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଟଙ୍କା ଦିଆଯାଇଥିବାର ଦସ୍ତାବିଜ୍ ପ୍ରତିରକ୍ଷାମନ୍ତ୍ରୀ ପାର୍ଲାମେଣ୍ଟରେ ଉପସ୍ଥାପନ କରନ୍ତୁ ନଚେତ ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

୧ ଲକ୍ଷ କୋଟିରୁ ଗୋଟିଏ ହେଲେ ଟଙ୍କା ମିଳି ନ ଥିବା, ଏପରିକି ଏଭଳି କୌଣସି ନିର୍ଦ୍ଦେଶନାମାରେ ଏପର୍ଯ୍ୟନ୍ତ ସ୍ୱାକ୍ଷର ହୋଇ ନ ଥିବା ଗଣମାଧମରେ ରିପୋର୍ଟ ପ୍ରକାଶ ପାଇବା ପରେ ରାହୁଲ ପ୍ରତିରକ୍ଷାମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି। ତେବେ ରାହୁଲ ସମ୍ପୂର୍ଣ୍ଣ ରିପୋର୍ଟ ପଢ଼ିବାକୁ ସୀଥାରାମନ୍ କହିଛନ୍ତି। ଦେଶବାସୀଙ୍କୁ ବିଭ୍ରାନ୍ତ କରୁଥିବା କଂଗ୍ରେସ ଅଧ୍ୟକ୍ଷଙ୍କୁ ଲାଜ ନାହିଁ ବୋଲି ସେ କହିବା ସହ ୨୦୧୪ରୁ ଭାଜପା କ୍ଷମତାକୁ ଆସିବା ପରେ ହାଲ୍‌କୁ ଦିଆଯାଇଥିବା ସମସ୍ତ ଠିକାର ବିବରଣୀ ଟୁଇଟ୍ କରିଛନ୍ତି। ଲୋକ ସଭା ରେକର୍ଡ ଅନୁଯାୟୀ ନିର୍ଦ୍ଦେଶନାମାରେ ସ୍ୱାକ୍ଷର ହୋଇଥିବା କଥା ସୀଥାରାମନ୍ କହିନାହାନ୍ତି। ଏଥିପାଇଁ କାମ ଚାଲିଥିବା ସେ କହିଥିଲେ।

ପାଣ୍ଠି ଅଭାବରୁ ହାଲ୍ ତା'ର କର୍ମଚାରୀଙ୍କୁ ବେତନ ଦେଇପାରୁନାହିଁ। ଏଥିପାଇଁ ହାଲ୍ ୧୦୦୦ କୋଟି ଟଙ୍କା ଋଣ କରିବ ବୋଲି ଶନିବାର ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଗୋଟିଏ ମିଛକୁ ଘୋଡାଇବାକୁ ହେଲେ ଅନେକ ମିଛର ସାହାରା ନେବା ଆବଶ୍ୟକ ହୋଇଥାଏ। ପ୍ରଧାନମନ୍ତ୍ରୀଙ୍କ ରାଫାଲ ମିଛକୁ ଘୋଡାଇବାକୁ ଯାଇ ପ୍ରତିରକ୍ଷାମନ୍ତ୍ରୀ ପାର୍ଲାମେଣ୍ଟରେ ମିଛ କହିଥିବା ରାହୁଲ ଅଭିଯୋଗ କରିଥିଲେ। ତେଣୁ ସେ ହାଲ୍‌କୁ ୧ ଲକ୍ଷ କୋଟି ଟଙ୍କା ଦିଆଯିବା ନେଇ ସରକାରୀ ନିର୍ଦ୍ଦେଶନାମା ସୋମବାର ଗୃହରେ ଉପସ୍ଥାପନ କରନ୍ତୁ କିମ୍ବା ଇସ୍ତଫା ଦିଅନ୍ତୁ ବୋଲି ରାହୁଲ ଟୁଇଟ୍ କରିଥିଲେ। ଅନ୍ୟ ପକ୍ଷରେ ସୀଥାରାମନ୍‌ଙ୍କ ଅଫିସ ତରଫରୁ ଟୁଇଟ୍ କରାଯାଇଛି, ରାହୁଲ ପ୍ରକୃତରେ ଏବିସିରୁ ଆରମ୍ଭ କରିବା ଆବଶ୍ୟକ ବୋଲି ତାଙ୍କ ଅଭିଯୋଗରୁ ଜଣାପଡୁଛି। ରିପୋର୍ଟ ନ ପଢ଼ି ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଥିବା ଉଲ୍ଲେଖ କରାଯାଇଛି। ହାଲ୍ ୨୦୧୪ରୁ ୨୦୧୮ ମଧରେ ୨୬,୫୭୦.୮ କୋଟି ଟଙ୍କାର ଠିକା କାମ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିବା ଏବଂ ଆଉ ୭୩ ହଜାର କୋଟି ଟଙ୍କାର କାର୍ଯ୍ୟ ଚୁକ୍ତି ସ୍ୱାକ୍ଷର ହେବାକୁ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭୁଲ୍ ତଥ୍ୟ ପାଇଁ ରାହୁଲ ଗୃହରେ କ୍ଷମା ମାଗିବେ ନା ଇସ୍ତଫା ଦେବେ ବୋଲି ମନ୍ତ୍ରଣାଳୟ ପ୍ରଶ୍ନ କରିଛି।

ରାଫାଲ ବିମାନ ନିର୍ମାଣ ଠିକା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ହାଲ୍‌କୁ ଦିଆ ନ ଯାଇ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଦିଆଯାଇଥିବାରୁ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଆସୁଛି। ପ୍ରଧାନମନ୍ତ୍ରୀ ତାଙ୍କର ସୁଟ୍-ବୁଟ୍ ବନ୍ଧୁଙ୍କୁ ସହାୟତା କରିବା ଲାଗି ହାଲ୍‌କୁ ଦୁର୍ବଳ କରିଦେଇଛନ୍ତି ବୋଲି ଶନିବାର ରାହୁଲ ଅଭିଯୋଗ କରିଥିଲେ।

### ଟୁଇଟ୍ ଯୁଦ୍ଧ



"କଂଗ୍ରେସ ଅଧକ୍ଷ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ।
–ନିର୍ମଳା ସୀଥାରାମନ୍



"ପ୍ରତିରକ୍ଷା ମନ୍ତ୍ରୀ ଗୃହକୁ ମିଛ କହିଛନ୍ତି ।
– ରାହୁଲ ଗାନ୍ଧୀ



## ସୁନାଖଣି ନେଲା ୪୦ ମୁଣ୍ଡ

**କୁନ୍ଦୁଜ୍,୬।୧(ଏଏଫ୍‌ପି)**

ଆଫଗାନିସ୍ତାନର ଉତ୍ତରପୂର୍ବାଞ୍ଚଳରେ ଥିବା ଏକ ସୁନାଖଣି ରବିବାର ଭୁଶୁଡ଼ି ପଡ଼ିବାରୁ ଅନ୍ୟୁନ ୪୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ ଆହତ ହୋଇଛନ୍ତି। ବଦାଖ୍‌ଶାନ୍ ପ୍ରଦେଶର କୋହିସ୍ତାନ ଜିଲାରେ ଏହି ଦୁର୍ଘଟଣା ଘଟିଛି। ସୁନା ସନ୍ଧାନରେ ଗାଁ ଲୋକମାନେ ନଦୀଶଯ୍ୟାରେ ୨୦୦ ଫୁଟ ଗଭୀର ଗର୍ତ୍ତ ଖୋଳିଥିଲେ। ସେମାନେ ଉକ୍ତ ଗର୍ତ୍ତରେ ଥିବାବେଳେ ଏହାର କାନ୍ଥ ଭୁଶୁଡ଼ି ପଡ଼ିବାରୁ ମାଟିତଳେ ଚାପିହୋଇ ରହିଯାଇଥିଲେ। ଉଦ୍ଧାରକାରୀ ଦଳ ପହଞ୍ଚିବା ବେଳକୁ ଗ୍ରାମବାସୀ କେତେଜଣଙ୍କୁ ମାଟିତଳୁ ବାହାର କରିଥିଲେ। ଆହତମାନଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଛି। ସେମାନଙ୍କ ମଧରୁ କେତେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଖଣି ଭୁଶୁଡ଼ିବାର କାରଣ ଜଣାପଡ଼ିନାହିଁ। ତାଜିକ୍ସ୍ତାନ, ଚାଇନା ଓ ପାକିସ୍ତାନକୁ ଲାଗିଥିବା ଏହି ଅଞ୍ଚଳରେ ଶୀତଦିନେ ପ୍ରବଳ ତୁଷାରପାତ ହୋଇଥାଏ। ତେଣୁ ଏହା ଭୂସ୍ଖଳନ ପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ତେବେ ଖୋଳାଳିମାନେ ପେସାଦାର ଖଣି ଶ୍ରମିକ ନୁହନ୍ତି ବୋଲି ଗଭର୍ନରଙ୍କ ମୁଖପାତ୍ର ନିକ୍ ମହମ୍ମଦ ନାଜାରି କହିଛନ୍ତି।

## ଦୁର୍ଘଟଣାରେ ୧୦ ସାବରିମାଲା ତୀର୍ଥଯାତ୍ରୀଙ୍କ ମୃତ୍ୟୁ



**ପୁଦୁକୋଟ୍ଟାଇ,୬।୧**

ତାମିଲନାଡୁର ପୁଦୁକୋଟ୍ଟାଇ ଜିଲାର ଥିରୁମାୟାମ୍ ନିକଟରେ ରବିବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ୧୦ ସାବରିମାଲା ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି ଓ ୫ ଜଣ ଆହତ ହୋଇଛନ୍ତି। ଏମାନେ ତେଲେଙ୍ଗାନାରୁ ଭ୍ୟାନ ଯୋଗେ ସାବରିମାଲା ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ସାରି ରାମେଶ୍ୱରମ୍ ଦର୍ଶନ କରିଥିଲେ। ସେଠାରୁ ଫେରୁଥିବାବେଳେ ଏକ ଟ୍ରେଲର ସମ୍ମୁଖରୁ ଧକ୍କା ଦେଇଥିଲା। ୧୫ ତୀର୍ଥଯାତ୍ରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ମୃତ ଡ୍ରାଇଭରଙ୍କ ପରିଚୟ ମିଳିପାରି ନାହିଁ। ଟ୍ରେଲର ଡ୍ରାଇଭରଙ୍କ ବେପରୁଆ ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି।

# ରାଜନାଥ ଭାଜପା ଇସ୍ତାହାର କମିଟି ଅଧକ୍ଷ

### ଲୋକ ସଭା ନିର୍ବାଚନ ପ୍ରସ୍ତୁତି



**ନୂଆଦିଲ୍ଲୀ,୬।୧(ପି.ଟି.):** ଆଗାମୀ ଲୋକ ସଭା ନିର୍ବାଚନ ଲାଗି ଭାଜପା ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ନିର୍ବାଚନ ପରିଚାଳନା ଲାଗି ଦଳ ପକ୍ଷରୁ ୧୭ଟି କମିଟି ଗଠନ କରାଯାଇଛି। ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଇସ୍ତାହାର (ସଂକଳ୍ପ ପତ୍ର) କମିଟିର ମୁଖ୍ୟ କରାଯାଇଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ପ୍ରଚାର କମିଟି ମୁଖ୍ୟ କରାଯାଇଛି। ଦଳର ଅଧକ୍ଷ ଅମିତ ଶାହ ଏହା ଘୋଷଣା କରିଛନ୍ତି। ଇସ୍ତାହାର କମିଟିରେ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟଲୀ, ନିର୍ମଳା ସୀଥାରାମନ୍, ଥାୱରଚାନ୍ଦ ଗେହଲଟ, ରବିଶଙ୍କର ପ୍ରସାଦ, ପୀୟୂଷ ଗୋୟଲ, ମୁଖ୍‌ତାର ଆବାସ ନକ୍‌ଭି, କେ.ଜେ. ଆଲଫୋନ୍ସ, କିରେନ ରିଜିଜୁ, ମଧପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସମେତ ୨୦ ଜଣ ସଦସ୍ୟ ରହିଛନ୍ତି। ଅନ୍ୟମାନଙ୍କ ମଧରେ ୟୁପି ଓ ବିହାର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ସୁଶୀଲ ମୋଦି, ଦଳର ସାଧାରଣ ସମ୍ପାଦକ ଭୂପେନ୍ଦ୍ର ଯାଦବ, ରାମ ମାଧବ, ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ନାରାୟଣ ରାଣେ, ପୂର୍ବତନ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଧ ଇସ୍ତାହାର କମିଟି ସଦସ୍ୟ ରହିଛନ୍ତି। କେନ୍ଦ୍ରମନ୍ତ୍ରୀ ନୀତୀନ ଗଡକରୀ ସାମାଜିକ ଓ ସ୍ୱେଚ୍ଛାସେବୀ ସଂଗଠନ ସହ ସମ୍ପର୍କ ଯୋଡିବା ଲାଗି ଏକ ୧୭ ଜଣିଆ କମିଟିର ମୁଖ୍ୟ ହୋଇଥିବା ବେଳେ ନିର୍ବାଚନ ପାଇଁ ବିଭିନ୍ନ ଲେଖା ପ୍ରସ୍ତୁତି କମିଟିର ମୁଖ୍ୟ ଅଛନ୍ତି ସୁଷମା ସ୍ୱରାଜ। ସେହିପରି ରବିଶଙ୍କର ପ୍ରସାଦ ଦଳର ମିଡିଆ ଗ୍ରୁପ ମୁଖ୍ୟ ଏବଂ ପ୍ରକାଶ ଜାଭଡେକର ବୁଦ୍ଧିଜୀବୀମାନଙ୍କ ବୈଠକ ଆୟୋଜନ କମିଟି ମୁଖ୍ୟ ରହିଛନ୍ତି। ନେତାଙ୍କ ଗସ୍ତ, ସୋସିଆଲ ମିଡିଆ ଡ୍ରିଲ୍ ଆଦି ପାଇଁ ଭିନ୍ନ ଭିନ୍ନ କମିଟି ଗଢ଼ାଯାଇଛି। ସୋସିଆଲ ମିଡିଆ କମିଟିରେ ଭାଜପା ଉପସଭାପତି ଶ୍ୟାମ ଜାଜୁ ଏବଂ ଅମିତ ମାଳବୀୟଙ୍କ ସମେତ ୧୩ ସଦସ୍ୟ ରହିଛନ୍ତି। ଦଳର ସାଧାରଣ ସମ୍ପାଦକ ସରୋଜ ପାଣ୍ଡେଙ୍କୁ ସରକାରୀ ଯୋଜନା ହିତାଧିକାରୀଙ୍କ ସହ ସମ୍ପର୍କ ରଖିବା ଦାୟିତ୍ୱ ଦିଆଯାଇଛି।

## ଫୁର୍‌ସତ

### ପଦତ୍ୟାଗ କଲେ ମାଲେସିଆ ରାଜା



**କ୍ୱାଲାଲୁମ୍ପୁର:** ମାଲେସିଆର ପଞ୍ଚଦଶ ରାଜା ସୁଲତାନ ମହମ୍ମଦ ପଞ୍ଚମ ରାଜପଦ ତ୍ୟାଗ କରିଛନ୍ତି। ସେ ରୁଷିଆର ପୂର୍ବତନ ମିସ୍ ମସ୍କୋଙ୍କୁ ବିବାହ କରିଥିବା ଗୁଜବ ପ୍ରଚାରିତ ହେବା ପରେ କିଛି ଦିନ ହେଲା ଛୁଟିରେ ଥିଲେ। ତାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ମହମ୍ମଦ ଇସ୍ତଫା ଦେଇଥିବା ରାଜଭବନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୧୯୫୭ରେ ମାଲେସିଆ ସ୍ୱାଧୀନ ହେବା ପରେ ଇସ୍ତଫା ଦେବାରେ ମହମ୍ମଦ ହେଉଛନ୍ତି ପ୍ରଥମ ରାଜା।

### ରହମନଙ୍କୁ ୫୨



**ମୁମ୍ବାଇ:** ଫିଲ୍ମ ଦୁନିଆର ଜଣେ ସୁନାମଧନ୍ୟ ସ୍ୱର ସଂଯୋଜକ ଏବଂ ଗାୟକ ଭାବେ ପରିଚିତ ଏ ଆର୍ ରହମନ ରବିବାର ୫୨ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କର ଏହି ଶୁଭ ଜନ୍ମଦିବସରେ ସଙ୍ଗୀତ ଜଗତର 'ପ୍ରେରଣା' ଭାବେ ଅଗଣିତ ପ୍ରଶଂସକ, ସଙ୍ଗୀତଜ୍ଞ, ବାଦ୍ୟକାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ତାଙ୍କର ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରିଛନ୍ତି। ଓସ୍କାର ଏବଂ ଗ୍ରାମୀ ପୁରସ୍କାର ବିଜେତା ରହମନଙ୍କୁ ଗାୟିକା ଶ୍ରେୟା ଘୋଷାଲ, ଅଭିନେତା ଅନିଲ୍ କପୁର, ଶ୍ୱେତା ପଣ୍ଡିତ ଆଦି ବଲିଉଡ୍‌ର ସେଲିବ୍ରେଟିମାନେ ଟ୍ୱିଟର ଯୋଗେ ଜନ୍ମଦିନର ଶୁଭକାମନା ଦେଇଛନ୍ତି।

### କେମିତି ରହିବ ଆଜିର ପାଗ


ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡ଼ିଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୧ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୦.୫ |
| ଚାନ୍ଦବାଲି | ୨୫.୯ | ୧୧.୯ |
| କଟକ | ୨୭.୬ | ୧୦.୫ |
| ପାରାଦ୍ୱୀପ | ୨୬.୬ | ୧୩.୨ |
| ଭୁବନେଶ୍ୱର | ୨୮.୦ | ୧୦.୨ |
| ଗୋପାଳପୁର | ୨୭.୬ | ୧୩.୯ |
| ପୁରୀ | ୨୬.୬ | ୧୩.୦ |
| ଅନୁଗୋଳ | ୨୫.୭ | ୭.୬ |
| ବାରିପଦା | ୨୬.୦ | ୧୦.୫ |
| ଝାରସୁଗୁଡ଼ା | ୨୭.୬ | ୯.୮ |
| କେନ୍ଦୁଝର | ୨୫.୭ | ୮.୮ |
| ସମ୍ବଲପୁର | ୨୮.୮ | ୧୦.୦ |
| ସୁନ୍ଦରଗଡ଼ | ୨୩.୦ | ୮.୦ |
| ହୀରାକୁଦ | ୨୭.୧ | ୧୧.୧ |
| ତାଳଚେର | ୩୦.୬ | ୧୦.୧ |
| ଭବାନୀପାଟଣା | ୨୯.୦ | ୧୦.୨ |
| ବଲାଙ୍ଗୀର | --- | --- |
| କୋରାପୁଟ | ୨୬.୨ | ୧୦.୨ |
| ଫୁଲବାଣୀ | ୨୭.୫ | ୮.୦ |
| ଟିଟିଲାଗଡ଼ | --- | ୯.୫ |
| ମାଲକାନଗିରି | ୩୦.୪ | ୧୪.୨ |
| ସୋନପୁର | ୨୬.୦ | ୮.୫ |
| ଦାରିଙ୍ଗିବାଡ଼ି | ୨୪.୩ | ୮.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ପ୍ରକାଶ ରାଜ୍‌ଙ୍କୁ ସ୍ୱାଗତ କଲେ କମଲ ହାସନ

**ଚେନ୍ନାଇ:** ରାଜନୀତିରେ ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଇ 'ମକଲ୍ ନିଧି ମାୟିମ୍' ନାମକ ଏକ ଦଳ ଗଠନ କରିଥିବା ସୁପରଷ୍ଟାର କମଲ ହାସନ ଅଭିନେତାରୁ ଫିଲ୍ମ ନିର୍ମାତା ହୋଇଥିବା ପ୍ରକାଶ ରାଜ୍‌ଙ୍କ ରାଜନୈତିକ ଯାତ୍ରାକୁ ସ୍ୱାଗତ କରିଛନ୍ତି। ତାଙ୍କର ସଫଳତା କାମନା କରିବା ସହ 'ଗୁଡ୍ ଲକ୍' ବାର୍ତ୍ତା ଦେଇଛନ୍ତି। ଦକ୍ଷିଣାଞ୍ଚଳ ଚଳଚ୍ଚିତ୍ର ଜଗତର ଅନ୍ୟତମ ଚର୍ଚ୍ଚିତ କଳାକାର ପ୍ରକାଶ ବଲିଉଡ୍‌ରେ ବି ହିଟ୍ ହୋଇଛନ୍ତି। ଇରୁଭର, ଅନ୍ତପୁରମ୍, କାଞ୍ଚିଭରମ୍, ସିଂଘମ୍ ଏବଂ ୱାଣ୍ଟେଡ୍ ଆଦି ସୁପରହିଟ୍ ମୁଭିଜ୍‌ରେ ଉଚ୍ଚକୋଟିର ଅଭିନୟ ତାଙ୍କୁ ଜଣେ ସଫଳ ଅଭିନେତାର ମାନ୍ୟତା ଦେଇଛି। ତାଙ୍କର ଅନେକ ପ୍ରଶଂସକ ମଧ ରହିଛନ୍ତି। ମାତ୍ର ବେଶ୍ କିଛିଦିନ ହେବ ସେ ରାଜନୈତିକ ବିତର୍କରେ ସକ୍ରିୟ ରହି ଚର୍ଚ୍ଚାକୁ ଆସିଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରି ତାଙ୍କୁ ଚ୍ୟାଲେଞ୍ଜ୍ ଦେବାକୁ ଯାଇ ଜନମତ ସୃଷ୍ଟିରେ ସେ ଲାଗିପଡ଼ିଛନ୍ତି। ଏହି କ୍ରମରେ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବେଙ୍ଗାଲୁରୁ ସେଣ୍ଟ୍ରାଲ୍ ଲୋକ ସଭା ଆସନରେ ଲଢ଼ିବେ ବୋଲି ପ୍ରକାଶ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି।



ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। –ଶ୍ରୀଅରବିନ୍ଦ

# ପୁରାଣ ନୁହେଁ, ବିଜ୍ଞାନ

ଗା ଗାନ୍ଧାରୀଙ୍କ ୧୦୦ ପୁଅ ଥିବା ମହାଭାରତରେ ବର୍ଣ୍ଣନା ରହିଛି। ଏ କଥା ସମସ୍ତଙ୍କୁ ଜଣାଥିଲେ ମଧ୍ୟ ଏମାନଙ୍କ ଜନ୍ମ କିଭଳି ହୋଇଥିଲା ସେ ନେଇ ଭାରତୀୟଙ୍କ ମନରେ ସର୍ବଦା କୌତୂହଳ ସୃଷ୍ଟି ହୋଇଥାଏ। ସମ୍ଭବତଃ ସେହି ରହସ୍ୟ ଉପରୁ ପର୍ଦ୍ଦା ହଟାଇବାକୁ ଚେଷ୍ଟା କରିଛନ୍ତି ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଜି. ନାଗେଶ୍ୱର ରାଓ। ଜାନୁୟାରୀ ୩ରେ ପଞ୍ଜାବର ଜଳନ୍ଧରସ୍ଥିତ ଲଭ୍‌ଲି ପ୍ରଫେଶନାଲ୍ ୟୁନିଭର୍ସିଟି (ଏଲ୍‌ପିୟୁ)ରେ ଅନୁଷ୍ଠିତ ୧୦୬ତମ ଜାତୀୟ ବିଜ୍ଞାନ କଂଗ୍ରେସରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ, ଏହି କୌରବଙ୍କ ଜନ୍ମ ଷ୍ଟେମ୍ ସେଲ୍ ଗବେଷଣା ଓ ଟେଷ୍ଟ ଟ୍ୟୁବ୍ ଗର୍ଭାଧାନ ପ୍ରକ୍ରିୟା ଯୋଗୁ ହୋଇଥିଲା। ୧୦୦ଟି ମାଟିପାତ୍ରରେ ୧୦୦ ଡିମ୍ବାଣୁ ରଖାଯାଇ ଟେଷ୍ଟ ଟ୍ୟୁବ୍ ପଦ୍ଧତିରେ କୌରବମାନଙ୍କୁ ସଂସାରକୁ ଅଣାଯାଇଥିଲା ବୋଲି ରାଓ କହିଛନ୍ତି। ଆନାଲିଟିକାଲ୍ କେମିଷ୍ଟ୍ରି ପାଠ ପଢ଼ିଥିବା ରାଓ ଆହୁରି କହିଛନ୍ତି ଯେ, ବିଜ୍ଞାନର ବିଭିନ୍ନ କ୍ଷେତ୍ରରେ ଏବେ ଯେଉଁ ଉତ୍କର୍ଷ ଦେଖିବାକୁ ମିଳୁଛି, ତାହା ହଜାର ହଜାର ବର୍ଷ ପୂର୍ବେ ଭାରତରେ ଏହାର ପ୍ରମାଣ ମିଳିସାରିଛି। ରାଓଙ୍କ ଏହି ଅତି ଚତୁର ବାଣୀ ଦ୍ୱାରା ବୁଝାପଡୁଛି ଯେ ରାଜନୈତିକ ପରିବେଶରେ ଆଲୋଚିତ ହିନ୍ଦୁତ୍ୱ ମାନସିକତାକୁ ସୁହାଇଲା ଭଳି ବୈଜ୍ଞାନିକ ତଥ୍ୟ ପ୍ରସ୍ତୁତ କରିବାର ଏକ ଉଦ୍ୟମ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ, ଗଣେଶଙ୍କ ଦେହରେ ଶୁଣ୍ଢ ଲାଗିବା ଏବଂ କର୍ଣ୍ଣଙ୍କ ଜନ୍ମ ଜେନେଟିକ୍ ସାଇନ୍ସ ଓ କସ୍‌ମେଟିକ୍ ସର୍ଜରି ଯୋଗୁ ହୋଇଥିଲା। ସେତେବେଳେ ଏହାକୁ ନେଇ ଶୁଦ୍ଧ ବିଜ୍ଞାନ ଦିଗରେ କାର୍ଯ୍ୟ କରୁଥିବା ବୈଜ୍ଞାନିକ ମର୍ମାହତ ହୋଇଥିଲେ। ଏବେ ରାଓଙ୍କ ଯୁକ୍ତିକୁ ଦେଖିଲେ ପ୍ରତି ବୈଜ୍ଞାନିକ ପ୍ରକ୍ରିୟାରେ ଧର୍ମ ବା ପୁରାଣ ଲେଖାକୁ ଯୋଡ଼ି ଦିଆଯିବା ଲାଗି ପ୍ରୟାସ କରାଯାଉଛି। ଧର୍ମ ପ୍ରତି ଢଳିବା ଓ ଏହାର ଅଭ୍ୟାସରେ ପଡ଼ିଯାଉଥିବାରୁ ଭାରତୀୟମାନେ ବୈଜ୍ଞାନିକ ଚିନ୍ତାଧାରାଠାରୁ ଦୂରେଇ ଯାଉଛନ୍ତି। ଫଳରେ ଯୁବପିଢ଼ି ତା' ଜୀବନରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିପାରୁ ନ ଥିବାରୁ ଭାରତରେ ଅଧିକ ବିଶେଷଜ୍ଞ ସୃଷ୍ଟି ହୋଇପାରୁ ନାହାନ୍ତି। ବାସ୍ତବ ଗବେଷଣା ଦିଗରେ କାର୍ଯ୍ୟ ହେଉ ନ ଥିବାରୁ ଏ ଦେଶରେ ଶୀର୍ଷ ବୈଜ୍ଞାନିକ ସୃଷ୍ଟି ହୋଇପାରୁ ନାହାନ୍ତି ବୋଲି ବିଶ୍ୱ ର୍ୟାଙ୍କିଂରୁ ଏବେ ଜଣାପଡ଼ିଛି।

ନିକଟରେ ଆମେରିକାର ଫିଲାଡେଲ୍‌ଫିଆସ୍ଥିତ ବୈଜ୍ଞାନିକ ଓ ଶିକ୍ଷା ଗବେଷଣା ସମ୍ବନ୍ଧୀୟ କ୍ଲାରିଭେଟ ଆନାଲିଟିକ୍ସ ସଂସ୍ଥା ପକ୍ଷରୁ ବିଶ୍ୱର ୪,୦୦୦ ଶୀର୍ଷ ବୈଜ୍ଞାନିକଙ୍କ ସମ୍ପର୍କରେ ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଆମେରିକାର ୨,୬୩୯, ବ୍ରିଟେନ୍‌ର ୫୪୬ ଏବଂ ଚାଇନାର ୪୮୨ ବୈଜ୍ଞାନିକ ଥିବା ବେଳେ ଓଡ଼ିଶାର ସଞ୍ଜୀବ ସାହୁଙ୍କୁ ମିଶାଇ ଭାରତର ମାତ୍ର ୧୦ ଜଣ ରହିଛନ୍ତି। ୧୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଏକ ବିରାଟକାୟ ଦେଶରେ ହାତଗଣତି ବୈଜ୍ଞାନିକ ଶୀର୍ଷ ପର୍ଯ୍ୟାୟରେ ପହଞ୍ଚିବା ଚିନ୍ତାର ବିଷୟ। ବିଶ୍ୱସ୍ତରର ବୈଜ୍ଞାନିକ ସୃଷ୍ଟି କରିପାରୁ ନ ଥିବା ଭାରତ ସୁପରପାୱାର ହେବାକୁ ବାହୁସ୍ଫୋଟ ମାରୁଛି। କିନ୍ତୁ ଦେଶରେ ଗବେଷଣା ମନୋବୃତ୍ତି ଛାତ୍ରୀଛାତ୍ରଙ୍କ ମନରେ ସୃଷ୍ଟି କରାଇବାରେ ଉଚ୍ଚଶିକ୍ଷା ବ୍ୟବସ୍ଥା ବିଫଳ ହୋଇଛି। ଭାତହାଣ୍ଡିରୁ ଗୋଟିଏ ଟିପିଲା ଭଳି ରାଓଙ୍କ ମନ୍ତବ୍ୟକୁ ନିଆଯାଇପାରେ। ଜଣେ ଉଚ୍ଚଶିକ୍ଷିତ କୁଳପତି ହୋଇଥିବା ସତ୍ତ୍ୱେ ତାଙ୍କର ଅବାଞ୍ଛିତ ଯୁକ୍ତି ଭାରତରେ ବୈଜ୍ଞାନିକ ଚିନ୍ତାଧାରାକୁ କୁଠାରାଘାତ କରୁଛି। ଅବଶ୍ୟ ଭାରତୀୟ ବିଜ୍ଞାନ କଂଗ୍ରେସ ସଂଘ ରାଓଙ୍କ ଯୁକ୍ତିକୁ ନିନ୍ଦା କରିବା ସହ ବିଜ୍ଞାନ ଓ ପୁରାଣଶାସ୍ତ୍ରକୁ ମିଶାଯିବା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛି। ସଂଘର ସଦସ୍ୟ ପ୍ରଫେସର ଗଙ୍ଗାଧର କହିଛନ୍ତି, ଏଭଳି ବିଷୟବସ୍ତୁ ଥିବା ଆଲୋଚନାଚକ୍ର କାହିଁକି ଓ କିପରି ରଖାଯାଇଥିଲା ତାହା ଉପରେ ଅନୁସନ୍ଧାନ କରାଯିବ। ଏହିଭଳି ସମ୍ମିଳନୀରେ କୁହାଯାଉଥିବା ପ୍ରତ୍ୟେକ ବାକ୍ୟ ପଛରେ ବୈଜ୍ଞାନିକ ପ୍ରମାଣ ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି।

ଚାକିରିସର୍ବସ୍ୱ ହୋଇପଡ଼ିଥିବା ଭାରତୀୟ ଯୁବପିଢ଼ି ଗବେଷଣାକୁ ସମୟସାପେକ୍ଷ କହି ସେଥିରୁ ଦୂରେଇ ଯାଉଛି। ପାଶ୍ଚାତ୍ୟରେ ଗବେଷଣା ଓ ଅନୁସନ୍ଧାନ ମନୋବୃତ୍ତି ଉଦ୍ଭାବନ ଓ ଆବିଷ୍କାର ପାଇଁ ପ୍ରେରଣା ଯୋଗାଇଥାଏ। ଭାରତରେ ଏ ଦିଗରେ ପ୍ରୋତ୍ସାହନ ଦେବା ଲାଗି ଗବେଷଣାର କେନ୍ଦ୍ରବିନ୍ଦୁରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରଫେସର ନାଗେଶ୍ୱର ରାଓଙ୍କ ଭଳି ବ୍ୟକ୍ତି ଥିଲେ ଏ କ୍ଷେତ୍ରରେ ଉନ୍ନତି ଘଟିବ ବୋଲି ଆଶା କରିବା ବୃଥା। ଦେଖିବାକୁ ଗଲେ ସାଧାରଣ ଚାକିରି କରିବା ପାଇଁ ସମସ୍ତେ ଏଠାରେ ଧାବମାନ। ବୈଜ୍ଞାନିକ ମିଜାଜ ଓ ବାସ୍ତବ ଲକ୍ଷ୍ୟ ନ ରହିଲେ ଗୋଟିଏ ଜାତି ପରିପୂର୍ଣ୍ଣତା ଲାଭ କରିପାରିବ ନାହିଁ। ଫଳରେ ଏ ଦେଶ ଲକ୍ଷ୍ୟବିହୀନ ହୋଇ ଚାଲିଥିବ। କେବଳ ଆମକୁ ଗର୍ବ ଦେଲା ଭଳି ଯେଉଁ କେତେଜଣ ଭାରତୀୟ ବୈଜ୍ଞାନିକ ବା ଗବେଷକଙ୍କୁ ନୋବେଲ ପରି ବିଶ୍ୱସ୍ତରୀୟ ସମ୍ମାନ ବା ପୁରସ୍କାର ମିଳିଛି ସେମାନେ ସମସ୍ତେ ବିଦେଶରେ ରହି ସଫଳ ହୋଇଛନ୍ତି।

ଭାରତର ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ଯୋଗୁ ବିଶ୍ୱବିଦ୍ୟାଳୟଗୁଡ଼ିକ ଆଗଧାଡ଼ିର ଗବେଷକ ସୃଷ୍ଟି କରିପାରୁ ନାହାନ୍ତି। ଏଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ଆଇଆଇଟି, ଟିଆଇଏଫ୍‌ଆର୍, ଜେଏନ୍‌ୟୁ ଏବଂ ଟିସ୍ ଭଳି ଜଣାଶୁଣା ଶିକ୍ଷା ପ୍ରତିଷ୍ଠାନ ରହିଥିଲେ ସୁଦ୍ଧା ପାକିସ୍ତାନ ଗବେଷଣା ସନ୍ଦର୍ଭ ପ୍ରକାଶ କରିବା ଦିଗରେ ଆଗରେ ଅଛି। ଆମେ କିନ୍ତୁ ତାକୁ ନ୍ୟୂନ ଦୃଷ୍ଟିରେ ଦେଖୁଛୁ। କ୍ଲାରିଭେଟ ଆନାଲିଟିକ୍ସର ତଥ୍ୟ ଅନୁଯାୟୀ ଇଜିପ୍ଟ ଓ ପାକିସ୍ତାନ ଯଥାକ୍ରମେ ୨୧ ଓ ୧୫.୯ ପ୍ରତିଶତ ହାରରେ ଗବେଷଣା କ୍ଷେତ୍ରରେ ଉନ୍ନତି କରିଥିବା ବେଳେ ଚାଇନାରେ ଏହା ୧୫ ପ୍ରତିଶତ ରହିଛି। ହେଲେ ଭାରତ କଥା ଦେଖିଲେ ୨୦୧୭ ତୁଳନାରେ ୨୦୧୮ରେ ମାତ୍ର ୮ ବୃଦ୍ଧି ଘଟିଛି। ଏଥିରୁ ବୁଝିହେଉଛି ଯେ ଭାରତ ଗବେଷଣା କ୍ଷେତ୍ରକୁ କେତେ ଗୁରୁତ୍ୱ ଦେଉଛି। ଏଠି ଆଇଆଇଟି, ଆଇଆଇଏସ୍‌ସି, ଆଇଆଇଏମ୍ ଭଳି ସଂସ୍ଥାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କ ମୁଖ୍ୟ ଲକ୍ଷ୍ୟ ଦେଶ ହେଉ ବା ବିଦେଶରୁ ମୋଟା ଦରମାର ଚାକିରି ଯୋଗାଡ଼ କରିବା। ସେତକ ମିଳିଗଲା ପରେ ସେମାନେ ପାଠ ଓ ଅଭିନବତ୍ୱଠାରୁ ଦୂରକୁ ଯାଉଛନ୍ତି। ପାଶ୍ଚାତ୍ୟ ଦେଶରେ ଦୃଶ୍ୟ ଠିକ୍ ଏହାର ବିପରୀତ। ସେଠାରେ ଛାତ୍ରୀଛାତ୍ରଙ୍କୁ ଗବେଷଣା ପାଇଁ ଆରମ୍ଭରୁ ପ୍ରୋତ୍ସାହିତ କରାଯିବା ସହ ବଡ଼ ସ୍ୱପ୍ନ ଦେଖାଇ ଦିଆଯାଏ। ସେମାନେ ତାହାକୁ ସାକାର କରିବା ଲାଗି ନିରନ୍ତର ପ୍ରୟାସ ଜାରି ରଖନ୍ତି। ଭାରତରେ ପୁରାଣଶାସ୍ତ୍ର ଓ ଧର୍ମୀୟ ଚିନ୍ତାଧାରାରୁ ଉପରକୁ ଉଠି ଗବେଷଣା କରା ନ ଗଲେ କୌରବମାନେ କିଭଳି ଷ୍ଟେମ୍ ସେଲ ପଦ୍ଧତିରେ ଜନ୍ମ ହୋଇଛନ୍ତି ଏବଂ ରାମଚନ୍ଦ୍ରଙ୍କ ସେତେବେଳର ଅସ୍ତ୍ରଶସ୍ତ୍ରକୁ ଏବକାର ଗାଇଡେଡ୍ ମିଜାଇଲ ସହ ତୁଳନା କରାଯାଇଚାଲୁଥିବ। ଫଳରେ ଉତ୍ତରପିଢ଼ି ବିଜ୍ଞାନ ପରିବର୍ତ୍ତେ ପୁରାଣ ଖୋଲି ପଢ଼ିବେ। ଏହାର ପରିବର୍ତ୍ତନ ଅତି ଶୀଘ୍ର ଦରକାର। ଏହି ଜନବହୁଳ ଦେଶକୁ ସମୃଦ୍ଧ କରିବାକୁ ହେଲେ ପୁରାଣ ନୁହେଁ, ବିଜ୍ଞାନର ଆବଶ୍ୟକତା ରହିଛି।

# ସଙ୍କଟରେ କୃଷି ଓ କୃଷକ

ଡ. ପ୍ରଫୁଲ୍ଲ କୁମାର ସାହୁ

ଆ ମ କୃଷି ସଂସ୍କୃତିର ସୁଦୀର୍ଘ ପରମ୍ପରାକୁ ଅନୁଶୀଳନ କଲେ ଜଣାଯାଏ, ଏକଦା ଏଠି କୃଷି ଥିଲା ଏକ ସ୍ୱାଧୀନ, ସମ୍ମାନଜନକ ଓ ଲାଭଦାୟକ ବୃତ୍ତି। କୃଷକର ଆର୍ଥିକ ସ୍ୱଚ୍ଛଳତା ଓ ସାମାଜିକ ମର୍ଯ୍ୟାଦାକୁ ଅନୁଭବ କରି ଲୋକେ କହୁଥିଲେ 'ଚାଷ ଅଛି ଯାହାର କି ଆନନ୍ଦ ତାହାର'। ବାସ୍ତବରେ ସେତେବେଳେ ଯାହାର ଯେତେ ବେଶି ଚାଷଜମି ଥିଲା, ତା'ର ସମ୍ମାନ ଓ ପ୍ରତିଷ୍ଠା ଥିଲା ସେତେ ବେଶି। ମାତ୍ର ଯେବେଠାରୁ ଦେଶରେ କୃଷି ବଦଳରେ ଶିଳ୍ପକୁ ପ୍ରଗତିର ପରିଭାଷା କହି ତିଆରି ହେଲା ବିକାଶର ନକ୍ସା, ସେବେଠାରୁ ଚାଷୀ ମୁଣ୍ଡରେ ପଡ଼ିଲା ଚଡ଼କ। ଶିଳ୍ପାୟନର ନାରା ଦେଇ ଚାଷଜମିକୁ ଅକ୍ତିଆର କଲେ କମ୍ପାନୀ କୁବେରମାନେ। ଅଳ୍ପ ଜମିରେ ଅଧିକ ଅମଳ ନିମନ୍ତେ ତିଆରି ହେଲା ସବୁଜ ବିପ୍ଳବର ମେଢ଼। ଦେଶୀ ବିହନ ବୁଡ଼ିବା ସାଙ୍ଗକୁ ଅବସାନ ହେଲା ହଳଲଙ୍ଗଳର ଯୁଗ। ଯାନ୍ତ୍ରିକ ଚାଷର ଚକ୍ରବ୍ୟୂହରେ ପଡ଼ି ଛିନ୍ନଛତ୍ର ହେଲା ଦେଶୀ ଚାଷର ଦୁନିଆ। ଜୈବିକ ସାର ବଦଳରେ ପ୍ରୟୋଗ ହେଲା ରାସାୟନିକ ସାର ଓ ବିଷ। ମାଟିର ଉର୍ବରତା କମି କମି ଯିବାରୁ ବେଧଡ଼କ ଭାବରେ ବଢ଼ିଲା ସାର ପ୍ରୟୋଗର ପରିମାଣ। ଏହାଦ୍ୱାରା ଚାଷୀର ଅମଳ ବଢ଼ିଲା ସତ, କିନ୍ତୁ ଉତ୍ପାଦନ ଖର୍ଚ୍ଚ ଅନୁପାତରେ ମନ୍ଦିରକୁ ବଳିଗଲା ମୁଖଶାଳା। ସବୁଜ ବିପ୍ଳବ ପରେ ଚାଷୀ ପାଇଁ ସବୁଠାରୁ ବଡ଼ ବିପଦ ହୋଇ ଉଭାହେଲା ପ୍ରାକୃତିକ ବିପର୍ଯ୍ୟୟ। କେତେବେଳେ ବଢ଼ିମରୁଡ଼ିରେ ତ କେତେବେଳେ ଚକଡ଼ା ପୋକ ଦାଉରେ ଉଜୁଡ଼ିଗଲା ଚାଷ। ପୂର୍ବରୁ ପ୍ରାକୃତିକ ବିପଦ ଯେ ନ ଥିଲା ତାହା ନୁହେଁ, ମାତ୍ର ସେତେବେଳେ ବଢ଼ିମରୁଡ଼ି ସହିତ ଲଢ଼ି ପାରୁଥିଲା ଦେଶୀ ବିହନ ଓ ଚାଷୀର ଅନୁଭୂତିସିଦ୍ଧ ଜ୍ଞାନକୌଶଳ। ଖେତ ଉଜୁଡ଼ି ଗଲେ ବି କେବେ ହିମତ୍ ହାରୁ ନ ଥିଲା ଚାଷୀ। ଆର୍ଥିକ ସ୍ୱଚ୍ଛଳତା ସାଙ୍ଗକୁ ପ୍ରବଳ ପ୍ରାଣଶକ୍ତି ତା' ଭିତରେ ଭରିଥିଲା ଶତ ଦୁର୍ବିପାକ ବିରୋଧରେ ଲଢେଇ କରି ଆଗକୁ ବଢ଼ିବାର ଦମ୍ଭିଲାପଣ। ସେଥିପାଇଁ ବନ୍ୟା ପରବର୍ତ୍ତୀ ଉଜୁଡ଼ା ଖେତକୁ ଦେଖି ଚାଷୀ କହୁଥିଲା – ବଢ଼ି ଏଥର ଖେତ ଉଜାଡ଼ି ଦେଲେ ବି ଆରଥରକୁ ଅଜାଡ଼ି ଦେବ ସୁନାର ଫସଲ। ଏବେ କିନ୍ତୁ ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ସେ ହରେଇ ବସିଲା ପ୍ରାକୃତିକ ବିପର୍ଯ୍ୟୟ ପରେ ଅଣ୍ଟା ସଳଖି ଠିଆହେବାର ଜୁ। ରଣଯନ୍ତାରେ ପଡ଼ି ସେ ଭୁଲିଗଲା ଆପଣା ଶିଙ୍ଗରେ ମାଟିତାଡ଼ି ସ୍ୱାଭିମାନର ସହ ବଞ୍ଚିବାର କଳା। ତେଣୁ ଆମ କୃଷି ସଂସ୍କୃତିର ସ୍ୱର୍ଣ୍ଣିମ ଇତିହାସରେ ଯୋଡ଼ି ହୋଇଗଲା ଏକ କଳଙ୍କିତ ଅଧ୍ୟାୟ– ଯାହାର ନାଁ 'ଚାଷୀ ଆତ୍ମହତ୍ୟା'। ଚାଷୀ ଆତ୍ମହତ୍ୟା ପରି ସମ୍ବେଦନଶୀଳ ଘଟଣାକୁ ସ୍ୱୀକାର କରିବାପାଇଁ ପ୍ରସ୍ତୁତ ନୁହନ୍ତି କୌଣସି ସରକାର। ବରଂ ଚାଷୀ ଆତ୍ମହତ୍ୟା ଚାଷଜନିତ ନୁହେଁ ବୋଲି ପ୍ରମାଣ କରିବା ପାଇଁ ପ୍ରଶାସନର ତଳୁ ଉପର ଯାଏ ତତ୍ପର ହୋଇଉଠନ୍ତି ସମସ୍ତେ। ତେଣୁ ଯେତେ ଯାହା ଯୋଜନା କଲେ ବି ଥମିବାର ନାଁ ଧରୁନି ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ଜାରି ରହିଥିବା ଚାଷୀ ଆତ୍ମହତ୍ୟାର ବିଡ଼ମ୍ବିତ ଧାରା। କାରଣ ସରକାର ଯେଉଁଠି ସତ୍ୟକୁ ସ୍ୱୀକାର କରିବା ପାଇଁ କୁଣ୍ଠିତ, ସେଠାରେ କେବେ ବି ବାହାରି ପାରେନି ସମସ୍ୟା ସମାଧାନର ସହଜ ସୂତ୍ର।

ଚାଷର ପ୍ରଥମ ଆବଶ୍ୟକତା ହେଉଛି ଜଳ। ମାତ୍ର ଏଠି ନଈପାଣିକୁ କାରଖାନା ଶୋଷୁଥିବା ବେଳେ ଜମିକୁ ମିଳେନି ଜଳ। ସ୍ୱାଧୀନତାର ୭୨ ବର୍ଷ ପରେ ବି ଓଡ଼ିଶାରେ ୩୩ ପ୍ରତିଶତରୁ ଟପି ପାରିଲାନି ଜଳସେଚିତ ଜମିର ପରିମାଣ। ତେଣୁ ଇନ୍ଦ୍ରଦେବତା ସଦୟ ନ ହେଲେ ମୁଣ୍ଡରେ ହାତଦିଏ ଚାଷୀ। ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତିର ଭରଣା ପାଇଁ ଦେଶରେ ଏବେ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା। ବାସ୍ତବତା ଆଧାରରେ ବିଚାର କଲେ ମନେହୁଏ ଏହା ଚାଷୀମାନଙ୍କ କଲ୍ୟାଣ ପାଇଁ ନୁହେଁ, ବରଂ ବୀମା କମ୍ପାନୀଗୁଡ଼ିକୁ ମାଲାମାଲ କରିବା ଏ ଯୋଜନାର ଅସଲ ଉଦ୍ଦେଶ୍ୟ। କେବଳ ଫସଲବୀମା କାହିଁକି କୃଷି ଓ କୃଷକର ବିକାଶ ନିମନ୍ତେ ଦେଶରେ ଯେତେ ଯୋଜନା ହେଉଛି କେଉଁଠି ହେଲେ ତା'ର ସମ୍ପୂର୍ଣ୍ଣ ସୁଫଳ ପାଉନି ପ୍ରକୃତ ହିତାଧିକାରୀ।

ଅର୍ଥନୀତି ବିଶାରଦ ଚାଣକ୍ୟ କହିଥିଲେ, ଦେଶରେ ଅର୍ଥନୀତିର ସନ୍ତୁଳନ ରକ୍ଷାପାଇଁ ଭରିଏ ସୁନାର ମୂଲ୍ୟ ସହିତ ଭରଣେ ଧାନର ମୂଲ୍ୟ ସମାନ ହେବା ଦରକାର। ଏବେ କିନ୍ତୁ ଭରିଏ ସୁନାର ମୂଲ୍ୟ ତୁଳନାରେ ଉଣା ପଡ଼ିବ ପ୍ରାୟ ଆଠ ଭରଣ ଧାନର ମୂଲ୍ୟ। ଚାଷୀ ତା'ର ଶସ୍ୟର ଉପଯୁକ୍ତ ମୂଲ୍ୟ ପାଉ– ଏକଥା ଚାହାନ୍ତି ନାହିଁ ଦେଶର କୌଣସି ସରକାର। ତେଣୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କରେ ସ୍ୱାମୀନାଥନ୍ କମିଟି ଦେଇଥିବା ରିପୋର୍ଟକୁ ପ୍ରତ୍ୟେକ ସରକାର ଏଡ଼େଇ ଚାଲିଛନ୍ତି ଅତି ଚତୁରତାର ସହିତ। ବିଡ଼ମ୍ବନାର ବିଷୟ ବେଳେବେଳେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଟପିଯାଏ ଉତ୍ପାଦନ ଖର୍ଚ୍ଚ। ଆହୁରି ଦୁଃଖର ବିଷୟ ହେଉଛି ସରକାର କୁଣ୍ଠାର ସହିତ ଯେଉଁ ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି, ସେତକ ପାଇବାରୁ ବି ବଞ୍ଚିତ ହେଉଛି ଆମ ରାଜ୍ୟର ଚାଷୀ। ଏଠି ଶସ୍ୟ ସଂଗ୍ରହ ପ୍ରକ୍ରିୟାଟି ମଧ୍ୟ ଏଭଳି ଅଭିସନ୍ଧିମୂଳକ ଯେ ସେଥିରେ ପେଷି ହୋଇ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପାଇଁ ବାଧ୍ୟ। ଚାଷୀ କେବଳ ଏଠି ତୁଛାଟାରେ ଖଟିଖଟି ମରୁଛି, କିନ୍ତୁ ମାଗଣାରେ ଲାଭ ଖାଉଛି ମିଲର, ଦଲାଲ ଓ ସେବା ସମବାୟ ସମିତିର କାର୍ପଟଦାରମାନେ। କେବଳ ବିପର୍ଯ୍ୟସ୍ତ ବିପଣନ ବ୍ୟବସ୍ଥା ନୁହେଁ, ଭଣ୍ଡାରଣ ସମସ୍ୟାକୁ ନେଇ ମଧ୍ୟ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହୁଏ ଚାଷୀ। ଚାଷୀ ଖେତରେ ଯେତେବେଳେ ଟମାଟୋ ପାଚି ନ ଥାଏ ସେତେବେଳେ ତାହା ବଜାରରେ ବିକ୍ରି ହୁଏ ଚଢ଼ା ଦରରେ। ମାତ୍ର ଚାଷୀ ଟମାଟୋ ବଜାରକୁ ଆସିଗଲା ପରେ ତା'ର ଭାଉ ଏମିତି ଖସିଯାଏ ଯେ ବେଳେବେଳେ ତୋଳା ଖର୍ଚ୍ଚ ବି ପାଏନି ଚାଷୀ। ଏହି କାରଣରୁ କେତେବେଳେ ତାହା ଜମିରେ ପଚେ ତ ଆଉ କେତେବେଳେ ଢଳାଯାଏ ରାଜରାସ୍ତାରେ।

ଚାଷୀର ବ୍ୟୟଭାର ଦୃଷ୍ଟିରୁ ସାଧାରଣ ଚାଷୀଟିଏ ବିନା ଋଣରେ ଚାଷ କରିବା ଅସମ୍ଭବ। ମାତ୍ର ଆମ ଦେଶର ଋଣ ଆଦାୟ ପ୍ରକ୍ରିୟାଟି ଏଭଳି ବ୍ୟବସ୍ଥିତ ଯେ ବ୍ୟାଙ୍କରୁ ହଜାର ହଜାର କୋଟି ଟଙ୍କା ଋଣ କରିଥିବା ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କୁ ସରକାର ବତାଇ ଦିଅନ୍ତି ଖସିଯିବାର ବାଟ। ମାତ୍ର ରଣଯନ୍ତାରେ ପଡ଼ି ଓହଳ ବିକଳ ହେଉଥିବା କ୍ଷୁଦ୍ରଚାଷୀଙ୍କୁ ଦେଖେଇ ଦିଅନ୍ତି ଆତ୍ମହତ୍ୟାର ରାସ୍ତା। କେନ୍ଦ୍ର ହେଉ କି ରାଜ୍ୟ ସବୁ ସରକାର କୃଷି ଓ କୃଷକ ବିରୋଧୀ। ନିର୍ବାଚନ ପୂର୍ବରୁ କୃଷି ଓ କୃଷକର ଉନ୍ନତି ନିମନ୍ତେ ସମସ୍ତେ ଅଜାଡ଼ି ଦିଅନ୍ତି ଅଜସ୍ର ପ୍ରତିଶ୍ରୁତି। ମାତ୍ର ନିର୍ବାଚନ ପରେ ପ୍ରକାଶ ପାଏ ସେମାନଙ୍କ ଚାଷୀ–ବିରୋଧୀ ଚେହେରା। ଏହି କ୍ରମରେ ସ୍ୱାଧୀନତା ଲାଭର ହୀରକ ଜୟନ୍ତୀ ଅର୍ଥାତ୍ ୨୦୨୨ ସୁଦ୍ଧା ଚାଷୀମାନଙ୍କର ରୋଜଗାର ଦି'ଗୁଣିତ କରିବାର ସଂକଳ୍ପକୁ ଦୋହରାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ମାତ୍ର ଏସବୁ କେବଳ ତୁଚ୍ଛା ରାଜନୀତି। ଚାଷୀଙ୍କୁ ପାଞ୍ଚହଜାର ଟଙ୍କା ଭତ୍ତା ଦେବା ପାଇଁ ଘୋଷଣା କରିଥିଲେ ବର୍ତ୍ତମାନର ସରକାର। କୁଆଡ଼େ ଗଲା ସେ ପ୍ରତିଶ୍ରୁତି। ଏପଟେ ଧାନର ସହାୟକ ମୂଲ୍ୟକୁ ନେଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ରାଜ୍ୟ ସରକାର। ମାତ୍ର ସରକାରଙ୍କ କୃଷି ନୀତି ହେଉ କି ପରିବେଶ ନୀତି, କେଉଁଠି ହେଲେ ବି ପ୍ରତିଫଳିତ ହେଉନି ଚାଷୀର ହିତ।

ସାଧାରଣତଃ କୌଣସି ଅସଂଗଠିତ କ୍ଷେତ୍ରକୁ ସେତେବେଶି ଗୁରୁତ୍ୱ ଦେବାକୁ ଚାହାନ୍ତିନି ସରକାର। ମାତ୍ର ଓଡ଼ିଶାରେ ଚାଷୀମାନେ ଯେ ଏବେ ସଙ୍ଗଠିତ ତାହା ସୂଚନା ଦେଇସାରିଛି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ବାରମ୍ବାର ରାଜରାସ୍ତାକୁ ଓହ୍ଲାଉଥିବା 'ନବ ନିର୍ମାଣ କୃଷକ ସଙ୍ଗଠନ'। କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ଏବେ ଦାନା ବାନ୍ଧି ସାରିଛି କୃଷକ ଆନ୍ଦୋଳନ। କୃଷକମାନଙ୍କ ଦାବିକୁ ଯଥାର୍ଥ କହି ସେମାନଙ୍କ ସମର୍ଥନରେ ଏବେ ଆଗେଇ ଆସିଛନ୍ତି ଅନେକ ରାଜନୈତିକ ଦଳ। କୃଷକ ସଙ୍ଗଠନ ସହ ସେମାନଙ୍କ ନିର୍ବନ୍ଧର ସର୍ତ୍ତରୁ ଜଣାଯାଏ ଚାଷୀ ଆନ୍ଦୋଳନ ଏବେ ପହଞ୍ଚିସାରିଛି ରାଜନୈତିକ ମଞ୍ଚର କେନ୍ଦ୍ର ସ୍ଥଳରେ। ଏହି ଦୃଷ୍ଟିରୁ କୃଷି ଓ କୃଷକ ପ୍ରସଙ୍ଗକୁ ନେଇ ବୋଧହୁଏ ଲଢ଼ାଯିବ ଆଗାମୀ ୨୦୧୯ ସାଧାରଣ ନିର୍ବାଚନ।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ–୯୪୩୮୮୫୫୦୮୮

# ଢଙ୍ଗାବୁଡ଼ି ଓ ଆମ ସରକାରୀ ଆଇନ

ସୁଧୀର କୁମାର ନାୟକ

ଗ ତବର୍ଷ ଡିସେମ୍ବରରେ ମହାନଦୀ ପୋଲ ଉପରେ ଘଟିଥିବା ବସ୍ ଦୁର୍ଘଟଣା ଏବଂ ଚଳିତବର୍ଷ ଆରମ୍ଭରୁ କେନ୍ଦ୍ରାପଡ଼ା ଜିଲାର ଡଙ୍ଗାବୁଡ଼ି ୨ଟି ଯାକ ଅତ୍ୟନ୍ତ ମର୍ମାନ୍ତକ। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟାରେ ଆମ ଦେଶରେ ଓଡ଼ିଶା ପ୍ରଥମ ଥିଲାବେଳେ ଲଗାତାର ଡଙ୍ଗାବୁଡ଼ି ମୃତ୍ୟୁ ସୂଚାଇ ଦିଏ ଯେପରି ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ସବୁକିଛି ଆଇନ ତୁଚ୍ଛ। ନୂଆବର୍ଷ ଭୋଜି ସାରି ମହାକାଳପଡ଼ା ବ୍ଲକର ହୁକିଟୋଲା ଦ୍ୱୀପରୁ ହସିଣା ଗାଁର ୮ଟି ପରିବାର ଲୋକେ ହସଖୁସିରେ ଏକ ଦେଶୀ ମାଛଧରା ଡଙ୍ଗାରେ ଘରକୁ ଫେରୁଥିଲେ। ମହାନଦୀ ଶାଖା ବଡିଘର ନଦୀ ଦେଇ ଆସୁଥିବା ଏହି ଡଙ୍ଗାଟି ସନ୍ଧ୍ୟା ସମୟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୯ଜଣ ଲୋକଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ଜଣେ ଶିଶୁ ନିଖୋଜ ଅଛନ୍ତି। ସାନ ନିପାଣିଆ ଗାଁର ଦୁଇ ନାବାଳିକା ଭଉଣୀ ନବମ ଶ୍ରେଣୀର ଛାତ୍ରୀ ସବିତା ଓ ପୂର୍ଣ୍ଣିମା ଭାସିଯାଉଥିବା ଲୋକଙ୍କ ମଧ୍ୟରୁ ଅନ୍ଧାର ରାତିରେ ପ୍ରଖର ସ୍ରୋତ ଓ କୁମ୍ଭୀରପ୍ରବଣ ନଦୀକୁ ଡେଇଁ ୧୩ଜଣଙ୍କୁ କୂଳକୁ ଟାଣି ଆଣି ନିଶ୍ଚିତ ମୃତ୍ୟୁରୁ ଉଦ୍ଧାର କରିଥିଲେ। ଜୀବନକୁ ପାଣି ଛଡ଼ାଇ ସେମାନେ ଯେଉଁ ସାହସିକ କାର୍ଯ୍ୟ କଲେ ଯେତେ ପ୍ରଶଂସା କଲେ ବି କମ୍ ହେବ। ତେବେ ଏପରି ବାରମ୍ବାର ନୌକା ଦୁର୍ଘଟଣା କାହିଁକି ଘଟୁଛି? ଗତବର୍ଷ ଜୁନ୍ ମାସରେ ଚିଲିକାରେ ଡଙ୍ଗା ବୁଡ଼ି ୬ଜଣଙ୍କର ମୃତ୍ୟୁ ହେବା ପରେ ସରକାର ଜୁନ୍ ୨୩ରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଥିଲେ। ସେଥିରେ ରାଜ୍ୟ ବୋଟ୍ ନିୟମ ଓ ଶହୀଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କଡ଼ା ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଆଇନ କିପରି କାର୍ଯ୍ୟକାରୀ ହେଉଛି ତାହା ଜଳଜଳ ଦିଶୁଛି।

ରାଜ୍ୟ ସରକାରଙ୍କ ନୌପରିବହନ ବ୍ୟବସ୍ଥା ଏକ ସଙ୍କଟାପନ୍ନ ସ୍ଥିତିରେ ଗତି କରୁଛି। ଡଙ୍ଗାବୁଡ଼ି ରୋକିବା ସହ ଯାତ୍ରୀମାନଙ୍କ ନିରାପତ୍ତାକୁ ଗୁରୁତ୍ୱ ଦେଇ ଓଡ଼ିଶା ସରକାର ୨୦୦୪ରେ ସ୍ୱତନ୍ତ୍ର ବୋଟ୍‌ରୁଲ୍ସ ପ୍ରଣୟନ କରିଥିଲେ। କୌଣସି ଜଟିଳ ସମସ୍ୟାର ସମାଧାନ ପାଇଁ ନୂତନ ଆଇନ କରିବାଟା ହୁଏତ ସହଜ ହୋଇପାରେ। କିନ୍ତୁ ତାକୁ କାର୍ଯ୍ୟକାରୀ କରିବାଟା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ମାନସିକତା ଉପରେ ନିର୍ଭର କରିଥାଏ। ହାଇକୋର୍ଟ ନୌକା ଦୁର୍ଘଟଣା ଉପରେ ଏକ ଜନସ୍ୱାର୍ଥର ମାମଲା ଶୁଣାଣି କରି ଯାତ୍ରୀବାହୀ ଡଙ୍ଗାର ନିରାପତ୍ତା ପାଇଁ ରାଜ୍ୟ ସରକାରଙ୍କୁ ଏକ ନୋଟିସ କରିଥିଲେ। ସେହିପରି ୨୦୧୬ ଡିସେମ୍ବର ୧୦ରେ ବ୍ରହ୍ମପୁର ରମ୍ଭା ଚିଲିକାରେ ଡଙ୍ଗା ବୁଡ଼ିଯିବାରୁ ୨ଜଣ ଶିଶୁ ସମେତ ୪ଜଣଙ୍କର ମୃତ୍ୟୁ ହୋଇଥିଲା। ସେହି ଡଙ୍ଗାବୁଡ଼ି ଘଟଣା ତଦନ୍ତ କରି ପ୍ରଶାସନ ଯଦି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ହୁଏତ ସେହିଦିନଠାରୁ ଅନ୍ୟ ଯାତ୍ରୀବାହୀ ଡଙ୍ଗାଗୁଡ଼ିକ ଖୋଲାଖୋଲି ନିୟମ ଉଲ୍ଲଂଘନ କରୁ ନ ଥାନ୍ତେ। ରାଜ୍ୟରେ ଦୈନିକ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଭିନ୍ନ ଘାଟରେ ଯାତାୟାତ ପାଇଁ ଡଙ୍ଗା ଉପରେ ନିର୍ଭର କରିଥାନ୍ତି। ସରକାରୀ ତଥ୍ୟ ଅନୁସାରେ ରାଜ୍ୟର ୭୪୭ଟି ଘାଟରେ ପାଖାପାଖି ୨୫ଶହ ନୌକା ଚଳପ୍ରଚଳ କରିଥାନ୍ତି। ତାହା ମଧ୍ୟରୁ ୬୦%ରୁ ଅଧିକ ଡଙ୍ଗାର ଲାଇସେନ୍ସ ନାହିଁ। ଅଧାରୁ ଅଧିକ ବୋଟ୍‌ରେ ଲାଇଫ୍ ସେଭ୍ ଜ୍ୟାକେଟ୍ ରହୁ ନ ଥିବା ବେଳେ ବିନା ଅନୁମତି ତଥା କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରୁଛନ୍ତି। ବିନା ପ୍ରଶିକ୍ଷଣରେ ଶହ ଶହ ବୋଟ୍ ଚାଳକ ଯାତ୍ରୀମାନଙ୍କୁ ବୋହୁଛନ୍ତି। ନିୟମ ଅନୁସାରେ ବୋଟ୍‌ମ୍ୟାନ୍ ଏବଂ ବୋଟ୍‌ଗୁଡ଼ିକ ବୀମାଭୁକ୍ତ ହେବା ବାଧ୍ୟତାମୂଳକ ଥିବାବେଳେ ଅଧିକାଂଶ ବୋଟ୍‌ର ଫିଟ୍‌ନେସ୍ ନାହିଁ କିମ୍ବା ବୀମାଭୁକ୍ତ ନୁହେଁ। ସେଥିପାଇଁ କୌଣସି ସ୍ଥାନରେ ଡଙ୍ଗା ବୁଡ଼ିଗଲେ, ମୃତ ଯାତ୍ରୀଙ୍କ ସମ୍ପର୍କୀୟମାନେ ବୀମା ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ରିପୋର୍ଟ ଅନୁସାରେ ଚଳିତବର୍ଷ ରାଜ୍ୟର ୧୫ଶହରୁ ଅଧିକ ଯାତ୍ରୀବାହୀ ବୋଟ୍ ସେମାନଙ୍କ ଲାଇସେନ୍ସ ନବୀକରଣ କରିନାହାନ୍ତି। ରାଜ୍ୟରେ କିଛି ଘାଟରେ ଦୁଇକୂଳକୁ ଦୌଡ଼ି ଲଗାଇ ସର୍କସ ପରି ଡଙ୍ଗା ଧରି ଯାତ୍ରୀମାନଙ୍କୁ ଅତି ବିପଜ୍ଜନକ ଭାବେ ନେବାଆଣିବା କରାଯାଉଛି। ୨୦୧୪ ମସିହାରେ ବାଣିଜ୍ୟ ଓ ପରିବହନ କମିଶନର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ବୋଟ୍ ଚଳାଚଳର ତଦାରଖ କରିବା ପାଇଁ ସ୍ଥାନୀୟ ବିଡିଓମାନଙ୍କୁ ଏନ୍‌ଫୋର୍ସମେଣ୍ଟ ଅଫିସର ଭାବେ କ୍ଷମତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ତର୍ଦ୍ଦେଶୀୟ ଜଳ ପରିବହନ ସଂସ୍ଥା ଦ୍ୱାରା ବିଧିବଦ୍ଧ ଭାବେ ବୋଟ୍ ପଞ୍ଜୀକରଣ କ୍ଷମତା ଦିଆଗଲା। ଅଧିକାଂଶ ଡଙ୍ଗା ମାଲିକ ଏପରି ବିଭାଗ ସହ ପରିଚିତ ନୁହନ୍ତି। ତେବେ ସମ୍ପୂର୍ଣ୍ଣ ଡଙ୍ଗା ଚଳାଚଳ ବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ପାଇଁ ଯେଉଁ ବିଭାଗମାନଙ୍କର ଦାୟିତ୍ୱ ରହୁଛି, ସେମାନଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ।

କେତେକ ପର୍ଯ୍ୟଟନ ସ୍ଥଳୀରେ ବିଦେଶୀ ପର୍ଯ୍ୟଟକମାନେ ଆମର ପୁରୁଣାକାଳିଆ ଡଙ୍ଗାରେ ଯାତ୍ରା କରିବା ପାଇଁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଚିଲିକା ଏବଂ କାଳିଜାଇ ପରି ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ରରେ ଏପରି କିଛି ଦେଶୀଡଙ୍ଗା ଚଳପ୍ରଚଳ କରୁଛି, ଯେଉଁଥିରେ ଏକ ପ୍ରକାର ପୁରୁଣା ମୋଟର ସାଇକେଲ ଇଞ୍ଜିନ ସଂଯୋଗ କରାଯାଇଛି। ବୋଟ୍ ଚାଲୁଥିବାବେଳେ କୌଣସି ବି ମୁହୂର୍ତ୍ତରେ ଇଞ୍ଜିନ୍ ବନ୍ଦ ହୋଇଯାଇ ଦୁର୍ଘଟଣାଗ୍ରସ୍ତ ହେବାର ସମ୍ଭାବନା ଥାଏ। ସ୍ଥାନୀୟ ପ୍ରଶାସନ ଏପରି ଡଙ୍ଗା ବିଷୟରେ ଅବଗତ ଥାଇ ମଧ୍ୟ ଅଙ୍କୁଶ ଲଗାଉ ନାହାନ୍ତି। ସବୁ ପଞ୍ଜୀକୃତ ନୌକାର ଯାତ୍ରୀ ପରିବହନ ପାଇଁ ଯେ ଫିଟ୍‌ନେସ୍ ଅଛି ତାହା ବି ନୁହେଁ। ସରକାରୀ ତଥ୍ୟ ଅନୁସାରେ ୧୦ ବର୍ଷରେ ଡଙ୍ଗାବୁଡ଼ି ଯୋଗୁ ୨୦୦ରୁ ଅଧିକ ଲୋକଙ୍କର ଜୀବନହାନି ଘଟିଛି।

ବୋଟ୍ ଚାଳକମାନଙ୍କ ସଂଖ୍ୟା ଅନୁସାରେ ରାଜ୍ୟର ସରକାରୀ ତାଲିମ ପ୍ରତିଷ୍ଠାନ ନାହିଁ। ଭଦ୍ରକ ଜିଲା ଚାନ୍ଦବାଲିରେ ରାଜ୍ୟର ଏକମାତ୍ର ବୋଟ୍ ଚାଳକ ତାଲିମ ପ୍ରତିଷ୍ଠାନ ଅଛି, ହେଲେ ସେଠାରେ ମାତ୍ର ୩୦ଟି ସିଟ୍ ରହିଛି। ରାଜ୍ୟର ୯୦%ରୁ ଅଧିକ ନାଉରିଆ ପୁରୁଷାନୁକ୍ରମେ ଡଙ୍ଗା ଚଳାଉଛନ୍ତି। ପ୍ରତ୍ୟେକ ଡଙ୍ଗାକୁ ଜିପିଏସ୍ ସିଷ୍ଟମ୍ ଦ୍ୱାରା ନିୟନ୍ତ୍ରିତ କରିବାର ବ୍ୟବସ୍ଥାକୁ କରାଯିବା ସହ ବୋଟ୍ ଚାଳକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ସମୟରେ କର୍ମଶାଳା ଆୟୋଜନ କରାଯିବା ଉଚିତ।

ମୋ:୯୯୩୮୦୮୦୨୯୪

## ଏଇ ଭାରତରେ

ଅ ଙ୍କ ଶିଶୁ ପୋଷ୍ୟ ସନ୍ତାନ ହୋଇ ବିଦେଶ ଚାଲିଗଲେ ନିଜ ଜନ୍ମମାଟିକୁ ଚିହ୍ନିବା ମୁସ୍କିଲ। ସେ ନିଜର ମାତାପିତାଙ୍କୁ ଜାଣିପାରନ୍ତି ନାହିଁ। ଆଉ କେହି ନିଜ ଜନ୍ମମାଟିରେ ପାଦ ଦେବାକୁ ବ୍ୟାକୁଳ ହୁଅନ୍ତି। ଭାରତରେ ୪୩ ବର୍ଷ ତଳେ ଜନ୍ମହୋଇ ଦାନିଶ ଦମ୍ପତି ଦ୍ୱାରା ପୋଷ୍ୟ ସନ୍ତାନ ଭାବେ ଜୀବନ ବିତାଇଥିବା ଜଣେ ବ୍ୟକ୍ତି ବର୍ତ୍ତମାନ ତାଙ୍କ ମାତାପିତା, ଜ୍ଞାତି କୁଟୁମ୍ବଙ୍କୁ ଖୋଜି ଜନ୍ମମାଟି ଭାରତରେ ପହଞ୍ଚିଛନ୍ତି। ରାଜକୁମାର ନାମକ ଏହି ବ୍ୟକ୍ତି ୧୯୭୫ରେ ତାମିଲନାଡୁର କୋଏମ୍ବାଟୁର ନିକଟବର୍ତ୍ତୀ ଥୋଣ୍ଡାମୁଥୁରଠାରେ ଜନ୍ମଗ୍ରହଣ କରିଥିଲେ। ଜନ୍ମହେବା ପରେ ତାଙ୍କୁ ବ୍ଲୁ ମାଉଣ୍ଟେନ୍ ଚିଲ୍‌ଡ୍ରେନ୍‌ସ ହୋମ୍‌କୁ ହସ୍ତାନ୍ତର କରାଯାଇଥିଲା। ୧୮ମାସର ହୋଇଥିବା ବେଳେ ତାଙ୍କୁ ଦାନିଶ ଦମ୍ପତି ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିଲେ। ମା' ଛାଡି ଚାଲିଯିବା ଏବଂ ପିତା ଲାଳନପାଳନ କରି ନ ପାରିବାରୁ ତାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଗଲା ବୋଲି ଚୁକ୍ତିପତ୍ରରେ ଉଲ୍ଲେଖ ରହିଥିବା ରାଜକୁମାର ପ୍ରକାଶ କରିଛନ୍ତି। ବର୍ତ୍ତମାନ ରାଜକୁମାର ଦାନିଶ୍‌ରେ କାସ୍ପର ଆଣ୍ଡର୍ସନ୍ ନାମରେ ପରିଚିତ। କାସ୍ପର ତାଙ୍କ ପରିବାର ଏବଂ ଆତ୍ମୀୟଙ୍କ ପରିଚୟ ପାଇବା ଲାଗି ଗଣମାଧ୍ୟମର ଆଶ୍ରୟ ନେଇଛନ୍ତି। ଜାନୁୟାରୀ ୨୧ରେ ଭାରତ ଛାଡିବା ପୂର୍ବରୁ ଆତ୍ମୀୟଙ୍କୁ ଭେଟିବେ ବୋଲି ସେ ଆଶା ରଖିଛନ୍ତି।

### ଚିରନ୍ତନୀ

ଜୀବନ–ସମସ୍ୟା ଯେଣୁ ଦିନୁଁ ଦିନୁଁ ହୁଅଇ ଜଟିଳ
ଆଚାର–ବିଧାନ–ଗ୍ରନ୍ଥି ହେଉଅଛି ଅଧିକ ଶିଥିଳ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୪

- ଧାର୍ମିକ, ମୌଳିକତାବାଦ, ଉଗ୍ରପନ୍ଥୀ କାର୍ଯ୍ୟକଳାପ ଏବଂ ଆତଙ୍କବାଦ ବିରୋଧରେ ମିଳିତ ସଂଗ୍ରାମ ନିମନ୍ତେ ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ୬ଟି ରାଜିନାମା ସ୍ୱାକ୍ଷରିତ।
- ଉଗାଣ୍ଡାରେ ଏକ ଟ୍ରେନ୍ ଦୁର୍ଘଟଣାରେ ୩୭ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଡିସେମ୍ବର ୩୦– ବାଂଲାଦେଶ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କର ଚତୁର୍ଥ ଥର ପାଇଁ ନିରଙ୍କୁଶ ବିଜୟ।

୩୧– ଓଡ଼ିଆ ଆଇଏଏସ୍ ଅଧିକାରୀ ସୁଧୀରଞ୍ଜନ ମହାନ୍ତି ମଧ୍ୟପ୍ରଦେଶର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ।

ଜାନୁୟାରୀ ୧।୨୦୧୯– ୨୦୧୪ ଜୁନ୍ ୨ରେ ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲେଙ୍ଗାନା ସ୍ୱତନ୍ତ୍ର ରାଜ୍ୟ ହେବା ପରେ ମଧ୍ୟ ଉଭୟ ରାଜ୍ୟର ଗୋଟିଏ ହାଇକୋର୍ଟ ଥିଲା, ଯାହା ତେଲେଙ୍ଗାନାର ରାଜଧାନୀ ହାଇଦ୍ରାବାଦରେ ଅବସ୍ଥିତ ଥିଲା। ଏବେ ଆନ୍ଧ୍ରପ୍ରଦେଶ ପାଇଁ ଅଲଗା ହାଇକୋର୍ଟ ପ୍ରତିଷ୍ଠା ହେବା ସହ ସି. ପ୍ରବୀଣ କୁମାର ଏହାର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ହୋଇଥିବା ବେଳେ ଟି.ବି. ରାଧାକୃଷ୍ଣନ୍ ତେଲେଙ୍ଗାନା ହାଇକୋର୍ଟର ପ୍ରଥମ ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଛନ୍ତି।

* ବିଶିଷ୍ଟ ବଲିଉଡ୍ ଅଭିନେତା କାଦର ଖାନ୍‌ଙ୍କ ୮୧ ବର୍ଷ ବୟସରେ ପରଲୋକ।

୨– କେନ୍ଦ୍ରୀୟ ମାଲିରେ ସଶସ୍ତ୍ର ତୋଜୋନ ଶିକାରୀ ଓ କୃଷକଙ୍କ ମଧ୍ୟରେ ସଂଘର୍ଷ ଘଟି ୩୭ ଜଣଙ୍କ ମୃତ୍ୟୁ।

୩– ଅଷ୍ଟମ ଯାଏ ପିଲାଙ୍କୁ ଫେଲ ନ କରିବା ନିୟମ ବଦଳାଇବାକୁ ଆସିଥିବା ବିଲ୍ ପାର୍ଲାମେଣ୍ଟରେ ଅନୁମୋଦନ ଲାଭ କଲା।

୪– ଲୋକ ସଭାରେ ଆଧାର ସଂଶୋଧନ ବିଲ୍ ଗୃହୀତ।

## ଆମ ସମସ୍ୟା

### ବୟସ୍କ ବ୍ୟକ୍ତିଙ୍କୁ ବସ୍‌ଭଡ଼ାରେ ରିହାତି

ମହାଶୟ,

ବହୁଦିନ ହେଲା ଆମେ ବରିଷ୍ଠ ନାଗରିକମାନେ ସରକାରଙ୍କୁ ଗଣମାଧ୍ୟମ ଜରିଆରେ ଜଣାଉଛୁ ଯେ ପଡ଼ୋଶୀ ରାଜ୍ୟଗୁଡ଼ିକରେ ବରିଷ୍ଠ ନାଗରିକମାନଙ୍କୁ ବସ୍‌ରେ ଯାତାୟାତ କରିବା ପାଇଁ ଅଧା ଭଡ଼ା ଦେବାକୁ ପଡ଼େ। ସେମାନଙ୍କୁ ବହୁ ସମୟରେ ରାଜ୍ୟର ବିଭିନ୍ନ ତୀର୍ଥ ସ୍ଥାନ, ଡାକ୍ତରଖାନା ଓ ବନ୍ଧୁମାନଙ୍କ ଘରକୁ ଯିବାକୁ ପଡ଼େ। ବୟସ୍କ ନାଗରିକମାନେ ପ୍ରାୟତଃ କାର୍ଯ୍ୟକ୍ଷମ ନୁହନ୍ତି। ତେଣୁ ସେମାନଙ୍କର କୌଣସି ଆୟ ନ ଥାଏ। ସେହି ଦୃଷ୍ଟିରୁ ସେମାନେ ସମ୍ପୂର୍ଣ୍ଣ ବସଭଡ଼ା ବହନ କରିବାକୁ ଅକ୍ଷମ । ତେଣୁ ଆମ ରାଜ୍ୟରେ ମଧ୍ୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ବସ୍ ଭଡ଼ା ଅଧା କରାଗଲେ ସେମାନେ ଉପକୃତ ହୋଇପାରନ୍ତେ।

ବିଧାନ ଚନ୍ଦ୍ର ଜେନା, ଜିଜିପି କଲୋନୀ, ଭୁବନେଶ୍ୱର

### କୁକୁଡ଼ା ମଡ଼କ

ମଣିଷଙ୍କ ପରି ପଶୁପକ୍ଷୀଙ୍କୁ ମଧ୍ୟ ରୋଗ ଆକ୍ରମଣ କରିଥାଏ। ଚିକିତ୍ସା ଅଭାବରୁ ଆକ୍ରାନ୍ତ ପକ୍ଷୀମାନେ ମୃତ୍ୟୁମୁଖରେ ପଡିଥାନ୍ତି। ସେହି ମର୍ମରେ ଏ ବର୍ଷ ଚିଲିକା ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରେ ଅନେକ କୁକୁଡାଙ୍କଠାରେ ବାର୍ଡ ଫ୍ଲୁ ଦେଖାଦେଇଛି। କୁକୁଡା ମଡ଼କରୁ ରକ୍ଷା କରିବା ପାଇଁ ବାର୍ଡ ଫ୍ଲୁରେ ଆକ୍ରାନ୍ତ କୁକୁଡାଙ୍କ ସହ ସେ ଅଞ୍ଚଳର ଅନ୍ୟ କୁକୁଡାଙ୍କୁ ମାରି ମାଟିରେ ପୋତିଦିଆଯାଉଛି। ଏଥିସହ ଭୁବନେଶ୍ୱରର ବସ୍ତି ଅଞ୍ଚଳର କୁକୁଡାଙ୍କୁ ପ୍ରତିଷେଧକମୂଳକ ଟିକା ଦିଆ କାମ ଜୋର୍‌ସୋରରେ ଚାଲିଛି। ମଣିଷମାନଙ୍କ ଜୀବନ ରକ୍ଷା ପାଇଁ ଅସୁସ୍ଥ କୁକୁଡ଼ାଙ୍କ ସହ ସୁସ୍ଥ କୁକୁଡାଙ୍କୁ ମାରି ପୋତିଦେବା ସମୀଚୀନ ନୁହେଁ। ମଣିଷଙ୍କ ପରି କୁକୁଡାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିୟମିତ ଭାବେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 9 | 5 | 1 | | 8 | C | | | | | | | |
| E | | | | D | A | 1 | | 7 | | | | | | C |
| 0 | | 2 | | | | | 4 | | D | | | | | 6 |
| | 7 | | C | 9 | | | D | | | | | 5 | | |
| | 8 | | | | | E | 0 | 6 | A | | 7 | | | 1 |
| | | | | | | 0 | E | 4 | 9 | | | | | |
| 6 | | | E | 4 | 7 | | 3 | | | B | | | | |
| | B | 1 | | 3 | | | | | 4 | | | 6 | 0 | |
| | | | | 2 | | | | 5 | E | | | | 4 | A |
| | 9 | | | | | | | C | | 6 | 8 | | | |
| 2 | | 3 | | 6 | | 9 | | | | | | C | | |
| 8 | | | 3 | A | 9 | B | | | | | D | | | 2 |
| 1 | | | | | | | | 0 | B | | | | | |
| C | 4 | | | | B | 3 | A | | 7 | | 0 | | | |
| | | | | E | C | | 1 | | 8 | | 2 | | 3 | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 5 | 8 | C | 2 | 9 | B | D | 3 | 7 | 6 | E | 4 | 1 | 0 |
| 2 | 0 | 3 | D | 6 | B | E | 4 | 7 | 1 | C | A | 5 | 9 | 8 |
| 9 | C | 1 | 3 | 7 | 8 | 6 | 5 | 2 | 0 | B | 4 | E | D | A |
| 7 | 6 | E | 0 | 4 | 5 | C | 1 | A | 8 | 9 | D | B | 3 | 2 |
| B | D | 4 | 1 | A | E | 0 | 8 | 9 | 5 | 2 | 3 | 7 | 6 | C |
| 1 | 2 | A | 7 | 0 | 4 | 9 | E | 6 | C | 8 | B | D | 5 | 3 |
| 3 | 7 | D | 6 | 1 | C | 2 | B | 8 | E | A | 5 | 0 | 4 | 9 |
| 6 | 4 | 5 | 9 | E | D | A | 0 | C | 2 | 3 | 1 | 8 | 7 | B |
| E | B | 9 | 8 | 3 | A | D | 7 | 5 | 4 | 0 | 6 | 2 | C | 1 |
| C | 8 | 0 | B | 5 | 2 | 4 | 3 | 1 | D | 7 | 9 | 6 | A | E |
| 0 | 9 | 7 | 5 | C | 1 | 8 | A | 4 | B | D | 2 | 3 | E | 6 |
| 4 | E | 6 | 2 | 8 | 7 | 3 | 9 | D | A | 1 | 0 | C | B | 5 |
| 5 | 1 | 2 | A | D | 3 | 7 | C | B | 6 | E | 8 | 9 | 0 | 4 |
| 8 | 3 | C | 4 | B | 0 | 1 | 6 | E | 9 | 5 | 7 | A | 2 | D |
| D | A | B | E | 9 | 6 | 5 | 2 | 0 | 3 | 4 | C | 1 | 8 | 7 |

ଗତକାଲିର ଉତ୍ତର

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୭ ଜାନୁୟାରୀ, ୨୦୧୯



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ■ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଦିଗହରା

# ଦାଦନ ମୁହାଁ ଯୁବପୀଢ଼ି

ଯାଜପୁର ଅଫିସ,୬।୧

ରାଜ୍ୟରେ ଉତ୍କଟ ବେକାରୀ ସମସ୍ୟା ଦୂର କରିବା ପାଇଁ ଶିଳ୍ପାୟନକୁ ଗ୍ରହଣ କରାଯାଇଛି। କିନ୍ତୁ ଶିଳ୍ପରେ ନିଯୁକ୍ତିର ବାସ୍ତବଚିତ୍ର ସମ୍ପୂର୍ଣ୍ଣ ଓଲଟା। କଳିଙ୍ଗନଗରରେ ଗଢି ଉଠିଥିବା ୧୩ଟି ବୃହତ ଶିଳ୍ପ କାରଖାନାରେ ଅଣଓଡିଆଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଥିବାବେଳେ ସ୍ଥାନୀୟ ନିଯୁକ୍ତିକୁ ଉପେକ୍ଷା କରାଯାଉଛି। ଏହି ପରିପ୍ରେକ୍ଷୀରେ ଲଘୁ ଉଦ୍ୟୋଗ ସ୍ଥାପନ ଦ୍ୱାରା ବେକାର ଯୁବତୀଯୁବକ ଆତ୍ମନିର୍ଭରଶୀଳ ହେବାକୁ ରଖିଥିବା ଆଶା ମଧ୍ୟ ମଉଳି ଯାଇଛି। ଯଦ୍ୱାରା ଯୁବପୀଢ଼ି ଦାଦନ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ଯାଜପୁର ଜିଲାରେ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମଇ)ରେ ୨୦୧୮-୧୯ ଆର୍ଥିକ ବର୍ଷରେ ଲକ୍ଷ୍ୟଧାର୍ଯ୍ୟ ୩୬୦୦ ମଧ୍ୟରୁ ମାତ୍ର ୨୪୩୭ ଜଣଙ୍କୁ ସାମିଲ କରାଯାଇଛି । ଏଥିରେ ୧୧୬୩ ଏଯାଏ ନିଅଣ୍ଟ ଥିବା ବିଭାଗ ପକ୍ଷରୁ କୁହାଯାଇଛି । ସେହିପରି ନିଯୁକ୍ତି କ୍ଷେତ୍ରରେ ଧାର୍ଯ୍ୟ ୧୮୦୦୦ରୁ ୯୫୪୬ ଜଣ ନିଅଣ୍ଟ ଥିବା ଅଗ୍ରଗତି ରିପୋର୍ଟରେ ଦର୍ଶାଯାଇଛି । ଏହି ମାସିକ ଅଗ୍ରଗତି ରିପୋର୍ଟ ନୈରାଶ୍ୟଜନକ ହୋଇଥିବାରୁ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ଉଦ୍‌ବେଗ ପ୍ରକାଶ କରିବା ସହିତ ବାର୍ଷିକ ଲକ୍ଷ୍ୟ ହାସଲ ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଛନ୍ତି। ଯାଜପୁର ଜିଲାରେ କେବଳ ନିଯୁକ୍ତି କାହିଁକି କୌଣସି କ୍ଷେତ୍ରରେ ଘରୋଇ ଶିଳ୍ପାନୁଷ୍ଠାନଗୁଡିକ ଉପରେ ସ୍ଥାନୀୟ ଲୋକ ପ୍ରତିନିଧି ଅଙ୍କୁଶ ଲଗାଇ ପାରିନାହାନ୍ତି । ଫଳରେ ଜିଲାର ଶତାଧିକ ଅଭିଜ୍ଞ ବୈଷୟିକ ଡିଗ୍ରୀଧାରୀ ନିଜର ପରିବାରବର୍ଗଙ୍କୁ ଛାଡି ଦେଶ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଜିଲାରେ ଏଭଳି ଅନେକ ଉଦାହରଣ ଦେଖିବାକୁ ମିଳିଛି। କଳିଙ୍ଗନଗର ଟାଟା ଷ୍ଟିଲ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଅକ୍ଟୋବର ସୁଦ୍ଧା ୨୫,୩୭୨ ଜଣଙ୍କୁ ନିଯୁକ୍ତି ମିଳିଛି । ସେଥିରୁ ୩୬୯୭ ନିୟମିତ ଓ ୨୧୬୭୫ ଜଣ ଠିକାଶ୍ରମିକ ଭାବେ ନିଯୁକ୍ତ। ନିୟମିତ ନିଯୁକ୍ତିରେ ଓଡିଶାର ୫୯.୧୦ ପ୍ରତିଶତ ଅନୁସାରେ ୨୧୮୫ ଓ ଠିକାଶ୍ରମିକ ଭାବେ ୭୯.୭ ପ୍ରତିଶତ ଅନୁସାରେ ୧୭,୨୭୬ ଜଣଙ୍କୁ ନିଯୁକ୍ତି ମିଳିଛି। ବିଡମ୍ବନା ଯେ, ଯାଜପୁର ଜିଲାରୁ ମାତ୍ର ୨୨.୫୩ ପ୍ରତିଶତ ଅନୁସାରେ ୮୩୩ଜଣ ନିୟମିତ ନିଯୁକ୍ତି ପାଇଛନ୍ତି। ସେହିପରି ଜିଲାରୁ ୩୭.୨୪ ପ୍ରତିଶତ ଅନୁସାରେ ୮୦୭୨ ଜଣ ଠିକାଶ୍ରମିକ ଯାଜପୁର ଜିଲାର। ନିଯୁକ୍ତିର ଏହି ଚିତ୍ରରୁ ଅଣଓଡିଆଙ୍କୁ କେତେ ପ୍ରାଧାନ୍ୟ ମିଳୁଛି ତାହା ସ୍ପଷ୍ଟ ଅନୁମେୟ। ସେହିପରି କେବଳ ଟାଟା ଷ୍ଟିଲରେ ୩୦୦ରୁ ଉର୍ଦ୍ଧ୍ୱ ଠିକାସଂସ୍ଥା ମଧ୍ୟରୁ ପ୍ରାୟ ୨୫୦ଟି ସଂସ୍ଥା ରାଜ୍ୟ ବାହାରର। ଏଥିରୁ ଶିଳ୍ପ କମ୍ପାନୀରେ ନିଯୁକ୍ତିର ଆଭିମୁଖ୍ୟ ସ୍ପଷ୍ଟ ବାରି ହୋଇପଡୁଛି । ବିଧାନସଭାଠାରୁ ଆରମ୍ଭ କରି ବିଭିନ୍ନ ସଭାସମିତିରେ ନେତାମାନେ ନିଯୁକ୍ତି କ୍ଷେତ୍ରରେ କଳିଙ୍ଗନଗରର ସଫଳତା ବଖାଣୁଥିବାବେଳେ ବାସ୍ତବତା ଏହି ତଥ୍ୟରୁ ପ୍ରମାଣିତ ହେଉଛି। ସରକାରଙ୍କ ଦୂରଦୃଷ୍ଟି ଅଭାବ ତଥା ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଏମ୍ଏସ୍ଏମ୍ଇରୁ ମଧ୍ୟ ସଫଳତା ମିଳି ପାରୁନାହିଁ। ଜିଲାର ଶିଳ୍ପ ବିକାଶ ପାଇଁ ଗୁରୁଦାୟିତ୍ୱ ବହନ କରୁଥିବା ଶିଳ୍ପକେନ୍ଦ୍ର, ବ୍ୟାଙ୍କ/ଆରଆରବି, କେଭିଆଇସି ଓ କେଭିଆଇବି ଆବଶ୍ୟକତା ଅନୁଯାୟୀ ସକ୍ରିୟ ହେଉ ନ ଥିବା କିମ୍ବା ସହଯୋଗ କରୁ ନ ଥିବା କାରଣରୁ ଜିଲାରେ ଶିଳ୍ପ ବିକାଶର ଗତି ଦିନକୁ ଦିନ ମନ୍ଥର ହେବାରେ ଲାଗିଛି। ଏହି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଲାର ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳ ସମେତ ୧୦ଟି ବ୍ଲକ ଅଞ୍ଚଳର ୩୩୨ଟି ୱାର୍ଡ/ଗ୍ରାମପଞ୍ଚାୟତରେ ୩୬୦୦ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯିବାକୁ ଧାର୍ଯ୍ୟ ହୋଇଥିଲା । ହେଲେ ଲକ୍ଷ୍ୟଧାର୍ଯ୍ୟ କେବଳ କାଗଜକଲମରେ ସୀମିତ ରହିଛି। ନିର୍ବାଚନ ବର୍ଷ ଆରମ୍ଭ ହୋଇଥିବାବେଳେ ରାଜନେତାମାନେ କେବେ ଏହାର ଆତ୍ମସମୀକ୍ଷା କରିବେ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଆଞ୍ଚଳିକ ଶିଳ୍ପକେନ୍ଦ୍ରର ପରିଚାଳକ ମନୋଜ କୁମାର ବେହେରା ସମସ୍ତ ଆଇପିଓ (ଇଣ୍ଡଷ୍ଟ୍ରି ପ୍ରମୋଶନ ଅଫିସର)ଙ୍କୁ ଜାନୁୟାରୀ ସୁଦ୍ଧା ୩୦୦୦ ୟୁନିଟ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ଲକ୍ଷ୍ୟ ଧାର୍ଯ୍ୟ ପୂରଣ କରିବାରେ ସହଯୋଗ ହେବ ବୋଲି ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଛନ୍ତି ।

**ଯାଜପୁର ଜିଲା**

- ■ ୧୮ ହଜାରରୁ ମାତ୍ର ୮୪୫୪ ନିଯୁକ୍ତି
- ■ ବୃହତ୍ ଶିଳ୍ପ କମ୍ପାନୀରେ ଅଣଓଡିଆଙ୍କୁ ପ୍ରାଧାନ୍ୟ

## ସଂକ୍ଷେପରେ

### ଅଖିଳଚନ୍ଦ୍ର ମକର ସମ୍ମାନ ପାଇବେ ହର୍ଷବର୍ଦ୍ଧନ

**ଯାଜପୁର ଅଫିସ,୬।୧:** ଚଳିତ ବର୍ଷ ଅଖିଳଚନ୍ଦ୍ର ମକର ସମ୍ମାନ ପାଇବେ ଓଡିଶାର ବିଶିଷ୍ଟ ଗାଳ୍ପିକ ହର୍ଷବର୍ଦ୍ଧନ ଧଳମହାପାତ୍ର। ତାଙ୍କର ଶ୍ରେଷ୍ଠ ଉପନ୍ୟାସ ବେଳ ଭଲ ନାହିଁ ଏବଂ ଶ୍ରେଷ୍ଠ ଗଳ୍ପ ହେଉଛି ମାଟି ଦୃଣ। ସାରସ୍ୱତ ସୃଷ୍ଟି କ୍ଷେତ୍ରରେ ତାଙ୍କର ଅନବଦ୍ୟ ଅବଦାନ ଯୋଗୁ ଅନୁଷ୍ଠାନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ପ୍ରଦର୍ଶନ କରିଥିବା ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯିବ। ଡ.ରୁଦ୍ର ନାରାୟଣ ପୃଷ୍ଟିଙ୍କୁ ସାରସ୍ୱତ ସଂଗଠନ ପାଇଁ ସଂଗ୍ରାମୀ କପିଳଚରଣ ଜେନା ସଂଗଠନ ଗୌରବ ସମ୍ମାନ, ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ବାଦଲ ଆଚାର୍ଯ୍ୟଙ୍କୁ ନଟବର କଳା ଗୌରବ ସମ୍ମାନ, ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାମଲଙ୍କୁ ଡ.ମୁରଲୀଧର ବଳିୟାରସିଂ ସ୍ମାରକୀ ସମ୍ମାନ, ଖବରଦାତା ଅନିରୁଦ୍ଧ ସାମନ୍ତରାୟଙ୍କୁ ସାମ୍ବାଦିକ ଗୌରବ ଆନନ୍ଦ ବିହାରୀ ସମ୍ମାନ, କବି ଅନୀତା ରାୟଙ୍କୁ କବୟିତ୍ରୀ ଅକ୍ଷୟା ରାଣୀ ସ୍ମୃତି ସମ୍ମାନ, ଡା. ସୁପ୍ରକାଶ ଶତପଥୀଙ୍କୁ ପଞ୍ଚାନନ ନାୟକ ସେବା ଗୌରବ ସମ୍ମାନ, ପୁରୀ-ସତ୍ୟବାଦୀର ରୋଜିନା ମିଶ୍ରଙ୍କୁ ରାଧାଶ୍ୟାମ ମିଶ୍ର ସେବାଶ୍ରୀ ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମକର ସଂକ୍ରାନ୍ତି ଦିନ ବରୁଣେଶ୍ୱର କ୍ଷେତ୍ରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକର ମିଳନ ଉତ୍ସବରେ ଏହି ସମ୍ବର୍ଦ୍ଧନା ଓ ସମ୍ମାନ ପ୍ରଦାନ କରାଯିବ ସମ୍ପାଦକ ହରେକୃଷ୍ଣ ପଣ୍ଡା ଘୋଷଣା କରିଛନ୍ତି। ଏଥର ଓଡ଼ିଶାର ପ୍ରଖ୍ୟାତନାମା ବିଶିଷ୍ଟ କବି ମମତା ଦାଶ ଏହି ଉତ୍ସବରେ ଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କବିତା ପାଠୋତ୍ସବରେ ବହୁ ସଂଖ୍ୟାର କବି ଯୋଗ ଦେବାକୁ ସଂଗଠନ ସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର କୁମାର ପରିଡା ନିବେଦନ କରିଛନ୍ତି।

### ବିରିପଟା ହାଇସ୍କୁଲର ୨୦୧୦ ମାଟ୍ରିକ ବ୍ୟାଚ ବନ୍ଧୁମିଳନ



**ଯାଜପୁର ଅଫିସ,୬।୧:** ଯାଜପୁର ଜିଲା ଦଶରଥପୁର ବ୍ଲକ ବିରିପଟା ହାଇସ୍କୁଲର ୨୦୧୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଦିବ୍ୟପ୍ରକାଶ ସାମଲ, ଅସୀତ ସାମଲ, ପ୍ରକାଶ ସାହୁ, ସୂର୍ଯ୍ୟକାନ୍ତ ବେହେରା, ଜଗବନ୍ଧୁ ମଲ୍ଲିକ, ପାର୍ଥସାରଥି ମଲ୍ଲିକ, ମାନସୀ ଓଝା, ଲୋପାମୁଦ୍ରା ଓଝା, ସୁଚିତ୍ରା ବାହାଲ, ଟିଙ୍କି ଦାସ, ମାମିନା ମଲିକ, ଗୁରୁବାରୀ ବେହେରା, ସସ୍ମିତା ନାୟକ, ସୁଭଦ୍ରା ସାହୁ ପ୍ରମୁଖ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ପ୍ରଧାନଶିକ୍ଷକ ଦେବାଶିଷ ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଭାବେ ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ ।

## ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ମୃତ

ଛତିଆ,୬।୧(ଡି.ଏନ୍.ଏ.)

ବୈରୀ ଥାନା ଅନ୍ତର୍ଗତ ବୈରୀ ପଞ୍ଚାୟତ ବଗଉ ଆଦିବାସୀ ସାହିରେ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ସ୍ୱାମୀଙ୍କ ମାଡ଼ ଘଟଣାରେ ଶନିବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଫେରାର ଅଛନ୍ତି। ବୈରୀ ଥାନାଧିକାରୀ ନିରଞ୍ଜନ ଶବର ଓ ଅତିରିକ୍ତ ତହସିଲଦାର ରତ୍ନାକର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ମୃତା ଜଣକ ହେଲେ ବମ୍ପେଇ ସଏଙ୍କ ସ୍ତ୍ରୀ ଜାମ୍ବି (୩୦)। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଜାମ୍ବିଙ୍କ ଭାଇ ରବିବାର ଘଟଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଭିଣୋଇ ଜାମ୍ବିଙ୍କୁ ପିଟିପିଟି ମାରିଦେଇଥିବା ବୈରୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୧/୧୯) ରୁଜୁ କରିଛି। ଘଟଣାରୁ ପ୍ରକାଶ ଯେ, ଗତ ୧ ତାରିଖ ରାତିରେ ବମ୍ପେଇ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କୁ ନିର୍ମମ ଭାବେ ମାରି ରକ୍ତାକ୍ତ କରିଦେଇଥିଲେ। ଜାମ୍ବି ୪ ଦିନ ହେବ ଗୁରୁତର ଅବସ୍ଥାରେ ଘରେ ପଡ଼ିରହିଥିଲା ବେଳେ ଶନିବାର ତାଙ୍କର ମୃତ୍ୟୁ ହୋଇଛି।

## ■ ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ

# ଫାଇନାଲରେ ରାଞ୍ଚି ରେଲୱେ

ବିରଜାକ୍ଷେତ୍ର,୬।୧(ଡିଏନଏ)

ଜିଲା କ୍ରିକେଟ୍ ଆସୋସିଏଶନ୍ ଆନୁକୂଲ୍ୟରେ ଯାଜପୁର ଅଶୋକ ମଇଦାନ (ବାଳାଶ୍ରମ ପଡ଼ିଆ)ରେ ଅନୁଷ୍ଠିତ ୬ଷ୍ଠ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟର ରବିବାର ଥିଲା ୯ମ ଦିବସ। ରବିବାର ଦ୍ୱିତୀୟ ସେମିଫାଇନାଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ଓ ରାଞ୍ଚି ରେଲୱେ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ରାଇଜିଂ ଷ୍ଟୁଡେଣ୍ଟ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୯.୧ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଞ୍ଚି ରେଲୱେ ୨୯.୨ ଓଭର୍ ଖେଳି ୮ ୱିକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରି ବିଜୟ ହେବା ସହ ଫାଇନାଲ୍‌କୁ ପ୍ରବେଶ କରିଥିଲା। ଦଳ ପକ୍ଷରୁ ସୁପ୍ରିୟ ଚକ୍ରବର୍ତ୍ତୀ ସର୍ବାଧିକ ୬୨ରନ୍ ସଂଗ୍ରହ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ରେ ରାଞ୍ଚି ରେଲୱେର ସୁପ୍ରିୟ ଚକ୍ରବର୍ତ୍ତୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ଡିଜିଟାଲ୍ ୱାର୍ଲ୍ଡର ମାଲିକ ସଚ୍ଚିଦାନନ୍ଦ ଜେନା (ପାପୁ) ପୁରସ୍କୃତ କରିଥିଲେ।



ଅତିଥିମାନେ ସୁପ୍ରିୟ ଚକ୍ରବର୍ତ୍ତୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

୯ମ ଦିବସ ମ୍ୟାଚ୍‌ରେ ଜିଲା କ୍ରିକେଟ୍ ଆସୋସିଏଶନ୍‌ର ସହସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ କ୍ରିକେଟିୟର ଶ୍ରୀଜୟ ମହାପାତ୍ର, ଓସିଏ ଅମ୍ପାୟାର୍ ଲୋକନାଥ ବେହେରା, ଯୁବ ନେତା ମନୋଜ ସାହୁ, ସ୍ୱସ୍ତିକ୍ ପହି, ସେକ୍ ସାହାଜୁଦ୍ଦିନ୍, ଆଶିଷ୍ ମହାନ୍ତି, ସଂଜୟ ବେହେରା, ଅନିଲ୍ କୁମାର ଦାସ, ଉମାକାନ୍ତ ସିଂ, ଦୀପକ ଦାସ, ଜଗନ୍ନାଥ ବେହେରା, ଶୁଭାଶିଷ୍ ରାଉତ, ଦେବ୍ କୁମାର, ଶଙ୍କର୍ଷଣ ବାରିକ , ସୁକାନ୍ତ ବେହେରା, ଶ୍ରୀକାନ୍ତ ଶାସ୍ତ୍ରୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ମ୍ୟାଚ୍‌କୁ ଅମ୍ପାୟାରଭାବେ ଖଗେଶ୍ୱର ମଲ୍ଲିକ୍ ଓ ଶରତ ଜେନା ପରିଚାଳନା କରିଥିବାବେଳେ ସ୍କୋରର୍ ଭାବେ ଜଗନ୍ନାଥ ସାମଲ ଓ ଶୁଭ୍ରାଂଶୁ ଶେଖର ବେହୁରିଆ ତୁଲାଇଥିଲେ। ସୋମବାର ରାଞ୍ଚି ରେଲୱେ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ଭାଜପା ପକ୍ଷରୁ ଜନ ପରାମର୍ଶ ଯାତ୍ରା

ରସୁଲପୁର,୬।୧(ଡିଏନଏ)

ରସୁଲପୁର ବ୍ଲକରୁ ବରୀ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୧୦ଟି ପଞ୍ଚାୟତରୁ ରବିବାର ପ୍ରଥମାଖଣ୍ଡି ପଞ୍ଚାୟତରରେ ଭାଜପା ପକ୍ଷରୁ ଜନ ପରାମର୍ଶ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଯାତ୍ରାରେ ପଞ୍ଚାୟତର ୫ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇ ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ ସହ ଗାଁ ଗାଁ ବୁଲି କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପଦଯାତ୍ରା ପଞ୍ଚାୟତର ଦାମୋଦରପୁର ଗ୍ରାମରୁ ଆରମ୍ଭ ହୋଇଥିଲା। ନେତା କର୍ମୀଙ୍କ ସହ ଗୋପାଳପୁର, ପ୍ରଥମାଖଣ୍ଡି, ଚକଗୋପାଳପୁର, ସଡମ୍ବା ଆଦି ଗ୍ରାମ ଚାଲିଚାଲି ଦଳୀୟ ପ୍ରଚାର କରିଥିଲେ। ଜନ ପରାମର୍ଶ ପଦଯାତ୍ରା ସମବାୟ ନେତା ମୁକୁନ୍ଦଦେବ ମହାନ୍ତିଙ୍କ ନେତୃତ୍ୱରେ ପୂର୍ବତନ ଜିଲାପରିଷଦ ସଭ୍ୟ ଦେବେନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷ ହେମନ୍ତ ମହାପାତ୍ର, ଜିଲାପରିଷଦ ସଭ୍ୟ ଚତୃର୍ଭୁଜ ଦ୍ୱିବେଦୀ, ସରପଞ୍ଚ ଚିନ୍ତାମଣି ସୁର, ପଞ୍ଚାୟତ ସଭାପତି ସୂର୍ଯ୍ୟମଣି ମହାନ୍ତି, ଯୁବନେତା ରମେଶ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ସାହୁ, ନାରାୟଣ ପତି, ବଟକୃଷ୍ଣ ସାହୁ, ଶଶିଭୂଷଣ ଦାଶ ପ୍ରମୁଖଙ୍କ ସମେତ ବହୁ ଭାଜପା କର୍ମୀ ପଦଯାତ୍ରାରେ ସାମିଲ ହୋଇଥିଲେ।

## ■ ରାଜପଥରେ ଅସୁରକ୍ଷିତ ଚେକିଂ

# ଟ୍ରାଫିକ୍ ପୋଲିସ ଠେଙ୍ଗା ଦେଖି ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ

ରସୁଲପୁର,୬।୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଟ୍ରାଫିକ୍ ପୋଲିସ ଚଣ୍ଡିଖୋଲ ପକ୍ଷରୁ ଅସୁରକ୍ଷିତ ଚେକିଂ ଯୋଗୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଚେକିଂ ଆଳରେ ପୋଲିସ କର୍ମଚାରୀମାନେ ୫ଫୁଟ୍‌ର ଠେଙ୍ଗା ଧରି ରାସ୍ତା ଉପରକୁ ମାଡି ଆସୁଛନ୍ତି। ଫଳରେ ବାଇକ୍ ଓ ଚାରିଚକିଆ ଯାନରେ ଆସୁଥିବା ଚାଳକମାନେ ଠେଙ୍ଗା ଦେଖି ହଠାତ୍ ବ୍ରେକ୍ ମାରି ଦେଉଥିବାରୁ ଦୁର୍ଘଟଣା ଘଟୁଛି। ପୂର୍ବରୁ ଗମନାଗମନ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ଅସୁରକ୍ଷିତ ଚେକିଂ ଯୋଗୁ ଦୁର୍ଘଟଣା ଘଟିଥିବା ନଜିର ରହିଛି । ଏହାସତ୍ତ୍ୱେ ବି ପୋଲିସ ପ୍ରଶାସନ ଚେତୁ ନାହିଁ।

ଯାଜପୁର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଟ୍ରାଫିକ୍ ପୋଲିସ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ନିୟମିତ ଚେକିଂ କରାଯାଉଛି। ଏହିକ୍ରମରେ ରବିବାର ସକାଳ ପ୍ରାୟ ସାଢେ ୧୧ଟା ସମୟରେ ରାଜପଥର ଏହି ଛକଠାରେ ଚେକିଂ କରାଯାଉଥିଲା । ଚେକିଂ ସମୟରେ ପୋଲିସ ବାହିନୀ ବାରିକେଡ ବଦଳରେ ଲାଠି ବ୍ୟବହାର କରୁଛନ୍ତି । ଚେକିଂ ସମୟରେ ୩ ଥାକିଆ ବାରିକେଟ ବ୍ୟବହାର କରାଯିବା ବିଧିକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି । ଚେକିଂରେ ନିୟୋଜିତ ପୋଲିସ କର୍ମଚାରୀମାନେ ହୁଇସିଲ୍ ବ୍ୟବହାର ନ କରି ସିଧାସଳଖ ରାସ୍ତା ଉପରକୁ ମାଡି ଆସୁଛନ୍ତି। ଏଭଳି କରିବା ଦ୍ୱାରା ପୋଲିସ ବାହିନୀ ଗାଡି ଚାଳକଙ୍କୁ ବିପଦ ମଧ୍ୟକୁ ଠେଲି ଦେଉଛନ୍ତି। ରବିବାର ଚେକିଂ ସମୟରେ ପୋଲିସ ବାହିନୀ ଠେଙ୍ଗାଧରି ରାସ୍ତା ଉପରକୁ ଚଢି ଆସିବାରୁ କୁଆଖିଆରୁ ଜାରକା ଆଡକୁ ଯାଉଥିବା ଏକ ବାଇକ ଚାଳକ ରାସ୍ତା ଉପରେ ପଡିବା ସହ ସେମାନେ ହାତରେ ଧରିଥିବା ଏକ ବାକ୍ସ ରାସ୍ତା ଉପରେ ଛିଟିକି ପଡିଥିଲା। ଉକ୍ତ ଚେକିଂ କାର୍ଯ୍ୟ ଚଣ୍ଡିଖୋଲ ଟ୍ରାଫିକ୍ ଥାନା ଅଧିକାରୀ ଲକ୍ଷ୍ମୀନାରାୟଣ ମାରାଣ୍ଡିଙ୍କ ନେତୃତ୍ୱରେ ଚାଲିଥିଲା । ଏ ନେଇ ଥାନା ଅଧିକାରୀ ମାରାଣ୍ଡିଙ୍କୁ ପଚାରିବାରୁ, ଚେକିଂ ପାଇଁ ବାରିକେଟ ଓ ଅନ୍ୟାନ୍ୟ ବ୍ୟବହୃତ ସାମଗ୍ରୀ ଏସପିଙ୍କ ପକ୍ଷରୁ ଯୋଗାଇ ଦିଆଯାଇ ନାହିଁ ବୋଲି ପ୍ରକାଶ କରିଛନ୍ତି।

# ୩୩ ପ୍ରଜାତିର ୨୮୭୪୭ ପକ୍ଷୀ ଚିହ୍ନଟ

ଛତିଆ,୬।୧(ଡି.ଏନ୍.ଏ.)

ବୈରୀସ୍ଥିତ ଡାଳିଯୋଡା ବନାଞ୍ଚଳ ପକ୍ଷରୁ ଗଣନା କରାଯାଇ ମୋଟ ୩୩ ପ୍ରଜାତିର ୨୮୭୪୭ ପକ୍ଷୀ ଚିହ୍ନଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ୪୯୭୧ ବତକ, ୨୨୮୨ ବିଦେଶୀ ବତକ, ୯୫୦ ଛୋଟ ଇଗ୍ରେଟ, ୬୩୦୦ ଗ୍ରୀନ ହର୍ଣ୍ଣ, ୪୦୧ ସଲୁରୀ, କ୍ରାଇମ ବତକ, ୬୬ କାଣ୍ଟି ବଗ, ୫୯୯ ଧଳା ବତକ, ୭୯ ମାଛରଙ୍କା, ୧୧୦ ବାଜପକ୍ଷୀ, ୫୧୦ ହଂସ ପ୍ରଜାତିର ପକ୍ଷୀ, ୭୧୮୮ ବିଦେଶୀ ପକ୍ଷୀ ଥିବା ଜଣାପଡ଼ିଛି। ଏହି ବନାଞ୍ଚଳରେ ୨୦୧୮ରେ ୨୧୭୮୬ ପକ୍ଷୀ ଥିବା କୁହାଯାଇଛି। କଟକ ବନଖଣ୍ଡର ସହକାରୀ ବନ ସରଂକ୍ଷକ ଶରତ କୁମାର ସାହୁ, ଡାଳିଯୋଡା ବନାଞ୍ଚଳ ଅଧିକାରୀ ମନୋରନ ସ୍ୱାଇଁ, ଫରେଷ୍ଟର ଶଶିକାନ୍ତ ବେହେରା, ରବିନାରାୟଣ ମହାନ୍ତି, ଜ୍ୟୋତି ରଞ୍ଜନ ମହାପାତ୍ର, ପୀତବାସ ମହାପାତ୍ର, ଚନ୍ଦ୍ରଶେଖର ଦାସ, ରଞ୍ଜନ ମିଶ୍ର, ବନରକ୍ଷୀ ଅଶ୍ୱିନୀ ସାହୁ, ବନଲତା ସାମନ୍ତରାୟ ପ୍ରମୁଖ ସମସ୍ତ ଅଧିକାରୀ ପକ୍ଷୀ ଗଣନାରେ ସାମିଲ ଥିଲେ ।

# ପୋଡ଼ି ହୋଇ ମା' ମୃତ: ପୁଅ, ଝିଅ ଗୁରୁତର

କୋରେଇ,୬।୧(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ରଣପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ନିଆଁରେ ପୋଡି ହୋଇ ମା'ଙ୍କର ମୃତ୍ୟୁ ହୋଇଥିବା ବେଳେ ପୁଅ ଓ ଝିଅ ଗୁରୁତର ହୋଇଛନ୍ତି। ମୃତା ହେଲେ ନିରଞ୍ଜନ ମହାରଣାଙ୍କ ସ୍ତ୍ରୀ ଉର୍ମିଳା(୩୧)। ଗୁରୁତରମାନେ ହେଲେ ସନ୍ଦୀପ(୭) ଓ ବୈଶାଖୀ(୯)। ଏହି ଘଟଣାକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଥିବା ବେଳେ ନିରଞ୍ଜନଙ୍କ ପତ୍ତା ମିଳୁନି। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଉର୍ମିଳାଙ୍କର ମୃତ୍ୟୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ରାତିରେ ଉର୍ମିଳା, ସନ୍ଦୀପ ଓ ବୈଶାଖୀ ଶୋଇଥିବା ଘରେ ନିଆଁ ଲାଗିଯାଇଥିଲା। ଚିତ୍କାର ଶୁଣି ନିରଞ୍ଜନଙ୍କ ବଡ଼ ଭାଇଙ୍କ ପୁଅ ଓ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା ଘଟଣା ଏକ ସନ୍ଦେହଘେରକୁ ଆସିଛି। ଖବର ଲେଖା ହେବାପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ■ ସୁଆଁସାହି ଛକରେ ଗଳିପୋଲ ନିର୍ମାଣ ଦାବି

# ୨୦ରେ ରାଜପଥ ଅବରୋଧ କରିବାକୁ ଚେତାବନୀ

ରସୁଲପୁର,୬।୧(ଡିଏନଏ)

- ■ ପୁରୁଣା ତ୍ରୁଟିର ହେବାକୁ ଯାଉଛି ପୁନରାବୃତ୍ତି
- ■ ଗଳିପୋଲ ନିର୍ମାଣ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

୧୬ନମ୍ବର ଜାତୀୟ ରାଜପଥର ସୁଆଁସାହି ଛକ ନିକଟରେ ଏକ ଗଳି ପୋଲ ଦାବି ହୋଇଛି । ରାଜପଥ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ସ୍ଥାନୀୟ ଅଞ୍ଚଳର ୩ଟି ପଞ୍ଚାୟତର ୧୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକ ଅକଥନୀୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏବେ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି । ରାଜପଥ କର୍ତ୍ତୃପକ୍ଷ ପୁରୁଣା ତ୍ରୁଟିର ପୁନରାବୃତ୍ତି କରିବାକୁ ଯାଉଛନ୍ତି। ଏ ଦିଗରେ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ଏହାକୁ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଣଦେଖା କରାଯାଉଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ଦିଗରେ ପୁନର୍ବାର ଗ୍ରାମବାସୀ ଯାଜପୁର ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏହାସତ୍ତ୍ୱେ ବି ଗଳିପୋଲ ନିର୍ମାଣ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କଲେ ଲୋକେ ରାଜରାସ୍ତା ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ରସୁଲପୁର ବ୍ଲକ ଅଧୀନ ଭୋଟକା ପଞ୍ଚାୟତର ବିଲିପଡା, ଗୋସଇଁ ମଠ, ଅରଡା, ରସୁଲପୁର ପଞ୍ଚାୟତର ଖଣ୍ଡିତର, ସାନତ୍ରିଲୋଚନପୁର, ସୁଆଁସାହି, କେଉଟ ଲଗୁଆଁ, ବାହାଦଲାପୁର ପଞ୍ଚାୟତର ବାହାଦଲାପୁର, କମାରପାଳ, ସରିଫାବାଦ, ଯାଜପୁର ବ୍ଲକ ବେରୁଦା ପଞ୍ଚାୟତର ଚିନ୍ତାପଲ୍ଲୀ ପ୍ରଭୃତି ଗ୍ରାମର ଲୋକଙ୍କ ପାଇଁ ରାଜପଥ ଜୀବନ ରେଖା ସାଜିଛି। ମାତ୍ର ରାଜପଥର ଏହି ଛକ ନିକଟରେ କୌଣସି ଗଳିପୋଲ ନ ଥିବାରୁ ଲୋକେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ରାଜପଥକୁ ଅତିକ୍ରମ କରିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଠାରେ ବିପଦପୂର୍ଣ୍ଣ ଯାତ୍ରା ପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ଘଟଣାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ଏବେ ସମ୍ପ୍ରସାରଣ ବେଳେ ବି ସମାନ ନୀତି ଅବଲମ୍ବନ କରାଯାଉଛି। ଏହାଦେଖି ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରାଜପଥ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲେ। ରାଜପଥ କର୍ତ୍ତୃପକ୍ଷ ଲୋକଙ୍କୁ ଦେଖା କରିବାକୁ ସମୟ ଦେଇ ଆଲୋଚନା କରିବାରେ ବିଫଳ ହୋଇଥିଲେ। ଏଠାରେ ଏକ ଗଳି ପୋଲ ନିର୍ମାଣ ପାଇଁ ଦାବି କରି ଶତାଧିକ ଦସ୍ତଖତ ସମ୍ବଳିତ ଦାବିପତ୍ର ଯାଜପୁର ଜିଲାପାଳଙ୍କୁ ପ୍ରଦାନ କରୁଛନ୍ତି। ଉକ୍ତ ଦାବିପତ୍ରର ଏକକିତା ନକଲ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ, ରସୁଲପୁର ତହସିଲଦାରଙ୍କୁ ପ୍ରଦାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ନଚେତ ଆସନ୍ତା ୨୦ତାରିଖରେ ଗ୍ରାମବାସୀ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## ରାମେଶ୍ୱର, ହନୁମାନ ମନ୍ଦିରରୁ ଚୋରି

ରସୁଲପୁର,୬।୧(ଡିଏନଏ)

କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡ ଗ୍ରାମରେ ଥିବା ଦୁଇଟି ମନ୍ଦିରରୁ ଶନିବାର ରାତିରେ ଚୋରମାନେ କବାଟ ଭାଙ୍ଗି ବହୁ ମୂଲ୍ୟବାନ ପୂଜା ସାମଗ୍ରୀ ଚୋରି କରିନେଇଛନ୍ତି। ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମେଶ୍ୱର ମନ୍ଦିର ଓ ହନୁମାନ ମନ୍ଦିରରେ ଚୋରମାନେ କଳକନା ବୁଲାଇ ଦେଇଛନ୍ତି। ରାମେଶ୍ୱର ମହାଦେବଙ୍କ ମନ୍ଦିରରୁ ଠାକୁରଙ୍କ ନିତ୍ୟବ୍ୟବହୃତ ବାସନକୁସନ, ପୂଜା ଥାଳି, ଘଣ୍ଟ, ଘଡି ଇତ୍ୟାଦି ନେଇଯିବା ସହ ଅଳ୍ପ କିଛି ଦୂରରେ ଥିବା ହନୁମାନ ମନ୍ଦିରରୁ ପୂଜା ଉପକରଣ ଓ ବାସନକୁସନ ସହ ଅନ୍ୟାନ୍ୟ ଜିନିଷ ଚୋରି ହୋଇଯାଇଛି। ଏ ସମ୍ପର୍କରେ ଖବର ପାଇ କୁଆଖିଆ ପୋଲିସ ପକ୍ଷରୁ ଏସଆଇ ମଧୁମିତା ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରଥମାଖଣ୍ଡି ଗ୍ରାମର ବାବୁଲି ଜେନା(୨୮) ପୋଲିସ ସନ୍ଦେହରେ ଥାନରେ ଅଟକ ରଖି ପଚରା ଉଚୁରା ଜାରି ରଖିଛି ।

# ଗୋଚର ଜମିରେ ପାଚେରି ନିର୍ମାଣ ଅଭିଯୋଗ

ରସୁଲପୁର,୬।୧(ଡିଏନଏ)

ରସୁଲପୁର ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତରେ ନୂଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପାଚେରୀ ନିର୍ମାଣ କାର୍ଯ୍ୟ ଗୋଚର ଜମିରେ ଚାଲୁଛି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ରସୁଲପୁର ତହସିଲଦାରଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ଅଭିଯାଗ ଆଧାରରେ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳ ପରିଦର୍ଶନ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ପଞ୍ଚାୟତସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରୀ ନିର୍ମାଣ କାର୍ଯ୍ୟ ନିମନ୍ତେ କୋରେଇ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ୩.୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ପାଚେରୀ ନିର୍ମାଣ କାର୍ଯ୍ୟ ଖାତା ନଂ-୪୪୮, ପ୍ଲଟ ନଂ-୨୩୪ରେ ଜମି ଉପରେ କରାଯାଉଛି। ଯାହାକି ଗୋଚର କିସମ ଅଟେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ପାଚରୀ ନିର୍ମାଣ ଦ୍ୱାରା ଗ୍ରାମରେ ଥିବା ଏକମାତ୍ର ଗୋରୁଗାଈ ଚାରଣ ଭୂଇଁ ଅବରୋଧ ହୋଇଯାଉଛି। ଏଥି ସହ ଗାଁ ଗଣ୍ଡାରୁ ବହି ଆସୁଥିବା ବର୍ଷାଜଳ ପ୍ରବାହ ବନ୍ଦ ହୋଇଯିବ । ଫଳରେ ଗ୍ରାମବାସୀଙ୍କୁ ଦୁଷିତ ଜଳ ପ୍ରଭାବିତ କରିବା ସହ ଅକଥନୀୟ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ବୋଲି ତହସିଲଦାର ସରୋଜ କୁମାର ପଣ୍ଡାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାଛଡା କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଠିକାଦାର ନିର୍ମାଣ କାର୍ଯ୍ୟକୁ ସରକାରୀ ଆକଳନ ଅନୁଯାୟୀ କରୁ ନାହାନ୍ତି କିମ୍ବା ସୂଚନାହ ଫଳକ ମଧ୍ୟ ଲଗାଇ ନାହାନ୍ତି। ଏହାକୁ ତଦାରଖ ଅଧିକାରୀ ଅଣଦେଖା କରଥିବାରୁ ଠିକାଦାର ମନୋମୁଖୀ କାର୍ଯ୍ୟ କରି ଅର୍ଥ ହଡପ ସମୁଧା କରୁଥିବା ଅଭିଯୋଗ ଉଠିଛି । ଏ ଦିଗରେ ତହସିଲଦାର ପଣ୍ଡାଙ୍କୁ ପଚାରିବାରୁ, ସେ ଅଭିଯୋଗ ପାଇବା ମାତ୍ରେ ପହଁଗା ରାଜସ୍ୱ ସର୍କଲ ନିରୀକ୍ଷକଙ୍କୁ ପଠାଇ ଘଟଣାର ତଦନ୍ତ କରି କାର୍ଯ୍ୟ ବନ୍ଦ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଠିକାଦାର ତହସିଲଦାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ତେଣୁ ତହସିଲ ପକ୍ଷରୁ ଏ ନେଇ ସ୍ଥାନୀୟ ସରପଞ୍ଚ ଓ କୁଆଖିଆ ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଯାଇଛି ବୋଲି କହିଛନ୍ତି।



ଗୋଚର ଜମିରେ ପାଚେରି ନିର୍ମାଣ କରାଯାଉଛି।

# କାଳିଆ ପାଇଁ ବାଟବଣା ଚାଷୀ

**ନାଉଗାଁ, ୬ା୧(ସ୍ୱ.ପ୍ର)**

■ସଚେତନତା ଅଭାବରୁ ହଇରାଣ ହେଉଛନ୍ତି ଲୋକେ

■ପଞ୍ଚାୟତ ଅଫିସରୁ ନିରାଶ ହୋଇ ଫେରୁଛନ୍ତି

ରାଜ୍ୟ ସରକାର ସମସ୍ତ କ୍ଷୁଦ୍ର, ନାମମାତ୍ର, ଭୂମିହୀନ, ଭାଗଚାଷୀ, କୃଷି ଶ୍ରମିକଙ୍କ ବିକାଶ ପାଇଁ ନୂତନ ଭାବେ କାଳିଆ ଯୋଜନା କରିଛନ୍ତି। ଏହି ଯୋଜନାରେ କେଉଁମାନେ ସୁଫଳ ପାଇବେ ତାହାର ଏକ ତାଲିକା କରାଯାଇଛି। ଯେଉଁ ଚାଷୀଙ୍କ ନାମ ଏହି ତାଲିକାରେ ନାହିଁ, ସେମାନେ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ଦ୍ଦିଷ୍ଟ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସହ ଆବେଦନ କରିପାରିବେ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମ ପର୍ଯ୍ୟାୟରେ ଯେଉଁ ତାଲିକା ପ୍ରକାଶ ପାଇଛି, ତାହା କେଉଁ ଆଧାରରେ ହୋଇଛି ତାହା ଜାଣିହେଉନାହିଁ। ସମବାୟ ସମିତିରେ ଚାଷୀଙ୍କ ତାଲିକା ସହିତ କୃଷି ବିଭାଗର ତାଲିକାର ତାଳମେଳ ରହୁନାହିଁ ବୋଲି ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷେ ସରକାରଙ୍କ ଏହି ଯୋଜନାରେ ଚାଷୀଙ୍କୁ ୨୫ ହଜାର, ଭୂମିହିନଙ୍କୁ ୧୨ ହଜାର ୫ ଶହ, ବୃଦ୍ଧଙ୍କୁ ୧୦ ହଜାର, ଜୀବନ ବୀମା ପାଇଁ ୨ ଲକ୍ଷ ଓ ଫସଲ ଋଣ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିବାର ବ୍ୟବସ୍ଥା ହୋଇଛି। ଏସବୁ ସହାୟତା ପାଇଁ ଯେଉଁ ଚାଷୀଙ୍କ ନାମ ତାଲିକାରେ ଆସିନାହିଁ, ସେମାନେ ଜାନୁୟାରୀ ୧୦ ମଧ୍ୟରେ ଆବେଦନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ଯୋଜନାକୁ ନେଇ ଅନେକ ଚାଷୀ ବାଟବଣା ହେଲେଣି। ଯେଉଁଠି ଜମି ବାପା କିମ୍ବା ଅନ୍ୟ କାହା ନାମରେ ରହିଛି, ସେଠାରେ ଆବେଦନକାରୀ କ'ଣ କରିବେ ବୁଝିପାରୁନାହାନ୍ତି। ସେମାନେ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ ବୋଲି କେହି ଅଧିକାରୀ କହୁଥିବାବେଳେ ଆଉ କେହି କହୁଛନ୍ତି ପର୍ଯ୍ୟାୟ କ୍ରମେ ଆବେଦନ କରିବାକୁ ପଡିବ। ଏଭଳି କହି ସେମାନେ ଚାଷୀଙ୍କୁ ଫର୍ମ ଦେଉନାହାନ୍ତି। ବର୍ତ୍ତମାନ ଧାନ ଅମଳ ଓ ରବି ଚାଷ କରିବାର ସମୟ। ତେଣୁ ଅନେକ ଚାଷୀ କାମଦାମ ଛାଡି ପଞ୍ଚାୟତ କାର୍ଯ୍ୟାଳୟରେ ଧାଡ଼ି ବାନ୍ଧୁଛନ୍ତି। କିନ୍ତୁ ଫର୍ମ ମିଳୁ ନ ଥିବାରୁ ସେମାନେ ନିରାଶ ହୋଇ ଫେରୁଛନ୍ତି ବୋଲି କହିଛନ୍ତି ଚାଷୀ ସୁଶାନ୍ତ ମହାନ୍ତି, ପ୍ରତାପ ମହାନ୍ତି, ଗୋପାଳ ଜେନା, ଲୋଚନ ସ୍ୱାଇଁ, ହେମନ୍ତ ସ୍ୱାଇଁ, ଜଗନ୍ନାଥ ସ୍ୱାଇଁ, ଜିତେନ୍ଦ୍ର ମହାନ୍ତି ପ୍ରମୁଖ। ଏହି ଯୋଜନା ବିଷୟରେ ଚାଷୀଙ୍କୁ ସଚେତନ କରିବା, ଆବଶ୍ୟକ ପ୍ରମାଣପତ୍ର ଓ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବୁଝାଇବାକୁ ସେମାନେ ଦାବି କରିଛନ୍ତି। ଏହା ହେଉ ନ ଥିବାରୁ ଚାଷୀମାନେ ବାରମ୍ବାର କାମ ଛାଡି ପଞ୍ଚାୟତ ଅଫିସକୁ ଦୌଡ଼ି ନିରାଶ ହେଉଛନ୍ତି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ସହ ସଂଯୋଜକ ଅଶୋକ ସ୍ୱାଇଁ ପ୍ରକାଶ କରିଛନ୍ତି। ଏ ବିଷୟରେ ବ୍ଲକ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ପଚାରିବାରେ ସେ କହିଲେ ଯେ, ଚାଷୀମାନେ ୩ଟି ପର୍ଯ୍ୟାୟରେ ଆବେଦନ କରିବେ। ସେଥିପାଇଁ ଭିନ୍ନ ଫର୍ମ ପଞ୍ଚାୟତ କାର୍ଯ୍ୟାଳୟରେ ମିଳୁଛି।

## ସଂକ୍ଷେପରେ

### ମହ୍ଲାସାହିରେ ଧାନମଣ୍ଡି ଉଦ୍‌ଘାଟିତ

**କୁଜଙ୍ଗ,୬ା୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ମହ୍ଲାସାହି ସେବା ସମବାୟ ସମିତ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମବାୟ ସମିତି ସଭାନେତ୍ରୀ ଶୁଭାଷିନୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ସିସିବିର ଉପସଭାନେତ୍ରୀ ଗୀତାରାଣୀ ନାୟକ, କୁଜଙ୍ଗ ସିସିବି ଶାଖା ପରିଚାଳକ ସୁଜିତ କୁମାର ଦାସ, ସମ୍ପାଦକ ଶତ୍ରୁଘ୍ନ ବାରିକ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ବୋର୍ଡ ସଭ୍ୟ ଶ୍ରୀଚରଣ ବିଶ୍ୱାଳ, ହରେକୃଷ୍ଣ ସେଠୀ, ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ନବ ନିର୍ମାଣ କୃଷକ ସଂଗଠନ ବୈଠକ

**ବାଲିକୁଦା,୬ା୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ବଡ଼ଗାଁ ପଞ୍ଚାୟତ ନୂଆଗାଁସ୍ଥିତ ମା' କରକେଇଙ୍କ ପୀଠରେ ନବ ନିର୍ମାଣ କୃଷକ ସଂଗଠନର ମାସିକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଧର୍ମାନନ୍ଦ ଖଣ୍ଡୁଆଳ ଅଧ୍ୟକ୍ଷତା କରିଥିଲେ। ବ୍ଲକ ସଂଯୋଜକ ରଘୁନାଥ ନାୟକ ବିବରଣୀ ପାଠ କରିବା ସହ ଆସନ୍ତା ୮ ତାରିଖରେ ସଙ୍ଗଠନର ନିଷ୍ପତ୍ତି କ୍ରମେ ରାଜ୍ୟପାଳଙ୍କ ଭବନ ସମ୍ମୁଖରେ ଦିଆଯିବାକୁ ଥିବା ଧାରଣା ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବ୍ରହ୍ମାନନ୍ଦ ମହାନ୍ତି, ମିଟୁ ଦାସ, ବୈକୁଣ୍ଠ ବିଶ୍ୱାଳ, ଅଶୋକ ସ୍ୱାଇଁ, ଜୟପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ ଦିବ୍ୟାଶ୍ରୀଙ୍କ କୃତିତ୍ୱ



**ନାଉଗାଁ,୬ା୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ମୁଖ୍ୟ ପ୍ରାଧାପକ ଦୁର୍ଗାଚରଣ ମଲ୍ଲିକଙ୍କ କନ୍ୟା ସୁଶ୍ରୀ ଦିବ୍ୟାଶ୍ରୀ ମଲ୍ଲିକ ୨୦୧୭-୧୮ ବର୍ଷର ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଛନ୍ତି। ଏଥିରେ ସେ ୪୧ତମ ର୍‍ୟାଙ୍କରେ ଅଛନ୍ତି। ଜଣେ ମେଧାବୀ ଛାତ୍ରୀ ଭାବେ ସେ ଜଗତ୍‌ସିଂହପୁର ଜିଲା ତରିକୁନ୍ଦ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ, ବିଜେବି ଜୁନିୟର ମହାବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନ, ବୁର୍ଲା ଇଞ୍ଜିନିୟରିଂ ବିଶ୍ୱ ବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଏହି ପରୀକ୍ଷା ପ୍ରଥମ ଥର ପାଇଁ ଦେଇଥିଲେ। ନିଜ ସଫଳତାର ଶ୍ରେୟ ସେ ମାତାପିତା, ଶିକ୍ଷୟିତ୍ରୀ ଶିକ୍ଷକ ଓ ଗୁରୁଜନଙ୍କୁ ଦେଇଛନ୍ତି। ଦିବ୍ୟାଶ୍ରୀଙ୍କ ଘର ବାଲିକୁଦା ବ୍ଲକ ଗୋଗଳ ଗ୍ରାମରେ। ତାଙ୍କ ମା'ରଘୁନାଥପୁର ବ୍ଲକ ସାନ ତିହଡ଼ା ଉପ୍ରା ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି।

# ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା



ଛାତ୍ରୀମାନେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ଅବସରରେ ହାତରେ ଶାଢ଼ି ଡ୍ରିଲ୍ ପ୍ରଦର୍ଶନ କରୁଛନ୍ତି।

**ବାଲିଆ, ୬ା୧**

ଜଗତ୍‌ସିଂହପୁର ଶିକ୍ଷା ଜିଲା ଅଧୀନ ନାନପୁରସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ୬୯ତମ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଏସଏମସିର ସଭାପତି ରଶ୍ମିରଞ୍ଜନ ସାହୁ ମୁଖ୍ୟଅତିଥି, ପୂର୍ବତନ ସଂସ୍କୃତ ଶିକ୍ଷକ ବିକଳିଚରଣ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୨ ହାତ ଶାଢି ଡ୍ରିଲ, ଏରୋବିକ ନୃତ୍ୟ ଓ ମନୁଷ୍ୟ ପିରାମିଡ୍ କଳା ପ୍ରଦର୍ଶନ କରାଯାଇଥିଲା। କ୍ରୀଡ଼ା ଶିକ୍ଷୟିତ୍ରୀ ଯୋଗମାୟା ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଜ୍ଞାନ ଶିକ୍ଷକ ବିସ୍ୱମ୍ବର ରାଉତ, ଶିକ୍ଷୟିତ୍ରୀ ବନଲତା ପଟ୍ଟନାୟକ, ସୁପ୍ରଭା ମଲ୍ଲ, ସନ୍ଧ୍ୟାରାଣୀ ସ୍ୱାଇଁ, ପ୍ରଭାସିନୀ ସୂତାର, ସୁସ୍ମିତା ଦାଶ, ମଧୁମାଳା ମିଶ୍ର, କୁଞ୍ଜଲତା ପତି, ସଙ୍ଗୀତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଶନିବାର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଥିଲା। ବୋଧପୁର ସରପଞ୍ଚ ସନ୍ଧ୍ୟାରାଣୀ ବେହେରା ମୁଖ୍ୟଅତିଥି, ପୂର୍ବତନ ସଂସ୍କୃତ ଶିକ୍ଷକ ବିକଳି ଚରଣ କର ମୁଖ୍ୟବକ୍ତା, ଏସ୍‌ଏମସି ସଭାପତି ରଶ୍ମିରଞ୍ଜନ ସାହୁ, ପୂର୍ବତନ ହିନ୍ଦୀ ଶିକ୍ଷକ ଧରଣୀଧର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୀଡ଼ାରେ ସିନିୟର ବାଳକ ବିଭାଗରେ ସୁରେଶ କୁମାର ମହାନ୍ତି, ବାଳିକାରେ ଶୁଭଶ୍ରୀ ବସ୍ତିଆ, ଜୁନିୟର ବାଳକ ବିଭାଗରେ ଆନନ୍ଦ ମାହାଳି, ବାଳିକାରେ ଇପ୍‌ସିତା ପ୍ରିୟଦର୍ଶିନୀ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଯୁବ ଆଇନଜୀବୀଙ୍କ ପରଲୋକ

**କୁଜଙ୍ଗ,୬ା୧(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ପଙ୍କପାଳର ଯୁବ ଆଇନଜୀବୀ ଶ୍ୟାମାପ୍ରସାଦ ମିଶ୍ର(୪୫)ଙ୍କ ଶନିବାର ଦେହାନ୍ତ ଘଟିଛି। ୨୦୧୫ ନଭେମ୍ବର ୧୨ରେ କୁଜଙ୍ଗ କୋର୍ଟରୁ ଘରକୁ ଫେରୁଥିବା ବେଳେ ସେ କଟକ-ପାରାଦୀପ ରାସ୍ତାର ଜଗନ୍ନାଥପୁରଠାରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ସେବେଠାରୁ ଦୀର୍ଘଦିନ କୋମାରେ ରହିବା ପରେ ଶଯ୍ୟାସାୟୀ ଥିଲେ। ତାଙ୍କ ପରଲୋକରେ କୁଜଙ୍ଗ କୋର୍ଟ ଓକିଲ ସଂଘ ସଭାଗୃହରେ ଏକ ଶୋକସଭା ହୋଇଛି। ଏଥିରେ ସଂଘ ସଭାପତି ଏ.ଏନ୍.ଡି. ଯାଦବ ଅଧ୍ୟକ୍ଷତା କରିଥିଲେ। ସବ୍‌ଜଜ୍ ଅଭିଳାଷ ସେନାପତି, ସିଭିଲଜଜ୍ ଅମିତାଭ ପଣ୍ଡା, ଜେଏମ୍‌ଏଫ୍‌ସି ମାମି ବେହେରା ପ୍ରମୁଖ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ। ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ସୁଶାନ୍ତ କୁମାର ପଟ୍ଟନାୟକ, ଭାରତ ଭୂଷଣ ଦାସ, ଉପସଭାପତି ଦାମୋଦର ସ୍ୱାଇଁ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ଦାସ, ମାନସ ରାଉତ, ନୃସିଂହ ପ୍ରଧାନ, ଚୈତନ୍ୟ ମହାପାତ୍ର, ଅମୃତ ଦାସ, ଅର୍ଜୁନ ନାୟକ, ଗତିକୃଷ୍ଣ ଶତପଥୀ, ବୈଷ୍ଣବ ଦାସ, ମାନସ ନାୟକ,ବିଶାଖା ସାମଲ, ଜ୍ୟୋତିର୍ମୟୀ ମିଶ୍ର, ନମିତା ମହାନ୍ତି, ନିକି ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ କଳାକାରଙ୍କ ବିୟୋଗରେ ଶୋକ

**ନାଉଗାଁ, ୬ା୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଡାବର ପଞ୍ଚାୟତ ଦେଓପଡ଼ା ଗ୍ରାମର ବରିଷ୍ଠ ନାଟ୍ୟକାର, ଲେଖକ ତଥା ସାମାଜିକ କର୍ମୀ ହୃଦାନନ୍ଦ ରାୟ (୭୨)ଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ହୃଦ୍‌ରୋଗରେ ପୀଡିତ ହୋଇ ସେ କିଛିଦିନ ହେଲା କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠ ପୁତ୍ର ଅଜିତ ରାୟ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବରପାଇ ଯାତ୍ରା ତାରକା ମିହିର ମହାନ୍ତି, ଚଳଚ୍ଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।

# ବାତିଲ ହେଲା ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟା

**ପାରାଦୀପ, ୬ା୧(ଡି.ଏନ.ଏ.)**

**ପାରାଦୀପ କଲେଜ**

ପାରାଦୀପ କଲେଜରେ ଗତବର୍ଷ ଅକ୍ଟୋବର ମାସରେ ହୋଇଥିବା ନୂତନ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଶୁକ୍ରବାର ବାତିଲ ହୋଇଯାଇଛି। ୧୧ ପଦବୀ ପାଇଁ ପୁଣି ଥରେ ଇଣ୍ଟର୍ଭ୍ୟୁ ହେବ ବୋଲି ଶୁକ୍ରବାର ଗଭର୍ଣ୍ଣିଂ ବଡି ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ନିଯୁକ୍ତି ପ୍ରକ୍ରିୟା ସନ୍ତୋଷଜନକ ନୁହେଁ ବୋଲି ଗଭର୍ଣ୍ଣିଂ ବଡି ସଭାପତି ତଥା ପାରାଦୀପ ବିଧାୟକ ଦାମୋଦର ରାଉତ ପ୍ରକାଶ କରିଛନ୍ତି। ଏପରି ନିଯୁକ୍ତି ପ୍ରକ୍ରିୟା ବାତିଲ ହେବା ପରେ ଇଣ୍ଟର୍ଭ୍ୟୁରେ ଚୟନ ହୋଇଥିବା ପ୍ରାର୍ଥୀ ନିରାଶ ହୋଇଛନ୍ତି। ଏତଦ୍‌ବ୍ୟତୀତ ନିଯୁକ୍ତି ପାଇଁ ବିଜ୍ଞପ୍ତିଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ଷେତ୍ରରେ ଖର୍ଚ୍ଚ ହୋଇଥିବା ଅର୍ଥ ବରବାଦ ହୋଇଛି। ସୂଚନାଯୋଗ୍ୟ, କଲେଜର ଇଂଲିଶ, ଇତିହାସ, ଅର୍ଥନୀତି, ବଟାନୀ ବିଭାଗ ଅଧ୍ୟାପକ, ୩ ଲ୍ୟାବ୍ ଆସିଷ୍ଟାଣ୍ଟ, ଜଣେ ଆଟେଣ୍ଡାଣ୍ଟ, ୨ ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀରେ ନିଯୁକ୍ତି ପାଇଁ ଗତବର୍ଷ ଅକ୍ଟୋବର ୨୩ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୮ରେ ଇଣ୍ଟର୍ଭ୍ୟୁ ହୋଇଥିଲା। ଚୟନ ପ୍ରକ୍ରିୟା ଶେଷ ହେବା ପରେ ସେ ସ୍ୱିକୃତୀ ପାଇଁ ତତ୍କାଳୀନ କଲେଜ ଅଧ୍ୟକ୍ଷ ଗଭର୍ଣ୍ଣିଂ ବଡିସଭାପତିଦାମଙ୍କ ଅନୁମୋଦନ ପାଇଁ ପଠାଇଥିଲେ। ସେତେବେଳେ ଦାମ ଉକ୍ତ ଫାଇଲ ଫେରାଇ ଦେବା ସହ ପରବର୍ତ୍ତୀ ବୈଠକରେ ଆଲୋଚନା ପରେ ଫାଇନାଲ୍ ହେବ ବୋଲି କହିଥିଲେ। ଶୁକ୍ରବାର ଅପରାହ୍ନରେ ବୈଠକ ବସିଥିଲା। ଏଥିରେ ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିଦିଆଯାଇଥିଲା।



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉପକୃତ ଶତ୍ରୁଦ୍ୱାରା ଶତ୍ରୁକୁ ଉଦ୍ଧାରି**
**ପାଦକୁ କଣ୍ଟାରେ କଣ୍ଟା କାଢ଼ି ଦେଲା ପରି**
**ସଂସାରେ କେହି କାହାର ନୁହେଁ ଶତ୍ରୁମିତ୍ର**
**ଶତ୍ରୁ ମିତ୍ର କାର୍ଯ୍ୟ ହେତୁ ହୁଅନ୍ତି ଚିହ୍ନିତ ।**

କଣ୍ଟାକୁ କଣ୍ଟାରେ କାଢ଼ିଲା ପରି ଉପକୃତ ଶତ୍ରୁ ଦ୍ୱାରା ଶତ୍ରୁ ସହ ମୁକାବିଲା କରିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ସଂସାରରେ କେହି କାହାର ଜନ୍ମରୁ ଶତ୍ରୁ କି ମିତ୍ର ହୋଇ ନ ଥାନ୍ତି। କାର୍ଯ୍ୟ କରିବାର ଧାରା ବା ଶୈଳୀ ଦ୍ୱାରା ବ୍ୟକ୍ତି ନିଜର ପରିଚୟ ସୃଷ୍ଟି କରିବା ସହ ଶତ୍ରୁ କି ମିତ୍ର ରୂପେ ବିବେଚିତ ହେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ପଡ଼ିଲା ଖଇଞ୍ଚ**
**କିଏ ସେ କହେ ଖାଇଯାଇଛି**
**ମୁହଁଟା ଫୁଲାଇ ଦେଇଛି ।**

କେତେକ ବ୍ୟକ୍ତି ସଦାବେଳେ ମୁହଁଟାକୁ ଓହଳେଇ ବସିଥାନ୍ତି। ସତେ ଯେମିତି ତାଙ୍କର କିଏ କ'ଣ ଖାଇଯାଇଛି କି ନେଇଯାଇଛି। ତୁଚ୍ଛାକଥା ଶୁଣି ମୁହଁ ଫୁଲେଇଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ଫ୍ଲୋରାଇଡ୍ ନିର୍ଗତ ଯୋଗୁ ଗଛ ପୋଡ଼ିବା ଘଟଣା
# ପୁନରାବୃତ୍ତି ହେବ ନାହିଁ: ପିପିଏଲ

**ପାରାଦୀପ,୬ା୧(ଡି.ଏନ.ଏ.)**

ପାରାଦୀପ ଫସଫେଟ୍‌ସ ଲିମିଟେଡ୍ (ପିପିଏଲ୍) କାରଖାନାରୁ ଫ୍ଲୋରାଇଡ୍ ଗ୍ୟାସ୍ ନିର୍ଗତ ହେବା ଘଟଣାରେ ଗତ ଡିସେମ୍ବର ୧୨ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଗତ ୨୭ ତାରିଖରେ କମ୍ପାନୀ ଏହାର ଜବାବ ରଖିଛି। ଏଥିରେ କମ୍ପାନୀ କର୍ତ୍ତୃପକ୍ଷ ଘଟଣାର ପୁନରାବୃତ୍ତି ହେବ ନାହିଁ ବୋଲି କହିବା ସହ ବିଭିନ୍ନ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ବର୍ଷ ଅଗଷ୍ଟ ୮ରେ ଫ୍ଲୋରାଇଡ୍ ଗ୍ୟାସ୍ ନିର୍ଗତ ହୋଇ କାରଖାନା ନିକଟସ୍ଥ ଗଛର ପତ୍ର ପୋଡ଼ିଯାଇଥିଲା। ଏ ସମ୍ପର୍କରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପିପିଏଲକୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନୋଟିସ୍‌ରେ ପୋଡ଼ିଯାଇଥିବା ଗଛର କ୍ଷତିପୂରଣ, ପାଇପ ଲାଇନ ପରିବର୍ତ୍ତନ କରିବା, ଫ୍ଲୋରାଇଡ୍ ଗ୍ୟାସ୍ ଜଏଣ୍ଟ ସ୍ଥଳ ନବୀକରଣ କରିବାକୁ କୁହାଯାଇଥିଲା। ତେବେ ପୋଡିଥିବା ଗଛର କ୍ଷତିପୂରଣ ଦାବିଦାର କେହି ନ ଥିବାରୁ ତାହା ଦିଆଯାଇନାହିଁ ବୋଲି କମ୍ପାନୀ ପକ୍ଷରୁ ଦର୍ଶାଯାଇଛି।

## ବାବା ବୁଦ୍ଧଦେବଙ୍କ ଜନ୍ମ ଉତ୍ସବ

**ନାଉଗାଁ, ୬ା୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗାରୋଇସ୍ଥିତ ଗୋବର୍ଦ୍ଧନ ପୀଠରେ ବାବା ବୁଦ୍ଧଦେବ ଦାସଙ୍କ ଜନ୍ମୋତ୍ସବ ଓ ବକୁଳ ଅମାବାସ୍ୟା ପାଳିତ ହୋଇଛି। ପଦ୍ମ ଭୂଷଣ ଡଃ ଦେବୀ ପ୍ରସାଦ ପଟ୍ଟନାୟକ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ହର ପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାବାଙ୍କ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୧୮ରେ ଜଗତ୍‌ସିଂହପୁର ଜିଲାର ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ଧର୍ମଘଟ ସଫଳ କରିବାକୁ ସିଆଇଟିୟୁର ଆହ୍ୱାନ

**ବାଲିଆ, ୬ା୧**

ଜାନୁୟାରୀ ୮ ଓ ୯ ତାରିଖରେ ଦେଶ ବ୍ୟାପୀ ହେବାକୁ ଥିବା ଧର୍ମଘଟରେ ସମସ୍ତେ ସାମିଲ ହେବାକୁ ସିଆଇଟିୟୁ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ସିଆଇଟିୟୁ ଜଗତ୍‌ସିଂହପୁର ଜିଲା ସଭାପତି ଲୋଭାକାନ୍ତ ସ୍ୱାଇଁ କହିଲେ ଯେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଏହି ଧର୍ମଘଟ ଆହ୍ୱାନ ଦେଇଛନ୍ତି। ମୋଦି ସରକାରଙ୍କ ଜନବିରୋଧି ନୀତି ବିରୋଧରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ବର୍ଷରେ ୨ କୋଟି ବେକାରଙ୍କୁ ନିଯୁକ୍ତି ଦେବା ପାଇଁ ମୋଦି ଯେଉଁ ଘୋଷଣା କରିଥିଲେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏସବୁ ପ୍ରତିବାଦରେ ଆନ୍ଦୋଳନ ହେବ ବୋଲି ସେ କହିଥିଲେ। ସମ୍ମିଳନୀରେ ସିଆଇଟିୟୁର ଜିଲା କୋଷାଧ୍ୟକ୍ଷ ବେଣୁଧର ବାରିକ, ଜିଲା ସହସମ୍ପାଦକ ନଟବର ପଲାଇ, ମିଳିତ ଶୋଷଣ ମୁକ୍ତି ମଞ୍ଚର ଜିଲା ଆବାହକ ଯୁଧିଷ୍ଠିର ଦାସ, ରାମଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଖୋଲୁନାହିଁ ମଣ୍ଡି, ଧାନର ଅଭାବୀ ବିକ୍ରି

**ରଘୁନାଥପୁର, ୬ା୧( ଡି.ଏନ.ଏ.)**

ଜାନୁୟାରୀ ପ୍ରଥମ ସପ୍ତାହ ଶେଷ ହୋଇଥିଲେ ସୁଦ୍ଧା ଅଦ୍ୟାବଧି ରଘୁନାଥପୁର ଅଞ୍ଚଳରେ ଥିବା କୌଣସି ଧାନମଣ୍ଡିରେ କ୍ରୟ ବିକ୍ରୟ କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଫଳରେ ଚାଷୀମାନେ ଧାନର ଅଭାବୀ ବିକ୍ରିର ଶିକାର ହେଉଥିବା ଲକ୍ଷ୍ୟ କରାଯାଉଛି। ସରକାରୀ ମୂଲ୍ୟଠାରୁ ୪ ଶହ ଟଙ୍କା କମ୍‌ରେ ଧାନ କିଣି ବେପାରୀ ମାଲାମାଲ ହେଉଥିବାବେଳେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ମଣ୍ଡି ଖୋଲିବା ପର୍ଯ୍ୟନ୍ତ ଚାଷୀ ଅପେକ୍ଷା ନ କରି ଏତେ ଶୀଘ୍ର ଧାନ ବେପାରୀ ହାତରେ ଟେକି ଦେବା ପଛରେ ଅନେକ କାରଣ ରହିଛି। ଧାନ ରୁଆପୋତା ବେଳେ ଅନେକ ମଧ୍ୟମ ଓ ଭାଗ ଚାଷୀମାନେ ଧାନ ବେପାରୀଙ୍କଠାରୁ ହାତ ଉଧାରି ଆଣିଛନ୍ତି। ପ୍ରାୟ ପ୍ରତି ଗାଁରେ ୨୫ ପ୍ରତିଶତ ଚାଷୀ ଉକ୍ତ ଧାନ ବେପାରୀଙ୍କଠାରୁ ଉଧାର ଆଣିଥାନ୍ତି। ଧାନ ଅମଳ ପରେ ତତ୍‌କ୍ଷଣାତ ଉକ୍ତ ବେପାରୀମାନେ ଚାଷୀଙ୍କ ପାଖକୁ ଆସି ଉଧାର ଟଙ୍କା ବାବଦକୁ ଧାନ ବହୁ କମ୍ ମୂଲ୍ୟରେ ନେଇ ଯାଉଛନ୍ତି। ଏପରି କି ମଣ୍ଡି ଖୋଲିବା ପର୍ଯ୍ୟନ୍ତ ମଧ୍ୟ ଚାଷୀଙ୍କୁ ସମୟ ଦେଉନାହାନ୍ତି। ଅପରପକ୍ଷରେ ଧାନ ଅମଳ ବାବଦ ସମସ୍ତ ଖର୍ଚ୍ଚ ବହନ କରିବାକୁ ଚାଷୀମାନେ ଧାନ ବିକିବାକୁ ବାଧ୍ୟ ହେଉଛନ୍ତି। ଧାନ କଟାକଟି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ, ଉପଯୁକ୍ତ ସମୟରେ ଧାନମଣ୍ଡି ଖୋଲା ନ ଯିବାରୁ ବହୁ ପରିମାଣରେ ମଧ୍ୟମ ଓ ଭାଗ ଚାଷୀମାନେ ଏଭଳି ଭାବେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।। ଅନ୍ୟପକ୍ଷରେ ଅଭାବୀ ବିକ୍ରିର ଶିକାର ହେଉଥିବା ଚାଷୀଙ୍କ ପକ୍ଷରୁ ମଣ୍ଡିରେ କରାଯାଇଥିବା ଅନ୍‌ଲାଇନ ଅବେଦନ ଟୋକନରେ ଉକ୍ତ ବେପାରୀମାନେ ଗଚ୍ଛିତ ରଖିଥିବା ଧାନ ବିକ୍ରି କରି ବେଶ ଲାଭବାନ ହେଉଛନ୍ତି। ଆବଶ୍ୟକ ସମୟରେ ଅର୍ଥ ଯୋଗାଇ ଦେଇ ଚାଷୀଙ୍କ ଚାହିଦା ମେଣ୍ଟି ଯାଉଥିବାରୁ ମାନବିକତା ଦୃଷ୍ଟି କୋଣକୁ ଲକ୍ଷ୍ୟ ରଖି ଉକ୍ତ ବେପାରୀଙ୍କ ପ୍ରତି ସେମାନେ ସମ୍ବେଦନଶୀଳ ହେବାକୁ ବାଧ୍ୟ ହୋଇଥାନ୍ତି ବୋଲି ବହୁ ଚାଷୀ ସ୍ୱୀକାର କରିଛନ୍ତି। ତେବେ ଯଥାଶୀଘ୍ର ମଣ୍ଡି ଖୋଲାଗଲେ ଅନେକ ଚାଷୀ ଅଭାବୀ ବିକ୍ରିରୁ ରକ୍ଷା ପାଇ ଯାଆନ୍ତେ ବୋଲି ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ମତ ପ୍ରକାଶ ପାଇଛି।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବାୟୋ ଗ୍ୟାସ ପ୍ଲାଣ୍ଟ ସମ୍ପର୍କିତ ଆଲୋଚନା ଚକ୍ର



କେନ୍ଦ୍ରାପଡା ଅଫିସ, ୬।୧
କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କମ୍ପ୍ରେସଡ ବାୟୋଗ୍ୟାସ ପ୍ରକଳ୍ପ ନିର୍ମାଣ ସମ୍ପର୍କିତ ଏକ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଥିଲା । ସହରର ଏକ ହୋଟେଲ ପରିସରରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବର୍ଜ୍ୟବସ୍ତୁରୁ ଗ୍ୟାସ ଉତ୍ପନ୍ନ ସମ୍ପର୍କରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଜିଲା ନୋଡାଲ ଅଧିକାରୀ ଜିତାମିତ୍ର ଦୁଆ, ଏଚପିର ଆରଏମ ସୁଶାନ୍ତ ଗୋଏଲ ଓ ଭାନୁପ୍ରତାପ ସାହୁ ପ୍ରମୁଖ ଏଥିରେ ଯୋଗଦେଇ ଏସମ୍ପର୍କରେ ସୂଚନା ଦେଇଥିଲେ । କୃଷିଜାତ ବର୍ଜ୍ୟବସ୍ତୁ, ଗୋବର ଓ ସହରାଞ୍ଚଳ କଠିନ ବର୍ଜ୍ୟ ବସ୍ତୁ ବ୍ୟବହାର କରି ବାୟୋଗ୍ୟାସ ପ୍ରସ୍ତୁତି କରି ଉଦ୍ୟୋଗୀମାନେ ତୈଳ ବିପଣନ କମ୍ପାନୀକୁ ବିକ୍ରୟ କରିବା ପାଇଁ ସେମାନେ ଉତ୍ସାହିତ କରିଥିଲେ । ଏଥିସହିତ ସେମାନେ ଦର୍ଶାଇଥିଲେଯେ, ଏହି ପ୍ଲାଣ୍ଟରୁ ଉଦବୃତ୍ତ ଅଂଶ କ୍ଷେତ ପାଇଁ ଜୈବିକ ସାରର ଆବଶ୍ୟକତା ପୁରଣ କରିବ । ଏହି କାର୍ଯ୍ୟକ୍ରମକୁ ଏଚପିର କର୍ମଚାରୀମାନେ ପରିଚାଳନା କରିଥିଲେ ।

### ସାମାଜିକ କର୍ମୀ ଦାଶରଥିଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ, ୬।୧(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ ଦାଣ୍ଡିସାହି ବ୍ରାହ୍ମଣୀ କଲେଜର ଅନ୍ୟତମ ପ୍ରତିଷ୍ଠାତା ସାମାଜିକ କର୍ମୀ ଦାଶରଥି ପ୍ରଧାନଙ୍କ ବିୟୋଗରେ ସମଗ୍ର ଧୋୟା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶୁକ୍ରବାର ରାତିରେ ତାଙ୍କ ଦାଣ୍ଡିସାହିସ୍ଥିତ ବାସଭବନରେ ୭୮ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ଏହି ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ପ୍ରଧାନଙ୍କ ବିୟୋଗରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ସଭାପତି ନିର୍ମଳ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ରାଜକିଶୋର ବିଶ୍ୱାଳ, ବ୍ରାହ୍ମଣୀ କଲେଜ ଅଧକ୍ଷ ପ୍ରଭାକର ରାଉତ, ଅରବିନ୍ଦ ସ୍କୁଲର ଅଧକ୍ଷା ରଶ୍ମିତା ବିଶ୍ୱାଳ, ଜୟ ହିନ୍ଦ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ବେହେରାଙ୍କ ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ତାଙ୍କ ଶବାଧାରରେ ଡା. ଗୟାଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଧନେଶ୍ୱର ପ୍ରଧାନ, ନୃସିଂହ ବିଶ୍ୱାଳ, କୈଳାସ ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ମାନସ ରଞ୍ଜନ ସାମଲ, ସୁଦର୍ଶନ ବିଶ୍ୱାଳ, ଚିରଞ୍ଜନ ମଲ୍ଲିକ, ପ୍ରେମାନନ୍ଦ ସୂତାର, ରବିନ୍ଦ୍ର ପରିଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ତାଙ୍କ ଶେଷକୃତ୍ୟ ସମ୍ପନ୍ନ ବେଳେ ବଡପୁଅ ସୁବାସ ମୁଖାଗ୍ନି ଦେଇଥିଲେ ।

### ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସଂଯୋଗ ପାଇଛନ୍ତି ୧ଲକ୍ଷ ୧୮ହଜାର ହିତାଧିକାରୀ

**ଡେରାବିଶ, ୬।୧ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗରରେ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଗ୍ୟାସ୍ ବିତରକ ସଂସ୍ଥା ରୋହିଣୀନନ୍ଦନ ଓ ବଳଦେବଜୀଉ ପକ୍ଷରୁ ଇତିମଧ୍ୟରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାର ଜିଲା ନୋଡ଼ାଲ୍ ଅଧିକାରୀ ଜିତାମିତ୍ର ଦତ୍ତ ଯୋଗଦେଇଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୬ରେ ଆରମ୍ଭ ହୋଇଥିବା ଉଜ୍ଜ୍ୱଳା ଯୋଜନା ଏବେ ସଫଳତାର ଶୀର୍ଷରେ ପହଞ୍ଚିଛି ବୋଲି ସେ କହିଥିଲେ । ସେ କହିଥିଲେ, ଦେଶରେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯ ମାର୍ଚ୍ଚ ସୁଦ୍ଧା କେନ୍ଦ୍ରାପଡ଼ା ଜିଲାରେ ୨ଲକ୍ଷ ୫୩ ହଜାର ହିତାଧିକାରୀଙ୍କୁ ବିଭିନ୍ନ ବିତରକ ସଂସ୍ଥା ମାଧ୍ୟମରେ ଗ୍ୟାସ୍ ସଂଯୋଗ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏବେ ସୁଦ୍ଧା ୧ଲକ୍ଷ ୧୮ହଜାର ହିତାଧିକାରୀଙ୍କୁ ସଂଯୋଗ ଦିଆଯାଇଛି । ଏହି ଯୋଜନାରେ ପୂର୍ବରୁ ଚୟନ ହୋଇଥିବା ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ୍ ପ୍ରଦାନ କରାଯାଇଛି । ଏହାଛଡା ଗତ ଡିସେମ୍ବର ୧ରୁ କେନ୍ଦ୍ର ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ରାଶନ କାର୍ଡ଼ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଦତ୍ତ କହିଥିଲେ । ଏହି ସମ୍ମିଳନୀରେ ରୋହିଣୀ ଗ୍ୟାସ୍ ବିତରକ ସଂସ୍ଥାର ମୁଖ୍ୟ ପରିଚାଳକ ବିବେକାନନ୍ଦ ସାହୁ ଓ ବଳଦେବଜୀଉ ଗ୍ୟାସ୍ ବିତରକ ସଂସ୍ଥାର ମୁଖ୍ୟ ବିଭୂତିଭୂଷଣ ଭୂୟାଁ ଉପସ୍ଥିତ ଥିଲେ ।

# ୫୦ ଟଙ୍କା ନ ଦେଲେ ଚାଷୀଙ୍କ ନାମ ପଞ୍ଜୀକୃତ ହେଉନି

ପଟ୍ଟାମୁଣ୍ଡାଇ,୬।୧(ସ୍ୱ.ପ୍ର)

ପ୍ରାଥମିକ କୃଷି ସମବାୟ ସମିତିଗୁଡିକରେ ପୂର୍ବରୁ ଚାଷୀମାନଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ସେଥିରେ ବ୍ୟାପକ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଛି । ବାସ୍ତବରେ କେତେ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଛି , ତାର ସଠିକ ସୂଚନା ନ ମିଳିବାରୁ ରାଜ୍ୟ ସରକାର କୃଷି ବିଭାଗ ଜରିଆରେ ବିନା ଶୁଳ୍କରେ ଚାଷୀମାନଙ୍କ ନାମ ପଞ୍ଜୀକୃତ ପାଇଁ ବିଜ୍ଞପ୍ତି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ପଟ୍ଟାମୁଣ୍ଡାଇ ବ୍ଲକ କୃଷି ବିଭାଗରେ ଚାଷୀମାନଙ୍କ ନାମ ପଞ୍ଜୀକୃତ କରାଯାଉଛି । କିନ୍ତୁ ପଟ୍ଟାମୁଣ୍ଡାଇ ବ୍ଲକ କୃଷି ସୂଚନା କେନ୍ଦ୍ରରେ ଚାଷୀମାନେ ସେମାନଙ୍କ ନାମ ପଞ୍ଜୀକୃତ କରିବାକୁ ଯାଉଥିବା ବେଳେ ୫୦ଟଙ୍କା ନ ଦେଲେ ନାମ ପଞ୍ଜୀକରଣ ହୋଇ ପାରିବ ନାହିଁ ବୋଲି କର୍ମଚାରୀମାନେ କହୁଛନ୍ତି । ଚାଷୀମାନେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ତାହା କେହି ଶୁଣୁ ନାହାନ୍ତି ବୋଲି ବିଲିକଣା ପଞ୍ଚାୟତ ଗରା ଗ୍ରାମର ଅଶୋକ କୁମାର ଦାଶ, ଗୟାଧର ପ୍ରଧାନ, ହିମାଂଶୁ ଶେଖର ରଥ, ବିଲିକଣା ଗ୍ରାମର ରବିନ୍ଦ୍ର ପରିଡା, ବନମାଳୀ ପରିଡା, ତେରୋହୀ ଗ୍ରାମର ଶୁକଦେବ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି । ନିକଟରେ ଅଫିସକୁ କେନ୍ଦ୍ରାପଡା ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ଏସ.କେ. ଏହେସାନ ପରିଦର୍ଶନରେ ଆସିଥିଲେ । ତାଙ୍କ ନିକଟରେ ଚାଷୀମାନେ ସୂଚନା କେନ୍ଦ୍ରରେ ନାମ ପଞ୍ଜୀକୃତ କରୁଥିବା କର୍ମଚାରୀମାନେ ୫୦ଟଙ୍କା ମାଗୁଥିବା ନେଇ ଅଭିଯୋଗ କରିଥିଲେ । ଚାଷୀମାନଙ୍କ ନାମ ପଞ୍ଜୀକୃତ ମାଗଣାରେ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ କାହିଁକି ଟଙ୍କା ମଗାଯାଉଛି ବୋଲି କହି ସେ ସଂପୃକ୍ତ କର୍ମଚାରୀମାନଙ୍କୁ ତାଗିଦ୍ କରି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଚାଷୀମାନଙ୍କୁ ଟଙ୍କା ମାଗିବା ସଂପୂର୍ଣ୍ଣ ବନ୍ଦ ହୋଇନାହିଁ । ଏଥିନେଇ ବ୍ଲକ ସହକାରୀ କୃଷି ଅଧିକାରୀ ଭଦ୍ର ନାରାୟଣ ଦାସଙ୍କୁ ପଚାରିବାରେ ଏଭଳି ହେବ ନାହିଁ ବୋଲି କହିଥିଲେ । ସରକାର ଚାଷୀମାନଙ୍କ ସୁବିଧା ପାଇଁ ଯେଉଁସବୁ ଯୋଜନା କରୁଛନ୍ତି ତାହା ତୃଣମୂଳ ସ୍ତରରେ ସୂଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ଅଙ୍ଗୁଲାଇ କପ୍ କ୍ରିକେଟ: ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

ମାର୍ଶାଘାଇ,୬।୧ (ଡ଼ିଏନ୍ଏ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଲାଇ ହାଇସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ୧୪ତମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ରବିବାର କଟକର ନିମପୁର ସ୍ପୋର୍ଟିଂ କ୍ଲବକୁ ହରାଇ ୟୁନିୟକ ସ୍ପୋର୍ଟିଂ କ୍ଲବ କଟକ ପ୍ରଥମ ଦଳଭାବେ ଫାଇନାଲକୁ ଉନ୍ନୀତ ହୋଇଛି । ପ୍ରଥମେ ବ୍ୟାଟିଂ ନିମପୁର ୧୭.୩ ଓଭରରେ ତାର ସମସ୍ତ ଉଇକେଟ ହରାଇ ୭୦ ରନ୍ କରିଥିଲା । ଜବାବରେ ୟୁନିୟନ ସ୍ପୋର୍ଟିଂ ୨୦ .୩ ଓଭରରେ ୮ଉଇକେଟ ହରାଇ ବିଜୟ ପାଇଁ ଆବଶ୍ୟକ ୭୧ ରନ୍ ସଗ୍ରହ କରିନେଇଥିଲା । ଏହି ବିଜୟ ଫଳରେ ପ୍ରଥମ ଦଳ ଭାବରେ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି । ରବିବାର ମ୍ୟାଚରେ ୟୁନିୟନ ସ୍ପୋର୍ଟିଂ ଅଧିନାୟକ ମହମ୍ମଦ ଆକ୍ରମ ୫ ଓଭରରେ ୯ ରନ ବିନିମୟରେ ୪ ଗୋଟି ଉଇକେଟ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ ।

■ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## କଟକ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

କେନ୍ଦ୍ରାପଡା ଅଫିସ, ୬।୧



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ ।

ସହରର କେନ୍ଦ୍ରାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଅବଦୁଲ କରିମ୍ ଖାନ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ୮ଟି ଟିମ୍ ମଧ୍ୟରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି । ସ୍ପୋର୍ଟ୍ସ ହଷ୍ଟେଲ ଓ ଭୁବନେଶ୍ୱରର କିଶୋର କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳି ବିକାଶ ପଡ଼ିଆରୀଙ୍କ ଗୋଟିଏ ଗୋଲ ଦଳକୁ ବିଜୟୀ କରିଥିଲା । ଅରୁଣ ନାୟକ, ପବିନ ବେହେରା, ସୁରେନ୍ଦ୍ର ବେହେରା, ଯୁଧିଷ୍ଠିର ଲେଙ୍କା ମ୍ୟାଚ ରେଫରି ଭାବେ କାର୍ଯ୍ୟ କରିଥିଲେ । ଆୟୋଜକ ଫକିରାବାଦସ୍ଥିତ ଆଜାଦ ସ୍ପୋର୍ଟିଂ କ୍ଲବ ସଭାପତି ଲିୟାକତ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପୂର୍ବତନ ଭାରତୀୟ ଫୁଟବଲ ଦଳର ଅଧିନାୟକ ରାଜେନ୍ଦ୍ର ପ୍ରସାଦ ସିଂ, ଡା. ସମୀ ସଲିମ, କ୍ଲବ ସମ୍ପାଦକ ସେକ୍ ସାହାବୁଲ୍ଲା, ମହମ୍ମଦ ସଲିମ ଖାନ, ଜିଲା କ୍ରୀଡ଼ା ସମ୍ପାଦକ ସୟଦ ଅକମଲ ଅଲ୍ଲୀ, କ୍ରୀଡ଼ା ପ୍ରଶିକ୍ଷକ ଜ୍ୟୋତିର୍ମୟ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଟ୍ରଫି ପ୍ରଦାନ ସହ ବିକାଶ ପଡ଼ିଆରୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ, ଫ୍ରାଞ୍ଚାଇଜ ଲାକ୍ରାଙ୍କୁ ମ୍ୟାନ୍ ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ଆଜାଦ କ୍ଲବର ମୀର ବକାଉଲ୍ଲା, ସେକ୍ ଅକ୍ତର, ଅନିସୁର୍ ରହେମାନ, ଜୁମା ଖାନ୍, ଟିଙ୍କା ଖାନ, ମୀର ସଲିମ ପ୍ରମୁଖ ପରିଚାଳନା କରିଥିଲେ ।

## ଚୋରାଗାଡି ଛାଡି ଦୁର୍ବୃତ୍ତ ଛୁ ମାରିଲେ

ରାଜନଗର, ୬।୧(ଡିଏନଏ)

ରାଜନଗର ବ୍ଲକର ଚକ୍ରଧରପୁରସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ବିଳମ୍ବିତ ରାତ୍ରିରେ ୨ଜଣ ଦୁର୍ବୃତ୍ତ ଗୋଟିଏ ନମ୍ବର ବିହୀନ ମୋଟର ସାଇକେଲ ଛାଡି ପଳାଇଛନ୍ତି । ରବିବାର ପୂର୍ବାହ୍ନ ୧୦ଟା ଯାଏଁ ଗାଡି ନେବା ପାଇଁ କେହି ନ ଆସିବାରୁ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରଙ୍କ ପକ୍ଷରୁ ଗାଡିକୁ ରାଜନଗର ପୋଲିସ ଜିମା ଦିଆଯାଇଛି । ଶନିବାର ରାତି ପ୍ରାୟ ୧୨ଟା ସମୟରେ ଦୁଇଜଣ ଯୁବକ ଏକ ମୋଟର ସାଇକେଲକୁ ନେଇ ପାଟିତୁଣ୍ଡ କରୁଥିଲେ । ଶବ୍ଦ ଶୁଣି ଅଗ୍ନିଶମ ସେବାସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳକୁ ଆସିବାରୁ ୨ଜଣ ଦୁର୍ବୃତ୍ତ ଗାଡି ଛାଡି ଫେରାର ହୋଇଯାଇଥିଲେ । ଏହି ହିରୋ ଗ୍ଲାମର ଗାଡିର ନମ୍ବର ପ୍ଲେଟ ନ ଥିବା ବେଳେ ତେଲଟାଙ୍କି ତଡାଯାଇଛି । ଗାଡିର ଡିକି ଭଙ୍ଗାଯାଇଛି । ପୋଲିସ ଗାଡିକୁ ହେପାଜତକୁ ନେଇ ଛାନ୍‌ଭିନ୍ ଆରମ୍ଭ କରିଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

## ୯ରେ ପିସିସି ସଭାପତି ନିରଞ୍ଜନଙ୍କ ପାଟକୁରା ଗସ୍ତ
## କରିଲୋପାଟଣାରେ ହେବ ବିଶାଳ ସମାବେଶ

ଡେରାବିଶ, ୬।୧ (ସ୍ୱ.ପ୍ର.)

ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କରିଲୋପାଟଣା ହାଟପଡ଼ିଆରେ ଚଳିତମାସ ୯ ତାରିଖରେ କଂଗ୍ରେସର ଏକ ବିଶାଳ ସମାବେଶ ଅନୁଷ୍ଠିତ ହେବ । ଏହି ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମାବେଶକୁ ସଫଳ କରିବା ପାଇଁ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ଅଧୀନରେ ଥିବା ୫୧ଟି ପଞ୍ଚାୟତରେ କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକମାନ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବ୍ଲକ ଅଧୀନ ଠାକୁରହାଟ ଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ଚରଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଜୟନ୍ତ ମହାନ୍ତି ଯୋଗଦେଇ ଦଳ ପକ୍ଷରୁ ହେବାକୁ ଥିବା ନିର୍ବାଚନମଣ୍ଡଳୀସ୍ତରୀୟ ସମାବେଶକୁ ସଫଳ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ନିବେଦନ କରିଥିଲେ । ସମଗ୍ର ରାଜ୍ୟରେ ହେଉଥିବା ଜନସମ୍ପର୍କ ସମାବେଶରେ ଅଭୁତପୂର୍ବ ଭାବେ ଲୋକଙ୍କ ଉପସ୍ଥିତି ଦେଖାଦେଇଛି । ତେବେ ଅବହେଳିତ ପାଟକୁରା ନିର୍ବାଚନମଣ୍ଡଳୀକୁ ଆଗାମୀ ଦିନରେ ଏକ ନୂତନ ବିକାଶର ପଥ ଦେଖାଇବା ପାଇଁ କଂଗ୍ରେସ ସଂକଳ୍ପବଦ୍ଧ ବୋଲି ମହାନ୍ତି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ । ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଅଜିତ କୁମାର ମହାନ୍ତି, ଜିଲା ଉପସଭାପତି ପ୍ରଶାନ୍ତ କୁମାର ଦାସ ଏବଂ ୧୨ ନଂ ଜୋନ୍‌ର ସଭାପତି ରାଜୀବ ଲୋଚନ ମିଶ୍ର, ୧୩ ନଂ ଜୋନ୍ ସଭାପତି ପ୍ରମୋଦ କୁମାର ରାଉତ, ୧୪ ନଂ ଜୋନ୍ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ୯ ନଂ ସଭାପତି ରଞ୍ଜନ କୁମାର ରାଉତ, ୧୦ ଜୋନ୍ ସଭାପତି ଦିଲୀପ କୁମାର ରାଉତ, ୧୧ ନଂ ଜେନ୍ ସଭାପତି ସଂଗ୍ରାମ ପୃଷ୍ଟି, ୨୪ ନଂ ଜୋନ୍ ସଭାପତି ଦୈତାରୀ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆସନ୍ତା ୯ ତାରିଖ ସମାବେଶରେ ପିସିସି ସଭାପତି ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି ଓ ଗଣେଶ୍ୱର ବେହେରା, ପିସିସି ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ଆଇନସେଲ୍ ଅଧକ୍ଷ ଧରଣୀଧର ନାୟକ, ଦେବେନ୍ଦ୍ର ପ୍ରସାଦ ଶର୍ମା , ଅଂଶୁମାନ ମହାନ୍ତି, ବିଭ୍ରାଂଶୁ ଲେଙ୍କା ଓ ଜିଲା କଂଗ୍ରେସର ସଭାପତି ଚିନ୍ମୟ ପ୍ରସାଦ ବେହୁରାଙ୍କ ସମେତ ବହୁ ଦଳୀୟ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ଗୁରୁଚରଣ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡା ପାରା କ୍ଲବର ଜୋନସ୍ତରୀୟ ବୈଠକ





ବୈଠକରେ ଉପସ୍ଥିତ ଅତିଥିମାନେ ।

ମାର୍ଶାଘାଇ,୬।୧(ଡିଏନଏ)

ମାର୍ଶାଘାଇ ବ୍ଲକର ବାଘଡିଆସ୍ଥିତ ମା' ଗୋଜବାୟାଣୀ ପୀଠ ପରିସରରେ କେନ୍ଦ୍ରାପଡା ପାରା କ୍ଲବ୍‌ର ଜୋନସ୍ତରୀୟ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ପାରା ପାଳକ ଅଭୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାର୍ଶାଘାଇ ଥାନାଧିକାରୀ କାଳନ୍ଦୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାର୍ଶାଘାଇ ପ୍ରାଣୀ ଚିକିତ୍ସକ ମୃତ୍ୟୁଞ୍ଜୟ ମହାନ୍ତି, କେନ୍ଦ୍ରାପଡା ପାରା କ୍ଲବର ସଭାପତି ପ୍ରଦ୍ୟୁମ୍ନ ନାୟକ,ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଗୌରାଙ୍ଗ ଚରଣ ଲେଙ୍କା, ସାମାଜିକ କର୍ମୀ ଉମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ପାରା ପାଳନ ପାଇଁ ସମ୍ମୁଖୀନ ହେବାକୁ ପଡୁଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ସୌଖୀନ ପକ୍ଷୀ ଭାବେ ଏହା ବହୁତ ଖୁସି ପ୍ରଦାନ କରୁଥିବାରୁ ପାରା ପାଳକମାନେ ବହୁତ ଖର୍ଚ୍ଚାନ୍ତ ହୋଇଥାନ୍ତି । କିଛି ଖଳପ୍ରକୃତି ଲୋକଙ୍କ ପାଇଁ ପାରା ଚୋରି,ପାରା ପୋଡି ଭଳି ସମସ୍ୟାର ସାମନା କରିବାକୁ ପଡୁଛି ବୋଲି ଉପସ୍ଥିତ ପାରାପାଳକମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମାର୍ଶାଘାଇ ଜୋନ୍‌ର ସଭାପତି ଭାବେ ଅଶୋକ କୁମାର ଦଳାଇ,ସଂପାଦକ ଭାବେ ପ୍ରସନ୍ନ କୁମାର ସାହୁଙ୍କୁ ମନୋନୀତ କରାଯାଇଥିଲା । ଜିଲା କ୍ଲବ କୋଷାଧ୍ୟକ୍ଷ ଦିଗବିଜୟ ପରିଡା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ବୈଠକରେ ଜିଲା ଯୁଗ୍ମ ସଂପାଦକ ପବିତ୍ର ଲେଙ୍କା,ପ୍ରଭାଶିଷ ପଣ୍ଡା,ରାଜକନିକାର ପ୍ରଣବ ପରିଡା,କେନ୍ଦ୍ରାପଡାର ଉମାକାନ୍ତ ଦାସ,ପଟ୍ଟାମୁଣ୍ଡାଇର ସୁବାସ ଦାସ,ଆଳିର ନିମାଇଁ ସ୍ୱାଇଁ,ଆନନ୍ଦ ଦାସ,ମହେଶ୍ୱର ପାଇଟାଳ,କିଶୋର ଚନ୍ଦ୍ର ସାହୁ,ଜ୍ଞାନ ରଞ୍ଜନ ସ୍ୱାଇଁଙ୍କ ସମେତ ଶତାଧିକ ପାରା ପାଳକ ଉପସ୍ଥିତ ଥିଲେ ।



ନିପାଣିଆ ଡଙ୍ଗା ବୁଡ଼ି ଘଟଣାରେ ଯାତ୍ରୀଙ୍କୁ ଉଦ୍ଧାର କରିଥିବା ପୂର୍ଣ୍ଣିମା ଓ ସବିତାଙ୍କ ମା'ଙ୍କୁ କେନ୍ଦ୍ରାପଡ଼ା ସେବା ସମିତି ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଉଛି ।

## ଓକିଲ ସଙ୍ଘ ପକ୍ଷରୁ ଯୋଗ ଶିବିର



ଶିବିରାର୍ଥୀମାନେ ଯୋଗ ଶିକ୍ଷା କରୁଛନ୍ତି ।

କେନ୍ଦ୍ରାପଡା ଅଫିସ, ୬।୧

କେନ୍ଦ୍ରାପଡା ଜିଲା ଓକିଲ ସଙ୍ଘ ପକ୍ଷରୁ ସହରର ଟାଉନହଲ ପରିସରରେ ଏକ ଯୋଗ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ସଙ୍ଘ ସମ୍ପାଦକ ଗଗନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରକୁ ଯୋଗଗୁରୁ ସୁଦର୍ଶନ ଶାସ୍ତ୍ରିଜୀ ଉଦଘାଟନ କରିଥିଲେ । ଏଥିସହ ଭାରତୀୟ ସଂସ୍କୃତି ଓ ଯୋଗ ସମ୍ପର୍କରେ ମତ ରଖିଥିଲେ । ଚଳିତ ମାସ ପ୍ରତି ରବିବାର ଏହି ଯୋଗ ଶିବିର ଚାଲିବ ବୋଲି ଆଇନଜୀବୀ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି । ଶିବିରକୁ ଆଇନଜୀବୀ ପ୍ରଦୀପ କୁମାର ଦାଶ, ରମଣୀରଞ୍ଜନ ରାଉତରାୟ, ଧୀରେନ୍ଦ୍ର କୁମାର ଦାସ, ଲଳିତେନ୍ଦୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

## ବାର୍ଷିକ କ୍ରୀଡା ଉତ୍ସବ

କେନ୍ଦ୍ରାପଡା ଅଫିସ, ୬।୧

ସହରର ଶାନ୍ତ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ସ୍ଥାନୀୟ ଗ୍ରୀସ ପଡିଆରେ ଉଦ୍‌ଯାପିତ ହୋଇଯାଇଛି । ଏଥିପାଇଁ ଅନୁଷ୍ଠିତ ସଭାରେ ପରିଚାଳନା ସମିତି ସଭାପତି ଅନଙ୍ଗ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ପ୍ରଧାନ ଆଚାର୍ଯ୍ୟ ରମେଶ ଚନ୍ଦ୍ର ଦାସ ଓ ହିମାଂଶୁ ଶେଖର ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଅତିଥିମାନେ ଶିକ୍ଷାର୍ଥୀଙ୍କ ପାଇଁ କ୍ରୀଡାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ସତ୍ୟନାରାୟଣ ପତି, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ଧୋୟାଞ୍ଚଳକୁ ଗମନାଗମନ ବ୍ୟବସ୍ଥା ସୁଧାରିବାକୁ ଜିଲା ପ୍ରଶାସନର ତତ୍ପରତା

■ କଣ୍ଠିଆ ନାଳ ସେତୁ ପାଇଁ ହେବ ଜମି ଅଧିଗ୍ରହଣ

କେନ୍ଦ୍ରାପଡ଼ା ଅଫିସ, ୬।୧



କଣ୍ଠିଆ ନାଳ ଉପରେ ନିର୍ମାଣାଧୀନ ସେତୁ ।

ଲଗାଣ ବର୍ଷା ଅଥବା ବ୍ରାହ୍ମଣୀ ସିଷ୍ଟମରେ ବନ୍ୟା ଜଳ ଆସିଲେ ସିଂହଗାଁ ପଞ୍ଚାୟତକୁ ରାସ୍ତା ବନ୍ଦ ହୋଇଥାଏ । ଅର୍ଦ୍ଧନିର୍ମିତ ରାସ୍ତା ଓ ଅଧାପନ୍ତରିଆ କଣ୍ଠିଆ ନାଳ ସେତୁ ପାଇଁ ଏହି ପଞ୍ଚାୟତବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥାନ୍ତି । ବର୍ଷାଦିନେ ଗମନାଗମନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହେଉଥିବା ବେଳେ ପ୍ରାୟ ୩ ହଜାର ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୁଏ । ଏପରି ଅବସ୍ଥାକୁ ସୁଧାରିବାକୁ ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । କଣ୍ଠିଆ ନାଳ ସେତୁ ନିର୍ମାଣରେ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ଜିଲାସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଶନିବାର ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଦାଶରଥି ଶତପଥୀ ଅଧକ୍ଷତା କରିଥିଲେ । ବୈଠକରେ କଣ୍ଠିଆନାଳ ସେତୁ ସହିତ ରାଜନଗରସ୍ଥିତ କେରଡାଗଡର ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ଆବଶ୍ୟକ ୧ ଏକର ୮ ଡିସିମିଲ ଜମି ଅଧିଗ୍ରହଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଧୋୟାଞ୍ଚଳ ଭାବେ ପରିଚିତ ଏହି ସିଂହଗାଁ ପଞ୍ଚାୟତ କେନ୍ଦ୍ରାପଡା ସଦର ମହକୁମାଠାରୁ ମାତ୍ର ୨୬ କି.ମି. ଦୂର । ପଞ୍ଚାୟତଟି ବର୍ଷର ୯ ମାସ ଜଳବନ୍ଦୀ ଅବସ୍ଥାରେ ରହୁଛି । ଏ ସମ୍ପର୍କରେ ପୂର୍ବତନ ସରପଞ୍ଚ ନିର୍ମଳ ଜେନା କୁହନ୍ତି, ସେତୁ ଓ ରାସ୍ତା ନିର୍ମାଣ ହୋଇପାରୁ ନ ଥିବା ବେଳେ ପଞ୍ଚାୟତର ୩ଟି ରାଜସ୍ୱ ଗ୍ରାମରେ ଏଏନ୍ଏମ୍ ସେଣ୍ଟର ନାହିଁ । ରାସ୍ତାଘାଟ ନଥିବାରୁ ଲୋକଙ୍କୁ ଆମ୍ବୁଲାନ୍ସ ସେବା ମିଳିପାରୁନି । ଗର୍ଭବତୀଙ୍କୁ ଭାର ସାହାଯ୍ୟରେ ୧୦ କି.ମି. ଦୂର ଅଣ୍ଡରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଥବା ୨୨ କି.ମି. ଦୂର ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି । ସେହିପରି ପନିପରିବା ଚାଷ ଏହି ପଞ୍ଚାୟତବାସୀଙ୍କ ମୁଖ୍ୟ ଜୀବିକା ହୋଇଥିବା ବେଳେ ବନ୍ୟା ଓ ଲଗାଣ ବର୍ଷା ଫସଲ ନଷ୍ଟ କରୁଛି । ସରପଞ୍ଚ ଜୟନ୍ତୀ ଦାସ କହିଛନ୍ତି, ପଞ୍ଚାୟତର ଅନ୍ୟ ସମସ୍ୟା ମଧ୍ୟରୁ ଗମନାଗମନ ଏକ ମୁଖ୍ୟ ସମସ୍ୟା ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୧ରେ କଣ୍ଠିଆ ନାଳ ଉପରେ ଓ ୨୦୦୮ରେ କାଣୀ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହା ଅଦ୍ୟାବଧି ୩୦ ଭାଗ କାର୍ଯ୍ୟ ଶେଷ ହୋଇନାହିଁ । ଏ ସମ୍ପର୍କରେ ଜିଲାପାଳ ଶତପଥୀ କୁହନ୍ତି, ସେତୁ ପାଇଁ ଜମି ଅଧିଗ୍ରହଣ ସହିତ ରାସ୍ତା ପ୍ରଶସ୍ତୀକରଣ ଲାଗି ଆବଶ୍ୟକ ଜମି ଅଧିଗ୍ରହଣ କରାଯିବ । ଏଥିପାଇଁ ୪,୬୩,୫୬୬ ଟଙ୍କା ହିତାଧିକାରୀଙ୍କୁ ଦିଆଯିବାକୁ ବ୍ୟବସ୍ଥା ହୋଇଛି । ଜମି ଅଧିଗ୍ରହଣ ପରେ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ।



କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ, ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ



## ସଂକ୍ଷେପରେ

### ୫ ବର୍ଷର ଶିଶୁ ଉଦ୍ଧାର

**ଯାଜପୁର ରୋଡ, ୬।୧(ଡି.ଏନ୍.ଏ.):** ଯାଜପୁର ରୋଡ ସହରର ଚୌଦ୍ୱାର ଛକ ନିକଟରେ ରବିବାର ଏକ ୫ ବର୍ଷର ଶିଶୁ ପୁତ୍ରକୁ ସ୍ଥାନୀୟ ଯୁବକ ଉଦ୍ଧାର କରି ଯାଜପୁର ରୋଡ ପୋଲିସକୁ ହସ୍ତାନ୍ତର କରିଛନ୍ତି। ଛକ ନିକଟରେ ଶିଶୁଟି କାନ୍ଦୁଥିବା ସ୍ଥାନୀୟ ଯୁବକମାନେ ଦେଖିଥିଲେ। ଶିଶୁଟି ଏକ ମାଟିଆ ରଙ୍ଗର ପ୍ୟାଣ୍ଟ, ଟି ସାର୍ଟ ଓ ଜ୍ୟାକେଟ ପିନ୍ଧିଛି। ତେବେ ଶିଶୁଟିର ପରିଚୟ ମିଳିପାରି ନ ଥିବା ଜଣାପଡିଛି।

ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟ

### ଫାଇନାଲରେ କେନ୍ଦୁଝର

**କୋରେଇ,୬।୧(ସ୍ୱ.ପ୍ର.):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମର ଗୋପୀନାଥଜୀଉ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨୪ତମ ରାଜ୍ୟସ୍ତରୀୟ ଗୋପୀନାଥଜୀଉ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ରବିବାର ଅନୁଷ୍ଠିତ ହୋଇଯାଇଛି। କେଆରସିସି କେନ୍ଦୁଝର ଓ ବନାମ ସୋଲାର କ୍ରିକେଟ କ୍ଲବ କଟକ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର ମଧରେ ୯ ଉଇକେଟ ହରାଇ ୨୪୪ ରନ ସଂଗ୍ରହ କରିଥିଲା । ଜବାବରେ କଟକ ୨୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୭୮ ରନ କରି ପରାସ୍ତ ହୋଇଥିଲା। କେନ୍ଦୁଝରର ଜନସନ ପହି ସର୍ବାଧିକ ୮୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ । ରାଜେନ୍ଦ୍ର ଗାହାଣ ଓ ସେକ ଜହର ଅଲ୍ଲୀ ଖେଳ ପରିଚାଳନା କରିଥିଲେ। ସୋମବାର କେଆରସିସି କେନ୍ଦୁଝର ଓ ନିମପୁର କ୍ରିକେଟ କ୍ଲବ କଟକ ମଧରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

### ରୋଟାରୀ, ଇନରହୁଇଲ କ୍ଲବର ସମ୍ବର୍ଦ୍ଧନା ପର୍ବ

**ଧର୍ମଶାଳା, ୬।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ରୋଟାରୀ କ୍ଲବ ଓ ଇନରହୁଇଲ କ୍ଲବ ମିଳିତ ଆନୁକୂଲ୍ୟରେ ପଣ୍ଡୁଆସ୍ଥିତ ବରାଳ ସେଡ ପରିସରରେ ଗୁରୁବାର ନୂତନବର୍ଷର ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ରୋଟାରି କ୍ଲବ ସଭାପତି ପ୍ରଦୀପ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ସିଡିଏମ୍ଓ ବିଜୟ କୁମାର ଶତପଥୀ ଓ ରମେଶଚନ୍ଦ୍ର ସାହୁ, ଇନରହୁଇଲ ପ୍ରାକ୍ତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ ଯୋଗଦେଇଥିଲେ। ଏହି ଅବସରରେ ଯାଜପୁରରୋଡ ଥାନା ଅଧିକାରୀ ଅମିତାଭ ମହାପାତ୍ର, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ, ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ ଓ ସମ୍ବଦ ସମ୍ପାଦକ ଅଖିଳ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରୋଟାରିଆନ୍ ତଥା ପ୍ରେସ୍ କ୍ଲବର ସଭାପତି ଇନ୍ଦ୍ରମଣି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ବିଶ୍ୱାଳ, ଅଜାମ୍ବର ସାହୁ, ନିରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସଙ୍ଗୀତାୟନ କାର୍ଯ୍ୟକ୍ରମରେ ମିନତୀ ସାହୁ, ମାଧୁରୀ ଶତପଥୀ, ଅର୍ଚ୍ଚନା ସ୍ୱାଇଁ, ଚକ୍ରଧର ଲେଙ୍କା, ସୁକାନ୍ତ ସ୍ୱାଇଁ, କଳ୍ପନା ନାୟକ, ଇନ୍ଦୁପ୍ରଭା ସାମଲ, ରୋଜାଲିନ୍ ପ୍ରଧାନ ଅଂଶ ଗ୍ରହଣ କରିଥିଲେ। ଶେଷରେ ଜୟ ପ୍ରକାଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

### ଜେନାପୁର, ତରଞ୍ଜିଆ ବିଜୟୀ

**ଧର୍ମଶାଳା, ୬।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ମଧୁପୁରଗଡ ପଞ୍ଚାୟତ ଖେଳପଡ଼ିଆରେ କଳ୍ପତରୁ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ରବିବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ମ୍ୟାଚ୍‌ରେ ଜେନାପୁର ଓ ତରଞ୍ଜିଆ ଦଳ ବିଜୟୀ ହୋଇ ଜୋନାଲ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ୍‌ରେ କମାଗଡ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୩.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ଜବାବରେ ଜେନାପୁର ଦଳ ୧୦.୪ ଓଭରରେ ୩ଟି ଉଇକେଟ୍ ହରାଇ ମ୍ୟାଚ୍‌ର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ତରଞ୍ଜିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୪ ଉଇକେଟ ହରାଇ ୧୮୭ ରନ୍ ସଂଗ୍ରହ କରିଥିବାବେଳେ ଜବାବରେ ପୁରୁଣାବଉଳମାଳ ୧୫ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରି ପରାସ୍ତ ହୋଇଥିଲା। ପ୍ରତାପ ନାୟକ ଓ ଇନ୍ତେକାବ୍ ଆଲାମ, ନିକଞ୍ଜ ବେହେରା ଓ ପ୍ରତାପ ନାୟକ ପରିଚାଳନା ଖେଳ ପରିଚାଳନା କରିଥିଲେ। ସୋମାବର ଜୋନାଲ ଫାଇନାଲ ମ୍ୟାଚ୍ ଜେନାପୁର ସହିତ ତରଞ୍ଜିଆ ଦଳ ମଧରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧକ୍ଷ ରଶ୍ମୀ ରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ଭୂତକୋଠି ପାଲଟିଛି କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ

**ବରୀ,୬।୧(ସ୍ୱ.ପ୍ର.)**

ବରୀ ବ୍ଲକ ଅଧୀନ ରତଳାଙ୍ଗ ମୌଜାର ଖାତା ନଂ. ୯୨, ପ୍ଲଟ ନଂ. ୬୭୧ରେ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ୯୦ ଦଶକରେ ନିର୍ମିତ ହୋଇଥିବା ଏହି କାର୍ଯ୍ୟାଳୟ ଏବେ ଭୂତକୋଠି ପାଲଟିଛି। ଯାଜପୁର ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଏହି କାର୍ଯ୍ୟାଳୟ ରହିଛି। କନିଷ୍ଠ ଯନ୍ତ୍ରୀ ବେଳେ ବେଳେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଏହି ମୌଜାର ଖାତା ନଂ. ୮୫୭, ପ୍ଲଟ ନଂ.୬୬୭ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ନାଁରେ ରେକର୍ଡ ରହିଛି। ପ୍ରକୃତପକ୍ଷେ ଏହି ଜମିରେ କାର୍ଯ୍ୟାଳୟ ହେବାର ନିୟମ ଥିଲା। ହେଲେ ଏଠାରେ ସୋରିଷ ଚାଷ କରିଯାଇଥିବା ଦେଖିବାକୁ ମିଳିଛି। ତେବେ କର୍ମଚାରୀ ଆସୁ ନ ଥିଲାବେଳେ ବିଭାଗୀୟ ଯନ୍ତ୍ରୀଙ୍କ ନାଁରେ ଥିବା ରେକର୍ଡ ଜମିରେ କିଏ ଚାଷ କରୁଛି ବୋଲି ପ୍ରଶ୍ନ ଉଠିଛି। ଏହି କାର୍ଯ୍ୟାଳୟ ଅଧୀନରେ ନଦୀ ବନ୍ଧ ନିର୍ମାଣ ମଧ ଚାଲିଛି। ଅତି ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କାର୍ଯ୍ୟାଳୟ ଜଗିବା ପାଇଁ ଜଣେ ଚୌକିଦାର ନିଯୁକ୍ତି ପାଇଛନ୍ତି। ହେଲେ ଚୌକିଦାର ମାସିକ ୨୦ ହଜାର ଟଙ୍କା ବେତନ ନେଉଥିଲାବେଳେ କେବେ ଦିନେ ଝାଡୁ ମାରି ନ ଥିବା ଅଭିଯୋଗ ହୋଇଛି। ତେବେ ବନ୍ଧ ବାଡ ନାଁରେ ଆସୁଥିବା ଅର୍ଥକୁ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ଲୁଟ୍ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ କଲେବି ବିଭାଗୀୟ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ତେବେ ଏହି କାର୍ଯ୍ୟାଳୟର ଖାତା ଖତିଆନ ଓ ରେକର୍ଡ ଯାଞ୍ଚ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ସତ୍ୟ ସାଗର ଭୂୟାଁଙ୍କୁ ପଚାରିବାରେ, ସେଠାରେ ଏକ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ମଝିରେ ମଝିରେ ଅଫିସ ଖୋଲାଯାଉଛି ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ କେଶବ ବେହେରା କୁହନ୍ତି, ଲୋକଙ୍କ ଅଭିଯୋଗ ସତ। ସେ ଅଧିକାଂଶ ସମୟରେ ଫିଲ୍ଡରେ ରହି କାମ ତଦାରଖ କରନ୍ତି। ଆବଶ୍ୟକ ପଡ଼ିଲେ କାର୍ଯ୍ୟାଳୟକୁ ଯାଆନ୍ତି ବୋଲି କହିଛନ୍ତି।




**ରତଳାଙ୍ଗ ମୌଜା**

- କନିଷ୍ଠ ଯନ୍ତ୍ରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ
- ବନ୍ଧବାଡ଼ ନାଁରେ ଆସୁଥିବା ଅର୍ଥ ଲୁଟ୍ କରୁଛନ୍ତି ଠିକାଦାର ଓ ଯନ୍ତ୍ରୀ

### ୟୁକୋ ବ୍ୟାଙ୍କର ୭୬ତମ ପ୍ରତିଷ୍ଠା ଦିବସ

**ଧର୍ମଶାଳା, ୬।୧(ଡି.ଏନ୍.ଏ.)**

ଧର୍ମଶାଳା ୟୁକୋ ବ୍ୟାଙ୍କର ୭୬ତମ ପ୍ରତିଷ୍ଠା ଦିବସ ରବିବାର ବ୍ୟାଙ୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମୁଖ୍ୟ ପରିଚାଳକ ରାଜେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଗ୍ରନ୍ଥକାର ପୁରୁଷୋତ୍ତମ ବିଶ୍ୱାଳ ଯୋଗଦେଇ ବ୍ୟାଙ୍କର କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜାତୀୟ ପ୍ରଗତିରେ ବ୍ୟାଙ୍କର ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ୯ଟି ହାଇସ୍କୁଲର ୧୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ପ୍ରାଧ୍ୟାପକ ରମେଶ ସିଂ ଓ ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

■ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ପ୍ରଚାର ପ୍ରସାର ଅଭାବରୁ ଆସିଲେନି ହିତାଧିକାରୀ

**ଚଣ୍ଡିଖୋଲ,୬।୧(ଡି.ଏନ୍.ଏ.)**

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଶନିବାର ଧାନମଣ୍ଡଳ ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତ ୨୯ ତାରିଖରେ ଶିବିର ଆୟୋଜନ କରାଯିବ ବୋଲି ପଞ୍ଚାୟତକୁ ଜଣାଇ ଦିଆଯାଇଥିଲା। ହେଲେ ଉକ୍ତ ଦିନ ଶିବିର ଅନୁଷ୍ଠିତ ନ ହୋଇ ୫ ତାରିଖକୁ ଘୁଞ୍ଚାଯିବା ବିଷୟରେ ହିତାଧିକାରୀ ଖବର ପାଇ ନ ଥିଲେ। ପ୍ରଚାର ପ୍ରସାର ଅଭାବରୁ ବହୁ ହିତାଧିକାରୀ ଶିବିର ଆୟୋଜନ ସମ୍ପର୍କରେ ଜାଣି ନ ଥିଲେ। ଏତଦ୍‌ବ୍ୟତୀତ ଗତ ବର୍ଷ ଶିବିରକୁ ଆସିଥିବା ୧୨ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭିନ୍ନକ୍ଷମ ପ୍ରମାଣପତ୍ର ପାଇ ନ ଥିବାରୁ ଏହାକୁ ପ୍ରହସନ ଭାବି ଆସି ନ ଥିଲେ। ଶିବିର ପରିଚାଳନା ପାଇଁ ୧୦୨ ଜଣ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୧୧୪୮ ଜଣ ହିତାଧିକାରୀ ଯୋଗ ଦେଇଥିଲେ। ବାରମ୍ବାର ଶିବିର ଆୟୋଜନ କରାଯାଉଥିଲା ବେଳେ ଶିବିରକୁ ଆସି ଭିନ୍ନକ୍ଷମ ପ୍ରମାଣପତ୍ର ନ ପାଇ ହତାଶ ହେଉଥିବା ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ଗ୍ରାମର ଭିନ୍ନକ୍ଷମ ବସିରୁଦ୍ଦିନ୍ ଖାଁ ଅଭିଯୋଗ କରିଥିଲେ। ସେହିଭଳି ଅନେକ ଭିନ୍ନକ୍ଷମ ଏଯାବତ୍ ପ୍ରମାଣପତ୍ର ପାଇ ନ ଥିବା କହିଛନ୍ତି। ଶିବିରରେ ହାଡ଼ଭଙ୍ଗା ବିଭାଗର ସର୍ବାଧିକ ୩୦୨ ଓ ୧୦୬ ମାନସିକ ବିକାରଗ୍ରସ୍ତ ଲୋକ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଅନ୍ୟାନ୍ୟ ବିଭାଗର ବହୁ ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ ପାଇଁ ଚୟନ କରାଯାଇଛି। ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ବଡ଼ଚଣା ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି, ଚକ୍ରଧର ସୂତାର, ରାଜ୍ୟ କୋଅର୍ଡିନେଟର୍ ସୁକାନ୍ତ କୁମାର ସାହୁ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସୁକାନ୍ତ ରାଉତ, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନୀଳାମ୍ବର ମିଶ୍ରଙ୍କ ସମେତ ବହୁ ଅଧିକାରୀ ଶିବିରରେ ଯୋଗଦେଇଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ନ ପାଇବା ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କୁ ପଚାରିବାରେ, ଗତ ବର୍ଷ ହିତାଧିକାରୀମାନେ ପ୍ରମାଣପତ୍ର ପାଇ ନ ଥିବା ଚଳିତ ବର୍ଷ ଶିବିର ଆୟୋଜନର ୭ ଦିନ ପୂର୍ବରୁ ଜାଣିବାକୁ ପାଇଛନ୍ତି। ପୂର୍ବରୁ ଜାଣିଥିଲେ କିଛି ବ୍ୟବସ୍ଥା କରାଯାଇଥାଆନ୍ତା ବୋଲି କହିଛନ୍ତି।

### ଧର୍ମଘଟ ସଫଳ ପାଇଁ ପଥପ୍ରାନ୍ତ ସଭା

**ଯାଜପୁରରୋଡ଼,୬।୧(ନି.ପ୍ର.)**

କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ ଫେଡେରେଶନ୍ ପକ୍ଷରୁ ୧୨ଦଫା ଦାବି ନେଇ ୮ ଓ ୯ ତାରିଖରେ ଧର୍ମଘଟ କରାଯିବାକୁ ଦେଶବ୍ୟାପୀ ଡାକରା ଦିଆଯାଇଛି। ଯାଜପୁର ଜିଲା ପକ୍ଷରୁ ଏହି ଧର୍ମଘଟକୁ ସମର୍ଥନ ଜଣାଇ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବ୍ୟାଙ୍କ, ରେଳ ଓ ବସ୍ ପରିବହନକୁ ଅଚଳ କରିବାକୁ ଡାକରା ଦିଆଯାଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇସିସିଟିୟୁ, ଟିୟୁସିସି ଏବଂ ସ୍ୱାଧୀନ ଫେଡେରେଶନ ଶ୍ରମିକ କର୍ମଚାରୀ ଆସୋସିଏଶନ୍ ପକ୍ଷରୁ ଶନିବାର ଏକ ମିଳିତ ବୈଠକ ହୋଇ ଏହି ନିଷ୍ପତ୍ତି ନିଆଯାଇଛି। ଯାଜପୁରରୋଡ଼ର ଗୋପବନ୍ଧୁ ଛକ, ପାଣିକୋଇଲି ଓ ଜିଲାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବନ୍ଦ ଡାକରା ସଫଳ କରିବା ପାଇଁ ଶନିବାର ଗୋପବନ୍ଧୁଛକଠାରୁ ଏକ ଗାଡ଼ି ବାହାରି କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇ ଜିଲା ପରିକ୍ରମା କରାଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଫୁଲ୍ଲ କୁମାର ନାୟକ, ଚନ୍ଦ୍ରମଣି ପାତ୍ର, ସୁରେଶ ପ୍ରଧାନ, ମଧୁ ଜେନା ପ୍ରମୁଖ ଯୋଗ ଦେଇଥିଲେ।

■ ନବୀନ ନିବାସ, ସଚିବାଳୟ ଘେରିବ ଭାଜପା କୃଷକ ମୋର୍ଚ୍ଚା

## ଯାଜପୁରରୁ ଯୋଗଦେବେ ୨ ହଜାର କୃଷକ


ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ।

**ଚଣ୍ଡିଖୋଲ,୬।୧(ଡି.ଏନ୍.ଏ.)**

ବିଭିନ୍ନ ସମସ୍ୟା ନେଇ ୮ ତାରିଖରେ ଭାଜପା କୃଷକ ମୋର୍ଚ୍ଚା ତରଫରୁ ନବୀନ ନିବାସ ଓ ସଚିବାଳୟ ଘେରାଉ କରାଯିବ। ଏଥିରେ ଯାଜପୁର ଜିଲାରୁ ୨ ହଜାର କୃଷକ ଯୋଗଦେବେ ବୋଲି ଶୁକ୍ରବାର ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ତଥା ଯାଜପୁର ଜିଲା ପ୍ରହାରୀ ଅଶୋକ କୁମାର ସେଠୀ ପ୍ରକାଶ କରିଛନ୍ତି। ଏଥିରେ ଜିଲା କୃଷକମୋର୍ଚ୍ଚା ସଭାପତି ଶାରଦା ନନ୍ଦ ରାଉତ ଅଧ୍ୟକ୍ଷତା କରିଥିଲେ। ଚାଷୀମାନଙ୍କ ପ୍ରତି ବିଜେଡିର ବୈମାତୃକ ମନୋଭାବ, ମଣ୍ଡିରେ ଧାନ ବିକ୍ରି ହେଉ ନ ଥିବାବେଳେ କୃଷି ସମବାୟ ସମିତି ଓ ଦଲାଲଙ୍କ ମଧୁ ଚନ୍ଦ୍ରିକାରେ ବେପାରୀମାନେ ଚାଷୀଙ୍କଠାରୁ କମ ଦାମରେ ଧାନ କିଣୁଛନ୍ତି। ସରକାର ଏପର୍ଯ୍ୟନ୍ତ ଭାଗଚାଷୀ, କ୍ଷୁଦ୍ର ଚାଷୀ ଓ ନାମମାତ୍ର ଚାଷୀ ଚିହ୍ନଟ କରି ନ ଥିଲାବେଳେ ସେମାନେ କାଳିଆ ଯୋଜନାରେ କିପରି ସୁବିଧା ପାଇବେ ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଂଯୋଜକ ଅଶୋକ କୁମାର ସାମଲ, ଜିଲା ସାଧାରଣ ସମ୍ପାଦକ ସୋମନାଥ ଦାସ, ସମ୍ପାଦକ ଚୈତନ୍ୟ ନାୟକ, ଉପସଭାପତି ରାଜକିଶୋର ପରିଡ଼ା, ଜିଲା ସଦସ୍ୟ ଦେବାଶିଷ ନାୟକ ଓ ମହେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

■ ଜିଲାପାଳ ଏକାଦଶ, ଏସ୍‌ପି ଏକାଦଶ କ୍ରିକେଟ ମ୍ୟାଚ୍

## ଏସ୍‌ପି ଏକାଦଶ ବିଜୟୀ

**କୋରେଇ,୬।୧(ସ୍ୱ.ପ୍ର.)**

ଯାଜପୁର ଜିଲାପାଳ ଏକାଦଶ ଓ ଏସ୍‌ପି ଏକାଦଶ ମଧ୍ୟରେ ରବିବାର ରିଜର୍ଭ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚକୁ ଜିଲାପାଳ ରଞ୍ଜନ କୁମାର ଦାଶ ଓ ଏସ୍‌ପି ଚରଣ ସିଂ ମୀନା ଉଦ୍‌ଘାଟନ କରିଥିଲେ। ଜିଲାପଳ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬ ଉଇକେଟ ବିନିମୟରେ ୧୪୨ ରନ କରିଥିଲେ। ଜବାବରେ ଏସ୍‌ପି ଏକାଦଶ ୧୧.୪ ଓଭରରେ ୪ ଉଇକେଟ ହରାଇ ୧୪୩ ରନ କରି ବିଜୟୀ ହୋଇଥିଲା। ଏସ୍‌ପି ଏକାଦଶ ଟିମ୍‌ର ବ୍ୟାଟ୍ସମ୍ୟାନ ଧର୍ମଶାଳା ଥାନା ଏସଆଇ ଅନିଲ ପ୍ରଧାନ ସର୍ବାଧିକ ୭୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଜିଲା ପୋଲିସ କର୍ମକର୍ତ୍ତାମାନେ ମ୍ୟାଚ ପରିଚାଳନା କରିଥିଲେ ।


କ୍ରିକେଟ୍ ମ୍ୟାଚ୍‌ରେ ଭାଗ ନେଇଥିବା ଉଭୟ ଦଳର ଖେଳାଳିମାନେ।

### ରାଜ୍ୟସ୍ତରୀୟ ସିଦ୍ଧେଶ୍ୱର ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ: ଭଦ୍ରକ ବିଜୟୀ

**ସିଂହପୁର,୬।୧(ଡି.ଏନ୍.ଏ.)**

ସିଂହପୁର ନିକଟବର୍ତ୍ତୀ ଯୁଆଣିଆ ବାରମାଣିଆ ମିନି ଷ୍ଟାଡିୟମରେ ସିଦ୍ଧେଶ୍ୱର ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ସିଦ୍ଧେଶ୍ୱର ଚ୍ୟାଲେଞ୍ଜ କପ୍ ଉଦ୍‌ଘାଟିତ ହୋଇଯାଇଛି। ୟୁନିକ୍ କ୍ରିକେଟ୍ ଏକାଡେମୀ, ଭଦ୍ରକ ଓ ଦିବ୍ୟାଂସି ସ୍ପୋର୍ଟିଂ କ୍ଲବ, ରତ୍ନଗିରି ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭଦ୍ରକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୪୩ ରନ କରିଥିଲା। ଜବାବରେ ରତ୍ନଗିରି ୧୦୩ ରନ୍ କରି ପରାସ୍ତ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚ୍‌ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ମୁଖ୍ୟ ଅତିଥି, ପେଡପଡା ସରପଞ୍ଚ ଅଦ୍ୱୈତ ପ୍ରଧାନ ସମ୍ମାନିତ ଅତିଥି, ଅଚ୍ୟୁତାନନ୍ଦ ସ୍ୱାଇଁ, ରବିନାରାୟଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ନରେଶ ପ୍ରଧାନ, ଅମିୟ ପ୍ରଧାନ, ବିନ୍ଦୁସାଗର ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

■ ବରୁଣେଶ୍ୱର ମେଳା ପରିଚାଳନାକୁ ନେଇ ଥମୁନି ବିବାଦ

## ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ

**ବିଞ୍ଝାରପୁର,୬।୧(ଡି.ଏନ.ଏ)**

ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ପ୍ରସିଦ୍ଧ ବରୁଣେଶ୍ୱର ମେଳା ପରିଚାଳନାକୁ ନେଇ ପ୍ରଶାସନ ଓ ପଞ୍ଚାୟତ ମଧ୍ୟରେ ବିବାଦ ଦେଖାଦେଇଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଧର୍ମୀୟ ଭାବନାକୁ କୁଠାରଘାତ କରିଛି। ଗତ ୪ତାରିଖରେ ବିଞ୍ଝାରପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବରୁଣେଶ୍ୱର ମେଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ଜିଲାପାଳ ରଞ୍ଜନ କୁମାର ଦାସ ସଭାପତିତ୍ୱ କରିଥିଲେ। ମାତ୍ର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଜିଲା ପ୍ରଶାସନ ମେଳା ପରିଚାଳନା କରିବାକୁ ହାତକୁ ନେବା ପରେ ଅରେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରପଞ୍ଚ ଦେବାନନ୍ଦ ମଲ୍ଲିକ ଏକ ଖବରଦାତା ସମ୍ମିଳନୀରେ ପ୍ରଶାସନ ପଞ୍ଚାୟତ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ମେଳା ପରିଚାଳନା କମିଟି ଓ ଉନ୍ନୟନ କମିଟି ମଧ୍ୟରେ ହୋଇଥିବା ବିବାଦର ଶୁଣାଣୀ କରି ଉଚ୍ଚ ନ୍ୟାୟାଳୟ ଉନ୍ନୟନ କମିଟିକୁ ମେଳା ପରଚାଳନାରୁ ବିରତ କରିବା ସହିତ ପ୍ରଶାସନକୁ ମେଳା ତଦାରଖ କରିବାକୁ ଦାୟିତ୍ୱ ଦେଇଛନ୍ତି। ମାତ୍ର ପଞ୍ଚାୟତକୁ ମେଳା ପରିଚଚାଳନା ନ କରିବାକୁ କୌଣସି ଆଦେଶ ଦେଇନାହାନ୍ତି। ହେଲେ ଜିଲା ପ୍ରଶାସନ ପଞ୍ଚାୟତକୁ ଅଣଦେଖା କରି ମେଳା ପ୍ରସ୍ତୁତି ସହିତ ପରିଚାଳନା କରୁଛି। ଏହା ଅରେଇବାସୀଙ୍କ ସମେତ ଭକ୍ତଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଉଛି। ଏଣୁ ଜିଲା ପ୍ରଶାସନ ମେଳା ପରିଚାଳନାରେ ପଞ୍ଚାୟତରକୁ ଭାଗିଦାର କରିବାକୁ ଅଞ୍ଚଳବାସୀ ଦାବି କରିଥିବା ସରପଞ୍ଚ ମଲ୍ଲିକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୧୯୯୪ରେ ମେଳା ସମ୍ପର୍କିତ ଏକ ଅଭିଯୋଗର ଶୁଣାଣି କରି ୨୦୦୫ ମାନ୍ୟବର ହାଇକୋର୍ଟ ପଞ୍ଚାୟତକୁ ମେଳା ପରିଚାଳନା ଦାୟିତ୍ୱ ପ୍ରଦାନ କରିଛନ୍ତି ବୋଲି ସରପଞ୍ଚ ମଲ୍ଲିକ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ସରପଞ୍ଚ ମଲ୍ଲିକଙ୍କ ସମେତ ନାଏବ ସରପଞ୍ଚ ମାଳତୀ ସାହୁ, ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ଜିଲାପାଳଙ୍କୁ ଯୋଗାଯୋଗ ନ ହୋଇପାରିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

■ ଡୁବୁରୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ରିଷି ଇଲେଭେନକୁ ହରାଇ ତ୍ରିସା ବ୍ଲାଷ୍ଟର ଚାମ୍ପିୟନ

**ଡୁବୁରୀ, ୬।୧(ଡି.ଏନ୍.ଏ.)**

ଡୁବୁରୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଇନ୍ଦିରା ଖେଳ ପଡ଼ିଆରେ ଅନୁଷ୍ଠିତ ଡୁବୁରୀ ପ୍ରିମିୟର ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରିଷି ଇଲେଭେନକୁ ୪ ଉଇକେଟରେ ହରାଇ ତ୍ରିସା ବ୍ଲାଷ୍ଟର ଚଳିତ ବର୍ଷର ଚାମ୍ପିୟନ ହୋଇଛି। ରିଷି ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉିକେଟ ହରାଇ ୧୦୧ ରନ୍ କରିଥିଲା। ଜବାବ୍‌ରେ ତ୍ରିସା ବ୍ଲାଷ୍ଟର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ଲିଙ୍କୁନ ଆଇଚଙ୍କ ୫୮ ରନ୍ ବଳରେ ମ୍ୟାଚ୍‌ର ବିଜୟୀ ହୋଇପାରିଥିଲା। ରିଷି ଇଲେଭେନର କୈଳାସ ପାତ୍ରଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ କରାଯାଇଛି। ସେହିପରି ତ୍ରିଷା ବ୍ଲାଷ୍ଟର ଦଳର ଶଶିବ୍ରତ ସ୍ୱାଇଁଙ୍କୁ ବେଷ୍ଟ ବୋଲର ଓ ରିଷି ଇଲେଭେନର କୈଳାସ ପାତ୍ରଙ୍କୁ ବେଷ୍ଟ ବ୍ୟାଟ୍ସ ମ୍ୟାନ ଭାବେ ବିବେଚିତ କରାଯାଇଛି। ରାଜାରାମ ରାଉତ ଓ ବିଭୁରଞ୍ଜନ ବେହେରା ଖେଳ ପରିଚାଳନା କରିଥିଲେ। ହିମାଂଶୁ ଶେଖର ସ୍ୱାଇଁ ସ୍କୋର୍‌ରେ ସହାୟତା କରିଥିଲେ। ସୁକିନ୍ଦା ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଶ୍ୱଜିତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ, ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ରାଉତ, ଅଭିନେତ୍ରୀ ସନମିରା ନର୍ଗେସ ଓ ଶିବାନୀ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। କ୍ଲବର ଉପଦେଷ୍ଟା ଜୟନ୍ତ ରାଉତ, ସୁକିନ୍ଦା ଟ୍ରକ ଓନର୍ସ ଆସୋସିଏଶନର ସଭାପତି ସଞ୍ଜୟ ରାଉତ, ଉଦୟନାଥ ପାତ୍ର ଓ କ୍ଲବର ସଭାପତି ସୁଜିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

■ ବ୍ୟାସନଗର ପୌରାଞ୍ଚଳରେ ଜଙ୍ଗଲ କିସମ ଜମି ବିବାଦ ପ୍ରସଙ୍ଗ

## ରାଜରାସ୍ତାକୁ ଓହ୍ଲାଇବେ ଅଞ୍ଚଳବାସୀ

**ଯାଜପୁର ରୋଡ଼, ୬।୧(ନି.ପ୍ର)**

ବ୍ୟାସନଗର ପୌରାଞ୍ଚଳରେ ୪୦ହଜାରରୁ ଉର୍ଦ୍ଧ୍ୱ ଲୋକ ଜଙ୍ଗଲକିସମ ଜମିରେ ରହିଆସୁଛନ୍ତି। ବର୍ଷବର୍ଷ ଧରି ରହିଆସୁଥିବାବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ କରାଯିବା ପରିବର୍ତ୍ତେ ଉଚ୍ଛେଦ ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ମାମଲା ରୁଜୁ କରାଯାଉଥିବା ଅଭିଯୋଗ ହୋଇଛି। ୧୫ ଦିନ ମଧ୍ୟରେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୫ଦଫା ଦାବିରେ ଅଞ୍ଚଳବାସୀ ରାଜ ରାସ୍ତାକୁ ଓହ୍ଲାଇବା ନେଇ ଚେତାବନୀ ଦେଇଛନ୍ତି। ଏ ନେଇ ରବିବାର ବ୍ୟାସନଗର ଜମି ସୁରକ୍ଷା କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୁରକ୍ଷା କମିଟିର ସଭାପତି ସୁଧାଂଶୁ ଦାସ ଓ ସମ୍ପାଦକ ନାରାୟଣ ପ୍ରସାଦ ପତି ସୂଚନା ଦେଇଛନ୍ତି ।

ବ୍ୟାସନଗର ସହରାଞ୍ଚଳରେ ପ୍ରଜାଙ୍କ ନାମରେ ଥିବା ଜମା ବନ୍ଦୀ ଏବଂ ଜଙ୍ଗଲ କିସମ ଜମିକୁ ନେଇ କଟକ ବନ୍ଦୋବସ୍ତ ଅଧିକାରୀ, ବ୍ୟାସନଗର ତହସିଲଦାର ଓ ରେଭିନ୍ୟୁ ବୋର୍ଡ଼ରେ ଜମି ଉଚ୍ଛେଦ ନେଇ ମକଦ୍ଦମା ଦାୟର କରାଯାଇଛି। ଏହାକୁ ବିରୋଧ କରି ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଜମିସୁରକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏ ନେଇ ରାଜସ୍ୱ ମନ୍ତ୍ରୀ ଯାଜପୁର ଜିଲାପାଳଙ୍କୁ ଏକ କମିଟି ଗଠନ କରି ଉକ୍ତ ମକଦ୍ଦମା ଗୁଡ଼ିକର କାଗଜ ପତ୍ର ଯାଞ୍ଚ କରି ୨ମାସ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ମୁଣ୍ଡମାଳ ମୌଜା ରେକର୍ଡ ଯାଞ୍ଚ କରାଯାଇଥିବାବେଳେ ସହ ଅନ୍ୟ ତିନୋଟି ମୌଜା ଚୋରଦା, ରମ୍ପସା, ଉମାପଦା ରେକର୍ଡ଼ ଯାଞ୍ଚ କରାଯାଇ ନାହିଁ। ଏହାକୁ ବିରୋଧ କରି କମିଟି ପକ୍ଷରୁ ଆଗାମୀ ଦିନରେ ୫ ଦଫା ଦାବିରେ ଆନ୍ଦୋଳନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ରେଭିନ୍ୟୁ ବୋର୍ଡ଼ରେ ଦାଖଲ ହୋଇଥିବା ସମସ୍ତ ଓ ଏସ୍‌ଏସ୍ ଓ ଆର୍‌ପି କେସ୍‌ଗୁଡ଼ିକୁ ପ୍ରତ୍ୟାହାର କରାଯାଇ ନଟ୍ ଫାଇନାଲ୍ ପଟ୍ଟା ପାଇଥିବା ପ୍ରଜାଙ୍କୁ ଫାଇନାଲ୍ ପଟ୍ଟା ପ୍ରଦାନ, ବ୍ୟାସନଗର ପୌରାଞ୍ଚଳରେ ଜଙ୍ଗଲ ନ ଥିବାରୁ କିସମ ଅନୁସାରେ ଘରବାଡ଼ି ପତିତ କିସମ ସ୍ଥିର କରିବା ଓ ଚାନ୍ଦମା, ସୋବରା, କୋପଣ୍ଡା ମୌଜାରେ ଜମିର ପାଉତି ପୁନର୍ବାର ସଂଗ୍ରହ, ଆଦି ବିଭିନ୍ନ ଦାବି ମାନ କମିଟି ପକ୍ଷରୁ ଉପସ୍ଥାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ଅଶୋକ କୁମାର ବିଶ୍ୱାଳ, ଗଜେନ୍ଦ୍ର ରାଉତଙ୍କ ସମେତ ବହୁ କମିଟି କର୍ତ୍ତା ଓ ଗ୍ରାମବାସୀ ଉପସ୍ଥତି ଥିଲେ। ଏ ନେଇ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ ଏ ଦିଗରେ ତଦନ୍ତ ପାଇଁ ସମସ୍ତ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ସେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜମି ସୁରକ୍ଷା କମିଟିର ସଦସ୍ୟମାନେ।

## ସଂକ୍ଷେପରେ

### ବ୍ରାହ୍ମଣ ମହାସଂଘ ବୈଠକ



**କୁଜଙ୍ଗ,୬।୧(ସ୍ୱ.ପ୍ର): ** ବିଶ୍ୱାଳି ଗ୍ରାମର ଜଗନ୍ନାଥ ମନ୍ଦିରରେ ରବିବାର କୁଜଙ୍ଗ ବ୍ଲକ୍ ବ୍ରାହ୍ମଣ ମହାସଭାର ଏକ ବୈଠକ ପଣ୍ଡିତ ପବିତ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ଭାଗ୍ୟଧର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ବ୍ଲକ୍ ସଭାପତି ରଶ୍ମିରଞ୍ଜନ ଦାଶ, ଜିଲା ମହାସଂଘ ସଭାପତି ଯୋଗେନ୍ଦ୍ରନାଥ ଦାଶ ଯୋଗଦେଇ ବ୍ରାହ୍ମଣମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ଆଇନଜୀବୀ ଶ୍ରୀଧର ମିଶ୍ର, ଦେବାଶିଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୨୦ ତାରିଖରେ କୋଠିରେ ସମାବେଶ ହେବ ବୋଲି ଘୋଷଣା କରଯାଇଥିଲା। ସରୋଜ କୁମାର ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟ, ଜଇଶୋଳ ଚାମ୍ପିୟନ

**ବାଲିଆ,୬।୧: ** ବିରିଡି ବ୍ଲକ ବାଲିଆ ଗୋପୀନାଥପୁରର ମା ଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବାଲିଆକୁ ହରାଇ ଜଇଶୋଳ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। କ୍ଲବର ସଭ୍ୟ ଅଭିଜିତ ଖୁଣ୍ଟିଆ, ରଜତ ସାହୁ, ମନୋଜ ସ୍ୱାଇଁ, ରବୀନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟକୁ ପ୍ରଫୁଲ୍ଲ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୮ ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମେ କ୍ୱାଟର ଫାଇନାଲ ପରେ ସେମିଫାଇନାଲ ଖେଳାଯାଇଥିଲା। ଅପରାହ୍ନରେ ଜଇଶୋଳ ଓ ବାଲିଆ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ପ୍ରଥମେ ବାଲିଆ ୫ ଓଭର ଖେଳି ୪୨ ରନ କରିଥିଲା। ଜବାବରେ ଜଇଶୋଳ ଟିମ ୪.୫ ଓଭରରେ ୪୩ ରନ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ତରିକୁନ୍ଦ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା ମୁଖ୍ୟ ଅତିଥି, ଛାତ୍ର ନେତା ଅନନ୍ତ ବାହୁତ, ରଞ୍ଜିତ ସାହୁ, ବଦ୍ରିନାରାୟଣ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୧୮୦୦ ଟଙ୍କା ଓ ରନର୍ସଅପ ଟିମକୁ କପ ସହ ୧୨୦୦ଟଙ୍କା ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ବାପି ଓ ନିର୍ମଳ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ସୌରଭ ବେହେରା, ମ୍ୟାନ ଅଫ ଦି ସିରିଜ ଭାବେ ପ୍ରଭାତ ପାତ୍ରଙ୍କୁ ପୁରସ୍କୃତ . କରାଯାଇଥିଲା।

## ■ ସୂଚନା ଅଧିକାର ଅଭିଯାନର ସାଧାରଣ ସଭା

# ନବୀନ ସବୁଠାରୁ ଅଧିକ ଦୁର୍ନୀତିଗ୍ରସ୍ତ: ଦାମ




ମଞ୍ଚରେ ଉପସ୍ଥିତ ପାରାଦୀପ ବିଧାୟକ ଦାମୋଦର ରାଉତ ଓ ଅନ୍ୟମାନେ।

**ବାଲିକୁଦା, ୬।୧ (ସ୍ୱ.ପ୍ର.)**

- ■ ପ୍ରଶାନ୍ତ, ବିଷ୍ଣୁ, ପାଣ୍ଡିଆନଙ୍କୁ ମଧ ସମାଲୋଚନା
- ■ ଏସବୁ ଦାମଙ୍କ ବୟସ ଦୋଷ: ପ୍ରଶାନ୍ତ

ବାଲିକୁଦା ହାଟ ପଡ଼ିଆରେ ରବିବାର ଅପରାହ୍ନରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବିରୋଧରେ ଏକ ସମାବେଶ ହୋଇଛି। ଏଥିରେ ପାରାଦୀପ ବିଧାୟକ ଡା. ଦାମୋଦର ରାଉତ ଯୋଗଦେଇ ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଦୀର୍ଘ ୩୦ ମିନିଟ୍‌ର ବକ୍ତବ୍ୟରେ ସେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ନବୀନ ହିଁ ସବୁଠାରୁ ଅଧିକ ଦୁର୍ନୀତିଗ୍ରସ୍ତ ବୋଲି କହିଥିଲେ। ଏଥିସହ ଡାଲି, ଚାରା, ସାର, ଔଷଧ, ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ସେ ପାଣ୍ଡିଆନଙ୍କୁ ମଧ ଟାର୍ଗେଟ କରିଥିଲେ। ତେବେ ମଞ୍ଚରେ ଉପସ୍ଥିତ କର୍ମକର୍ତ୍ତା ସ୍ଥାନୀୟ ଇସ୍ୟୁ ସମ୍ପର୍କରେ କହିବାକୁ ଦାମଙ୍କୁ ଅନୁରୋଧ କରିବାରୁ ସେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ କଥା ଉଠାଇଥିଲେ। କହିଲେ ପ୍ରଶାନ୍ତଙ୍କୁ ସେ ବିଧାୟକ କରାଇଥିଲେ। କିନ୍ତୁ ଲୋକଙ୍କ କାମ ନ କରି ପ୍ରଶାନ୍ତ ଏବେ ଦୁର୍ନୀତିରେ ଉବୁଟୁବୁ ହେଉଛନ୍ତି। ନିଜ ନିର୍ବାଚନମଣ୍ଡଳିରେ ଠିକାଦାର କାମ ଚଳାଇଛନ୍ତି। ଉପକୂଳ ଅଞ୍ଚଳରେ ଲୁଣାପାଣି ରୋକିବାକୁ ମୁଁ ନଦୀବନ୍ଧ ତିଆରି କରାଇଥିଲି। କିନ୍ତୁ ଧାନଚାଷୀଙ୍କୁ ସହଯୋଗ କରିବା ପରିବର୍ତ୍ତେ ପ୍ରଶାନ୍ତ ଚିଙ୍ଗୁଡ଼ି ମାଫିଆ ସୃଷ୍ଟି କରୁଛନ୍ତି। ସେହିପରି ଜିଲା ବିଜେଡି ସଭାପତି ବିଷ୍ଣୁ ଦାସଙ୍କୁ ଦାମ ସମାଲୋଚନା କରି କହିଲେ ଯେ, ବିଷ୍ଣୁ ପ୍ଲାନିଂ ବୋର୍ଡ କ'ଣ ଜାଣନ୍ତି ନାହିଁ। ସଭାରେ ଓଡିଶା ଦୁର୍ନୀତି ନିବାରଣ ମଞ୍ଚ ସମ୍ପାଦକ ଆଇନଜୀବୀ ସୁଧିର ମହାନ୍ତି ଅଧ୍ୟକ୍ଷତା କରିଥିଲେ। କଂଗ୍ରେସ ନେତା ସତ୍ୟପ୍ରକାଶ ନାୟକ, ରାଜ୍ୟ ସୂଚନା ଅଧିକାର ଅଭିଯାନର ଆବାହକ ପ୍ରଦୀପ ପ୍ରଧାନ, ଜିଲା ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଶାନ୍ତ ରାଉତରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଦୁର୍ନୀତି ସମ୍ପର୍କରେ କହିବା ସହ ଏହା ବିରୋଧରେ ସ୍ୱରୋତ୍ତଳନ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ କଂଗ୍ରେସ କମିଟି ଓବିସି ସେଲ ଅଧ୍ୟକ୍ଷ ସଞ୍ଜୟ ପାଳ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପରିଡା, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଦୀପ୍ତିରାଣୀ ପ୍ରଧାନ, ଭାଜପା ମହିଳା ମଣ୍ଡଳ ସଭାପତି ସୁଚିସ୍ମିତା ମହାନ୍ତି, ଭାଜପା ନେତା ଆଇନଜୀବୀ ପ୍ରକାଶ ପ୍ରଧାନ, ପୂର୍ବତନ ସରପଞ୍ଚ ଭ୍ରମରବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଦାମଙ୍କ ଏଭଳି ସମାଲୋଚନା ସମ୍ପର୍କରେ ବିଧାୟକ ମୁଦୁଲିଙ୍କୁ ପଚାରିବାରୁ ସେ କହିଲେ ଯେ, ଦାମବାବୁଙ୍କର ଏଥିରେ କିଛି ଦୋଷ ନାହିଁ। ଏହା ତାଙ୍କ ବୟସର ଦୋଷ। ନ ହେଲେ ଦାମଙ୍କ ଦୁର୍ନୀତି ସମ୍ପର୍କରେ କହିଲେ ତାହା ସରିବ ନାହିଁ। ସମୟ ଆସିଲେ ସେସବୁ ଖୁଲାସା କରାଯିବ।



ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ହୋଇଥିବା ଶ୍ରଦ୍ଧାଞ୍ଜଳି ସଭା।

### ଡଙ୍ଗାବୁଡ଼ି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ପାରାଦୀପ, ୬।୧ (ସ୍ୱ.ପ୍ର.): ** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକର ନିପାଣିଆଠାରେ ହୋଇଥିବା ଡଙ୍ଗାବୁଡି ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହି ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପାରାଦୀପ ବିଜୟଚନ୍ଦ୍ରପୁରରେ ଥିବା ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ଭଗବାନ ମୃତକଙ୍କ ପରିବାର ଲୋକଙ୍କୁ ସାହସ ଓ ଶକ୍ତି ଯୋଗାଇବାକୁ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ପ୍ରାର୍ଥନା କରିଛନ୍ତି।

### ଗାଦିଗୋସାଇଁ ପୀଠ ପରିଚାଳନା କମିଟି ବୈଠକ

**ରାହାମା,୬।୧(ଡି.ଏନ୍.ଏ.): ** ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦା ଗ୍ରାମରେ ଥିବା ଗାଦିଗୋସାଇଁ ପୀଠ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ରାଜଗୋପାଳ ପରିଜା ଓ ସୁରେଶ ଚନ୍ଦ୍ର ମହାନ୍ତି ଜନ୍ମୋତ୍ସବକୁ ଶୃଙ୍ଖଳାର ସହ ସମ୍ପନ୍ନ କରିଥିବାରୁ ଶ୍ରୀବାସ ପରିଜା, ରଞ୍ଜିତ ପରିଜା, ତିଳକ ପରିଜା, ସୁରେନ୍ଦ୍ର ସାହୁ, ନମିତା ସିଂ ଧନ୍ୟବାଦ ଜଣାଇଥିଲେ। ହୁଣ୍ଡିବାକ୍ସରୁ ହୋଇଥିବା ଆୟ ୭୪,୪୧୭ ଟଙ୍କା ନବଗଠିତ ପରିଚାଳନା କମିଟି ନିଷ୍ପତ୍ତି କ୍ରମେ କର୍ମକର୍ତ୍ତା ନବକୃଷ୍ଣ ଚୌଧୁରୀ, ଅନାଦି ଚରଣ ପରିଜା ଓ କମିଟିର କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରାଯାଇଥିଲା।

## ସାହସୀ ଶୁଭସ୍ମିତା ପୁରସ୍କୃତ



ଶୁଭସ୍ମିତାଙ୍କୁ ପୁରସ୍କୃତ କରାଯାଉଛି।

**କୁଜଙ୍ଗ,୬।୧(ସ୍ୱ.ପ୍ର)**

ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ପଡୋଶୀଙ୍କ ଜୀବନ ବଞ୍ଚାଇଥିବା କୁଜଙ୍ଗ ବ୍ଲକ ହସିଣା ଗ୍ରାମର ଶୁଭସ୍ମିତା ସାହୁଙ୍କୁ ରବିବାର ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଛି। ଗ୍ରାମର ବୁଲୁ ସାହୁଙ୍କ ଝିଅ ଶୁଭସ୍ମିତା କୁଜଙ୍ଗ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ। ବୁଧବାର ହୁକିଟୋଲାରୁ ଡଙ୍ଗାରେ ଫେରୁଥିବା ୫୫ ପର୍ଯ୍ୟଟକଙ୍କ ଭିତରେ ସେ ଥିଲେ। ଡଙ୍ଗାବୁଡ଼ି ପରେ ଯାତ୍ରୀଙ୍କୁ ନଦୀରୁ ଉଦ୍ଧାର କରିବା ସହ ନିଜ ଜୀବନ ବଞ୍ଚାଇଥିଲେ। ତେବେ ଏଥିରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ସାହସିକତା ସମ୍ପର୍କରେ ପ୍ରଥମେ କେହି ଜାଣିପାରି ନ ଥିଲେ। ପରେ ସେ ସୁସ୍ଥ ହୋଇ ସେହି ୧୫ ମିନିଟ୍‌ର ସାହସିକ ଅଭିଯାନ ସମ୍ପର୍କରେ କହିଥିଲେ। ରବିବାର ଅପରାହ୍ନରେ ବିଜୟ ମହାପାତ୍ରଙ୍କ ପକ୍ଷରୁ ସାମାଜିକ କର୍ମୀ ସତ୍ୟପ୍ରକାଶ ମହାନ୍ତି, ବିପିନ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ମହାନ୍ତି, ସଲିଳ ବିଶ୍ୱାଳ, ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଶୁଭସ୍ମିତାଙ୍କୁ ୫୦୦୦ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

### ଗରାଖଙ୍କୁ ମାଡ଼ ପ୍ରତିବାଦରେ ହାଟ ବନ୍ଦ

**ବିରିଡ଼ି, ୬।୧ (ଡି.ଏନ.ଏ.): ** ବିରିଡ଼ି ବ୍ଲକ ସାପ୍ତାହିକ ହାଟରେ ଗତ ୩୧ ତାରିଖରେ ଜଣେ ଗରାଖଙ୍କୁ ୨ ଜଣ ଯୁବକ ନିସ୍ଥୁକ ମାଡ଼ ମାରିଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ଅଡଙ୍ଗଗଡ଼ ଓ ଅଡଙ୍ଗ ମଜୁରାଇ ପଞ୍ଚାୟତକୁ ନେଇ ଗଠିତ ଶାନ୍ତି କମିଟି ପକ୍ଷରୁ ହାଟ ବନ୍ଦ କରାଯାଇଥିଲା। କୌଣସି ବ୍ୟବସାୟୀ ହାଟକୁ ନ ଆସିବାରୁ ବିକାକିଣା ବନ୍ଦ ହୋଇଯାଇଥିଲା। ଗରାଖଙ୍କୁ ଆକ୍ରମଣ କଲେ ହାଟରେ କାରବାର ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ଏଭଳି ବନ୍ଦ ପାଳନ କରାଯାଇଥିଲା। ଶାନ୍ତି କମିଟି ପକ୍ଷରୁ ସଭାପତି ଅଡଙ୍ଗଗଡ଼ ସରପଞ୍ଚ ଅଶୋକ କୁମାର ଜେନା ଓ ସମ୍ପାଦକ ଅଡଙ୍ଗ ମଜୁରାଇର ତୃପ୍ତିରଞ୍ଜନ ରାୟଙ୍କ ନେତୃତ୍ୱରେ ଏକ ଶାନ୍ତି କମିଟି ଗଣ୍ଡଗୋଳର ସମାଧାନ କରିଥିଲେ। ଆଗାମୀ ଦିନରେ ଚୋରା ମଦ କାରବାର ରୋକିବାକୁ ଏଥିରେ ନିଷ୍ପତ୍ତି ହୋଇଥିଲା। ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ମଲ୍ଲ, ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ପ୍ରଶାନ୍ତ ମିଶ୍ର, ଲୋକାନାଥ ମହାନ୍ତି, ଅକ୍ଷୟ ଦାସ, ବିଜୟ ଦାସ, ସୀତାଂଶୁ ଶେଖର ରାୟ, ଅରବିନ୍ଦ ରାୟ, ସତ୍ୟନାରାୟଣ ତ୍ରିପାଠୀ, ଦିଲୱର ଖାଁ, ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜଗତ୍‌ସିଂହପୁରରେ ପକ୍ଷୀ ଗଣନା ଆରମ୍ଭ

- ■ ପ୍ରଥମ ଦିନ ୩୬ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ
- ■ ୫ ପ୍ରମୁଖ ସ୍ଥାନରେ ଗଣନା

**ପାରାଦୀପ,୬।୧(ସ୍ୱ.ପ୍ର.)**



ବନବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଉଛି।

ଜଗତ୍‌ସିଂହପୁର ଜିଲାର ୫ଟି ସ୍ଥାନରେ ରବିବାର ପକ୍ଷୀ ଗଣନା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଏହି ୫ ସ୍ଥାନରେ ୩୬ ହଜାରରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ଆସିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ଏହି ପ୍ରମୁଖ ୫ ସ୍ଥାନ ହେଲା ପିପିଏଲ ଜଳାଶୟ ତଣ୍ଡା, ଶିଆଳି, ରାମତରା, ବରୁଆ ଓ ବନ୍ଦର। ପିପିଏଲ ଜଳାଶୟରେ ଚଳିତବର୍ଷ ୧୩ ହଜାରରୁ ଅଧିକ ପକ୍ଷୀ ଥିବା କୁହାଯାଉଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ୫ଟି ଟିମ୍ ଉପରୋକ୍ତ ଅଞ୍ଚଳରେ ରବିବାର ସକାଳ ୬ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ବୁଲି ପକ୍ଷୀ ଗଣନା କରିଥିଲେ। ସୂଚନାଯୋଗ୍ୟ, ପିପିଏଲର ୨୨୯୫ ଏକର ଜାଗା ମଧ୍ୟରେ ଏକ ତୃତୀୟାଂଶ ଅଞ୍ଚଳ ଫାଙ୍କା ରହିଛି। ସେହି ସ୍ଥାନରେ ୧୬ ବଡ଼ ଜଳାଶୟ ଓ ଜଙ୍ଗଲିଆ ପରିବେଶ ରହିଛି। ସେହି ଜଳାଶୟକୁ ଗତ ୬ବର୍ଷ ହେଲା ଶୀତଋତୁରେ ବିଦେଶୀ ପକ୍ଷୀ ଆସୁଛନ୍ତି।

### କୋଷ୍ଟଗାର୍ଡ ପ୍ରତିଷ୍ଠା ଦିବସ ପାଇଁ ସଚେତନତା

**ପାରାଦୀପ,୬।୧(ସ୍ୱ.ପ୍ର.)**

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ)ର ୪୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ରବିବାର ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କୋଷ୍ଟଗାର୍ଡ ଓଡ଼ିଶା ମୁଖ୍ୟାଳୟ ୭ ପକ୍ଷରୁ ପାରାଦୀପ ମାଛଧରା ବନ୍ଦର ପରିସରରେ ସଫେଇ, ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଖେଳ, ମତ୍ସ୍ୟଜୀବୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମୁଦ୍ରକୁ ମାଛ ଧରିବାକୁ ଯାଉଥିବା ମତ୍ସ୍ୟଜୀବୀ ହେଲେ କୋଷ୍ଟ ଗାର୍ଡର ଆଖି ଓ କାନ ଭଳି। ସେମାନେ ଯେକୌଣସି ସନ୍ଦେହଜନକ ମାଛଧରା ଡଙ୍ଗା, ବୋଟ୍, ଟ୍ରଲର କିମ୍ବା ବ୍ୟକ୍ତି ବିଶେଷଙ୍କୁ ଦେଖିଲେ କୋଷ୍ଟଗାର୍ଡକୁ କିପରି ସୂଚନା ଦେବେ ସେ ସମ୍ପର୍କରେ କୁହାଯାଇଥିଲା। ପ୍ରତ୍ୟେକ ମାଛଧରା ଟ୍ରଲର, ଡଙ୍ଗାରେ ଡିଷ୍ଟ୍ରେସ ଆଲର୍ଟ ଟ୍ରାନ୍ସ ମିଟର ରଖିବା ଓ ତା'ର ବ୍ୟବହାର ସମ୍ପର୍କରେ କୁହାଯାଇଥିଲା।

### ତିର୍ତ୍ତୋଲରେ ଖୋଲିଲା ଧାନମଣ୍ଡି

**ତିର୍ତ୍ତୋଲ, ୬।୧(ଡି.ଏନ.ଏ.): ** ତିର୍ତ୍ତୋଲ ବ୍ଲକ କନକପୁର ଜନକଲ୍ୟାଣ ସେବା ସମବାୟ ସମିତିରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ଏହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ସିସିବି ପରିଚାଳକ ଅନିରୁଦ୍ଧ ଜେନା, ଜିଲାପରିଷଦ ସଭ୍ୟା ଲିପାଲୀ ରାଉଳ, ସମିତି ସଭାପତି ଅଜୟ କୁମାର ରାଉଳ, ସମ୍ପାଦକ ପରମାନନ୍ଦ ଦାସ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ଅମର ଜ୍ୟୋତି ସାହୁ, ବରଦା ପ୍ରସାଦ ମହାନ୍ତି, ସାଗରିକା ସ୍ୱାଇଁ, ବିଷ୍ଣୁ ଚରଣ ମହାନ୍ତି, ଶେଖ ରହେବର ଅଲ୍ଲି, ବୋର୍ଡ ନିର୍ଦ୍ଦେଶକ ନିରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସାରଦା ଦାସ, ଚିନ୍ତାମଣି ଦାସ, ପୁରୁଷୋତ୍ତମ ସାହୁ, ବିପ୍ରଚରଣ ଦାସ, ଅଲେଖ ବେହେରା, ଶଙ୍କର କୁଅଁର ପ୍ରମୁଖ ଧାନ ବିକ୍ରି କରିଥିଲେ।

### ଅୟସକାନ୍ତଙ୍କୁ ପରିବେଶ ବିଜ୍ଞାନ ସମ୍ମାନ



ପ୍ରକୃତିବନ୍ଧୁ ଅୟସକାନ୍ତଙ୍କୁ ସମ୍ମାନିତ କରାଯାଉଛି।

**ପାରାଦୀପ,୬।୧(ସ୍ୱ.ପ୍ର.)**

ପାରାଦୀପ ନାଗରିକ ମଞ୍ଚର ପ୍ରତିଷ୍ଠାତା ତଥା ପ୍ରକୃତି ବନ୍ଧୁ ଅୟସକାନ୍ତ ରାୟଙ୍କୁ ପୁଡୁଚେରୀଠାରେ ପରିବେଶ ବିଜ୍ଞାନ ଡକ୍ଟରେଟ୍ ସମ୍ମାନ ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ଶାନ୍ତି ବିଶ୍ୱ ବିଦ୍ୟାଳୟ ପୁଡୁଚେରୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି। ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ପୂର୍ବରୁ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ସହ ୧୦ରୁ ଅଧିକ ସମ୍ମାନ ମିଳିଛି। ଗତ ୧୦ ବର୍ଷ ହେଲା ସେ ବୃକ୍ଷରୋପଣ, ଜଙ୍ଗଲ ସୃଷ୍ଟି, ବଡ଼ଗଛ ସ୍ଥାନାନ୍ତର କରିବା ଆଦି କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସମ୍ମାନ ମିଳିବା ପରେ ତାଙ୍କୁ ମଞ୍ଚର କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

## ■ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ

# ଲମ୍ବୁଛି ବିଜେଡି ଆଶାୟୀ ତାଲିକା

**ଜଗତ୍‌ସିଂହପୁର ଅଫିସ, ୬।୧**





■ ଆଗକୁ ବଢୁଛନ୍ତି ନୂଆ ମୁହଁ ■ ଦୌଡ଼ରେ ଜ୍ୟୋତିଷ, ଅମରେନ୍ଦ୍ର ଓ ଉମେଶ

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ନୂଆବର୍ଷଠାରୁ ଜଗତ୍‌ସିଂହପୁର ଜିଲାରେ ରାଜନୈତିକ ପାଣିପାଗ ସରଗରମ ହେଲାଣି। ନେତାମାନେ ଜନତାଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ସହର ଓ ବଜାରରେ ପୋଷ୍ଟର, ବ୍ୟାନର ଛାଉଣୀ କରିଦେଇଛନ୍ତି। ତେବେ ଚଳିତବର୍ଷ କେତେକ ନୂଆ ମୁହଁ ଦେଖିବାକୁ ମିଳିଛି। ବିଶେଷକରି ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିରୁ ପ୍ରାର୍ଥୀ ହେବାକୁ କେତେଜଣ ନୂଆନେତା ଆଗକୁ ବଢୁଥିବା ଆଲୋଚନା ହେଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ, ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ ଓ ବିଜୁ ଯୁବ ଜନତା ଦଳର ଅମରେନ୍ଦ୍ର ଦାସ। ଏମାନେ ଦଳର ବରିଷ୍ଠ ନେତାଙ୍କ ସହ ସମ୍ପର୍କରେ ଥିବାବେଳେ ଲୋକଙ୍କୁ ଆକୃଷ୍ଟ କରିବାକୁ ମଧ୍ୟ ଉଦ୍ୟମ ଚଳାଇଛନ୍ତି।

ବିଗତ ନିର୍ବାଚନଗୁଡିକୁ ଦେଖିଲେ ଜଣାଯାଏ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ଜିଲା ସଭାପତି ତଥା ବର୍ତ୍ତମାନର ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ୫ ଥର ବିଧାୟକ ହୋଇଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ସେ ହାରିଯାଇଥିଲେ ସୁଦ୍ଧା ନିଜ ପତିଆରା ବଜାୟ ରଖିଛନ୍ତି। ଏଥର ସେ ପ୍ରାର୍ଥୀ ହେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କାରଣ ତାଙ୍କ ନିକଟତର ଯୁବ ନେତା ଅମରେନ୍ଦ୍ର ପ୍ରଥମଥର ପାଇ ସାଙ୍ଗଠନିକ କାର୍ଯ୍ୟରେ ଅଧିକ ସକ୍ରିୟ ହୋଇଛନ୍ତି। ସେ ପ୍ରାୟ ୩ ମାସ ହେଲା ବିଭିନ୍ନ ପଞ୍ଚାୟତ, ଗାଁ ବୁଲି ସଙ୍ଗଠନକୁ କ୍ରିୟାଶୀଳ କରୁଛନ୍ତି। ବାହାଘର, ବ୍ରତଘର, ଏକାଦଶାହ, ପୂଜା, ପର୍ବ, ମେଳା, ଯାତ୍ରା ଆଦିରେ ଯୋଗ ଦେଉଛନ୍ତି। ନୂଆବର୍ଷରେ ତାଙ୍କର ସର୍ବାଧିକ ବ୍ୟାନର, ହୋର୍ଡିଂ ଲାଗିଛି। ତାଙ୍କ ପୋଷ୍ଟର, ବ୍ୟାନରରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାସ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି। ଦାସଙ୍କ ବ୍ୟାନର ମଧ୍ୟ କେତେକ ସ୍ଥାନରେ ରହିଛି। ସେଥିରେ ଅମରେନ୍ଦ୍ରଙ୍କ ସହ ନିର୍ବାଚନମଣ୍ଡଳୀର ଆଉ କେତେକ ନେତାଙ୍କ ଛୋଟ ଫଟୋ ଦେଖିବାକୁ ମିଳୁଛି। ଏଥିରୁ ସ୍ପଷ୍ଟ ଦାସ ହେଉଛନ୍ତି ନିର୍ବାଚନମଣ୍ଡଳୀର ନେତା। କିନ୍ତୁ ଏହି ଫଟୋଗୁଡିକ ମଧ୍ୟରେ ନିର୍ବାଚନମଣ୍ଡଳୀର ଆଉ କେତେକ ନେତା ବାଦ୍ ପଡିଯାଇଛନ୍ତି। ସେହିପରି ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ ମଧ୍ୟ ପ୍ରାର୍ଥୀ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। ସେ ୧୯୮୫ ନିର୍ବାଚନରେ ବାଲିକୁଦା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇ ଜିତିଥିଲେ। ଏହା ପୂର୍ବରୁ ସେ ଭାଜପା ଓ କଂଗ୍ରେସର ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ। ୧୯୭୨-୭୫ ପର୍ଯ୍ୟନ୍ତ କଟକ ଜିଲା ଛାତ୍ର କଂଗ୍ରେସ କମିଟି ସାଧାରଣ ସମ୍ପାଦକ, ୧୯୭୫-୭୮ ରାଜ୍ୟ ଯୁବ କଂଗ୍ରେସ କମିଟି ନାଉଗାଁ ବ୍ଲକ ସଭାପତି, ୧୯୭୮-୮୪ କଟକ ଜିଲା ଯୁବ କଂଗ୍ରେସ କମିଟି ସାଧାରଣ ସମ୍ପାଦକ, ୧୯୮୪ରେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଏଥିସହ ପ୍ରଦେଶ କଂଗ୍ରେସ କମିଟି ଏକ୍‌ଜିକ୍ୟୁଟିଭ କମିଟି ସଭ୍ୟ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ୧୯୯୬ରେ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିଲେ। ଏହାର ୬ ମାସ ପରେ ଭାଜପା ଜଗତ୍‌ସିଂହପୁର ଜିଲା ସଭାପତି ହୋଇଥିଲେ। ପରେ ଭାଜପାର ଷ୍ଟେଟ୍ ଏକ୍‌ଜିକ୍ୟୁଟିଭ୍ କମିଟିରେ ସଭ୍ୟ, ଷ୍ଟେଟ୍ ଇଲେକ୍ସନ କମିଟି କନ୍‌ଭେନର, ଷ୍ଟେଟ୍ ପଞ୍ଚାୟତ ସେଲ କନ୍‌ଭେନର ଆଦି ପଦବୀରେ ରହିଥିଲେ। ୨୦୧୪ ନିର୍ବାଚନ ପୂର୍ବରୁ ବିଜେଡିରେ ଯୋଗ ଦେଇଥିଲେ। ସେତେବେଳେ ସେ ବିଜେଡିରୁ ଟିକେଟ୍ ପାଇବା ସର୍ତ୍ତରେ ଦଳ ବଦଳାଇଥିବା କୁହାଯାଉଥିଲା। କିନ୍ତୁ ବିଷ୍ଣୁ ପ୍ରାର୍ଥୀ ହେବାରୁ ତାଙ୍କ ଆଶା ମଉଳିଯାଇଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଦଳ ତରଫରୁ ତାଙ୍କୁ ପୁରୀ ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା। ପରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଦୟିତ୍ୱ ଦିଆଯାଇଛି। ଏବେ ସେ ଏହି ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟକୁ ଅଧିକ ସକ୍ରିୟ କରିବାକୁ ଉଦ୍ୟମ କରୁଛନ୍ତି। ଏଥିସହ ଜ୍ୟୋତିଷ ଅସ୍ମିତା ଓ ଜନ ବିଚାର ସାପ୍ତାହିକ ଖବରକାଗଜର ସମ୍ପାଦକ ଥିଲେ। ସେ ଜିଲାର ଅନେକ ସାମାଜିକ ଓ ଯୁବ ସଙ୍ଗଠନ ସହ ଜଡିତ ଅଛନ୍ତି। ଏଥିସହ ଏକାଧିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିବା ଜଣାଯାଇଛି। ନିଜର ଦକ୍ଷତା, ବରିଷ୍ଠତା ଓ ସାଙ୍ଗଠନିକ କାର୍ଯ୍ୟକୁ ସମ୍ବଳ କରି ସେ ଆଗାମୀ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଛନ୍ତି। ସେହିପରି ପୂର୍ବତନ ବିଧାୟକ ଉମେଶ ସ୍ୱାଇଁ ମଧ୍ୟ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ସ୍ୱାଇଁ ୧୯୭୭, ୧୯୯୦ରେ ଜନତା ଦଳରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ୨୦୦୦ ଓ ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ଜିତିଥିଲେ। ତାଙ୍କ ଘର ବାଲିକୁଦା ବ୍ଲକ ଅଞ୍ଚଳରେ ହୋଇଥିଲେ ସୁଦ୍ଧା ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଉପରେ ଦଳ ରାଜ୍ୟ ସଭାପତି ଆସ୍ଥା ପ୍ରକଟ କରିଥିବାରୁ ସେ ଜଗତ୍‌ସିଂହପୁର ଉପରେ ନଜର ରଖିଛନ୍ତି।

# ପେଟର ଗ୍ୟାସ୍



ଡା. ନିତ୍ୟାନନ୍ଦ ସ୍ୱାଇଁ

"ପେଟ ଗଣ୍ଡଗୋଳରୁ ତାହା ଅମ୍ଳ, ବଦହଜମି ଆଦି ଯାହା ହୋଇଥାଉ ନା କାହିଁକି, ଗ୍ୟାସ୍ ସୃଷ୍ଟି ହୋଇପାରେ। ବେଶି ଖାଇବା, କମ୍ ଖାଇବା, ବେଶି ପରିମାଣର ତେଲ, ଘିଅ, ଚର୍ବି ଓ ମସଲାମସଲି ଖାଇବା, ଅନିୟମିତ ଖାଇବା, ରସ୍ତାକଡ଼ ଦୋକାନରେ ଖାଇବା ଇତ୍ୟାଦି ଗ୍ୟାସ୍ ସୃଷ୍ଟିକୁ ପ୍ରୋତ୍ସାହନ ଦେଇଥାଏ।"





ଆମ ଭିତରୁ ଅନେକେ ହେଉଛନ୍ତି ଗ୍ୟାସ୍-ସର୍ବସ୍ୱ। ସେମାନଙ୍କ ମଥା, ପାଟି, ପେଟ ସର୍ବତ୍ର ଗ୍ୟାସ! ଏହି ଗ୍ୟାସ୍ ପେଟରୁ କେତେବେଳେ ମଥାକୁ ଉଠିଥାଏ ତ କେତେବେଳେ କୁଆଡ଼େ ଛାତିକୁ ଧକ୍କା ମାରେ। ପୁଣି କେତେବେଳେ ଊର୍ଦ୍ଧ୍ୱଗାମୀ-ନିମ୍ନଗାମୀ-ପାର୍ଶ୍ୱଗାମୀ ହୋଇ କୁଆଡ଼େ ମୁକ୍ତିର ପଥ ଖୋଜିଥାଏ। ବଡ଼ ମଜାର କଥା ହେଲା, ଏହି ଗ୍ୟାସ୍‌କୁ କେହି କେବେ ଦେଖିନି। ପ୍ରଶ୍ନ ଉଠେ, ପେଟରେ ଗ୍ୟାସ୍ ଥିବାଟା କଥା କ'ଣ ସତ? ହଁ, ସତ। ସ୍ୱାଭାବିକ ଅବସ୍ଥାରେ ଗ୍ୟାସ୍‌ର ଗତିଶୀଳତା ତଥା ଶବ୍ଦ ଅନୁଭବ ମଧ୍ୟ କରିହୁଏ। ମାତ୍ର କ'ଣ ଥାଏ ସେହି ଗ୍ୟାସ୍‌ରେ? ଥାଏ ଅମ୍ଳଜାନ, ଯବକ୍ଷାରଜାନ, ଉଦ୍‌ଜାନ, ମିଥେନ୍ ଓ କାର୍ବନ ଡାଇଅକ୍‌ସାଇଡ୍ ବା ଅଙ୍ଗାରକାମ୍ଳ। ଏତଦ୍‌ବ୍ୟତୀତ ସେଥିରେ ଇଣ୍ଡଲ୍, ସ୍କାଟଲ୍, ଆମୋନିଆ, ହାଇଡ୍ରୋଜେନ୍ ସଲ୍‌ଫାଇଡ ଏବଂ ମିଥାଇଲ୍ ମର୍କାପ୍ଟାନ୍ ଇତ୍ୟାଦି ମଧ୍ୟ ରହିଥାଏ।

ବାହାରର ବାୟୁରୁ ପେଟ ଭିତରକୁ ପ୍ରବେଶ କରିଯାଏ ଅମ୍ଳଜାନ ଓ ଯବକ୍ଷାରଜାନ। ବାୟୁକୁ ଢୋକିଲେ ଆମେ ଏହି ଗ୍ୟାସ୍ ଦୁଇଟିକୁ ପାଇଥାଉ। ଢୋକି ହୋଇଯାଇଥିବା ବାୟୁରୁ ପାଖାପାଖି ୮୦ ପ୍ରତିଶତ ହେଉଛି ଯବକ୍ଷାରଜାନ ଏବଂ ୯୯ ଶତାଂଶ ହେଉଛି ଅମ୍ଳଜାନ, ଯବକ୍ଷାରଜାନ, ଉଦ୍‌ଜାନ, ମିଥେନ୍ ଓ ଅଙ୍ଗାରକାମ୍ଳ। ଅଙ୍ଗାରକାମ୍ଳ ଓ ଯବକ୍ଷାରଜାନ ମଧ୍ୟ ରକ୍ତରୁ ଅନ୍ତ୍ରନଳୀ ଭିତରକୁ ପ୍ରବେଶ କରିଥାଏ। ଖାଦ୍ୟ ହଜମ, ଜୀବକୋଷରେ ଖାଦ୍ୟର ଚୟାପଚୟ ଓ ବୃହଦନ୍ତ୍ରରେ ଜୀବାଣୁମାନଙ୍କ ପ୍ରକ୍ରିୟା ଯୋଗୁ ବି କେତେକ ଗ୍ୟାସ୍, ବିଶେଷକରି ମିଥେନ୍, ଇଣ୍ଡଲ, ସ୍କାଟଲ୍, ଆମୋନିଆ, ହାଇଡ୍ରୋ ସଲ୍‌ଫାଇଡ୍ ଇତ୍ୟାଦି ଜାତ ହୋଇ ଅନ୍ତ୍ରନଳୀ ଭିତରକୁ ଯାଇଥାଏ।

ପେଟ ଗଣ୍ଡଗୋଳରୁ ତାହା ଅମ୍ଳ, ବଦହଜମି ଆଦି ଯାହା ହୋଇଥାଉ ନା କାହିଁକି, ଗ୍ୟାସ୍ ସୃଷ୍ଟି ହୋଇପାରେ। ବେଶି ଖାଇବା, କମ୍ ଖାଇବା, ବେଶି ପରିମାଣର ତେଲ, ଘିଅ, ଚର୍ବି ଓ ମସଲାମସଲି ଖାଇବା, ଅନିୟମିତ ଖାଇବା, ରସ୍ତାକଡ଼ ଦୋକାନରେ ଖାଇବା ଇତ୍ୟାଦି ଗ୍ୟାସ୍ ସୃଷ୍ଟିକୁ ପ୍ରୋତ୍ସାହନ ଦେଇଥାଏ।

ଶିଶୁଟିଏ ମା' ସ୍ତନରୁ କ୍ଷୀର ଖାଇବାବେଳେ କିଛି କିଛି ବାୟୁ ଢୋକି ହେଉଥିବାରୁ ଶିଶୁ କ୍ଷୀର ଖାଇସାରିବା ପରେ ତାକୁ ଛାତିରେ ଆଉଜେଇ ଧରି ତା'ର ପିଠି ଥାପୁଡ଼େଇବା ନିମନ୍ତେ ଡାକ୍ତରମାନେ ପରାମର୍ଶ ଦେଇଥାନ୍ତି। ଏପରି କଲେ ତା' ପାକସ୍ଥଳୀକୁ ଯାଇଥିବା କିଛି ବାୟୁ ଏଉଡ଼ି ଭାବରେ ପାକସ୍ଥଳୀରୁ ବାହାରି ଆସେ। ଫଳରେ ଶିଶୁଟି ଆରାମ ଅନୁଭବ କରେ। ପାକସ୍ଥଳୀରୁ ଗ୍ୟାସ୍ ନିମ୍ନଗାମୀ ହୋଇ ପ୍ରବେଶ ପରେ କ୍ଷୁଦାନ୍ତ୍ର ଓ ବୃହଦନ୍ତ୍ର ଭିତରକୁ। ସେଠାରେ ଅନ୍ୟ କେତେକ ଗ୍ୟାସ୍ ତାହା ସହ ମିଶି ମଳଦ୍ୱାର ବାଟେ ନିଷ୍କାସିତ ହୋଇଯାଏ।

ଜଣେ ସାଧାରଣ ସୁସ୍ଥ ବ୍ୟକ୍ତି ପ୍ରତିଦିନ ମଳଦ୍ୱାର ବାଟେ ନିଷ୍କାସନ କରିଥାଏ ୪୦୦ରୁ ୧୨୦୦ ମିଲିଲିଟର ଗ୍ୟାସ। ସ୍ୱାଭାବିକ ଭାବରେ ଏହି ଗ୍ୟାସ୍ ନିଷ୍କାସିତ ହୋଇଗଲେ ପେଟରେ କୌଣସି ଅସ୍ୱସ୍ତି ଉପୁଜେନି। କିନ୍ତୁ ଏହା ନିଷ୍କାସିତ ହୋଇ ନ ପାରିଲେ କି ଅତିରିକ୍ତ ଗ୍ୟାସ୍ ଜାତହେଲେ ପେଟ ଫାମ୍ପି ସୃଷ୍ଟି ହୁଏ ସମସ୍ୟା। ଏହି ସମସ୍ୟାରୁ ମୁକ୍ତ ହେବା ନିମନ୍ତେ କେହି କେହି ବାରମ୍ବାର ଏଉଡ଼ି ମାରି ଗ୍ୟାସ୍‌କୁ ପାଟିବାଟେ ବାହାର କରିଦେବା ନିମନ୍ତେ ଚେଷ୍ଟା ଚଳେଇଥାନ୍ତି। ମାତ୍ର ଏପରି କରିବା ଫଳରେ ଗ୍ୟାସ୍ ତ ବାହାରି ପାରେନି, ବରଂ ପ୍ରତିଥରର ଏଉଡ଼ି ସମୟରେ କିଛି କିଛି ବାୟୁ ସ୍ୱତଃ ଢୋକି ହୋଇ ଅସ୍ୱସ୍ତିକୁ ବଢ଼େଇଦିଏ।

### ପେଟର ଗ୍ୟାସ୍ ମଥା ଭିତରକୁ ପଶିପାରେନି

ଅନେକେ ପ୍ରାୟତଃ ଅଭିଯୋଗ ବାଢ଼ିଥାନ୍ତି ଯେ ସେମାନଙ୍କ ପେଟରୁ ଗ୍ୟାସ୍ ଉଠି ମୁଣ୍ଡକୁ ଧରୁଛି। ଦେହର ଅନ୍ୟ ଅଂଶକୁ ମାରୁଛି ମଧ୍ୟ। ମନେରଖିବା ଉଚିତ ଯେ ପାକସ୍ଥଳୀରେ ଅମ୍ଳ ତିଆରି ହୁଏ ସିନା, ପାକସ୍ଥଳୀରେ କୌଣସି ଅବରୋଧ ନ ଥିଲେ ସେଠାରେ ଗ୍ୟାସ୍ ତିଆରି ହୋଇ ନ ଥାଏ। ଗ୍ୟାସ୍ ତିଆରି ହୁଏ କ୍ଷୁଦ୍ର ଅନ୍ତ୍ରନଳୀର ଶେଷାଂଶ ଏବଂ ବୃହଦନ୍ତ୍ରରେ। ଅନ୍ତ୍ରନଳୀରେ ଥିବା ଗ୍ୟାସ୍ ଊର୍ଦ୍ଧ୍ୱଗାମୀ ହୋଇ ଏଉଡ଼ି ଭାବରେ ପାଟି ବାଟେ ବାହାରିଯାଇ ପାରେନା। ଏହା ମଧ୍ୟ ଉପରକୁ ଉଠି ମଥାକୁ ଧକ୍କା ଦେଇପାରେନା। ବରଂ ଅତିବେଶି ହେଲେ ଓ ପେଟ ଓ ଛାତିରେ ଚାପ ପକେଇ ବ୍ୟଥାର ଉଦ୍ରେକ କରିପାରେ। ଏଉଡ଼ିରେ ପାଟିବାଟେ ଯେଉଁ ଗ୍ୟାସ୍ ବାହାରିଯାଏ, ସେଇଟା ଆଦୌ ଗ୍ୟାସ୍ ନୁହେଁ; ତାହା ଖାଦ୍ୟ ସହ ଢୋକି ହୋଇ ପାକସ୍ଥଳୀକୁ ଯାଇଥିବା ବାୟୁ। ସୁତରାଂ ପେଟ ଭିତରେ ଥିବା ଗ୍ୟାସ୍ ନିମ୍ନଗମନ ବ୍ୟତୀତ ଊର୍ଦ୍ଧ୍ୱଗମନ ଓ ପାର୍ଶ୍ୱଗମନ ଯଦି ସମ୍ଭବ ନୁହେଁ, ତେବେ ପେଟର ଗ୍ୟାସ୍ ମୁଣ୍ଡକୁ ଉଠିବା କି ତାହା ଦେହର ଅନ୍ୟାନ୍ୟ ଅଂଶକୁ ଆଘାତ ଦେବା ବା ମାରିବା ସମ୍ଭବ ହେବ ଅବା କିପରି ? ଏପରି ଧାରଣାର କୌଣସି ବୈଜ୍ଞାନିକ ଭିତ୍ତି ନାହିଁ। ଏହା କେବଳ ମନର କଳ୍ପନା ମାତ୍ର। କାରଣ ପେଟ ଓ ମସ୍ତିଷ୍କକୁ କୌଣସି ଗ୍ୟାସବାହୀ ନଳୀ ସଂଯୁକ୍ତ କରି ନ ଥାଏ। ତେଣୁ ପେଟର ଗ୍ୟାସ୍ ମସ୍ତିଷ୍କକୁ ଯିବ କେଉଁବାଟେ ? ହେଲେ ମନର ଭ୍ରାନ୍ତ ଭାବନା ହିଁ ଅନେକଙ୍କୁ କାବୁକରି ବଡ଼ କଲବଲ କରି ଚାଲିଛି।

ତେବେ ଗ୍ୟାସ୍ ଯୋଗୁ ଅସ୍ୱସ୍ତି ବଢ଼ିଗଲେ ଆଣ୍ଟାସିଡ୍ ଔଷଧ ଓ ବ୍ୟଥା ନିବାରକ ଔଷଧ ଖିଆଯାଇପାରେ। ଏଥିପାଇଁ ଅନେକେ ଏନ୍‌ଜାଇମ୍ ଥିବା ଔଷଧମାନ ଖାଇବା ଅତି ସାଧାରଣ। କିନ୍ତୁ ଗ୍ୟାସ୍‌କୁ ମୁକାବିଲା କରିବାରେ ଏନ୍‌ଜାଇମ୍ ଔଷଧଗୁଡ଼ିକ ବିଶେଷ ଫଳପ୍ରଦ ହୋଇ ନ ଥାଏ। ଯେଉଁମାନେ ଏଭଳି ଔଷଧ ଖାଇଥାନ୍ତି, ସେମାନେ କେବଳ ମାନସିକ ଶାନ୍ତିଲାଭ ନିମନ୍ତେ ହିଁ ଖାଇପାରନ୍ତି।

ଉଦରରେ ବାୟୁବୃଦ୍ଧି ହେଲେ କିଛି ସମୟ ଚଲାବୁଲା କରିବା ଦ୍ୱାରା କିମ୍ବା ଶୋଇଯାଇ ବାମ-ଡାହାଣ ଓ ଡାହାଣ-ବାମ ହୋଇ କଡ଼ ଲେଉଟାଇବା ଦ୍ୱାରା ମଳଦ୍ୱାରବାଟେ ପେଟରୁ ଗ୍ୟାସ୍ ବାହାରିଯିବା ସୁଗମ ହୋଇଥାଏ। ପେଟରେ ଗରମ ସେକ ଦେଲେ କି ଏନିମା ନେଲେ ବି ଉପକାର ମିଳେ। ଚିତ୍ ହୋଇ ଶୋଇ, ଗୋଡ଼ ଦୁଇଟିକୁ ଆଣ୍ଠୁ ପାଖରେ ଭାଙ୍ଗି ପେଟ ଉପରେ ବାରମ୍ବାର ଚାପି ଧରିଲେ ଆରାମ ମିଳିପାରେ।

### ଗ୍ୟାସ୍ ସୃଷ୍ଟିକାରୀ ଖାଦ୍ୟ

କେତେକ ଧରଣର ଖାଦ୍ୟ ଖାଇଲେ ବେଶି ଗ୍ୟାସ୍ ଜାତ ହୋଇଥାଏ। ଯେଉଁସବୁ ଖାଦ୍ୟ ବେଶି ଗ୍ୟାସ୍ ଜାତକରେ, ସେଗୁଡ଼ିକ ମଧ୍ୟରେ ଚୋକଡ଼ ମିଶା ଅଟାର ରୁଟି, ବୋଳ ଚାଉଳ ଭାତ, ବିନ୍‌ସ, ବୁଟ, ମଟର, ହରଡ଼, ମୁଗ, ବିରି, କୋଳଥ ଓ ମସୁର ଡାଲି, ବନ୍ଧାକୋବି, ଫୁଲକୋବି, ବ୍ରୋକୋଲି, ପିଆଜ, କଦଳୀ, ଆପଲ, ଶାଗ ଓ ସବୁଜ ପନିପରିବା ଆଦି ପ୍ରଧାନ। ଏଗୁଡ଼ିକରୁ ମିଳିଥାଏ ଅଧିକ ଖାଦ୍ୟତନ୍ତୁ। ବିଶେଷକରି 'ଭର୍ବାସ୍କୋଜ୍', 'ଷ୍ଟାକିଓଜ' ଓ 'ରାଫିନୋଜ୍' ଭଳି ହଜମ ହୋଇପାରୁ ନଥିବା ଶ୍ୱେତସାର ଜାତୀୟ ଖାଦ୍ୟକୁ ବୃହଦନ୍ତ୍ରର ଜୀବାଣୁମାନେ ବିନିଯୋଗ କରି ଜାତ କରିଥାନ୍ତି ବାଷ୍ପଶୀଳ ଚର୍ବିଳ ଅମ୍ଳ। ପୁଣି ଜୀବାଣୁମାନଙ୍କ ଦ୍ୱାରା ପୁଷ୍ଟିସାରର ପଚନ ହୋଇ ବାହାରିଥାଏ ଆମୋନିଆ ଓ ହାଇଡ୍ରୋଜେନ୍ ସଲ୍‌ଫାଇଡ୍। କେତେକଙ୍କଠାରେ କ୍ଷୀର ଓ କ୍ଷୀରଜାତ ଦ୍ରବ୍ୟ ହଜମ ହୋଇପାରେନି। ଏପରି ଖାଦ୍ୟ ଖାଇଲେ ସେମାନଙ୍କ ପେଟରେ ବେଶି ଗ୍ୟାସ୍ ଜମେ। ପେଟରେ କୃମି ହୋଇଥିଲେ ବି ଅଧିକ ଗ୍ୟାସ୍ ସୃଷ୍ଟି ହୁଏ।

ଖାଦ୍ୟକୁ ଭଲ ଭାବରେ ଚୋବେଇ ଖାଇଲେ ଗ୍ୟାସ୍ ଜାତ ହେବାର ସମ୍ଭାବନା ହ୍ରାସ ପାଏ। ଦିନମାନ ଭିତରେ ଆଠ ଦଶ ଗିଲାସ ପାଣି ପିଇଲେ କୋଷ୍ଠକାଠିନ୍ୟ ଦୂର ହୋଇ ଗ୍ୟାସ୍ ସୃଷ୍ଟି କମିଯାଏ। ଯେଉଁମାନଙ୍କଠାରେ ଅଧିକ ଗ୍ୟାସ୍ ଜାତ ହୋଇଥାଏ, ସେମାନେ ସାଲାଡ଼, ବେଶି ତେଲମସଲା, ଶୁଖିଲା ଫଳ, ବହଳିଆ ଡାଲି ଇତ୍ୟାଦି ଖାଇବା ମନା। ଗ୍ୟାସ୍ ସୃଷ୍ଟିକାରୀ ଖାଦ୍ୟଦ୍ରବ୍ୟ ଖାଇବା ମଧ୍ୟ ବାରଣ। ନିଷ୍କାସିତ ବାୟୁ ଗନ୍ଧ ହେଉଥିଲେ ମାଛ, ମାଂସ, ଅଣ୍ଡା, କ୍ଷୀର, ଛେନା ଆଦି ପୁଷ୍ଟିସାର ପ୍ରଧାନ ଖାଦ୍ୟ ଖାଇବା କମେଇ ଦେଲେ ଉପକାର ମିଳେ। ରସୁଣ ଖାଇଲେ ଗ୍ୟାସ୍ ଜମିବାରୁ ଉପଶମ ମିଳିପାରେ।

ମନେ ରଖିବାର କଥା ଯେ ପେଟରେ ଗ୍ୟାସ୍ ଜାତ ହେବା ଏବଂ ମଳଦ୍ୱାରବାଟେ ତାହା ବାହାରିଯିବା ସମସ୍ତଙ୍କଠାରେ ଘଟିଥାଏ। ଶିଶୁ, ପିଲା, ପୁରୁଷ, ମହିଳା ସମସ୍ତଙ୍କଠାରେ ଗ୍ୟାସ ସୃଷ୍ଟି ହେବା ଏବଂ ନିଷ୍କାସିତ ହେବା ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା।

*-'ଅଭୀପ୍ସା', ସେକ୍ଟର-୬,*
*ଅଭିନବ ବିଡ଼ାନାସୀ, କଟକ-୧୪*
*ମୋ : ୯୪୩୭୭୬୬୧୧୭*

## ସ୍ୱାସ୍ଥ୍ୟ ସୂଚନା

-ଏକ ସନ୍ତୁଳିତ ଜୀବନଶୈଳୀ ଆମକୁ ଅନେକାଂଶରେ ନୀରୋଗ ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଖାଦ୍ୟପେୟ, ବ୍ୟାୟାମ, ଯୋଗ ଏବଂ ଯୋଜନାବଦ୍ଧ କାମ ଉପରେ ଗୁରୁତ୍ୱ ଦିଅନ୍ତୁ।

-ଯଦି ଗୋଟିଏ ସ୍ଥାନରେ ବସି ଅଧିକ ସମୟ କାମ କରିବାର ଅଛି ତେବେ କିଛି ସମୟ ଅନ୍ତରାଳରେ ଚଲାବୁଲା କରନ୍ତୁ। ଏହାଦ୍ୱାରା ମାନସିକତା ସକାରାତ୍ମକ ରହିଥାଏ।

-ଦୃଷ୍ଟିଶକ୍ତିଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜର ଚକ୍ଷୁ ପରୀକ୍ଷା କରାଇ ନେବା ଭଲ। ଚକ୍ଷୁରେ ଯଦି କିଛି ସମସ୍ୟା ଦେଖାଦିଏ କିମ୍ବା ତାହାର ଲକ୍ଷଣ ବିଷୟରେ ପ୍ରାକ୍ ସୂଚନା ମିଳେ ତେବେ ବିଳମ୍ବ ନ କରି ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

-ରାତିରେ ଶୋଇବାକୁ ଯିବା ପୂର୍ବରୁ ପାଦଦ୍ୱୟକୁ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

-ରାତିରେ ଶୋଇବା ଏବଂ ଖାଦ୍ୟ ଖାଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଆବଶ୍ୟକ।

-ବୟସ ବଢ଼ିବା ସହ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ନିଜକୁ ସୁସ୍ଥ ରଖିବା ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ଆପଣ ଡାଇବେଟିସ୍, ବ୍ଲଡପ୍ରେସର ପରି ସମସ୍ୟା ସହ ଜଡିତ ତେବେ ଏଥିପ୍ରତି ବିଶେଷ ନଜର ଦିଅନ୍ତୁ।



## ନ୍ୟୁରୋଷ୍ଟିମ୍ୟୁଲେଟର ଡିଭାଇସ୍




ପାର୍କିନସନ ପରି ସ୍ନାୟୁଗତ ରୋଗର ଏକ ସହଜ ଚିକିତ୍ସା ପ୍ରଣାଳୀ ନିକଟରେ ଉଦ୍ଭାବିତ ହୋଇଛି। ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏ ବିଷୟରେ ଗବେଷଣା କରି ଶେଷରେ ସଫଳ ହୋଇଛନ୍ତି। ସେମାନେ ପ୍ରସ୍ତୁତ କରିଥିବା ନ୍ୟୁରୋଷ୍ଟିମ୍ୟୁଲେଟର ଡିଭାଇସ୍ ଦ୍ୱାରା ପାର୍କିନସନ ପରି ସମସ୍ୟାର ଚିକିତ୍ସା ପ୍ରଣାଳୀ ଆହୁରି ସହଜ ହୋଇପାରିବ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। 'ଏହି ଡିଭାଇସ୍ ମସ୍ତିଷ୍କର କାର୍ଯ୍ୟଧାରାକୁ ସଠିକ ଭାବରେ କରାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ବିଶେଷଭାବରେ ପାର୍କିନସନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଥିଲେ ତାହାର ଚିକିତ୍ସା ପାଇଁ ଏହାକୁ ବ୍ୟବହାର କରାଯାଇପାରିବ। ଉକ୍ତ ଡିଭାଇସ୍‌ରେ ଏପରି ଶକ୍ତି ରହିଛି ଯାହା ସ୍ନାୟୁଗୁଡିକୁ ପୂର୍ବାପେକ୍ଷା ଚଳଚଞ୍ଚଳ କରାଇଥାଏ, ଯାହାଫଳରେ ମସ୍ତିଷ୍କର କାର୍ଯ୍ୟଧାରାରେ ବାଧା ସୃଷ୍ଟି ହୋଇ ନ ଥାଏ ବୋଲି ପ୍ରକାଶ କରିଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ଣ୍ଣିଆର ସ୍ନାୟୁଶଲ୍ୟ ବିଭାଗର ସହଯୋଗୀ ପ୍ରଫେସର ଡା. ରିକି ମୁଲେର।'

## ଧୂମପାନ ପରିତ୍ୟାଗ ପାଇଁ ଆପ୍‌ସ

ଧୂମପାନ ଏପରି ଏକ ଅଭ୍ୟାସ ଯାହା ପରୋକ୍ଷରେ ଅନେକ ଗୁରୁତର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। କେତେକ ଏହାର ବଶବର୍ତ୍ତୀ ହୋଇ ଅକାଳରେ ମୃତ୍ୟୁର ସାମନା କରିବାର ଅନେକ ନଜୀର ରହିଛି। ତେବେ ଏହାଠାରୁ କିପରି ନିଜକୁ ଦୂରେଇ ରଖିବେ ସେଥିପାଇଁ କେତେକ ଉପାୟ ରହିଛି। ତେବେ ଧୂମପାନ ପରି ଅଭ୍ୟାସଠାରୁ ନିଜକୁ କିପରି ଦୂରେଇ ରଖିବେ ସେଥିପାଇଁ ଆଉ ଏକ ଉଦ୍ୟମ ଆରମ୍ଭ କରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ପାଖାପାଖି ଦୁଇବର୍ଷ ଧରି ସେମାନେ ଏକ ଗବେଷଣା ଆରମ୍ଭ କରିଛନ୍ତି। ଧୂମପାନ ପରିତ୍ୟାଗ ପାଇଁ ସେମାନେ ଏକ ପ୍ରକାର ଆପ୍ସ ପ୍ରସ୍ତୁତରେ ଲାଗିପଡିଛନ୍ତି। ଏହି ଆପ୍ସ ପ୍ରସ୍ତୁତ ହୋଇଗଲେ ତାହାକୁ ଅନୁସରଣ କରି ଧୂମପାନ ସହ ଜଡିତ ଜଣେ ବ୍ୟକ୍ତି ଏଭଳି ଅଭ୍ୟାସକୁ ଧୀରେ ଧୀରେ ପରିତ୍ୟାଗ କରିବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।



## ଗଛ ବତିଖୁଣ୍ଟ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"କେତେ ସାମୁଦ୍ରିକ ମାଛ, ଜଳଜୀବ ଓ ବୀଜାଣୁ ରାତିରେ ଚକ୍‌ମକ୍ କରିଥାନ୍ତି। ସେମାନଙ୍କଠାରେ ଏଭଳି ପଦାର୍ଥ ଥାଏ। ସିଙ୍ଗାପୁରର ଜାତୀୟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆହୁରି ଅନେକ ମାଛଙ୍କଠାରେ ଜିନୀୟ ପରିବର୍ତ୍ତନ ଆଣି ସେମାନଙ୍କ ଦେହରେ ଏ ପ୍ରକାର ଜେଲିଫିସ୍, ସାମୁଦ୍ରିକ ପୋହଳା ଆଦିଙ୍କ ଠାରୁ ଏ ପ୍ରକ୍ରିୟା ଜାତକାରୀ ଜିନ୍ ନେଇ ଅନ୍ୟ ମାଛଙ୍କଠାରେ ଭରିଦେବା ଫଳରେ ତାଙ୍କ ଦେହରୁ ଆଲୋକ ବାହାରୁଛି।"

ଜୁଳୁଜୁଳିଆ ପୋକ ଲାଞ୍ଜରେ ଆଲୁଅ ଆମେ ସମସ୍ତେ ଦେଖିଛୁ। ସେହିପରି ବିଲୁଆ ପାଟିରୁ ମଧ୍ୟ ତାହା ବାହାରିବାର ଆମେ ଜାଣୁ। ଆଗେ ଲୋକେ ତାହାକୁ ଡାହାଣୀ ଆଲୁଅ ବୋଲି ଭାବୁଥିଲେ। ପ୍ରକୃତରେ ଏହି 'ଶୀତଳ ଆଲୋକ' ବାହାରିଥାଏ। ଲ୍ୟୁସିଫେରିନ୍ ନାମକ ରସାୟନ ଯେତେବେଳେ ଲ୍ୟୁସିଫେରିଜ୍ ନାମକ ଏଞ୍ଜାଇମ୍‌ର ଉପସ୍ଥିତିରେ ବାୟୁରେ ଥିବା ଅମ୍ଳଜାନ ସଂସ୍ପର୍ଶରେ ଆସେ ସେତେବେଳେ ରସାୟନଟିର ଜାରଣ ଘଟେ ଏବଂ ତହିଁରୁ ଆଲୁଅ ବାହାରେ। କୋଏଞ୍ଜାଇମ୍- ଏ ବୋଲି ଆଉ ଏକ ପଦାର୍ଥ ମଧ୍ୟ ଏ ପ୍ରକ୍ରିୟାରେ ସହାୟତା କରିପାରେ।

କେତେକ ସାମୁଦ୍ରିକ ମାଛ, ଜଳଜ ଜୀବ ଓ ବୀଜାଣୁ ରାତିରେ ଚକ୍‌ମକ୍ କରିଥାନ୍ତି। ସେମାନଙ୍କଠାରେ ଏଭଳି ପଦାର୍ଥଥାଏ। ସିଙ୍ଗାପୁରର ଜାତୀୟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଆହୁରି ଅନେକ ମାଛଙ୍କଠାରେ ଜିନୀୟ ପରିବର୍ତ୍ତନ ଆଣି ସେମାନଙ୍କ ଦେହରେ ଏପ୍ରକାର ଜେଲିଫିସ୍, ସାମୁଦ୍ରିକ ପୋହଳା ଆଦିଙ୍କଠାରୁ ଏ ପ୍ରକ୍ରିୟାଜାତକାରୀ ଜିନ୍ ନେଇ ଅନ୍ୟ ମାଛମାନଙ୍କଠାରେ ଭରିଦେବା ଫଳରେ ତାଙ୍କ ଦେହରୁ ଆଲୋକ ବାହାରୁଛି। ଏବେ ଏ ଦିଗରେ ଆଉ ଗୋଟିଏ ପାଦ ଆଗକୁ ଯାଇଛନ୍ତି ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ବୈଜ୍ଞାନିକମାନେ। ସେମାନେ ବିଶେଷ ଧରଣର ନାନୋକଣିକାମାନ ଗଛର ପତ୍ରରେ ଭରି ଏ କାର୍ଯ୍ୟ ସାଧନ କରୁଛନ୍ତି। ଫଳରେ ତହିଁରୁ ବାହାରୁଛି ଶୀତଳ ଆଲୁଅ, ଯାହାକି ସେମାନେ କାମ କରୁଥିବା ସ୍ଥାନକୁ ଆଲୋକିତ କରୁଛି। ତେବେ ଏ ପ୍ରକ୍ରିୟାର ଉନ୍ନତି ଘଟିଲେ ତାହାର ବ୍ୟବସାୟୀକରଣ ସମ୍ଭବ ହୋଇପାରିବ। ଏ ଶକ୍ତି ଉପନ୍ନ ହେବ ଗଛର ଚୟାପଚୟ ପ୍ରକ୍ରିୟାରୁ। ଅତଏବ ପରିବେଶ ଓ ପରିସଂସ୍ଥା ଉପରେ ଏହାର ପ୍ରଭାବ ହେବ ସକାରାତ୍ମକ।

ଏ ପ୍ରକାର ଆଲୋକ ପ୍ରଦାନକାରୀ ଗଛ ସୃଷ୍ଟି ପାଇଁ ବୈଜ୍ଞାନିକମାନେ ଅଲଗା ଅଲଗା ପ୍ରକାର ନାନୋ କଣିକାକୁ ଲ୍ୟୁସିଫେରିନ୍, ଲ୍ୟୁସିଫେରିଜ୍ ଓ କୋଏଞ୍ଜାଇମ୍-ଏର ବାହକ ରୂପେ ବ୍ୟବହାର କରିଥିଲେ। "ନାନୋ ଲେଟରସ୍" ଗବେଷଣା ପତ୍ରିକାରେ (ଜୁଲାଇ, ୨୦୧୮) ପ୍ରକାଶିତ ଏକ ନିବନ୍ଧରେ ସେମାନେ ସୂଚାଇଛନ୍ତି ଯେ, ଲ୍ୟୁସିଫେରେଜ୍ ବହନ କରୁଥିବା ନାନୋ କଣିକାଗୁଡ଼ିକ ତିଆରି ହୋଇଥିଲା ସିଲିକାରେ। ଏହାର ବ୍ୟାସ ଥିଲା ପ୍ରାୟ ୧୦ ନାନୋମିଟର । ଅନ୍ୟପକ୍ଷରେ, ଲଗୁରିଫେରିନ୍ ଓ କୋଏଞ୍ଜାଇମ୍-ଏର ବାହକ ରୂପେ କାର୍ଯ୍ୟ କରୁଥିବା ନାନୋ କଣିକାଗୁଡ଼ିକ ଥିଲା ଅପେକ୍ଷାକୃତ ବଡ଼। ସେଗୁଡ଼ିକ ଯଥାକ୍ରମେ ତିଆରି କରାଯାଇଥିଲା 'ପିଏଲ୍‌ଜିଏ' ନାମକ ପଲିମର୍ ଏବଂ 'ଚିଟୋସାନ୍'ରୁ।

ଏହି ବାହକ କଣିକାଗୁଡ଼ିକୁ ବୈଜ୍ଞାନିକମାନେ ତାଙ୍କ ପରୀକ୍ଷାରେ ଏକ ଦ୍ରବଣ ମଧ୍ୟରେ ପ୍ରଲମ୍ବିତ କରି ରଖିଥିଲେ। ତପ୍ରରେ ଛୋଟ ଛୋଟ ଗଛଗୁଡ଼ିକୁ ତହିଁରେ ଗୁଡ଼ାଇ ଅତ୍ୟଧିକ ଚାପର ସମ୍ମୁଖୀନ କରାଇଲେ। ଫଳରେ କଣିକାଗୁଡ଼ିକ ପତ୍ରରେ ଥିବା 'ଷ୍ଟୋମାଟା' ନାମକ ସୂକ୍ଷ୍ମ ଛିଦ୍ର ଦେଇ ତନ୍ମଧ୍ୟକୁ ପ୍ରବେଶ କଲେ। ଲାଗୁରିଫେରିନ୍ ଓ କୋଏଞ୍ଜାଇମ୍-ଏ ବହନକାରୀ କଣିକାଗୁଡ଼ିକ ପତ୍ରର ଏକ ଆଭ୍ୟନ୍ତରୀଣ ସ୍ତର 'ମେସୋଫିଲ୍'ର ବାହ୍ୟ ଜୀବକୋଷୀୟ ସ୍ଥାନରେ ଜମା ହୋଇ ରହିବା ପାଇଁ ଗଢ଼ା ହୋଇଥିଲା। ତେଣୁ ସେଗୁଡ଼ିକ ତାହା କଲେ। ଅନ୍ୟପକ୍ଷରେ, ଲଗୁସିଫେରେଜ୍‌ବାହୀ ସାନ ସାନ କଣିକାଗୁଡ଼ିକ 'ମେସୋଫିଲ୍' ଗଠନ କରୁଥିବା ଜୀବକୋଷ ମଧ୍ୟକୁ ପ୍ରବେଶ କଲେ।

ଏହାପରେ 'ପିଏଲ୍‌ଜିଏ' କଣିକାରୁ ଲଗୁରିଫେରିନ୍ ନିର୍ଗତ ହୋଇ ତାହା ଜୀବକୋଷ ମଧ୍ୟକୁ ପ୍ରବେଶ କଲା। ସେଠାରେ ଥିବା ଲଗୁରିଫେରେଜ୍ ଏହାକୁ କୋଏଁଜାଇମ୍- ଏଇ ଉପସ୍ଥିତିରେ ଆଲୋକ ସୃଷ୍ଟି କରିବାରେ ସାହାଯ୍ୟ କଲା। ଏବେ ପ୍ରାଥମିକ ଅବସ୍ଥାରେ ତିଆରି ହୋଇଥିବା ଏ ପ୍ରକାର ଗଛ ପ୍ରାୟ ୪୫ ମିନିଟ୍ ଧରି 'ଶୀତଳ ଆଲୋକ' ପ୍ରଦାନ କରିପାରୁଛି।

ବୈଜ୍ଞାନିକମାନେ ଆଶା କରନ୍ତି ଯେ, ଏସବୁ ପ୍ରକ୍ରିୟାର ବିକାଶ ଘଟିଲେ ଏଭଳି ଗଛମାନ ସୃଷ୍ଟି କରାଯାଇପାରିବ, ଯାହାକୁ ରାସ୍ତାକଡ଼ରେ ଲଗାଇଲେ ବତିଖୁଣ୍ଟର ଆଉ ଆବଶ୍ୟକ ପଡ଼ିବ ନାହିଁ ଏବଂ ଏଭଳି ଗୃହପାଳିତ ପଶୁ ସୃଷ୍ଟି କରାଯାଇପାରିବ, ଯେଉଁମାନଙ୍କୁ ଘରେ ରଖିଲେ ବିଜୁଳି ଆଲୁଅର ଆବଶ୍ୟକତା କମିଯିବ। ଅତଏବ ଶକ୍ତିତ୍ରୟ ସଂଗେ ସଂଗେ ପ୍ରଦୂଷଣ ହ୍ରାସ ପାଇବ। ଏବଂ ବାରମ୍ବାର ବିଦ୍ୟୁତ୍ କାଟିବାର ଅସୁବିଧା କିଛି ମାତ୍ରାରେ ଲାଘବ ହୋଇପାରିବ।






*-ଉଷାନିବାସ, ଖଣ୍ଡଗିରି ବିହାର*
*ଭୁବନେଶ୍ୱର-୭୫୧୦୩୦,*
*ମୋ: ୯୯୩୭୯୮୫୭୬୭*

## ଭିଟାମିନ୍ 'ଡି'

ଆମ ଶରୀର ପାଇଁ ଭିଟାମିନ୍ 'ଡି'ର ଆବଶ୍ୟକତା କେତେ ତାହା କହିବା ବାହୁଲ୍ୟ। ଏହାର ଅଭାବରେ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଯାଇଥାଏ। ବିଶେଷଭାବରେ ଏହାର ପରିମାଣ କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ ଏବଂ ଶରୀରରେ କ୍ୟାଲସିୟମ ପରିମାଣ କମିଯାଏ। ଅପରପକ୍ଷରେ ହାର୍ଟ ଆଟାକ, କିଡ୍‌ନୀରେ ଷ୍ଟୋନ୍ ଆଶଙ୍କା ମଧ୍ୟ ରହିଛି। ତେଣୁ ଏହି ଭିଟାମିନ କିପରି ଶରୀରରେ ସନ୍ତୁଳିତ ଅବସ୍ଥାରେ ରହିବ ସେ ନେଇ ଆମେ ସଚେତନ ରହିବା ଦରକାର। ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳ ସମୟରେ ଯଦି ଆମେ କିଛି ସମୟ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସୁ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଅପରପକ୍ଷରେ କଡ୍ ଲିଭର ଅଏଲ, ସୋୟାଜାତୀୟ ଖାଦ୍ୟ, ମାଛ, ଓଷ୍ଟେୟର, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ, ଛତୁରେ ଏହି ଭିଟାମିନ୍ ଭରିରହିଛି।





ପୁଣେରେ ହେବାକୁ ଯାଉଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭାଗ ନେବାକୁ ମନୋନୀତ ହୋଇଥିବା ଓଡ଼ିଶା ଜୁଡୋ ଦଳ।

# ୧୯୬୪ ପରେ ଭାରତର ପ୍ରଥମ ବିଜୟ

**ଏସିଆନ କପ୍ ଫୁଟ୍‌ବଲ**

ଆବୁଧାବି, ୬।୧ (ପି.ଟି.)

ସୁନୀଲ ଛେତ୍ରୀଙ୍କ ଡବଲ ଗୋଲ ସହାୟତାରେ ଭାରତ ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଥାଇଲାଣ୍ଡକୁ ୪-୧ ଗୋଲରେ ହରାଇ ଦେଇଛି। ୧୯୬୪ ପରେ ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଏସିଆନ କପ୍‌ରେ ଦ୍ୱିତୀୟ ଥର ଖେଳୁଥିବା ଛେତ୍ରୀଙ୍କର ଏହାଥିଲା ୧୦୫ତମ ମ୍ୟାଚ। ସେ ୨୭ତମ (ପେନାଲ୍ଟି) ଓ ୪୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଏହା ହେଉଛଇ ତାଙ୍କର ୬୭ତମ ଗୋଲ। ଫଳରେ ବର୍ତ୍ତମାନ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ ସେ ଦ୍ୱିତୀୟ ସର୍ବାଧିକ ଅନ୍ତର୍ଜାତୀୟ ଗୋଲ ସ୍କୋରର ବିବେଚିତ ହୋଇଛନ୍ତି। ଅଲ୍ ନାହ୍ୟାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଦଳ ପକ୍ଷରୁ ଅନ୍ୟ ଦୁଇଟି ଗୋଲ ମିଡ୍ ଫିଲ୍ଡର ଅନିରୁଦ୍ଧ ଥାପା ଏବଂ ଦ୍ୱିତୀୟାର୍ଦ୍ଧ ବଦଳ ଖେଳାଳି ଜେଜେ ଲାଲ୍‌ପେଖଲୁଆ ଯଥାକ୍ରମେ ୬୮ତମ ଓ ୮୦ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ରବିବାର ଦୁଇଟି ଗୋଲ ସ୍କୋର ଦ୍ୱାରା ୩୪ ବର୍ଷୀୟ ଛେତ୍ରୀ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସିଙ୍କୁ ଅତିକ୍ରମ କରିଯାଇଛନ୍ତି। ମେସି ତାଙ୍କର ୧୨୮ ଅନ୍ତର୍ଜାତୀୟ ମ୍ୟାଚରେ ୬୫ ଗୋଲ ସ୍କୋର କରିଛନ୍ତି। ପର୍ତ୍ତୁଗାଲ୍ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୧୫୪ ମ୍ୟାଚରେ ସର୍ବାଧିକ ୮୫ ଗୋଲ ସ୍କୋର କରି ସବୁଠାରୁ ଆଗରେ ରହିଛନ୍ତି। ଗ୍ରୁପ୍ ଏ'ର ଏହି ମ୍ୟାଚରେ ଥାଇଲାଣ୍ଡ ଅଧିନାୟକ ତଥା ଷ୍ଟ୍ରାଇକର ତିରାସିଲ ଡାଙ୍ଗ୍‌ଡା ତାଙ୍କ ଦଳ ପକ୍ଷରୁ ଏକମାତ୍ର ଗୋଲ ଖେଳର ୩୩ତମ ମିନିଟ୍‌ରେ ଦେଇଥିଲେ। ଭାରତ ଆଗକୁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ବାହାରିନ ବିପକ୍ଷରେ ଖେଳିବାକୁ ଥିବା ଦୁଇଟି ମ୍ୟାଚ ମଧ୍ୟରୁ ଯଦି ଗୋଟିଏ ଡ୍ର ରଖେ ତେବେ ନକ୍‌ଆଉଟ୍ ରାଉଣ୍ଡକୁ ଉନ୍ନୀତ ହୋଇପାରିବ।

■ ଜାତୀୟ ସିନିୟର ଟେବୁଲ ଟେନିସ

# ମହିଳା ଟିମ ଇଭେଣ୍ଟରେ ପଶ୍ଚିମବଙ୍ଗ ଚାମ୍ପିୟନ

କଟକ ଅଫିସ,୬।୧

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ମହିଳା ଟିମ୍ ଇଭେଣ୍ଟରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗର ଖେଳାଳିମାନେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ(ପିଏସ୍‌ପିବି)ର ଅନ୍ତର୍ଜାତୀୟ ପ୍ରତିଭାମାନଙ୍କ ଉପରେ ଭାରି ପଡ଼ିଥିଲେ। ଏପରିକି ମନିକା ବାତ୍ରା ଓ ମୌମା ଦାସ ପରାଜୟର ସମ୍ମୁଖୀନ ହୋଇଛନ୍ତି। ୩-୧ ସେଟ୍‌ରେ ବିଜୟୀ ହୋଇ ପଶ୍ଚିମବଙ୍ଗ ମହିଳା ଦଳ ଏହି ସଫଳତା ପାଇଛି। ପ୍ରଥମ ସେଟରେ ପଶ୍ଚିମବଙ୍ଗ ବିଜୟୀ ହୋଇଥିଲା। ପଶ୍ଚିମବଙ୍ଗର ମୌସୁମୀ ପଲ ୧୧-୮, ୧୧-୫, ୧୩-୧୫, ୬-୧୧, ୧୨-୧୦ ପଏଣ୍ଟରେ ମନିକାଙ୍କୁ ହରାଇଥିଲେ। ଦ୍ୱିତୀୟ ସେଟରେ ପିଏସପିବିର ମାଧୁରିକା ପାଟେକର ବିଜୟୀ ହୋଇ ଖେଳକୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ମାଧୁରିକା ୧୧-୮, ୧୧-୩, ୧୧-୧୩, ୧୧-୮ ପଏଣ୍ଟରେ ପଶ୍ଚିମବଙ୍ଗର କ୍ରୀତିକା ସିହ୍ନାଙ୍କୁ ପରାସ୍ତ କରିଥିଲେ। ମାତ୍ର ଏହା ପରବର୍ତ୍ତୀ ୨ଟି ଯାକ ସେଟ ପଶ୍ଚିମବଙ୍ଗ ସପକ୍ଷରେ ଯାଇଥିଲା। ପିଏସ୍‌ପିବିର ମୌମା ଓ ମନିକା ଏହି ୨ଟି ଯାକ ସେଟ ହାରିଥିଲେ। ମୌମାଙ୍କୁ ଆୟିକା ମୁଖାର୍ଜୀ, ମନିକାଙ୍କୁ ମୌସୁମୀ ହରାଇଥିଲେ। ସିଙ୍ଗଲ୍ସ ଇଭେଣ୍ଟର ଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ସଚିବ ଡି.ପି ବାଗଚୀ, ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସମ୍ପାଦକ ଏମ୍.ପି. ସିଂ, ଉପଦେଷ୍ଟା ଧନରାଜ ଚୌଧୁରୀ, ଉପସଭାପତି ବି.କେ. ବାୱା, ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ସଭାପତି ଏଲ.ଏନ. ଗୁପ୍ତା, ଉପସଭାପତି ସଞ୍ଜୟ ସିଂ, ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ।

# ବିକାଶ ଗ୍ରାଉଣ୍ଡରେ ଗୋଆକୁ ଭେଟିବ ଓଡ଼ିଶା

**ରଣଜୀ ଟ୍ରଫି**

କଟକ ଅଫିସ,୬।୧

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଆନୁକୂଲ୍ୟରେ ଚାଲିଥିବା ରଣଜୀ ଟ୍ରଫି ୨୦୧୮-୧୯ ସିଜନର ଅନ୍ତିମ ରାଉଣ୍ଡ ପର୍ଯ୍ୟାୟ ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବ। ଏଲିଟ ଗ୍ରୁପ୍-ସି'ରେ ସ୍ଥାନିତ ଓଡ଼ିଶା ଏହିକ୍ରମରେ ଏହାର ଅନ୍ତିମ ମୁକାବିଲାରେ ଗୋଆକୁ ଭେଟିବ। ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ଘରୋଇ ମାଟିରେ ସିଜନର ଅନ୍ତିମ ମ୍ୟାଚ୍‌କୁ ଜିତିବାର ଲକ୍ଷ୍ୟ ରହିଛି ବୋଲି ଓଡ଼ିଶା ଦଳର ନୂଆ ଅଧିନାୟକ ଦାୟିତ୍ୱ ସମ୍ଭାଳିଥିବା ଶୁଭ୍ରାଂଶୁ ସେନାପତି କହିଛନ୍ତି। ଅଧିନାୟକ ଭାବେ ଶୁଭ୍ରାଂଶୁଙ୍କ ପାଇଁ ଏହା ପ୍ରଥମ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ୍। ଓଡ଼ିଶା ୮ଟି ମ୍ୟାଚ୍ ଖେଳି ୩ ବିଜୟ, ୩ ପରାଜୟ ଓ ୨ଟି ଡ୍ର ସହ ୨୦ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଚଳିତ ରଣଜୀ ସିଜନରେ ବିକାଶ ଗ୍ରାଉଣ୍ଡରେ ଏହା ଓଡ଼ିଶାର ଦ୍ୱିତୀୟ ମ୍ୟାଚ୍। ପୂର୍ବରୁ ରାଜସ୍ଥାନ ବିପକ୍ଷରେ ଏଠାରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ସୂର୍ଯ୍ୟକାନ୍ତ ପ୍ରଧାନ ଦ୍ରୁତ ୫୬ ରନ୍‌ର ଇନିଂସ ସତ୍ତ୍ୱେ ଓଡ଼ିଶା ମାତ୍ର ୩୫ ରନ୍‌ରେ ପରାସ୍ତ ହୋଇଥିଲା। ଖରାପ ଫର୍ମ ଲାଗି ଗୋଆ ବିପକ୍ଷ ମ୍ୟାଚ୍‌ରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାର ଓ ଉଇକେଟ୍‌କିପର ପି. ରୋଶନ କୁମାରଙ୍କୁ ବାଦ୍ ଦିଆଯାଇଛି।


**GOVT. OF ODISHA** 1082-A

**OFFICE OF THE ENGINEER-IN-CHIEF, WATER RESOURCES ODISHA, BHUBANESWAR**

**'e' Procurement Notice No.CELMB 77 OF 2018-19**

1. Name of the work : Anti Sea Erosion Work to Protect Saline Embankment and mouth of river Bahuda. (Package-IV from village Sunapur Bhagyadevi Temple to Fishery Jetty & Anataraypur to Patisonepur) under NABARD Assistance RIDF-XXIV.
2. Amount put to Tender : Rs.8,77,64,664.00
3. Bid Document Cost : Rs.10,000.00 (online)
4. E.M.D : Rs.8,77,700.00 (online)
5. Class of Contractor : Special Class & Super Class
6. Period of Completion : 15 calendar months (456 Days)
7. Other details are as follows.

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Engineer FC & Basin Manager, LMB, Bhubaneswar | CELMB BEID 04 of 2018-19 | 11.01.2019 10.00 hrs | 28.01.2019 17.00hrs | 29.01.2019, 11.00 hrs |

8. e-mail Id : celmbbbsr@yahoo.co.in

Further detail conditions can be seen from the Govt. website **www.tendersorissa.gov.in**.

**Sd./- Chief Engineer FC & Basin Manager**
**Lower Mahanadi Basin**

32252/11/0094/1819



ଶିକ୍ଷା ଅଧିକାର

OFFICE OF THE DISTRICT PROJECT COORDINATOR

**SAMGRA SIKSHYA, SUBARNAPUR**

**E-mail: dpcsonepuropepa@nic.in**

**Ph: 06654-220551/ 06654-220514(Fax)**

**No. 12** **Date 04.01.19**

**CORRIGENDUM**

In partial modification of the O/O No. 2731 dtd 29.12.2018 the reservation for PH category (Part Time Instructor (Art Education)) shall be read as 4% in place of 3% for ortho/Deaf.

The error occurred due to typographical mistake. The other criteria will remain the same.

**Sd./- District Project Coordinator**
**Samgra Sikshya, Subranapur**



**ODISHA POWER TRANSMISSION CORPORATION LIMITED**

**(A Government of Odisha Undertaking)**

**OFFICE OF THE DEPUTY GENERAL MANAGER (ELECT.), E.H.T. (O&M) DIVISION, JODA, P.O.: Boneikala, Dist.- Keonjhar, PIN: 758038 (ODISHA)**

PHONE/FAX NO.: 7328829375, Email: ehtm.div.jod@optcl.co.in, CIN: U40102OR2004SGC007553

Letter No. 1583 Dated: 05.01.19

**TENDER CALL NOTICE NO.-07/2018-19**

Sealed tenders are invited from the Civil & HT Contractors having valid "C" & "D" Class Civil Contractor license issued by Govt. of Odisha / Military / Railways & having valid IT PAN Card / GST certificate for the work of "Construction of Borewell (Rotary type) DTH method of 200mm dia at Grid substation Polaspanga" under EHT (O&M) Division, Joda. Cost of Tender paper: Rs.2100/-, EMD= Rs. 4800/-. Sale of tender documents from dt.09.01.2019 to 18.01.2019. Last Date of submission of tender: 19.01.2019 upto 1.00PM. Date of opening of tender: 21.01.2019 at 3.30PM. For details visit our website: www.optcl.co.in.

Corrigendum if any will be published in the OPTCL website only.

***Sd./- Dy. General Manager (Elect.), EHT (O&M) Division, Joda***



**OFFICE OF EXECUTIVE ENGINEER**
**MINOR IRRIGATION DIVISION, NABARANGPUR**

Letter No.05 Dt. 03.01.2019

**GOVERNMENT OF ODISHA e-Procurement Notice**

**Bid Identification No. EEMIDNGPUR- 08 /2018-19**

E-mail ID ;-mingpur@yahoo.in, Ph No. 06858222130

1. Name of work :- Construction of Check Dams in different Blocks of Nabarangpur District
2. Total Number of work :- 24 (Twenty Four)
3. Estimated cost :- Varies from Rs. 17.26 lakhs to Rs. 35.85 lakhs
4. Class of Contractor :- "D", "C" & "B"
5. Tender paper Cost(Online) :- - Rs. 6,000 /-
6. Bid Security (Online) :- Varies from Rs. 17,300/- to Rs. 35,900/- as per DTCN
7. Period of Completion :- 6 (Six) Calender Months
8. Availability of Bid Document :- From 10.01.2019, 10.00 AM to 21.01.2019, 5.00 PM in website (www.tendersorissa.gov.in)
9. Last date & Time of receipt of Bid :- 21.01.2019 at 5.00 PM through online
10. Date of opening of Bid documents :- 22.01.2019 at 11.00 A.M in the office of the EE, M.I.Division, Nabarangpur
11. Date of Lottery, if required :- 01.02.2019 at 11.00AM in the office of the EE, M.I.Division, Nabarangpur
12. Name and address of the OIT :- Executive Engineer, M.I.Division, Nabarangpur At/P.O:- Nabarangpur District Nabarangpur, PINCODE 764059

Further details can be seen from the Government of Odisha Web-Site :-**www.tendersorissa.gov.in**.

No.1075-A

**Sd./- Executive Engineer**
**M.I. Division, Nabarangpur**

32294/11/0011/1819



OFFICE OF THE CDM & PUBLIC HEALTH OFFICER, NAYAGARH

**(DISTRICT PROGRAMME MANAGEMENT UNIT)**
**Department of Health & Family Welfare, Orissa,**
**PO/Dist: Nayagarh, Pin: 752069**

**TENDER CALL NOTICE**

**Advt. No.: 04/18-19** **Dt.: 05.01.2019**

Sealed tenders are invited in plain paper from the Firm/ Agency/ Company having valid GST registration certificate, EPF, ESI, PAN card, Valid Labour License etc. for selection outsourcing agency for provision of **Bio-Medical Waste Management for Nayagarh** under the administrative control of CDM & PHO, Nayagarh. The detailed Term and Condition, Criteria etc. thereof can be downloaded from the official website of Nayagarh district i.e. www.nayagarh.nic.in. The downloaded tender papers should be accompanied with a Demand Draft of Rs. 1,000/- in favour of ZSS BMWM, Nayagarh from any nationalized bank. The tenders should be submitted through Regd. Post/Speed Post/ Courier only to the office of the undersigned within 12.30 PM of date 28.01.2019. The tenders will be opened on 28.01.2019 at 3.00 PM in the presence of the tenderers or their authorized agents. The Authority reserves the rights to accept or reject any or all the tenders without assigning any reason thereof.

**Sd./- CDM & Public Health Officer, Nayagarh**



ZILLA SWASTHYA SAMITI GANJAM, BERHAMPUR

No. 371 Date: 05.01.19

**TENDER CALL NOTICE**

Sealed tenders are invited in the prescribed format from the registered firms / agencies for supply of Immunization logistics & Indelible Marker Pen for IPPI-2019. Details about the items, specifications, terms & conditions can be downloaded from the district NIC website http://ganjam.nic.in under CDM & PHO link. Sealed tenders along with tender paper cost of Rs. 1000/- and EMD money of Rs. 10,000/- in favour of "ZSS (Misc.) Account, Ganjam (A/C No.30249462288)" should reach in the office of the CDM & PHO Ganjam by 15.01.2019 (05.00 PM) through Registered Post / Speed Post only and the tender will be open on the date 16.01.2019 (12.30 PM) in presence of bidders or their authorized representative. The sealed cover should be super-scribed on the top of the envelope as **"Tender for Supply Red Bag / Black Bag/ Zipper Bag / Twin bucket / Indelible Marker Pen / Anaphylaxis Kit"**. The authority reserves the right to accept or reject any or all the tenders without assigning any reason thereof.

**Sd./- Chief District Medical &**
**Public Health Officer, Ganjam**



**GOVT. OF ODISHA**
**OFFICE OF THE SUPERINTENDING ENGINEER**
**K.B.K.MINOR IRRIGATION CIRCLE-I, BHAWANIPATNA**

**'e' Procurement Notice**

**Bid Identification No. SEKBKMIC-I / 06 / 2018-19**

sekbkmi@yahoo.co.in

**No. 2844 // KBKMIC-I // date – 31.12.2018**

No.1081-A: Bid documents consisting of Work, Estimated cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal **https://tendersodisha.gov.in**.

1 Name of the work :- Construction work
2 No. of Works :- 05 ( Five) Nos.
3 Estimated cost :- Approximately from Rs.199.89 lakhs to Rs.343.79 lakhs
4 Period of completion :- 04(Four) Calendar months
5 Date and Time of availability of bid documents in the portal :- From 08.01.2019 (10.00 AM) to 22.01.2019 up to (5.00 PM)
6 Last date / time of receipt of bids in the portal :- 22.01.2019 (5.00 PM)
7 Date of opening of Bid :- 24.01.2019 at 11.00 A.M onwards
8 Date of receipt of bid cost and bid security on online payment mode :- From dt.08.01.2019 to 22.01.2019 up to (5.00 PM)
9. Date of Transparent Lottery (if cases arise) :- 05.02.2019 at 11.00 A.M. onwards
10. Name and address of the OIT :- Superintending Engineer, K.B.K.M.I. Circle-I, Bhawanipatna

Further details can be seen from the e-Procurement market place **http://tendersodisha.gov.in**.

**Sd./- Sananta Patanaik**
**Superintending Engineer**
**K.B.K.M.I.Circle-I, Bhawanipatna**

32262/11/0005/1819



**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, BARIPADA IRRIGATION CIRCLE, BARIPADA**

'e' mail – sebicbpd@gmail.com, Telephone No. 06792 - 240055

1084-A

**'e' Procurement Notice No. SEBIC – 05 /2018-19**

| Procurement officer | Name of work | Bid identification No. | Cost of work (Rs.in lakhs) | Bid security (Rs.) EMD | Cost of Bid Documents (Rs.) | Class of contractor | Period of completion | Bid documents availability On-line for bidding | | Date of opening of Technical bid (Cover-I) |
|---|---|---|---|---|---|---|---|---|---|---|
| | | | | | | | | From | To | |
| Superintending Engineer, Baripada Irrigation Circle, Baripada | Improvement to Diversion weir of Baldiha Irrigation Project | SEBIC MID-01 OF 2018-19 | 307.37 | 3,07,400 | 10,000 | 'A' Class & Spl. Class | 04 (four) Calendar months | 09.01.2019 From 10.00AM | 24.01.2019 Upto 05.00PM | 25.01.2019 at 11.00AM |

Further details conditions can be seen from the Govt. website www.tendersorissa.gov.in

32162/11/0009/1819

***Superintending Engineer, Baripada Irrigation Circle, Baripada***


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No. RDM-LAA-BLS-0017-2018/ 41218 R&DM, Dated 06.11.2018**

**No. III-81:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ଢୋଲପୁର, ଥାନା- ନୀଳଗିରି ସଂ.୯୬, ତହସିଲ- ନୀଳଗିରି, ଜିଲ୍ଲା- ବାଲେଶ୍ୱରରେ ନିମ୍ନ ତଫସିଲମତେ ପ୍ରାୟ ଏ.୬.୫୫୮ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟକେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ଢୋଲପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୧୦.୪୭୫ | ଏ. ୬.୫୫୮ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ସ୍ୱା./- (ଅଭୟ କୁମାର ନାୟକ) ଅତିରିକ୍ତ ଶାସନ ସଚିବ

## LAND SCHEDULE

**Land Acquisition for excavation of Salandi Left Main Canal of Anandapur barrage Project of Vill- Dholapur, P.S.- Nilagiri No.- 96, Tahasil- Nilagiri, Dist.- Balasore**

**L.A. Case No.- 45/17**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ- ପିତା, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୮ | ଅନ୍ତର୍ଯ୍ୟାମୀ ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୦ | ଶାରଦ ଅଣ ଜଳସେଚିତ-୧ | ୦.୧୧୯ | ୦.୧୧୯ |
| ୨ | ୧୩ | ଅଶ୍ୱିନୀ କୁମାର ପାତ୍ର, ତପନ କୁମାର ପାତ୍ର, ମନୋଜ କୁମାର ପାତ୍ର, ପି: କୈଳାସ ଚନ୍ଦ୍ର ପାତ୍ର, ପଦ୍ମିନୀ ପାତ୍ର, ସ୍ୱା: କୈଳାସ ଚନ୍ଦ୍ର ପାତ୍ର, ଜିତେନ୍ଦ୍ର ପାତ୍ର, ନରେନ୍ଦ୍ର ପାତ୍ର, ପି: ଭିକାରି ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୭ | ଶାରଦ ଅଣ ଜଳସେଚିତ-୨ | ୦.୨୫୯ | ୦.୦୨୦ |
| | | | ୭୪୪ | ଶାରଦ ଅଣ ଜଳସେଚିତ-୨ | ୦.୫୧୨ | ୦.୫୧୨ |
| ୩ | ୧୫ | ଉପେନ୍ଦ୍ର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୦/୮୬୨ | ଶାରଦ ଅଣ ଜଳସେଚିତ-୧ | ୦.୨୨୭ | ୦.୨୨୭ |
| ୪ | ୨୯ | କୈଳାସ ଚନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ନିରଞ୍ଜନ ବେହେରା, ପି: ଗଜେନ୍ଦ୍ର ବେହେରା, ଜା: କପୁଡ଼ିଆ, ବା: ବାଉଁଶବଣିଆ | ୭୪୩ | ଶାରଦ ଅଣ ଜଳସେଚିତ-୨ | ୦.୪୦୫ | ୦.୪୦୫ |
| | | | ୭୬୧ | ଶାରଦ ଅଣ ଜଳସେଚିତ-୨ | ୦.୧୫୮ | ୦.୦୩୦ |
| | | | ୭୬୩ | ଶାରଦ ଅଣ ଜଳସେଚିତ-୨ | ୦.୧୩୧ | ୦.୦୮୧ |
| ୫ | ୩୪ | ଗଣେଶ୍ୱର ସାହୁ, ରତ୍ନାକର ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ସର୍ବେଶ୍ୱର ସାହୁ, ପି: ନାରାୟଣ ସାହୁ, ଜା: ଗୁଡ଼ିଆ, ବା: ହାଟସାହି | ୭୪୨ | ଶାରଦ ଅଣ ଜଳସେଚିତ-୨ | ୦.୨୮୪ | ୦.୨୮୪ |
| ୬ | ୫୦ | ଚତୁର୍ଭୁଜ ସ୍ୱାଇଁ, ନାଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ସ୍ୱାଇଁ, ଖଗେନ୍ଦ୍ର ସ୍ୱାଇଁ, ପି: ଗୋପୀନାଥ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | ୭୬୪ | ଶାରଦ ଅଣ ଜଳସେଚିତ-୨ | ୦.୧୨୪ | ୦.୧୦୪ |
| ୭ | ୫୭ | ଜାନକୀ ବେହେରା, ସ୍ୱା: କେଶବ ବେହେରା, ଜା: କୁମ୍ଭାର, ବା: ବାଲିଓରା | ୭୩୮ | ଶାରଦ ଅଣ ଜଳସେଚିତ-୨ | ୦.୪୮୭ | ୦.୧୦୦ |
| ୮ | ୬୮ | ପଦ୍ମଲୋଚନ ପାତ୍ର, ପି: ଜୟକୃଷ୍ଣ ପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୬ | ଶାରଦ ଅଣ ଜଳସେଚିତ-୧ | ୦.୧୪୮ | ୦.୦୪୮ |
| | | | ୭୧୭ | ଶାରଦ ଅଣ ଜଳସେଚିତ-୧ | ୦.୧୭୮ | ୦.୧୭୮ |
| ୯ | ୭୫ | ପ୍ରାଣବନ୍ଧୁ ସ୍ୱାଇଁ, ପି: ପ୍ରସାଦ ସ୍ୱାଇଁ, ଜା: ଖଣ୍ଡାୟତ, ବା: ରାଇପୁର | ୭୧୫ | ଶାରଦ ଅଣ ଜଳସେଚିତ-୧ | ୦.୩୭୬ | ୦.୦୧୬ |
| ୧୦ | ୭୯ | ପୂର୍ଣ୍ଣେନ୍ଦୁ ଦାସ, ନିର୍ମଳେନ୍ଦୁ ଦାସ, ଶୁଭେନ୍ଦୁ ଦାସ, ବିଷ୍ଣୁଦତ୍ତ ଦାସ, ପି: ଗୌରାଙ୍ଗ ଚନ୍ଦ୍ର ଦାସ, ଜା: ଖଣ୍ଡାୟତ, ବା: ବାଉଁଶବଣିଆ | ୭୪୪/୮୫୭ | ଶାରଦ ଅଣ ଜଳସେଚିତ-୨ | ୦.୦୫୯ | ୦.୦୫୦ |
| ୧୧ | ୮୫ | ବଂଶୀଧର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯/୮୬୦ | ଶାରଦ ଅଣ ଜଳସେଚିତ-୧ | ୦.୧୦୯ | ୦.୧୦୯ |
| ୧୨ | ୮୭ | ବାଇଧର ପ୍ରଧାନ, ପି: ହେମେନ୍ଦ୍ର ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୩ | ଶାରଦ ଅଣ ଜଳସେଚିତ-୨ | ୦.୪୭୭ | ୦.୩୫୭ |
| ୧୩ | ୯୪ | ବିଜୟ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପ୍ରଧାନ, ପି: ଗୋପାଳ ପ୍ରଧାନ, ମାଳତୀ ପ୍ରଧାନ, ସ୍ୱା: ଗୋପାଳ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୨୨ | ଶାରଦ ଅଣ ଜଳସେଚିତ-୨ | ୦.୪୭୯ | ୦.୪୭୯ |
| ୧୪ | ୧୦୨ | ବୈଷ୍ଣବ ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯ | ଶାରଦ ଅଣ ଜଳସେଚିତ-୧ | ୦.୨୫୨ | ୦.୨୫୨ |
| ୧୫ | ୧୦୪ | ଭଗବାନ ସ୍ୱାଇଁ, ପି: କୁଶ ସ୍ୱାଇଁ, ଜା: ଖଣ୍ଡାୟତ, ବା: ରାଇପୁର | ୭୧୪ | ଶାରଦ ଅଣ ଜଳସେଚିତ-୧ | ୦.୧୦୯ | ୦.୧୦୯ |
| | | | ୭୧୮ | ଶାରଦ ଅଣ ଜଳସେଚିତ-୧ | ୦.୨୩୨ | ୦.୨୧୨ |
| ୧୬ | ୧୦୬ | ଭରତ ଚନ୍ଦ୍ର ବେହେରା, ପି: କୃଷ୍ଣ ଚନ୍ଦ୍ର ବେହେରା, ଜା: କୁବେର, ବା: ବାଉଁଶବଣିଆ | ୭୪୧ | ଶାରଦ ଅଣ ଜଳସେଚିତ-୨ | ୧.୫୮୬ | ୦.୬୨୦ |
| ୧୭ | ୧୧୦ | ମନୋରଞ୍ଜନ ପରିଡ଼ା, ପି: ଭୋଳାନାଥ ପରିଡ଼ା, ଜା: ତନ୍ତି, ବା: ବାଉଁଶବଣିଆ | ୭୨୧ | ଶାରଦ ଅଣ ଜଳସେଚିତ-୧ | ୦.୭୪୧ | ୦.୭୪୧ |
| ୧୮ | ୧୧୬ | ମାଗୁଣି ପଣ୍ଡିତ, ପି: ଧର ପଣ୍ଡିତ, ଜା: ଖଦାଳ, ବା: ହାଟସାହି | ୭୬୫ | ଶାରଦ ଅଣ ଜଳସେଚିତ-୨ | ୦.୩୨୯ | ୦.୦୨୦ |
| ୧୯ | ୧୨୨ | ବାଲି ଓରା ପଞ୍ଚାୟତ ସମିତି ମଧ୍ୟଇଂରାଜୀ ବିଦ୍ୟାଳୟ ମାର୍ଫତ୍ ଚେୟାରମ୍ୟାନ୍ ରଘୁନାଥ ଲେଙ୍କା, ପି: ପଦନ ଲେଙ୍କା, ଜା: ଖଣ୍ଡାୟତ, ବା: ବାଲିଓରା | ୭୭୦ | ଶାରଦ ଅଣ ଜଳସେଚିତ-୨ | ୦.୪୧୦ | ୦.୦୪୦ |
| ୨୦ | ୧୨୬ | ରତ୍ନମଣି ଜେନା, ସ୍ୱା: ରାମଚନ୍ଦ୍ର ଜେନା, ଜା: ଖଣ୍ଡାୟତ, ବା: ବାଲିଓରା | ୭୨୫ | ଶାରଦ ଅଣ ଜଳସେଚିତ-୨ | ୦.୩୫୮ | ୦.୩୪୦ |
| ୨୧ | ୧୩୪ | ରାଜେନ୍ଦ୍ର ରାଉତ, ପି: ଲକ୍ଷ୍ମଣ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୯/୮୬୧ | ଶାରଦ ଅଣ ଜଳସେଚିତ-୧ | ୦.୧୦୪ | ୦.୧୦୪ |
| ୨୨ | ୧୪୧ | ରାମଚନ୍ଦ୍ର ରାଉତ, ଯଶୋଦା ପ୍ରଧାନ, ପି: ଗଙ୍ଗାଧର ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ | ୭୧୨ | ଶାରଦ ଅଣ ଜଳସେଚିତ-୧ | ୦.୧୯୧ | ୦.୦୧୫ |
| | | | ୭୧୮/୮୪୩ | ଶାରଦ ଅଣ ଜଳସେଚିତ-୧ | ୦.୦୫୪ | ୦.୦୫୪ |
| | | | ୭୨୪ | ଶାରଦ ଅଣ ଜଳସେଚିତ-୨ | ୦.୧୬୮ | ୦.୦୪୮ |
| ୨୩ | ୧୪୩ | ରାମଚନ୍ଦ୍ର ଦାସ, ପି: କୃଷ୍ଣ ଦାସ, ଜା: ଖଣ୍ଡାୟତ, ବା: ବାଉଁଶବଣିଆ | ୭୪୫ | ଶାରଦ ଅଣ ଜଳସେଚିତ-୨ | ୦.୬୪୫ | ୦.୨୨୦ |
| ୨୪ | ୧୪୬ | ରାହୁଲ କୁମାର ପାତ୍ର, ଜଗଦିଶ କୁମାର ପାତ୍ର, ପି: ମନୋରଞ୍ଜନ ପାତ୍ର, ଜା: ପାତ୍ରତନ୍ତି, ବା: ଛୋଟକାନପୁର | ୭୬୫/୮୯୦ | ଶାରଦ ଅଣ ଜଳସେଚିତ-୨ | ୦.୨୦୦ | ୦.୧୦୦ |
| ୨୫ | ୧୮୦/୬ | ଶୁଭେନ୍ଦୁ ସ୍ୱାଇଁ, ପି: ଚତୁର୍ଭୁଜ ସ୍ୱାଇଁ, ଜା: ଖଣ୍ଡାୟତ, ବା: ବାଲିଓରା | ୭୬୪/୮୮୮ | ଶାରଦ ଅଣ ଜଳସେଚିତ-୨ | ୦.୧୬୧ | ୦.୧୬୧ |
| | | | ୭୬୪/୮୮୯ | ଶାରଦ ଅଣ ଜଳସେଚିତ-୨ | ୦.୧୪୧ | ୦.୧୪୧ |
| ୨୬ | ୧୮୦/୧୧ | ଅନନ୍ତ କୁମାର ବେହେରା, ସୁଶାନ୍ତ କୁମାର ବେହେରା, ପି: ମହେନ୍ଦ୍ର ବେହେରା, ଜା: ତନ୍ତି, ବା: ବାଲିଓରା | ୭୯୧/୮୩୫ | ଶାରଦ ଅଣ ଜଳସେଚିତ-୨ | ୦.୧୦୯ | ୦.୧୦୯ |
| ୨୭ | ୧୮୦/୧୬ | ରାମଚନ୍ଦ୍ର ରାଉତ, ପି: ଗଙ୍ଗାଧର ରାଉତ, ଜା: ଖଣ୍ଡାୟତ, ବା: ଢୋଲପୁର | ୭୨୦/୮୬୩ | ଶାରଦ ଅଣ ଜଳସେଚିତ-୧ | ୦.୧୫୩ | ୦.୧୫୩ |
| | | | | ମୋଟ | ୧୦.୪୭୫ | ୬.୫୫୮ |

24001/14/0557/1819

## ସଂକ୍ଷେପରେ

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଆରମ୍ଭ

**କଟକ ଅଫିସ, ୬।୧:** ରେଭେନ୍ସା ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରବିବାରଠାରୁ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ୬୯ ରନ୍‌ରେ ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ରବୀନ୍ଦ୍ର ଭାରତୀ ଟସ୍ ଜିତି ବନାରସକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଓପ୍‌ନର ବିବେକ କୁମାରଙ୍କ ୮୭ ରନ୍ ବଳରେ ଦଳ ସମସ୍ତ ଉଇକେଟ ହରାଇ ୧୯୩ ରନ୍ କରିଥିଲା। ଜବାବରେ ରବୀନ୍ଦ୍ର ଭାରତୀ ୧୨୪ ରନ୍‌ରେ ଅଲ୍‌ଆଉଟ ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଡିଡିୟୁ ଗୋରଖପୁର ବିଶ୍ୱବିଦ୍ୟାଳୟ ଏକତରଫା ଭାବେ ଆସାମ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ବିଶ୍ୱବିଦ୍ୟାଳୟ ମାତ୍ର ୩୬ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ଦଳର ୮ ଜଣ ଖେଳାଳି ଖାତା ଖୋଲିପାରି ନ ଥିଲେ। ବିନା ଉଇକେଟରେ ଗୋରଖପୁର ବିଜୟ ଲକ୍ଷ୍ୟ ହାସଲ କରିଛି। ଡ୍ରିମ୍ସ ଗ୍ରାଉଣ୍ଡରେ ଏପିଏସ୍ ବିଶ୍ୱବିଦ୍ୟାଳୟ ଓ ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏପିଏସ୍ ୧୮୯ ରନ୍‌ରେ ଏହି ମ୍ୟାଚ୍‌କୁ ଜିତିଛି। କାର୍ତ୍ତିକ ଉପାଧ୍ୟାୟ (୫୭ ରନ୍), ଶୁଭମ୍ ମିଶ୍ର (୬୪ ରନ୍), ଜି. ଚନ୍ଦନ (୪୨ ରନ୍)ଙ୍କ ସହାୟତାରେ ଏପିଏସ୍ ୩ ଉଇକେଟ ହରାଇ ୨୨୩ ରନ୍ କରିଥିଲା। ମାତ୍ର ଓପି ଜିନ୍ଦଲ ୩୪ ରନ୍‌ରେ ସମସ୍ତ ଉଇକେଟ ହରାଇ ଶୋଚନୀୟ ପରାଜୟ ବରଣ କରିଛି। ସର୍ଗୁଜା ବିଶ୍ୱବିଦ୍ୟାଳୟ ଓ ନର୍ଥ ବେଙ୍ଗଲ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ମ୍ୟାଚ୍ ନିମପୁର ଗ୍ରାଉଣ୍ଡରେ ଖେଳାଯାଇଥିଲା। ନର୍ଥ ବେଙ୍ଗଲ ଏହି ମ୍ୟାଚ୍‌କୁ ୬ ଉଇକେଟରେ ଜିତିଛି। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ ଓ ଗୌହାଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ହୋଇଥିବା ରୋମାଞ୍ଚକ ମ୍ୟାଚ୍‌ରେ ଗୌହାଟି ୨ ଉଇକେଟରେ ବିଜୟୀ ହୋଇଥିଲା।

### ଓଡ଼ିଶା ପୁରୁଷ ଦଳର ଲଗାତର ୨ୟ ବିଜୟ

**ଭୁବନେଶ୍ୱର, ୬।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଗୁଜରାଟର ଭବନଗରରେ ଚାଲିଥିବା ୬୯ତମ ଜାତୀୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ଲଗାତର ୨ୟ ବିଜୟ ହାସଲ କରିଛି। ଗ୍ରୁପ୍-ଏଫ୍'ରେ ସ୍ଥାନ ପାଇଥିବା ଓଡ଼ିଶା ପୁରୁଷ ଦଳ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ୯୭-୩୨ ପଏଣ୍ଟର ବୃହତ ବ୍ୟବଧାନରେ ତ୍ରିପୁରାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ରୁଦ୍ରକାନ୍ତ ସାହୁ ସର୍ବାଧିକ ୨୧ ପଏଣ୍ଟ ସ୍କୋର କରିଥିଲେ। ପୂର୍ବରୁ ଓଡ଼ିଶା ଦଳ ଏହାର ପ୍ରଥମ ମ୍ୟାଚରେ ଶନିବାର ଆସାମକୁ ୭୭-୬୫ ପଏଣ୍ଟରେ ହରାଇଥିଲା। ସୋମବାର ଓଡ଼ିଶା ୨ଟି ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ସକାଳେ ଝାଡ଼ଖଣ୍ଡକୁ ଏବଂ ଅପରାହ୍ନରେ ମଧ୍ୟପ୍ରଦେଶକୁ ଭେଟିବ ବୋଲି କୋଚ୍ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

### ଟେଷ୍ଟ ସିରିଜ ଜିତିଲା ଦକ୍ଷିଣ ଆଫ୍ରିକା

**କେପ୍ ଟାଉନ୍, ୬।୧(ପି.ଟି.):** ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୯ ଉଇକେଟ ବିଜୟୀ ହୋଇଛି। ଉଭୟ ବୋଲିଂ ଓ ବ୍ୟାଟିଂ ଦମ୍‌ଦାର ପ୍ରଦର୍ଶନ କରି ଦକ୍ଷିଣ ଆଫ୍ରିକା ବାଜି ମାରିଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ପ୍ରଥମ ଇନିଂସରେ ୧୦୩ ରନର ଶତକୀୟ ପାଳି ଖେଳିଥିବା ଦକ୍ଷିଣ ଆଫ୍ରିକା ଅଧିନାୟକ ଫାଫ୍ ଡୁପ୍ଲେସି ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ପ୍ରଥମ ଇନିଂସରେ ୧୭୭ ରନ ସଂଗ୍ରହ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୪୩୧ ରନ ସଂଗ୍ରହ କରି ଅଲଆଉଟ ହେବା ସହ ୨୫୪ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୭୦.୪ ଓଭରରେ ୨୯୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ମାତ୍ର ୪୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ ଆରମ୍ଭ କରି ଅନ୍ତିମ ଦିବସରେ ୯.୫ ଓଭରରେ ଗୋଟିଏ ଉଇକେଟ ହରାଇ ୪୩ ରନ କରି ବିଜୟ ହାସଲ କରିଥିଲା। ଓପନର ଡିନ୍ ଏଲଗାର ୨୪ ଓ ଡୁପ୍ଲେସି ୩ ରନ କରି ଅପରାଜିତ ରହିଥିଲେ। ଥେଉନିସ୍ ଡି ବ୍ରୁଏନ୍ ୪ ରନ କରି ଆଉଟ ହୋଇଥିବା ବେଳେ ହାସିମ ଅମଲା ୨ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ପାକିସ୍ତାନ ତରଫରୁ ମହମ୍ମଦ ଆବାସ ଗୋଟିଏ ଉଇକେଟ ହାସଲ କରିଥିଲେ।



"ଜଣେ ଦକ୍ଷ ବ୍ୟାଟ୍ସମ୍ୟାନର ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ଜରୁରୀ ବୋଲି ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଚେତେଶ୍ୱର ପୂଜାରା ସମଗ୍ର ବିଶ୍ୱକୁ ଦେଖାଇ ଦେଇଛନ୍ତି। **–ପ୍ରବୀଣ ଆମ୍ରେ, ପୂର୍ବତନ କ୍ରିକେଟର**



"କୋହଲିଙ୍କୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ, ସିରିଜ ପୂର୍ବରୁ ସମଗ୍ର ଅଷ୍ଟ୍ରେଲିଆ ଟିମ୍ ସେ ଦିଗରେ ଧ୍ୟାନ ଦେଇଥିଲା, ବୋଧହୁଏ ସେଥିପାଇଁ ପୂଜାରାଙ୍କୁ ଖେଳିବା ସହଜ ହୋଇଥିଲା। **–ଇଆନ ଚାପେଲ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର**

■ ସିଡ୍‌ନୀ ଟେଷ୍ଟ: ବର୍ଷା, ଆଲୋକ ଅଭାବ ଯୋଗୁ ଚତୁର୍ଥ ଦିବସ ଖେଳ ବାଧାପ୍ରାପ୍ତ

# ଅଷ୍ଟ୍ରେଲିଆ ଫଲୋଅନ୍, ବିଜୟ ପଥରେ ଭାରତ

ସିଡ୍‌ନୀ, ୬।୧(ପି.ଟି.)

ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ବିଜୟ ପଥରେ ଅଗ୍ରସର ହୋଇଛି ଟିମ୍ ଇଣ୍ଡିଆ। ବର୍ଷା ଏବଂ ଆଲୋକ ଅଭାବ ଯୋଗୁ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟର ୪ର୍ଥ ଦିବସରେ ମାତ୍ର ୨୫.୨ ଓଭର ଖେଳ ସମ୍ଭବ ହୋଇଛି। ଏହା ସତ୍ତ୍ୱେ ଭାରତୀୟ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌କୁ ୩୦୦ ରନ୍‌ରେ ସୀମିତ ରଖିଛନ୍ତି। ଫଳରେ କୌଣସି ଦ୍ୱିଧା ନ କରି ଘରୋଇ ଦଳକୁ ଫଲୋଅନ୍ ଡାକରା ଦେଇଛନ୍ତି ଭାରତୀୟ ଅଧିନାୟକ ବିରାଟ କୋହଲି। ୧୯୮୮ ପରେ ଘରୋଇ ପରିବେଶରେ ଅଷ୍ଟ୍ରେଲିଆ କୌଣସି ଟେଷ୍ଟରେ ପ୍ରଥମଥର ପାଇଁ ଫଲୋଅନ ହୋଇଛି। କୁଲଦୀପ ଯାଦବ ୫ ଉଇକେଟ ହାସଲ କରି ଅଷ୍ଟ୍ରେଲିଆର ଏହି ବିପର୍ଯ୍ୟୟ ଘଟାଇଛନ୍ତି। ଫଲୋଅନ୍ ହୋଇଥିବାରୁ ବାଧହୋଇ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ରବିବାର ଖେଳ ବନ୍ଦ ହେବାବେଳକୁ କୌଣସି ଉଇକେଟ ନ ହରାଇ ୬ ରନ୍ ସଂଗ୍ରହ କରିଛି। ମାର୍କସ ହାରିସ ୨ ଓ ଉସ୍‌ମାନ ଖ୍ୱାଜା ୪ ରନ୍‌ରେ ଅପରାଜିତ ଅଛନ୍ତି। ୪ର୍ଥ ଦିବସ ଚା' ବିରତି ପରେ ବର୍ଷା ହେବାରୁ ଆଉ ଖେଳ ସମ୍ଭବ ହୋଇ ନ ଥିଲା। ସୋମବାର ଅନ୍ତିମ ଦିବସରେ ଅଷ୍ଟ୍ରେଲିଆକୁ ଅଲ୍‌ଆଉଟ କରିବା ଭାରତର ମୁଖ୍ୟ ଲକ୍ଷ୍ୟ ହୋଇଥିବାବେଳେ ଦିନସାରା ବ୍ୟାଟିଂ କରି କୌଣସି ମତେ ମ୍ୟାଚ୍ ଡ୍ର ରଖିବାକୁ ଅଷ୍ଟ୍ରେଲିଆ ଚେଷ୍ଟା କରିବ। ୬୨୨/୭ରେ ପ୍ରଥମ ଇନିଂସ୍ ଘୋଷଣା କରିଥିବା ଭାରତ ଏବେ ମଧ୍ୟ ୩୧୬ ରନ୍‌ରେ ଅଗ୍ରଣୀ ରହିଛି।

ରବିବାର ଦିନସାରା ରହି ରହି ବର୍ଷା ହୋଇଥିବାରୁ ଆଲୋକ କମିଯାଇଥିଲା। ଫଳରେ ଅଧିକାଂଶ ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲା। ଘରୋଇ ମାଟିରେ ୩୦ ବର୍ଷ ପରେ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ଫଲୋଅନ୍ ହୋଇଛି। ୧୯୮୮ରେ ସିଡ୍‌ନୀରେ ଇଂଲଣ୍ଡ ଅଷ୍ଟ୍ରେଲିଆକୁ ଫଲୋଅନ୍ ଦେଇଥିଲା। ଓଭରଅଲ୍ ଦେଖିବାକୁ ଗଲେ ୨୦୦୫ରେ ଅଷ୍ଟ୍ରେଲିଆ ଶେଷଥର ପାଇଁ ନାଟିଂହାମ୍ ଟେଷ୍ଟରେ ଘରୋଇ ଇଂଲଣ୍ଡଠାରୁ ଫଲୋଅନ୍ ହୋଇଥିଲା। ବର୍ଷା ଓ ଖରାପ ଆଲୋକ ଭାରତୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି। ଏହି ମ୍ୟାଚ୍ ଜିତିବାକୁ ହେଲେ ଭାରତକୁ ସୋମବାର ଅନ୍ତିମ ଦିବସରେ ୧୦ଟି ଉଇକେଟ ହାସଲ କରିବାକୁ ପଡିବ। ଏହି ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଏହି ମ୍ୟାଚ୍ ଡ୍ର ହେଲେ ମଧ୍ୟ ଭାରତ ସିରିଜ ଜିତିବ। ଫଳରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ସିରିଜ ଜିତି ଇତିହାସ ସୃଷ୍ଟି କରିବା ନିଶ୍ଚିତ ହୋଇଯାଇଛି।

ଅସମାପ୍ତ ପ୍ରଥମ ଇନିଂସ୍ ସ୍କୋର ୨୩୬/୬ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ୩୦୦ ରନ୍ କରି ଅଲଆଉଟ ହୋଇଥିଲା। ଖରାପ ଆଲୋକ କାରଣରୁ ସକାଳ ସେସନର ଖେଳ ସମ୍ପୂର୍ଣ୍ଣ ବାତିଲ ହୋଇଥିଲା। ଅପରାହ୍ନ ୧.୫୦ ମିନିଟ୍‌ରେ ଖେଳ ଆରମ୍ଭ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ପିଟର ହ୍ୟାଣ୍ଡ୍ସକମ୍ବ ୨୮ରୁ ଖେଳ ଆରମ୍ଭ କରି ୩୭ ରନ୍ କରି ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ସେହିପରି ୨୫ ରନ୍‌ରୁ ଖେଳ ଆରମ୍ଭ କରିଥିବା ପ୍ୟାଟ କମିନ୍ସ ଆଉ କୌଣସି ରନ୍ ସଂଗ୍ରହ କରି ନ ପାରି ମହମ୍ମଦ ସାମିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ନାଥନ ଲିୟନ ଖାତା ଖୋଲିବା ପୂର୍ବରୁ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ଜୋଶ୍ ହାଜେଲଉଡ ୨୧ ରନ୍ କରି ଏଲବିଡବ୍ଲ୍ୟୁ ହେବା ସହ କୁଲଦୀପଙ୍କ ପଞ୍ଚମ ଶିକାର ହୋଇଥିଲେ। ମିଚେଲ ଷ୍ଟାର୍କ ୨୯ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟ ଯୋଡିରେ ହାଜେଲଉଡ ଓ ମିଚେଲ ଷ୍ଟାର୍କ ୪୨ ରନ୍ କରି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ବୋଲିଂରେ ଭାରତ ତରଫରୁ ସ୍ପିନର କୁଲଦୀପ ସର୍ବାଧିକ ୫, ରବୀନ୍ଦ୍ର ଜାଡେଜା ୨, ସାମି ୨ ଓ ବୁମ୍‌ରା ଗୋଟିଏ ଉଇକେଟ ହାସଲ କରିଥିଲେ।

ଉଲ୍ଲେଖଥାଉ କି, ପୂର୍ବରୁ ଭାରତ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୩୧ ରନ୍‌ରେ ବିଜୟ ହାସଲ କରିଥିଲା। ଏହାପରେ ପର୍ଥରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନ୍‌ରେ ବିଜୟ ହାସଲ କରି ପ୍ରତ୍ୟାବର୍ତ୍ତନ କରିଥିଲା। ତେବେ ମେଲବୋର୍ନରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ ଭାରତ ୧୩୭ ରନ୍‌ରେ ବିଜୟ ହାସଲ କରି ୨-୧ରେ ସିରିଜ ଅଗ୍ରଣୀ ହାସଲ କରିଥିଲା।



ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୫ ଉଇକେଟ୍ ହାସଲ କରିଥିବା ଭାରତର କୁଲଦୀପ ଯାଦବ।

## ବିଦେଶରେ ରେକର୍ଡ

ଗତ ୮୫ ବର୍ଷ ମଧ୍ୟରେ (୧୯୩୨-୨୦୧୭ ମଧ୍ୟରେ) ବିଦେଶ ମାଟିରେ ଭାରତ ୯ଟି ଦେଶରେ ୭୯ଟି ଦ୍ୱିପାକ୍ଷିକ ସିରିଜ ଓ ଗୋଟିଏ ଏସିଆନ ଟେଷ୍ଟ ଚାମ୍ପିୟନଶିପ୍ ଖେଳିଛି। ବିଦେଶରେ ଭାରତ ୧୮ଟି ସିରିଜରେ ବିଜୟୀ ହୋଇଛି। ତେବେ ବିଦେଶରେ ଭାରତ ୧୪ଟି ସିରିଜ ଡ୍ର ରଖିଥିବା ବେଳେ ବାକି ୪୭ଟି ସିରିଜରେ ପରାଜୟ ବରଣ କରିଛି।

ମୋଟ ଉପରେ ଭାରତ ବିଦେଶରେ ୨୫୪ଟି ମ୍ୟାଚ୍ ଖେଳିଛି। ସେଥିମଧ୍ୟରୁ ୪୫ଟି ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିବା ବେଳେ ୧୦୬ଟି ମ୍ୟାଚ୍‌ରେ ଭାରତ ପରାଜୟ ବରଣ କରିଛି ଓ ୧୦୩ଟି ମ୍ୟାଚ ଡ୍ର ରଖିଛି।

ଭାରତ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ଫର୍ମାଟରେ ବିଜୟ ହାସଲ କରିପାରି ନାହିଁ। ଅବଶ୍ୟ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଭାରତ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି।

ନ୍ୟୁଜିଲାଣ୍ଡ ମାଟିରେ ଭାରତ ଦୁଇଟି ସିରିଜ (୧୯୬୭-୬୮, ୨୦୦୮-୦୯)ରେ ବିଜୟ ହାସଲ କରିଥିଲା। ସେହିପରି ୱେଷ୍ଟଇଣ୍ଡିଜ୍‌ରେ ଭାରତ ୪ଥର (୧୯୭୦-୭୧, ୨୦୦୬, ୨୦୧୧, ୨୦୧୬) ସିରିଜ ହାତେଇଛି। ଅନ୍ୟପଟେ ଇଂଲଣ୍ଡରେ ଭାରତ ୩ଥର (୧୯୭୧,୧୯୮୬, ୨୦୦୭) ସିରିଜି ବିଜୟ ହାସଲ କରିଛି। ସେହିପରି ଶ୍ରୀଲଙ୍କାରେ ଭାରତ ୩ଥର (୧୯୯୩, ୨୦୧୫, ୨୦୧୭) ସିରିଜ ହାତେଇଛି। ସେହିପରି ପାକିସ୍ତାନ ମାଟିରେ ଭାରତ ୨୦୦୩-୦୪ ରେ ସିରିଜ ବିଜୟ ହାସଲ କରିଥିଲା। ଜିମ୍ବାୱେରେ ଭାରତ ୨୦୦୪-୦୫ରେ ଟେଷ୍ଟ ସିରିଜ୍ ବିଜୟ ହାସଲ କରିଥିଲା।

### ସଂକ୍ଷିପ୍ତ ସ୍କୋର

- ■ ଭାରତ ପ୍ରଥମ ଇନିଂସ: ୬୨୨/୭ (ଇନିଂସ ଘୋଷଣା)।
- ■ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୧୦୪.୫ ଓଭରରେ ୩୦୦ ଅଲଆଉଟ୍ (ହାରିସ- ୭୯, ହ୍ୟାଣ୍ଡ୍ସକମ୍ବ- ୩୭, କମିନ୍ସ- ୨୫, ଷ୍ଟାର୍କ- ୨୯*, ଲାବୁସେନ- ୩୮, ଖ୍ୱାଜା- ୨୭, କୁଲଦୀପ-୫/୯୯, ଜାଡେଜା- ୨/୭୩, ସାମି- ୨/୫୮, ବୁମ୍‌ରା- ୧/୬୨)।
- ■ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୬/୦ (ଫଲୋଅନ)।

## ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

କାକଟପୁର, ୬।୧(ଡି.ଏନ୍.ଏ.)

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଡିସେମ୍ବର ୨୫ରୁ ଆରମ୍ଭ ହୋଇଥିବା ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ରାମେଶ୍ୱର ସ୍ପୋର୍ଟିଂ ଓ ପାରାମାଉଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୧୮୧ ରନ୍ ଲେଖାଏ କରିବାରୁ ଶେଷରେ ସୁପର ଓଭରର ସାହାଯ୍ୟ ନିଆଯାଇଥିଲା। ଏଥିରେ ପାରାମାଉଣ୍ଟକୁ ୭ ରନ୍‌ରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ ହୋଇଥିଲା। ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ୍ ହରାଇ ୧୮୧ ରନ୍ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ବିଶ୍ୱାଳ ଅପରାଜିତ ୭୦, ଅମିତାଭ ରାଉତ ୫୪ ରନ୍ କରିଥିବା ବେଳେ ରାମେଶ୍ୱରର ରାକେଶ୍ ଶର୍ମା, ତୋଫାନ ଗୌଡ଼ା, ବିଶ୍ୱଜିତ୍ ମଲ୍ଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୧ରନ୍ କରିବାରୁ ଉଭୟ ଦଳର ସ୍କୋର ସମାନ ହୋଇଯାଇଥିଲା। ଫଳରେ ସୁପର ଓଭରର ସହାୟତା ନିଆଯାଇଥିଲା। ରାମେଶ୍ୱର ସ୍ପୋର୍ଟିଂର ବିଶ୍ୱଜିତ୍ ଭୂୟାଁ ୩୨, ପ୍ରିୟବ୍ରତ ପ୍ରଧାନ ୩୦ ରନ୍ କରିଥିବା ବେଳେ ପାରାମାଉଣ୍ଟର ହିତେଶ ନାୟକ ୩ଟି ଓ ମିନାଲ ପରିଡା ୨ଟି ଉଇକେଟ ନେଇଥିଲେ। ସୁପର ଓଭରର ୬ ବଲରେ ପାରାମାଉଣ୍ଟ ୧ ଉଇକେଟ୍ ହରାଇ ୯ ରନ୍ କରିଥିବା ବେଳେ ରାମେଶ୍ୱର ୧ ଉଇକେଟ ହରାଇ ୧୬ ରନ୍ କରି ବିଜୟୀ ହୋଇଥିଲା।

### ମଙ୍ଗଳା କପ୍

ବିଜୟୀ ଦଳର ପରେଶ ପଟେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ବିଶ୍ୱଜିତ୍ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ପାରାମାଉଣ୍ଟର ସୌରଭ ଗୌଡ଼ଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଅନିକେଶ୍ ତ୍ରିପାଠୀଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ନିର୍ମଳ କୁମାର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ ପରିଚାଳନା କରିଥିବା ବେଳେ ତୃତୀୟ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ ପ୍ରଦ୍ୟୁମ୍ନ ସେନାପତି। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ମଙ୍ଗଳା କ୍ରିକେଟ୍ କ୍ଲବ ସଭାପତି ପ୍ରଦୀପ୍ତ କୁମାର ଦୀକ୍ଷିତ୍ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, କାକଟପୁର ସରପଞ୍ଚ ସୌଦାମିନୀ ବରାଳ, ରାକେଶ ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ସେକ୍ ତାରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୨୫ହଜାର ଏକ ଟଙ୍କା ସହିତ ସିଲ୍‌ଡ, ରର୍ନସ ଦଳକୁ ୧୫ହଜାର ଏକ ଟଙ୍କା ସହିତ କପ୍ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିନି ଷ୍ଟାଡିୟମର ତୋରଣ ଉଦ୍‌ଘାଟିତ ହୋଇଥିଲା। ମଙ୍ଗଳା କ୍ରିକେଟ୍ କ୍ଲବର ଉପସଭାପତି ପ୍ରଦୀପ ପଣ୍ଡା, ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ୍, ସୂର୍ଯ୍ୟକାନ୍ତ ଦୀକ୍ଷିତ୍ ପ୍ରମୁଖ ଉତ୍ସବ ପରିଚାଳନା କରଥିଲେ। ଚୌକା ଓ ଛକା ସମୟରେ ଷ୍ଟାଡିୟମରେ ପ୍ରଥମ ଥର ପାଇଁ ଡିଜେ ବାଜିବା ସହିତ ଚିୟର ଗର୍ଲସଙ୍କ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲା। ସ୍କୋରର ଭାବେ ସଚିନ, ତ୍ରିଲୋଚନ, ଲିକୁନ କାର୍ଯ୍ୟ କରିଥିବା ବେଳେ ଭାଗବତ ସ୍ୱାଇଁ ଓ ଅଞ୍ଜନ ଦୀକ୍ଷିତ୍ ଧାରା ବିବରଣୀ ପ୍ରଦାନ କରିଥିଲେ।



ମଙ୍ଗଳାକପ୍ କ୍ରିକେଟ୍ ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଦଳ ଟ୍ରଫି ସହ ।




ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍ ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଜୁନିୟର କ୍ରିକେଟ୍: ପାରାମାଉଣ୍ଟ ଚାମ୍ପିୟନ

ଭୁବନେଶ୍ୱର, ୬।୧(ସ୍ପୋର୍ଟ୍ସ ବ୍ୟୁରୋ)

ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍‌ରେ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଶହୀଦ ସ୍ପୋର୍ଟିଂ କ୍ଲବକୁ ୮୪ ରନ୍‌ରେ ପାରାମାଉଣ୍ଟ କ୍ଲବ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ଧାର୍ଯ୍ୟ ୪୦ ଓଭର ଖେଳି ୨ ଉଇକେଟ ହରାଇ ୨୫୮ ରନ୍ କରିଥିଲା। ଦଳ ପାଇଁ ସୁଦର୍ଶନ ସ୍ୱାଇଁ ୧୩୦ ଓ ଏମ୍. ଜ୍ଞାନେନ୍ଦ୍ର ୧୦୪ ରନ୍‌ର ଶତକୀୟ ଇନିଂସ୍ ଖେଳିଥିଲେ। ପ୍ରତିପକ୍ଷ ଦଳ ପକ୍ଷରୁ ବୋଲିଂରେ ସୌମିତ୍ର ବିଶ୍ୱାଳ ଓ ଆଦିତ୍ୟ ଦାଶ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସମସ୍ତ ଓଭର ଖେଳି ଶହୀଦ ସ୍ପୋର୍ଟିଂ ୬ ଉଇକେଟ ହରାଇ ୧୭୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିଭାସ ଚାନ୍ଦ ଅପରାଜିତ ୭୨ ରନ୍ କରିଥିଲେ। ବିଜୟୀ ଦଳ ପାଇଁ ପାର୍ଥସାରଥି ଓ ସ୍ୱୟଂ ସାର୍ଥକ ପ୍ରତ୍ୟେକେ ଦୁଇଟି ଉଇକେଟ ସଫଳତା ପାଇଥିଲେ। ଅମ୍ପାୟର ଭାବେ ଶରତ ଚନ୍ଦ୍ର ସାହୁ ଓ ପ୍ରଦୀପ ଜେନା ମ୍ୟାଚ୍ ପରିଚାଳନା କରିଥିବାବେଳେ ରଶ୍ମିରଞ୍ଜନ ମଲ୍ଲ ସ୍କୋରର ଦାୟିତ୍ୱରେ ଥିଲେ। ମ୍ୟାଚ୍ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଆଦିତ୍ୟ ଜୟସିଂ(ଗ୍ରୀନ୍ସ)ଙ୍କୁ ଶ୍ରେଷ୍ଠ ଫିଲ୍ଡର, ମୃତ୍ୟୁଞ୍ଜୟ ମହାପାତ୍ର (ଗ୍ରୀନ୍ସ)ଙ୍କୁ ଶ୍ରେଷ୍ଠ ଉଇକେଟକିପର, ସୌମିତ୍ର ବିଶ୍ୱାଳ (ରାମେଶ୍ୱର)ଙ୍କୁ ଶ୍ରେଷ୍ଠ ବୋଲର, ଏମ୍. ଜ୍ଞାନେନ୍ଦ୍ରଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଆଶୁତୋଷ ସାହୁ (ରାମେଶ୍ୱର)ଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ବିବେଚିତ କରାଯାଇଛି। ଅତିଥି ଭାବେ କିଶୋର ଜେନା ଓ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟୁତ୍ ନାୟକ ଯୋଗଦେଇ ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନକରିଥିଲେ।

### ଫେଡେରରଙ୍କ ରେକର୍ଡ

ପର୍ଥ, ୬।୧

ହପ୍‌ମ୍ୟାନ୍ କପ୍ ଇତିହାସରେ ସୁଇଜରଲାଣ୍ଡର ଅଭିଜ୍ଞ ଟେନିସ ତାରକା ରୋଜର ଫେଡେରର ସଫଳତମ ଖେଳାଳି ବିବେଚିତ ହୋଇଛନ୍ତି। ସେ ରେକର୍ଡ ତୃତୀୟଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଟାଇଟଲ ଜିତିବାକୁ ସକ୍ଷମ ହୋଇଛନ୍ତି। ଏଠାରେ ଖେଳାଯାଇଥିବା ହପ୍‌ମ୍ୟାନ କପ୍‌ର ମିକ୍ସଡ ଟିମ୍ ଇଭେଣ୍ଟ ଫାଇନାଲ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଜର୍ମାନୀ ବିପକ୍ଷରେ ୨-୧ରେ ଅଗ୍ରଣୀ ହେବା ସହ ବାଜି ମାରିଛି। ଏଥି ସହିତ ସୁଇଜରଲାଣ୍ଡ ମୋଟ ଉପରେ ଚତୁର୍ଥ ହପ୍‌ମାନ ଟାଇଟଲ ହାସଲ କରିଛି। ତେବେ ଆମେରିକା ୬ଟି ଟାଇଟଲ ଜିତି ସମସ୍ତଙ୍କଠାରୁ ଆଗରେ ରହିଛି।

### ଇଣ୍ଡିଆ ରେଡ୍ ଜିତିଲା ମହିଳା ଚ୍ୟାଲେଞ୍ଜର ଟ୍ରଫି

ମୂଳପଡୁ (ଆନ୍ଧ୍ରପ୍ରଦେଶ), ୬।୧

ଇଣ୍ଡିଆ ବ୍ଲୁ'କୁ ୧୫ ରନରେ ପରାସ୍ତ କରି ଇଣ୍ଡିଆ ରେଡ୍ ଦଳ ଏଠାରେ ଚାଲିଥିବା ମହିଳା ଚ୍ୟାଲେଞ୍ଜର ଟ୍ରଫିରେ ଚାମ୍ପିୟନ ହୋଇଛି। ସ୍ଥାନୀୟ ଦେବୀନେନି ଭେଙ୍କଟ ରମନପ୍ରଣୀଥ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ ରେଡ୍ ଦଳ ୪୯.୨ ଓଭରରେ ୧୮୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଭେଦା କ୍ରିଷ୍ଣମୂର୍ତ୍ତୀ ସର୍ବାଧିକ ୪୬ ରନ କରିଥିଲେ। ହର୍ଲିନ ଦେଓଲ ୪୧ ଓ ଅଧିନାୟିକା ଶିଖା ପାଣ୍ଡେ ୩୧ ରନ କରିଥିଲେ। ପ୍ରତିପକ୍ଷ ଇଣ୍ଡିଆ ବ୍ଲୁ'ର ତନୁଶ୍ରୀ ସରକାର ୩ ଏବଂ ଓଡ଼ିଆ ଝିଅ ରୀମା ଲକ୍ଷ୍ମୀ ଏକ୍କା ଓ ଆଦିତି ଶର୍ମା ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ୧୮୪ ରନର ଟାର୍ଗେଟ୍‌କୁ ପିଛା କରିଥିବା ଇଣ୍ଡିଆ ବ୍ଲୁ ୪୭.୨ ଓଭରରେ ୧୬୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ଲୁ ପକ୍ଷରୁ ଭାରତୀ ଫୁଲମଳୀ ସର୍ବାଧିକ ୬୯ ରନ କରିଥିଲେ। ଚାମ୍ପିୟନ ରେଡ୍ ପକ୍ଷରୁ ଅଧିନାୟିକା ଶିଖା ପାଣ୍ଡେ ୫ ଉଇକେଟ୍ ଅକ୍ତିଆର କରିଥିଲେ। ଅଫ୍-ସ୍ପିନର ତନୁଶ୍ରୀ ପଠାନଙ୍କୁ ୩ଟି ଉଇକେଟ୍ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଣ୍ଡିଆ ରେଡ୍–** ୧୮୩/୧୦, ୪୯.୨ ଓଭର (କ୍ରିଷ୍ଣମୂର୍ତ୍ତୀ ୪୬, ଦେଓଲ ୪୨, ତନୁଶ୍ରୀ ୩/୨୨)।

ଇଣ୍ଡିଆ ବ୍ଲୁ– ୧୬୮/୧୦, ୪୭.୨ ଓଭର (ଭାରତୀ ୬୯, ମନାଲି ଦକ୍ଷିଣୀ ୩୧, ଶିଖା ୫/୩୩)।

# ସବୁଜପତ୍ରିକାଧାରୀ ମହିଳା ମହାସଂଘର ସମାବେଶ



ସମାବେଶରେ ଉପସ୍ଥିତ ମହିଳାମାନେ।

ମାର୍ଶାଘାଇ,୬।୧( ଡ଼ିଏନ୍ଏ)

ମାର୍ଶାଘାଇସ୍ଥିତ ଦମକଳ କେନ୍ଦ୍ର ନିକଟ ପଡିଆରେ ରବିବାର ସବୁଜପତ୍ରିକାଧାରୀ ମହିଳା ମହାସଂଘର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାସଂଘର ରାଜ୍ୟ ସଭାନେତ୍ରୀ ଲକ୍ଷ୍ମୀଦେବୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ କେନ୍ଦ୍ରାପଡା ଜିଲା ସଭାନେତ୍ରୀ ଅହଲ୍ୟା ବେହେରା ସଭାପତିତ୍ୱ କରିଥିଲେ। ସମାବେଶରେ କେନ୍ଦ୍ରାପଡା ଉପସଭାନେତ୍ରୀ ପୁଷ୍ପଲତା ପ୍ରଧାନ ,ସମ୍ପାଦକ ଅଞ୍ଜନା ସାହାଣୀ, ନାରୀନେତ୍ରୀ ସୁରଭି ଜେନା, କୋଷାଧ୍ୟକ୍ଷ ଅନିତା ମଲ୍ଲ , ପୁରୀ ଜିଲା ସଭାନେତ୍ରୀ ମଞ୍ଜୁଲତା ମହାପାତ୍ର, ଖୋର୍ଦ୍ଧା ଜିଲା ସଭାନେତ୍ରୀ ରୋଜାଲିନୀ ଗୁରୁ ,ଭଦ୍ରକ ଜିଲା ସଭାନେତ୍ରୀ ଅନୁସୂୟା ବଳ, ଯାଜପୁର ଜିଲା ସମ୍ପାଦକ ସ୍ୱର୍ଣ୍ଣ ଜେନା, ପରିଚାଳକ ଚିନ୍ତାମଣି ମହାପାତ୍ର,ମୀନାକ୍ଷୀ ମହାପାତ୍ର , ଦୀପକ ମିଶ୍ର, ଅପରାଜିତା ମିଶ୍ର ମଞ୍ଚାସୀନ ଥିଲେ। ଦୀର୍ଘ ଦିନ ହେବ ସବୁଜପତ୍ରିକା ଧାରୀଙ୍କ ଦାବି ପୂରଣ ନ ହେବା ଯୋଗୁ ଏହି ସମାବେଶରେ ମହିଳାମାନେ ୪ ଗୋଟି ମୁଖ୍ୟ ଦାବି ରଖିଥିଲେ । ସେଗୁଡିକ ହେଲା ସବୁଜପତ୍ରୀକାଧାରୀଙ୍କୁ ମାସକୁ ୧ ହଜାର ଟଙ୍କା ଭତ୍ତା, ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ପିଲାଙ୍କୁ ମାଗଣାରେ ପାଠପଢା ଏବଂ ଚାକିରି ବ୍ୟବସ୍ଥା କରିବା । ଏହିସବୁ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ରାଜ୍ୟ ସଭାନେତ୍ରୀ ଲକ୍ଷ୍ମୀ ଦେବୀ କହିଥିଲେ । ଆଗାମୀ ଦିନରେ ଏସବୁ ଦାବି ପୂରଣ ନ ହେଲେ ସବୁଜପତ୍ରିକାଧାରୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଏହି ସମାବେଶରେ ୨ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

# ଯାଜପୁରର ଇଲେଭେନ ଷ୍ଟାର ବିଜୟୀ

## ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ

ରାଜନଗର, ୬।୧ (ଡି.ଏନ୍.ଏ.)

ରାଜନଗର ବ୍ଲକର ବଡପଲ୍ଲୀସ୍ଥିତ ମିନିଷ୍ଟାଡିୟମରେ ରବିବାରଠାରୁ ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଯାଜପୁରର ଇଲେଭେନଷ୍ଟାର ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ ଟିମକୁ ହରାଇ ବିଜୟୀ ହୋଇଛି।

ଏହି ମ୍ୟାଚରେ ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୭୭ ରନ କରିଥିଲା। ଦଳର ପ୍ରକାଶ ଦାସ ୭୫ ବଲରୁ ୨ଟି ଛକା, ୮ଟି ଚୌକା ସହ ୭୧ ରନ କରିଥିଲେ। ଯାଜପୁରର ପ୍ରତୀକ ଦାସ ୪ ଓଭରରେ ୩୫ ରନ ଦେଇ ୩ଟି, ଆକାଶ ଯାଦବ ୫ ଓଭରରେ ୨୮ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ଇଲେଭେନଷ୍ଟାର ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ସମାନ ୧୭୭ରନ କରିଥିଲା। ଦଳର ଅଭିଶେକ ୬୮ ରନ ଓ କାଳନ୍ଦି ୪୬ ରନ କରିଥିଲେ। ଭୁବନେଶ୍ୱରର ରାକେଶ ମହାପାତ୍ର ଓ ଅମନ ଶାସ୍ତ୍ରୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଉଭୟ ଦଳ ସମାନ ସ୍କୋର କରିଥିବାରୁ ମ୍ୟାଚ ଟାଇ ଭାବେ ଶେଷ ହୋଇଥିଲା। ଭୁବନେଶ୍ୱର କ୍ରିକେଟ ଟିମ୍‌ର ସଦସ୍ୟମାନେ ଅମ୍ପାୟାରଙ୍କ ନିଷ୍ପତି ନ ମାନିବା ଓ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବାରୁ ଯାଜପୁର କ୍ରିକେଟ ଟିମକୁ ବିଜୟୀ ଘୋଷଣା କରାଯାଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟିରାମ ସେଠୀ, ଜିଲ୍ଲାଯୋଜନା ବୋର୍ଡର ଉପାଧ୍ୟକ୍ଷା ସବିତା ସେଠୀ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଔପଦା ପଞ୍ଚାୟତ ସରପଞ୍ଚ ସୁବାଷ ଚନ୍ଦ୍ର ଖଟୁଆ, ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଂପାଦକ ଅଭିମନ୍ୟୁ ପ୍ରତିହାରୀ, ସଭାପତି ଶ୍ରୀନିବାସ ବଳ, ଉପଦେଷ୍ଟା ଅଶୋକ କୁମାର ପ୍ରତିହାରୀ ଯୋଗଦେଇଥିଲେ। ଯାଜପୁରର ପ୍ରତୀକ ଦାସଙ୍କୁ ମ୍ୟାନ ନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ବଂଶୀଧର ସ୍ୱାଇଁ, ନିରୋଦ ବଳ ଖେଳ ପରିଚାଳନା କରିଥିଲେ।



ମ୍ୟାଚ୍ ପୂର୍ବରୁ ପଡ଼ିଆରେ ଉଭୟ ଟିମ୍‌ର ଖେଳାଳି ଓ ଅନ୍ୟମାନେ।




# କଟୁରିରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

■ବାଇକ୍ ପୋଡି, ନିଆଁ ଉଠି ଦୋକାନ ଜଳିଗଲା

ପଟ୍ଟାମୁଣ୍ଡାଇ, ୬।୧ (ସ୍ୱ.ପ୍ର)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ସକାଳ ସାଢେ ୬ଟା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନିମପୁର ବଜାରରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ସେ ହେଲେ ନିକଟସ୍ଥ ପୋଖରୀସାହି ଗ୍ରାମର କୁମରା ମଳିକ (୪୫) । ତାଙ୍କୁ ପୋଖରୀସାହି ଗ୍ରାମର ଗୋଟିଏ ପରିବାରର ବାପ ପୁଅ କଟୁରିରେ ଆକ୍ରମଣ କରିଥିଲେ । ସେ ଜୀବନ ବିକଳରେ ଘଟଣାସ୍ଥଳରୁ ଦୌଡି ପଳାଇ ଯାଇଥିଲେ । ମାତ୍ର ସେଠାରେ ଥିବା ତାଙ୍କ ବାଇକରେ ବାପପୁଅ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ବାଇକଟି ପୋଡି ଯାଇଥିବା ବେଳେ ନିଆଁ ଝୁଲ ଉଡି ନିକଟରେ ଥିବା ଏକ ପରିବା ଦୋକାନ ସମ୍ପୂର୍ଣ୍ଣ ଜଳିଯାଇଛି । ପ୍ରକାଶ ଯେ, ପୋଖରୀସାହି ଗ୍ରାମର ମହେଶ୍ୱର ମଳିକଙ୍କ ସହିତ କୁମରା ମଳିକଙ୍କ ପୂର୍ବରୁ ବିବାଦ ଲାଗି ରହିଥିଲା । ରବିବାର କୁମରା ତାଙ୍କ ବାଇକରେ ନିକଟସ୍ଥ ନିମପୁର ବଜାରକୁ ଯାଇଥିଲେ । ତାଙ୍କୁ ମହେଶ୍ୱର(୫୮) ଓ ତାଙ୍କ ପୁଅ ମୁନା(୨୭) ପିଛା କରି ନିମପୁର ବଜାରରେ ଅଚାନକ କଟୁରୀରେ ଆକ୍ରମଣ କରିଥିଲେ । କଟୁରି ଚୋଟରେ ତାଙ୍କ ଡ଼ାହାଣ ଗୋଡରେ ଆଘାତ ଲାଗିଛି । ଏଥିନେଇ ସେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ କୁମରାଙ୍କ ଅଭିଯୋଗକୁ ଭିତ୍ତି କରି ମୁନାଙ୍କୁ ପଟ୍ଟାମୁଣ୍ଡାଇ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ।

# ଅଗ୍ନିକାଣ୍ଡରେ ୧୮ କୁଇଣ୍ଟାଲ ଧାନ ପୋଡ଼ିଗଲା

ରାଜନଗର, ୬।୧ (ଡିଏନଏ)

ରାଜନଗର ବ୍ଲକ ସାତଭାୟା ପଞ୍ଚାୟତ ବଗପାଟିଆ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ବିଶ୍ୱନାଥ ବାଇନିଙ୍କ ଧାନଗଦା ପୋଡିଯାଇଛି। ରାତି ପ୍ରାୟ ୧ ଘଟିକା ସମୟରେ କୌଣସି କାରଣରୁ ତାଙ୍କ ଖଳାରେ ନିଆଁ ଲାଗି ଯାଇଥିଲା। ତାଙ୍କର ଗୋଟିଏ ଧାନଗଦା ପୋଡିଯିବା ସହ ଅମଳ ହୋଇ ରହିଥିବା ପ୍ରାୟ ୧୮ କୁଇଣ୍ଟାଲ ଧାନ ପୋଡି ପାଉଁଶ ହୋଇଯାଇଛି। ବର୍ଷକର ଦାନା ହରାଇବା ପରେ ପରିବାର କେମିତି ଚଳାଇବେ ସେଥିନେଇ ବିଶ୍ୱନାଥ ହତାଶ ହୋଇପଡିଛନ୍ତି।

# ମଦଦୋକାନ ଉଚ୍ଛେଦ ପାଇଁ ମହିଳାଙ୍କ ଚେତାବନୀ



ମଦ ଦୋକାନ ଉଠାଇବା ଦାବିରେ ମହିଳାମାନେ ଏକାଠି ହୋଇଛନ୍ତି ।

ରାଜନଗର, ୬।୧(ଡିଏନଏ)

ରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳଠାରେ ଠିପିବନ୍ଦ ବିଦେଶୀ ମଦ ଦୋକାନ ଓ ବାଉଁଶମୂଳଠାରେ ଠିପିଖୋଲା ବିଦେଶୀ ମଦଦୋକାନ ରହିଛି। ଏହି ଦୁଇଟି ମଦଦୋକାନ ଶିକ୍ଷାନୁଷ୍ଠାନ ଓ ବଜାର ମଧ୍ୟରେ ରହିଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ମହିଳାମାନେ ଅଣ୍ଟା ଭିଡିବା ସହ ଚେତାବନୀ ଦେଇଛନ୍ତି । ୬ ମାସ ତଳେ ମହିଳାମାନେ ଏ ନେଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଦୁଇଟି ମଦଦୋକାନର ମାଲିକ ୩୧ ଡିସେମ୍ବର ସୁଦ୍ଧା ଅନ୍ୟତ୍ର ଦୋକାନ ଉଠାଇ ନେବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେମାନେ ମଦଦୋକାନ ଉଠାଇ ନ ଥିବାରୁ ଶନିବାର ମହିଳାମାନେ ଏକାଠି ହୋଇଥିଲେ। ଚାନ୍ଦିବାଉଁଶମୂଳସ୍ଥିତ ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ମହିଳା ମହାସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଏକାଠି ହୋଇ ତୁରନ୍ତ ମଦଦୋକାନ ଉଠାଇ ନେବାକୁ ଚେତାବନୀ ଦେଇଛନ୍ତି। ଚଳିତମାସ ୯ ତାରିଖ ସୁଦ୍ଧା ମଦଦୋକାନ ନ ଉଠାଇଲେ ୧୦ ତାରିଖରେ ଉଭୟ ମଦଦୋକାନ ସମ୍ମୁଖରେ ଧାରଣାରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକରେ ମହିଳା ମହାସଂଘର ଅନ୍ନପୂର୍ଣ୍ଣା ବାରିକ, ସୁମିତ୍ରା ପାଣି, ସୁମିତ୍ରା ରାଉଳ, ରେଣୁକା ଦାସ, ସଂଯୁକ୍ତା ସାମଲ, ଉଷାରାଣୀ ରାଉତ, ଚିତ୍ତରଞ୍ଜନ ପଣ୍ଡା, ଜୟୀରାମ ରାଉତ, ବିଚିତ୍ର ସାମଲ, ଚିତ୍ତରଞ୍ଜନ ରାଉଳ, ବିଜ୍ଞାନ ରାଉତ, ଶତ୍ରୁଘ୍ନ ଦାସ, ନିଶା ନିବାରଣ କାର୍ଯ୍ୟକ୍ରମର ରାଜନଗର ବ୍ଲକର ଆବାହକ ସୁନିଲ ରାଉଳ ପ୍ରମୁଖ ଯୋଗ ଦେଇଥିଲେ।







୧୦
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



କୌଣସି କଥାରେ ମତପ୍ରକାଶ କରିବି ନାହିଁ ବୋଲି ଯେ କହେ,
ଶେଷରେ ସେ ଜଣେ ଦୁର୍ବଳମନା ବ୍ୟକ୍ତି ବୋଲି ପରିଚିତ ହୋଇଯାଏ।
- ଲିଓ ଟଲଷ୍ଟୟ୍



## ସଂକ୍ଷେପରେ

### ପ୍ରାଥମିକ ଶିକ୍ଷକ ସଂଘ ବୈଠକ, ସମ୍ବର୍ଦ୍ଧନା ଉତ୍ସବ



**ଖଣ୍ଡପଡ଼ା, ୬।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଙ୍ଗଠନିକ ବୈଠକ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା, ପବନା ପଣ୍ଡା, ଅଖିଳ କୁମାର ଦାଶ, ଶିଶିର କୁମାର ସାହୁ, ରାମଚନ୍ଦ୍ର ପଣ୍ଡା, ହରିହର ପ୍ରଧାନ ଓ ଶିକ୍ଷୟିତ୍ରୀ ହଟିକମଳିନୀ ସାହୁ ପ୍ରମୁଖ ୭ ଜଣଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହଶିକ୍ଷାଧିକାରୀ ରବୀନ୍ଦ୍ରନାଥ ରାଉତରାୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପ୍ରତି ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଧ୍ୟାନ ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ସଂଘର ସଭାପତି ଦୀନବନ୍ଧୁ ଦାସ ଉତ୍ସବରେ ପୌରୋହିତ୍ୟ କରିଥିଲେ। ସମ୍ପାଦକ ନିକୁଞ୍ଜ ବିହାରୀ ରଥ ସମ୍ପାଦକୀୟ ବିବରଣୀ ପଢ଼ିଥିଲେ। ଶିକ୍ଷକ ସିଦ୍ଧାର୍ଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଉପସଭାପତି ଭୋଳାନାଥ ନାୟକ ଧନ୍ୟବାଦ ଦେଇଥିଲେ।

# ନୟାଗଡ଼ରୁ ଜବାବ୍ ମାଗିଲେ ଧର୍ମେନ୍ଦ୍ର

**ନୟାଗଡ଼ ଅଫିସ,୬।୧**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ କର୍ମୀ ଓ ଜନସାଧାରଣ।

- ଚିଟ୍‌ଫଣ୍ଡରେ ଅରୁଣ ସାହୁଙ୍କ ସମ୍ପୃକ୍ତି କଥା ଦୋହରାଇଲେ
- ନିଜର ହକ୍ ଓ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ
- ବୃତ୍ତଙ୍ଗ ଜଳସେଚନ, ଚିନିକଳ କଥା ଉଠାଇଲେ

ରାଜ୍ୟର ବିଭିନ୍ନ ସ୍ଥାନରେ ଭାଜପା ତରଫରୁ ଜବାବ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ରବିବାର ନୟାଗଡ଼ ନିର୍ବାଚନମଣ୍ଡଳୀର ଲାଠିପଡ଼ା ଟାଙ୍ଗିପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ୍ ମାଗିଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉଛି, ଜମିକୁ ଜଳସେଚନ ବ୍ୟବସ୍ଥା ହୋଇ ନ ଥିବାବେଳେ ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ଜଳଯୋଗାଣ ହୋଇନାହିଁ। ହେଲେ ସରକାର କହୁଛନ୍ତି ଆମେ କଥାରେ ନୁହେଁ କାମରେ ବିଶ୍ୱାସ କରୁ। ଓଡ଼ିଶାବାସୀ ଏହାର ଜବାବ୍ ମାଗୁଛନ୍ତି ବୋଲି ଧର୍ମେନ୍ଦ୍ର ପ୍ରକାଶ କରିଥିଲେ। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଚିଟ୍‌ଫଣ୍ଡ କାରବାରରେ ସମ୍ପୃକ୍ତ ଥିବା କଥାକୁ ଦୋହରାଇଥିଲେ। ଚିନି A କଳ ବନ୍ଦ ହୋଇ ପଡ଼ିଥିବାବେଳେ ଏହାକୁ ଖୋଲିବା ପାଇଁ ଆନ୍ତରିକତା ନାହିଁ। ୧୫ବର୍ଷ ହେଲା ବିଧାୟକ ସାହୁ ଶାସନ କରୁଥିବା ଲାଠିପଡ଼ା ଗ୍ରାମର ଶ୍ୟାମ ପରମାଣିକ (୬୫) ନିଜର ଦିବ୍ୟାଙ୍ଗ ନାତି (୧୨) ପାଇଁ ସହାୟତା ଅପେକ୍ଷାରେ ଅଛନ୍ତି, ଏହା କ'ଣ ଉନ୍ନତିର ଚିତ୍ର ବୋଲି ସେ ପ୍ରଶ୍ନ କରିଥିଲେ। ନିଜର ହକ୍ ଓ ଅଧିକାର ପାଇଁ ଲଢ଼େଇ କରିବା ଦରକାର ବୋଲି ସେ ଆହ୍ୱାନ ଦେଇଥିଲେ। ଇଂରେଜ ପ୍ରଶାସକ ବୁଲିବାକୁ ଆସୁଥିବା ବେଳେ ଜିଲାର ଜଙ୍ଗଲ ପରିଚାଳନା କିପରି ହେଉଛି ତାହାକୁ ଅନୁଧ୍ୟାନ କରିଥିଲେ ଏବଂ ଆଜି ତାହା ଅକ୍ସଫୋର୍ଡ଼ ବିଶ୍ୱ ବିଦ୍ୟାଳୟରେ ଗବେଷଣାର ବିଷୟ ପାଲଟିଥିବା ସୂଚନା ଦେଇଥିଲେ। ରାଜ୍ୟରେ ୧୯ବର୍ଷ ହେଲା ଗୋଟିଏ ଶାସନ ବ୍ୟବସ୍ଥା ଚାଲିଛି। ଏହାର ପରିବର୍ତ୍ତନ ଆବଶ୍ୟକ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟକ୍ରମକୁ ବରଦାସ୍ତ କରି ନ ପାରି ତରବରିଆ ଭାବେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି) ବୈଠକ ଆୟୋଜନ କଲେ। ଏକ ମିନିଟ ଭାଷଣରେ ମହିଳା ସଶକ୍ତୀକରଣର କିଛି ତଥ୍ୟ ଉପସ୍ଥାପନ କଲେ। ମହିଳାମାନଙ୍କୁ ସମ୍ମାନ ଦିଆଯାଉଥିବା କୁହାଯାଉଛି। ହେଲେ ନବୀନ ନିବାସରୁ ୨୫ କିଲୋମିଟର ଦୂର ପିପିଲିରେ ବେବିନା କଳାକାର ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଉଛି। ଅନ୍ୟପଟେ ମନ୍ତ୍ରୀ ପ୍ରଦୀପ ମହାରଥୀ ଏହାକୁ ନେଇ ଅରୁଚିକର ମନ୍ତବ୍ୟ ଦେଉଛନ୍ତି, ଏ କ'ଣ ମହିଳାଙ୍କ ସମ୍ମାନ ସରକାର ଏହାର ଜବାବ୍ ଦିଅନ୍ତୁ। ନିଜ ଦଳର ଜଣେ ମହିଳା ଏମ୍‌ପି ତାଙ୍କ ସ୍ୱାମୀ ସ୍ୱର୍ଗତ ଏମପି ହେମେନ୍ଦ୍ର ସିଂହଙ୍କ ପ୍ରତିମୂର୍ତ୍ତିକୁ ନିଜ ଅର୍ଥରେ ନିଜ ଜମିରେ ସ୍ଥାପନ କରିଛନ୍ତି। ମାତ୍ର ଚିଟ୍‌ଫଣ୍ଡରେ ଲଟପଟ ହେଉଥିବା ନେତାଙ୍କୁ ସୁରକ୍ଷା ଦେବାକୁ ଯାଇ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ମୁଖ୍ୟମନ୍ତ୍ରୀ ସମୟ ନ ଦେବା ଦୁର୍ଭାଗ୍ୟଜନକ। ସେହିପରି ଏସ୍‌ଏଚଜିର ପ୍ରତି ମହିଳାଙ୍କୁ ହଜାରେ ବଦଳରେ ୨୫ହଜାର ଟଙ୍କା ପ୍ରଦାନ କରାଗଲେ ମହିଳା ସଶକ୍ତୀକରଣ ହୋଇପାରିବ ବୋଲି ଧର୍ମେନ୍ଦ୍ର କହିଥିଲେ। ସ୍ୱଚ୍ଛ ଭାରତ ମିଶନରେ ପାଇଖାନା ପାଇଁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି। ହେଲେ ନୟାଗଡ଼ରେ ୧୦୦ରେ ୩୦ଜଣଙ୍କ ଘରେ ପାଇଖାନା ହୋଇନାହିଁ। ଅରୁଣ ଭାଇଙ୍କ ପକେଟକୁ ଗୁଞ୍ଜା ଯାଉନାହିଁ ବୋଲି ପାଇଖାନା ତିଆରି ହେଉନାହିଁ ବୋଲି ଧର୍ମେନ୍ଦ୍ର ପ୍ରକାଶ କରିଥିଲେ। ଦୀର୍ଘବର୍ଷ ହେଲା ଜିଲାରେ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ହୋଇପାରୁନାହିଁ। ମୁଖ୍ୟମନ୍ତ୍ରୀ ଜଳସେଚନ ବିଭାଗର ମନ୍ତ୍ରୀ ହୋଇଥିବା ବେଳେ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିନାହିଁ। ମୁଖ୍ୟମନ୍ତ୍ରୀ ସଚିବାଳୟର ତୃତୀୟ ମହଲାରେ ବସି ସୁଇଚ୍ ଚିପି ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି। ବାହାଘର ବେଳେ ବାଇଗଣ ରୁଆ ଭଳି କାର୍ଯ୍ୟକ୍ରମ କରୁଛନ୍ତି। ଜିଲାରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି, ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ଡାକ୍ତରଖାନାରେ ଡାକ୍ତର ଅଭାବ। ଏହାକୁ କହୁଛନ୍ତି ବିକାଶର ଚିତ୍ର। ନୟାଗଡ଼ବାସୀ ଏହାର ଜବାବ୍ ମାଗୁଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ଓଡ଼ିଆ ଲୋକଙ୍କ ପାଇଁ ସରକାର ପ୍ରଧାନମନ୍ତ୍ରୀ ଆୟୁଷମାନ ଯୋଜନା କାହିଁକି ଲାଗୁ କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଜିଲାରେ କାଳିଆ ଯୋଜନାରେ ଦଳୀୟ କର୍ମୀମାନଙ୍କୁ ସାମିଲ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଦୁର୍ନୀତି, ଚିଟ୍‌ଫଣ୍ଡ କାରବାର ଓ ଖଣି ଦୁର୍ନୀତି ଯୋଗୁ ଓଡିଶାବାସୀ କଷ୍ଟ ପାଉଛନ୍ତି। ଦୁର୍ନୀତିର ଦାନବକୁ ନିଜେ ମୁଖ୍ୟମନ୍ତ୍ରୀ ଦାନା ଦେଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘରେ ଦାନବମାନେ ରହୁଛନ୍ତି, ଏହିଭଳି କହି ଧର୍ମେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ନିରାକାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସନ୍ୟାସୀ ନାୟକ, ଜିଲା ପରିଷଦ ସଭ୍ୟ ଭାଗବତ ସେଠୀ, ଭୁବନେଶ୍ୱରୀ ସାହୁ, ଭାଜପା ନେତ୍ରୀ ଇରାନୀ ରାୟ, ପୂର୍ବତନ ସମବାୟ ମନ୍ତ୍ରୀ ସୁରମା ପାଢ଼ୀ, ଅଶୋକ ମିଶ୍ର, ଲାଲା ମନୋଜ ରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

### ଜବାବ୍ ମାଗୁଛି ନୟାଗଡ଼ କାର୍ଯ୍ୟକ୍ରମର ଏପାଖସେପାଖ
### ୨ ଘଣ୍ଟା ବିଳମ୍ବରେ ଆସିଲେ କେନ୍ଦ୍ରମନ୍ତ୍ରୀ

**ନୟାଗଡ଼ ଅଫିସ,୬।୧**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସାଧାରଣ ସଭାରେ ଯୋଗଦେବା ପାଇଁ ୨ଘଣ୍ଟା ବିଳମ୍ବରେ ଆସିଥିଲେ। ଭାଜପା ପକ୍ଷରୁ ମଧ୍ୟାହ୍ନ ୧୨ଟାରେ କେନ୍ଦ୍ରମନ୍ତ୍ରୀ ଆସିବେ ବୋଲି ପ୍ରଚାର କରାଯାଇଥିଲା। ହେଲିକପ୍ଟର ଦେଖିବା ପାଇଁ ଜନସାଧାରଣ ଉତ୍ସୁକତାର ସହ ଅପେକ୍ଷା କରିଥିଲେ। ଶେଷରେ ଅପରାହ୍ନ ୨ଟାରେ ହେଲିକପ୍ଟର ଆସିଥିଲା। ଏହା ପରେ କେନ୍ଦ୍ରମନ୍ତ୍ରୀ ଜନପରାମର୍ଶ ପଦଯାତ୍ରାରେ ସାମିଲ ହୋଇଥିଲେ। ଅପରାହ୍ନରେ ୩ଟାରେ ସାଧାରଣ ସଭାରେ ଯୋଗଦାନ କରି ୩୫ ମିନିଟର ବକ୍ତବ୍ୟ ରଖିଥିଲେ।

### ଇସ୍ତଫା ନୁହେଁ ସିବିଆଇ ତଦନ୍ତ ହେଉ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ବକ୍ତବ୍ୟରେ ବେବିନା ବଳାତ୍କାର ଘଟଣାରେ କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିବା ବେଳେ ନବୀନ ସରକାର ତାଙ୍କୁ ନବରତ୍ନ ଭାବେ ରଖିଥିଲା। ପ୍ରଦୀପ କ'ଣ ପାଇଁ ଇସ୍ତଫା ଦେଉନାହାନ୍ତି ତାହାକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। ଏପରି ସମୟରେ ମନ୍ତ୍ରୀ ମହାରଥୀ ଇସ୍ତଫା ଦେଇଥିବା ଜଣାପଡ଼ିଥିଲା। ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ପଚାରିବାରୁ ଖାଲି ମନ୍ତ୍ରୀ ପ୍ରଦୀପ ମହାରଥୀ ଇସ୍ତଫା ଦେଲେ ହେବ ନାହିଁ। ମୁଖ୍ୟମନ୍ତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରିଥିଲେ। ପୋଲିସ ବର୍ତ୍ତମାନ ରକ୍ଷକ ହୋଇ ଭକ୍ଷକ ସାଜିଥିବା ସେ ପ୍ରକାଶ କରିଥିଲେ।

### ୨୦୦୨ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ



**ନୟାଗଡ଼ ଅଫିସ,୬।୧:** ନୟାଗଡ଼ ବ୍ଲକ ଗମ୍ଭାରିଡ଼ିହି ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ୍ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ପ୍ରତାପ ପ୍ରସାଦସ୍ଥିତ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଦୀର୍ଘ ୧୭ବର୍ଷ ପରେ ସହପାଠୀମାନେ ପରସ୍ପରକୁ ଭେଟି ଭାବର ଆଦାନପ୍ରଦାନ କରିଥିଲେ। ଏହି ଅବସରରେ ଏକ ହ୍ୱାଟ୍ସ ଆପ ଗ୍ରୁପ ଗଠନ କରି ପାଣ୍ଠି ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅର୍ଥ ସମାଜ କଲ୍ୟାଣ ଦିଗରେ ବିନିଯୋଗ କରିବା ପାଇଁ ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅଖିଳ ରାଉଳ, ମନୋରଞ୍ଜନ ଜେନା, ଜୟଶ୍ରୀ ନାୟକ, ଦେବସ୍ମିତା ସାହୁ, ଅଶୋକ ରାଉତ, ଦ୍ୟୁତିକିଶୋର ସାହୁ, ମାନସ ରଞ୍ଜନ ପ୍ରଧାନଙ୍କ ସମେତ ଏକାଧିକ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

### ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା
## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

**ନୟାଗଡ଼ ଅଫିସ,୬।୧**



ସଦର ଥାନା ଆଗରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ନୟାଗଡ଼ ବ୍ଲକ ସଦର ଥାନା ଆଗରେ ଶ୍ରମିକ ମୃତ୍ୟୁକୁ ନେଇ ରବିବାର ଉତ୍ତେଜନା ଦେଖାଦେଇଥିଲା। ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ସଦସ୍ୟଙ୍କ ସହ ଜନସାଧାରଣ ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଘଟଣାରୁ ପ୍ରକାଶ ଯେ, ଭାଟସାହି ଗ୍ରାମର ନବ ବେହେରାଙ୍କ ପୁଅ ତ୍ରିନାଥ ବେହେରା (୪୨) ଶନିବାର ମାଛିପଡ଼ାଠାରେ ଶ୍ରମିକ ଭାବେ କାମ କରୁଥିଲେ। ଅପରାହ୍ନରେ ସେ କାନ୍ଥ ଖୋଲୁଥିବା ବେଳେ ତାହା ଭୁଶୁଡ଼ି ପଡ଼ିଥିଲା ଏବଂ ତା' ଭିତରେ ସେ ଚାପି ହୋଇ ରହିଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକେ କ୍ଷତିପୂରଣ ଦାବରେ ଟାୟାର ଜାଳି ସଦର ଥାନା ସମ୍ମୁଖ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀ, ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିବା ସହିତ ପରିବାରକୁ ପକ୍କା ଘର ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ଟାରେ ରାସ୍ତାରୋକୋ ହଟିଥିଲା। ସମ୍ପୃକ୍ତ ଠିକାଦାର ତ୍ରିନାଥଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହାୟତା ଦେଇଛନ୍ତି।

## ମଣିଷ ସେବା ହିଁ ଈଶ୍ୱର ସେବା

**ବୋଲଗଡ଼,୬।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଟିକାତାଳସ୍ଥିତ ଶ୍ରୀଶ୍ରୀ ରାମକୃଷ୍ଣ ସେବାଶ୍ରମରେ ରବିବାର ଶୀତକାଳୀନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀସ୍ଥିତ ରାମକୃଷ୍ଣ ମିଶନ ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଟିକାତାଳ ସେବାଶ୍ରମ ପକ୍ଷରୁ ଆୟୋଜନ କରାଯାଇଥିଲା। ସାଧାରଣ ସଭାରେ ସେବାଶ୍ରମର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ପୌରୋହିତ୍ୟ କରିଥିଲେ। ପୁରୀ ରାମକୃଷ୍ଣ ମିଶନ ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ସେବା ହିଁ ଈଶ୍ୱର ସେବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାମୀ କ୍ରିଷ୍ଣରୁପାନନ୍ଦ ଓ ସାମାଜିକ କର୍ମୀ ଧନଞ୍ଜୟ ଦାଶ ପ୍ରମୁଖ ଯୋଗଦେଇ ମା' ଶାରଦା ଦେବୀ ଓ ରାମକୃଷ୍ଣ ପରମହଂସଙ୍କ ନୀତି, ଆଦର୍ଶ ଓ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ସେବାଶ୍ରମର ସହସମ୍ପାଦକ ସର୍ବେଶ୍ୱର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥଲେ। ରାଜକିଶୋର ଛୁଆଳ ସିଂହ, ହୃଷିକେଶ ଚମ୍ପତି, ସୁରେଶ ଚନ୍ଦ୍ର ପଣ୍ଡା, ବାସୁଦେବ ମହାପାତ୍ର ଓ ଅଶୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ
## କଳିଙ୍ଗ ଖୋର୍ଦ୍ଧା ସେମିଫାଇନାଲରେ

**ଭାପୁର,୬।୧(ଡି.ଏନ୍.ଏ.)**

ନୟାଗଡ଼ଜିଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ରବିବାର ରାଜ୍ୟସ୍ତରୀୟ ୯ମ ସଦାଶିବ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ କଳିଙ୍ଗ ଖୋର୍ଦ୍ଧା କ୍ରିକେଟ୍ କ୍ଲବ୍ ନୟାଗଡ଼ ଇଲେଭେନ୍ କ୍ଲବକୁ ୨୩ ରନ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ନାଳିସାଗର ପଡ଼ିଆରେ ଆୟୋଜିତ ଏହି ଖେଳକୁ ବରିଷ୍ଠ ଶିକ୍ଷାବିତ୍ ଲୋକନାଥ ଆଚାର୍ଯ୍ୟ, ସରପଞ୍ଚ ତୋଫାନ ପ୍ରଧାନ, ପୂର୍ବତନ ସରପଞ୍ଚ ବେଣୁ ପ୍ରଧାନ, ଜିଲାପରିଷଦ ସଭ୍ୟା କାମିନୀ ମନୋଜ ପ୍ରଧାନ, ବୈକୁଣ୍ଠ ସାହୁ ଓ ଚକ୍ରଧର ପ୍ରଧାନ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ଦଳ ଟସ୍ ଜିଣି ଖୋର୍ଦ୍ଧା ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ। ଖୋର୍ଦ୍ଧା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭର୍‌ରେ ୮ ଉଇକେଟ୍ ହରାଇ ୨୭୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ନୟାଗଡ଼ ଦଳ ୨୩.୨ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୨୪୭ ରନ୍‌ରେ ସୀମିତ ରହି ହାରିଯାଇଥିଲା। ବିଜୟୀ ଦଳର ଏମ୍‌ଡି ତାବ୍ରିଜ୍ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ଦେବେନ୍ଦ୍ର ଘୋଷ। ସ୍କୋରର୍ ଥିଲେ ପବିତ୍ର ସାହୁ। ଧାରା ବିବରଣୀ ଦେଇଥିଲେ ସରୋଜ ମହାପାତ୍ର। ସୋମବାର ଯାଜପୁର ଓ କୁମାରବସ୍ତ କ୍ରିକେଟ୍ କ୍ଲବ୍ ମଧ୍ୟରେ ଖେଳ ହେବ ବୋଲି ଆୟୋଜକ କହିଛନ୍ତି।



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

## ବାଲୁଗାଁରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**ବାଲୁଗାଁ,୬।୧(ଡି.ଏନ.ଏ.):** ବାଲୁଗାଁସ୍ଥିତ ଭାରତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି ତରଫରୁ ରବିବାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଦୁର୍ଘଟଣାରେ ଆହତ ହେଉଥିବା ବ୍ୟକ୍ତିମାନଙ୍କୁ ପ୍ରାଥମିକ ସ୍ତରର ଚିକିତ୍ସା ସୁବିଧା ପ୍ରଶିକ୍ଷଣ ଦିଆଯାଇଥିଲା। ଇଣ୍ଡିଆନ ରେଡ଼କ୍ରସ୍ ସୋସାଇଟିର ମାଷ୍ଟର ଟ୍ରେନର୍ ଡ. ବିକାଶ ପ୍ରସାଦ ଏହି ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଇଣ୍ଡିଆନ ରେଡ଼କ୍ରସ୍ ସୋସାଇଟିର ଲାଇଫ ମେମ୍ବର ଅନିଲ୍ କୁମାର ସାହୁ, ଆଇନ ଉପଦେଷ୍ଟା ଚନ୍ଦନ ମହାନ୍ତି, ଭାରତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜିର ସଭ୍ୟ ଅଶୋକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ୩୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ପୂଜ୍ୟପୂଜାର ଏକ ନିଆରା ପରମ୍ପରା

**ଖଣ୍ଡପଡ଼ା,୬।୧(ସ୍ୱ.ପ୍ର.)**

**ଗୁରୁପୂଜନ ଉତ୍ସବ**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟରେ ପୂଜ୍ୟପୂଜାର ଏକ ନିଆରା ପରମ୍ପରା ଦେଖିବାକୁ ମିଳୁଛି। ଖଣ୍ଡପଡା ଓ ଭାପୁର ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୨୦୧୦ ମସିହା ବ୍ୟାଚ୍ ଯୁକ୍ତ ୨ କଳା ଶ୍ରେଣୀର ପ୍ରାୟ ଦେଢ଼ଶହ ଛାତ୍ରୀଛାତ୍ରଙ୍କ ପକ୍ଷରୁ ରବିବାର ପଥରଚକଡାସ୍ଥିତ ମା'ନାରାୟଣୀ ପୀଠରେ ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତତ୍କାଳୀନ ଅଧ୍ୟକ୍ଷ ଡ. ପବିତ୍ର କୁମାର ସୁବୁଦ୍ଧି, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ଅଧ୍ୟାପକ ସୁଜଳ କୁମାର ମହାରଣା, ରମେଶ ଚନ୍ଦ୍ର ସାହୁ, ରାଜୀବ ଲୋଚନ ମିଶ୍ର, ହୃଷିକେଷ ମିଶ୍ର, ଦୀନବନ୍ଧୁ ନାୟକ, ପ୍ରଭାକର ଶିରୋମଣି ଓ ଅଜୟ କୁମାର ମହାରଣା ପ୍ରମୁଖଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ତଥା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସମ୍ପାଦକ ଅଭିଳାଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଡ. ସୁବୁଦ୍ଧି ମୁଖ୍ୟଅତିଥି, ଉପାଧ୍ୟକ୍ଷ ଦାଶ ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିଥି ଭାବେ ପୂଜ୍ୟପୂଜାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଅଧ୍ୟାପକ ଦୀନବନ୍ଧୁ ନାୟକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରଲୋକଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଜଗମୋହନ ବେହେରା, ସନ୍ତୋଷ କୁମାର ଖୁଣ୍ଟିଆ, ନୀଳମାଧବ ପଣ୍ଡା, ବିଶ୍ୱରଞ୍ଜନ ବେହେରା, ସୁବ୍ରତ କୁମାର ସାହୁ, ଅସିତ କୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ପୋଲ ନିର୍ମାଣ ପାଇଁ ଶିଳାନ୍ୟାସ

**ଭାପୁର,୬।୧(ଡି.ଏନ୍.ଏ.)**

ଭାପୁର ବ୍ଲକ ବାଇଗୁଣିଆ ଓ ବଳଦିଆନୂଆଗାଁ ମଧ୍ୟରେ ଥିବା ଆମ୍ବନାଳରେ ପୋଲ ନିର୍ମାଣ ପାଇଁ ରବିବାର ଅପରାହ୍ନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ଅନୁଭବ ପଟ୍ଟନାୟକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ନିମାଣୀର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ କୁମାର ସାମନ୍ତରାୟ, ବିଜୟ କୁମାର ପଟ୍ଟନାୟକ, ସନ୍ତୋଷ କୁମାର ବେହେରା, ଲକ୍ଷ୍ମୀଧର ମହାରଣା, ବସନ୍ତ କୁମାର ପଟ୍ଟନାୟକ ଓ ବିଭାଗୀୟ ସହକାରୀ ଯନ୍ତ୍ରୀ ଡିଏନ୍ ଷଡ଼ଙ୍ଗୀ ଯୋଗଦେଇଥିଲେ। ୧୬ଲକ୍ଷ ୩୭ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ରିଜର ଓସାର ୧୦ ମିଟର ହେବ ଓ ଏହାର ନିର୍ମାଣ କାର୍ଯ୍ୟ ଏପ୍ରିଲ ୧୫ ସୁଦ୍ଧା ସରିବ ବୋଲି ଯନ୍ତ୍ରୀ କହିଥିଲେ। ଏହି ନାଳର ଓସାର ବୃଦ୍ଧି ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୬୮ ଲକ୍ଷ ମଞ୍ଜୁର ହୋଇଥିବା ବିଧାୟକ କହିଥିଲେ।

## ସମୟାନୁବର୍ତ୍ତୀ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ



ଅବସରପ୍ରାପ୍ତ ଏବିଇଓଙ୍କୁ ଉପଢୌକନ ପ୍ରଦାନ କରାଯାଉଛି।

**ଗଣିଆ,୬।୧(ଡି.ଏନ.ଏ.)**

ଗଣିଆ ବ୍ଲକ ନୂତନ ପେନ୍‌ସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ରବିବାର ଗଣିଆସ୍ଥିତ ବେଲପଡା ମଧ୍ୟଇଂରାଜୀ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଫୁଲ୍ଲ ମହାନ୍ତିଙ୍କ ସଭାପତିତ୍ୱରେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଗୌରାଙ୍ଗ ଚରଣ ପରିଡାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏବିଇଓ ରାଜକିଶୋର ମହାରଣା ମୁଖ୍ୟଅତିଥି ଓ ସଂଘ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ବିଭିନ୍ନ କ୍ଲଷ୍ଟରର ସିଆରସିସିଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଶୈଳୀ ଓ ଲୋକପ୍ରିୟତା ସମ୍ପର୍କରେ ନିଜ ଅନୁଭୂତି ବଖାଣିଥିଲେ। ଏହି ଅବସରରେ ସେ ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ନିଜ କର୍ତ୍ତବ୍ୟ ବିଷୟରେ ସଚେତନ ହେବା ସହ ସମୟାନୁବର୍ତ୍ତି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ପରେ ସଂଘ ତରଫରୁ ଅବସରପ୍ରାପ୍ତ ସହକାରୀ ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ କିଶୋର କୁମାର ପଣ୍ଡା ମାନପତ୍ର ପାଠ କରିଥିଲେ। ସଂଘ ସଭାପତି ମାନପତ୍ର, ଉପଢୌକନ ପ୍ରଦାନ କରିଥିଲେ । ନୂତନ ବର୍ଷ ପାଇଁ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା।



ବିପଦରେ ପଡ଼ି ଘାଣ୍ଟି ହେଲେ ଓ କ୍ଷତି ସହିଲେ
ହିଁ ଲୋକ ବିଜ୍ଞ ଓ ନମ୍ର ହୋଇଯାଏ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଆହତ ଧଳା ପେଚା ଉଦ୍ଧାର



**ପୁରୀ ଅଫିସ,୬।୧:** ପେଣ୍ଠକଟା ଅଞ୍ଚଳରୁ ରବିବାର ଏକ ଧଳା ପେଚାକୁ ଆହତ ଅବସ୍ଥାରେ ବନ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। ସୂଚନା ମୁତାବକ, ପେଣ୍ଠକଟାର ଏନ୍. ମଣି ସକାଳେ ତାଙ୍କ ଘର ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଏହି ସମୟରେ ଛାତ ଉପରେ ପେଚାଟି ବସିଥିଲା। ସେ ତାକୁ ଘଉଡ଼ାଇ ଦେବାକୁ ଚେଷ୍ଟା କରିଥିଲେ। ହେଲେ ପେଚାଟି ଉଡ଼ି ନ ପାରି ତଳକୁ ଖସି ପଡିଥିଲା। ତା'ର ଡାହଣ ପାର୍ଶ୍ୱ ଡେଣାରେ ଆଘାତ ଲାଗିଥିଲା। ମଣିଙ୍କ ପରିବାର ଲୋକେ ତାକୁ ଧରି ବନ ବିଭାଗକୁ ଖବର ଦେଇଥିଲେ। ବନପାଳ ପ୍ରଦୀପ ପାଣିଗ୍ରାହୀ ଓ ବନରକ୍ଷୀ ଯୁଧିଷ୍ଠିର ରାଉତ ପହଞ୍ଚି ପେଚାଟିକୁ ଉଦ୍ଧାର କରିଥିଲେ। ରେଞ୍ଜ ଅଫିସରେ ରଖାଯାଇ ତା'ର ଚିକିତ୍ସା କରାଯାଉଛି। ସୁସ୍ଥ ହେବା ପରେ ତାକୁ ଛଡାଯିବ ବୋଲି ଜଣାପଡିଛି।

### ବାଉଁଶ ବାଜି ବଡବାପା ମୃତ, ପୁତୁରା ଗୁରୁତର

**ଖୋର୍ଦ୍ଧା ଅଫିସ,୬।୧:** ବାଉଁଶ ବାଜି ବାଇକ୍ ଆରୋହୀ ପୁତୁରା ଆହତ ହୋଇଥିବାବେଳେ ବଡବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପ୍ରେମାନନ୍ଦ ମଲ୍ଲିକ(୬୫)। ଘର କଟକ ଜିଲା ବାଙ୍କୀ ବ୍ଲକ ପଦନପୁର ଗାଁରେ। ଖବରପାଇ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନଂ. ୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ସକାଳେ ପୁତୁରା ସନ୍ଦୀପ ମଲ୍ଲିକ ସ୍କୁଟି(ନଂ. ଓଡ଼ି ୦୨ ଏଭି ୨୧୪୭)ରେ ବଡ଼ବାପା ପ୍ରେମାନନ୍ଦ ଓ ବଡ଼ମାଆ ଶଶିରେଖାଙ୍କୁ ନେଇ ଖୋର୍ଦ୍ଧା ଅଭିମୁଖେ ଆସୁଥିଲେ। ବିପରୀତ ଦିଗରୁ ଏକ ବାଇକ୍‌ରେ ବାଉଁଶ ନେଇ ଅନ୍ୟ ଦୁଇଜଣ ଆସୁଥିଲେ। ରବିବାର ପୂର୍ବାହ୍ନରେ ବାଉଁଶ ବାଜି ପୁତୁରା ସନ୍ଦୀପ ଓ ବଡବାବା ପ୍ରେମାନନ୍ଦ ଆହତ ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବଡବାପାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁତୁରାଙ୍କ ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରର ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ସାଂସ୍କୃତିକ ପରିଷଦ ସଭ୍ୟଙ୍କ ବିୟୋଗରେ ଶୋକସଭା

**ଗଣିଆ,୬।୧(ଡି.ଏନ.ଏ.):** ଗଣିଆ ବଜାରସ୍ଥିତ ମହାବୀର ସାଂସ୍କୃତିକ ପରିଷଦର ବହୁ ପୁରାତନ ସଭ୍ୟ ନରୋତ୍ତମ ବାରିକଙ୍କ ଗତ ମାସ ୨୮ ତାରିଖରେ ଅକାଳ ବିୟୋଗ ହୋଇଯାଇଛି। ରବିବାର ତାଙ୍କ ଦଶାହ ଅବସରରେ ଅନୁଷ୍ଠାନ ପରିଷଦ ଗୃହରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ଦେବାନନ୍ଦ ମିଶ୍ର, ସମ୍ପାଦକ ବିଶ୍ୱରଞ୍ଜନ ସେଠୀଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ନରୋତ୍ତମ ୧୮୮୯ ମସିହାରୁ ଏହି ପରିଷଦର ଜଣେ ସକ୍ରିୟ ସଭ୍ୟ ଭାବେ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିଆସୁଥିଲେ।

## ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଆଲୋଚନାଚକ୍ର

# ପୁଷ୍ୟା ନକ୍ଷତ୍ରଯୁକ୍ତ ମାସ ପୌଷ

**ପୁରୀ ଅଫିସ,୬।୧**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ଜାନୁୟାରୀ ମାସ ଆଲୋଚନାଚକ୍ର ରବିବାର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସୁନୀଲ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ସଞ୍ଚାଳନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ। ଆଲୋଚ୍ୟ ବିଷୟ ଥିଲା ପୌଷ ମାସର ପର୍ବ ଯାତ୍ରା। ଏଥିରେ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ନରେଶ ଚନ୍ଦ୍ର ଦାଶ ଓ ଆଦିନାରାୟଣ ମହାରଣା।

ଏଥିରେ ପୌଷ ମାସର ବିଭିନ୍ନ ପର୍ବଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁଷ୍ୟା ନକ୍ଷତ୍ରଯୁକ୍ତ ମାସ ପୌଷ। ଏହି ମାସର ଆରାଧ୍ୟ ଦେବତା ହେଉଛନ୍ତି ନାରାୟଣ। ପୌଷ କୃଷ୍ଣ ଦ୍ୱିତୀୟାରେ ଦାଣ୍ଡ ପହଁରା ଓ ବାଟଓଷା ହୋଇଥାଏ। କୃଷ୍ଣ ଚତୁର୍ଦ୍ଦଶୀରେ ଶିବ ଚତୁର୍ଦ୍ଦଶୀ ଉପବାସ କରାଯାଏ। ପୌଷ ଅମାବାସ୍ୟାର ନାମ ବକୁଳ ଅମାବାସ୍ୟା। ଏହି ଦିନ ଶ୍ରୀମନ୍ଦିରରେ ସକାଳ ଧୂପ ଉଠିବା ସମୟରେ ରୋଷରୁ ବଉଳ ଗଇଁଠା ଟାଟ ଛାମୁକୁ ଆସେ। ଏହି ତିଥିରେ ଅମାବାସ୍ୟା ନୀତି ପାଇଁ ଦକ୍ଷିଣୀ ଘରୁ ନାରାୟଣ ଆସି ରତ୍ନସିଂହାସନରେ ଆଜ୍ଞାମାଳ ପାଇ ସାଗର ବିଜେ କରନ୍ତି।




ନୀଳାଚଳ ତତ୍ତ୍ୱ ସାଧନା ପରିଷଦ ପକ୍ଷରୁ ଆଲୋଚନାଚକ୍ର।

ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ପହିଲି ଭୋଗ ନୀତି ଅନୁଷ୍ଠିତ ହୁଏ। ପୌଷ ମାସରେ ମକର ସଂକ୍ରାନ୍ତି ପର୍ବ ଅନୁଷ୍ଠିତ ହୁଏ, ଯାହା ଉତ୍ତରାୟଣ ଯାତ୍ରା ନାମରେ ନାମିତ। ଏହା ଶ୍ରୀମନ୍ଦିରରେ ତିନିଦିନ ବ୍ୟାପୀ ପାଳିତ ହୁଏ। ପୌଷ ପୂର୍ଣ୍ଣିମାରେ ପୁଷ୍ୟାଭିଷେକ ବା ଦେବାଭିଷେକ ଯାତ୍ରା ଅନୁଷ୍ଠିତ ହୁଏ। ପୁରୁଷୋତ୍ତମ ମାହାତ୍ମ୍ୟ ଅନୁସାରେ ବ୍ରହ୍ମାଙ୍କ ଦ୍ୱାରା ପୁଷ୍ୟାଭିଷେକ ପ୍ରବର୍ତ୍ତିତ ହୋଇଛି। ଶ୍ରୀମନ୍ଦିରରେ ଚତୁର୍ଦ୍ଦଶୀ ତିଥିରେ ଭୋଗମଣ୍ଡପ ଘରେ ୮୭ ଗଡୁ ଜଳ ଓ ୨୧ ଗଡୁ ଘିଅ ଅଧିବାସ ହୁଏ। ପୂର୍ଣ୍ଣିମାରେ ଦେଉଳ ପୁରୋହିତଙ୍କ ଦ୍ୱାରା ଦର୍ପଣରେ ଅଭିଷେକ କରାଯାଏ। ଏହି ଯାତ୍ରାରେ ସୁବର୍ଣ୍ଣ ବେଶରେ ଶ୍ରୀବିଗ୍ରହମାନଙ୍କୁ ଅଳଙ୍କୃତ କରାଯାଏ। ପୌଷ ମାସର ପ୍ରତି ରବିବାର ଶାରୀରିକ ସୌଖ୍ୟ ନିମିତ୍ତ ରବିନାରାୟଣଙ୍କୁ ପୂଜା କରି ପୁଷ ରବିବାର ବ୍ରତ ପୁସ୍ତିକା ପାଠ କରାଯାଏ ବୋଲି ଆଲୋଚନା କରାଯାଇଥିଲା।

ଏହି ଆଲୋଚନାଚକ୍ରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଡ. ଉମେଶ ଚନ୍ଦ୍ର ଚିନ୍ନାରା, ଡ. ଭାସ୍କର ମିଶ୍ର, ସୁନୀଲ କୁମାର ମିଶ୍ର, ସତ୍ୟନାରାୟଣ ମିଶ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ଡ. କଲ୍ୟାଣୀ ନନ୍ଦୀ, କ୍ରିଷ୍ଣା ମହାପାତ୍ର, ସୁଶ୍ରୀ ହରପ୍ରିୟା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ମହାପ୍ରଭୁଙ୍କୁ ଲାଗି ହେଲା ବଉଳ ଗଇଁଠା

**ପୁରୀ ଅଫିସ,୬।୧**

ପୌଷ ଅମାବାସ୍ୟା ତିଥିରେ ରବିବାର ଶ୍ରୀମନ୍ଦିରରେ ବକୁଳ ଅମାବାସ୍ୟା ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ମହାପ୍ରଭୁଙ୍କ ନିକଟରେ ବଉଳ ଗଇଁଠା ଲାଗି କରାଯାଇଛି। ଶ୍ରୀମନ୍ଦିରରେ ଆଳତି, ଅବକାଶ ନୀତି ବଢି ଠାକୁରଙ୍କୁ ବେଶ କରାଯାଇଥିଲା। ଏହି ବେଶରେ ଆଜ୍ଞାମାଳ ନିମନ୍ତେ ଖଣ୍ଡିଏ ଅଧିକ ମାଳ ଲାଗି କରାଯାଇଥିଲା। ବଲ୍ଲଭ ସରି ସକାଳ ଧୂପ ଉଠିବା ପରେ ରୋଷଘରୁ

**ନାରାୟଣଙ୍କ ସାଗର ବିଜେ**

ବଉଳ ଗଇଁଠା ଟାଟ ସ୍ୱତନ୍ତ୍ର ଭାବେ ବଢ଼ାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ପୂଜାପଣ୍ଡା ସାମନ୍ତ ଷୋଡ଼ଶ ଉପଚାର ପୂଜା ବିଧିରେ ମହାପ୍ରଭୁଙ୍କୁ ଭୋଗ କରିଥିଲେ। ଏହାପରେ ଅମାବାସ୍ୟା ଦିଅଁ (ଶ୍ରୀନାରାୟଣ) ସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପାଇଥିଲେ। ଶ୍ରୀନାରାୟଣ ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ସାଗର ବିଜେ ନିମନ୍ତେ ଯାଇଥିଲେ।

# ଶିକ୍ଷାର ଘରୋଇକରଣ ବିକାଶରେ ବାଧକ

**ପୁରୀ ଅଫିସ, ୬।୧**

ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷାର ଘରୋଇକରଣ ବିକାଶରେ ବାଧକ ସାଜିଛି। ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ ହେଉଛି ଅଥଚ ଶିକ୍ଷାର ବିକାଶ ହେଉନାହିଁ। ଅଧିକାଂଶ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି। ଅନ୍ୟପଟେ ଶିକ୍ଷକମାନଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫଳରେ ବିଦ୍ୟାଳୟ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ପକ୍ଷରୁ ଶରଧାବାଲିସ୍ଥିତ ରାଧାବଲ୍ଲଭ ସତ୍‌ସଙ୍ଗଠାରେ ଆୟୋଜିତ ତୃତୀୟ ସାମ୍ବିଧାନିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

ମଞ୍ଚର ସଭାପତି ମାଧବ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମୁଖ୍ୟଅତିଥି, ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ସମ୍ମିଳନୀ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ପୁରୀ ଜିଲା ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତିର ସମ୍ପାଦକ ରାମ ନାରାୟଣ ମିଶ୍ର, ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ମଞ୍ଚର ସଭାପତି ବିଶ୍ୱାଳ ସଭାପତିତ୍ୱ ଭାଷଣରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ଅବସର ଗ୍ରହଣ କରିବା ପରେ ଶିକ୍ଷକମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ଲାଗି ସେ ଦାବି କରିଥିଲେ। ଆୟୋଜକ ଶିକ୍ଷକ ମଞ୍ଚ ସମ୍ପାଦକ ପ୍ୟାରୀମୋହନ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

## ରଣପୁର ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# କଳାକାରଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଲା

**ରଣପୁର,୬।୧ (ସ୍ୱ.ପ୍ର.)**

ସ୍ଥାନୀୟ ବାଘସାଆନ୍ତ ପଡିଆର ମୁକ୍ତାକାଶ ରଙ୍ଗମଞ୍ଚରେ ଆରମ୍ଭ ହୋଇଥିବା ରଣପୁର ମହୋତ୍ସବ ଅର୍ଜ୍ଜୁନର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ଟିଭି କଳାକାର ଦୁର୍ଗା, ଧାରାବାହିକର ଅର୍ପିତ କର ଓ ବିଶିଷ୍ଟ ନୃତ୍ୟ ଶିଳ୍ପୀଙ୍କ ପ୍ରଦର୍ଶନ ଦର୍ଶକଙ୍କ ମନ ମୋହିଥିଲା। ମଧ୍ୟାହ୍ନରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ହୋଇଥିଲା। ରଣପୁର ସଙ୍ଗୀତ କଳା ବିଦ୍ୟାନିକେତନ ଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ ଗାନ, ସମ୍ବଲପୁରୀ ନୃତ୍ୟ, ଶିଶୁ କଳା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଭୁବନେଶ୍ୱର ଜିଏ ବିଭାଗ ନିର୍ଦ୍ଦେଶକ ଆଇଏଏସ୍ ହେମନ୍ତ କୁମାର ପାଢୀ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ବିଜୟ କେତନ ସାହୁ ମୁଖ୍ୟବକ୍ତା ଓ ରଣପୁର ବ୍ଲକ ଅଧ୍ୟକ୍ଷା ନିରୁପମା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥଲେ। ମୁଖ୍ୟ ଅତିଥି ତାଙ୍କ ଭାଷଣରେ କହିଥିଲେ ଯେ, ରଣପୁରରେ କଳା ସଂସ୍କୃତି ଭରପୂର ହୋଇରହିଛି। ଏହା ଏକ ବୀର ମାଟି।



ରଶ୍ମିରଞ୍ଜନ ରାୟସିଂହଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରୁଛନ୍ତି।

ପର୍ଯ୍ୟଟନ ପାଇଁ ଏହା ପ୍ରମୁଖ ସ୍ଥାନ। ସଂଯୋଜକ ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ରଣପୁର ସମ୍ମାନରେ ସମ୍ମାନିତ କରାଯାଇଥିଲା । ରଣପୁର ଝାଡପଡା ଗ୍ରାମର ରଶ୍ମିରଞ୍ଜନ ରାୟସିଂହ ନାଭାଲରେ ଅଫିସର ଭାବେ ଚାକିରି କରିଥିବାବେଳେ ବିହାର ବନ୍ୟାରେ ଭାସିଯାଉଥିବା ଲୋକଙ୍କୁ ଉଦ୍ଧାର କରି ସାହସିକତାର ପରିଚୟ ଦେଇଥିଲେ। ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସେହିପରି ରଣପୁର ଅଞ୍ଚଳର ସାପ ଧରାଳି ନନ୍ଦପୁର ଗ୍ରାମର ଅଜୟ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା । ମହୋତ୍ସବ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଧର୍ମଘଟକୁ ସଫଳ ଲାଗି ନିବେଦନ

**ପୁରୀ ଅଫିସ,୬।୧**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ଧରି ଧର୍ମଘଟ କରାଯିବ। ଏହାକୁ ସଫଳ କରିବା ପାଇଁ ରବିବାର ମାର୍କେଟ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଟୁର ଜଗନ୍ନାଥ ଦେଓ, ଶରତ ରାୟଗୁରୁ, ଟୁନା ନାୟକ, ଏଆଇଟିୟୁସିର ହୃଷୀକେଶ ପାଣି, ବ୍ରଜବନ୍ଧୁ ପ୍ରଧାନ, ବିଦ୍ୟୁଲତା ପୃଷ୍ଟି, ପ୍ରଫୁଲ୍ଲ ମହାପାତ୍ର, ପ୍ରଦୀପ୍ତ ମହାନ୍ତି, ଏଆଇଏଫ୍‌ଟିୟୁର ମୋହନ ନାଇଡୁ, ଜୟରାମ ଜେନା, ଏଏସ୍ଏସ୍‌ଓର ପ୍ରତାପ ଚିନ୍ନାରା, ବୁଦ୍ଧିଜୀବୀ ସୁରେନ୍ଦ୍ର ତପସ୍ୱୀ ଯୋଗଦେଇ ୧୨ ଦଫା ଦାବି ଉପରେ ଆଲୋଚନା କରିଥିଲେ। କେନ୍ଦ୍ର ସରକାର ଧର୍ମ ନାମରେ ଶ୍ରମିକମାନଙ୍କୁ ବିଭାଜନ କରିବା, ଶ୍ରମିକ ଅଧିକାରକୁ ହରଣ କରି ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ କାମ କରିବାକୁ ତୀବ୍ର ବିରୋଧ କରାଯାଇଥିଲା। ଏହି ଧର୍ମଘଟରେ ସହରର ସମସ୍ତ ବୁଦ୍ଧିଜୀବୀ, କର୍ମଚାରୀ, ବ୍ୟବସାୟୀ ଏବଂ ଜନସାଧାରଣ ସହଯୋଗ କରିବା ଲାଗି ସେମାନେ ନିବେଦନ କରିଥିଲେ।

### ଆକ୍ରମଣରେ ଜଣେ ଗୁରୁତର

**ଖୋର୍ଦ୍ଧା ଅଫିସ,୬।୧:** ଖୋର୍ଦ୍ଧା ଟାଉନ ଥାନା ଶିଲ୍ପାଞ୍ଚଳ ଫାଣ୍ଡି ଜେମାଦେଇରେ ରବିବାର ଦୁଇ ଜଣଙ୍କ ମିଳିତ ଆକ୍ରମଣରେ ବିଜୟ ବେହେରା(୨୫) ଆହତ ହୋଇଛନ୍ତି। ପୂର୍ବ ଶତ୍ରୁତା ଓ କ୍ରିକେଟ ଖେଳକୁ ନେଇ ଏହି ଆକ୍ରମଣ ହୋଇଥିବା ଜଣାପଡିଛି। ବିଜୟଙ୍କୁ ପ୍ରଥମେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଏମ୍ସ ସ୍ଥାନାନ୍ତର କରାଯାଇଛି।

# ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ଢୁ ଢୁଆ ଜଳପ୍ରପାତ



ଢୁ ଢୁଆ ଜଳପ୍ରପାତ।

**ବାଲୁଗାଁ,୬।୧(ଡ଼ି.ଏନ.ଏ.):** ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ୍ ନୀଳାଦ୍ରିପ୍ରସାଦ ପଞ୍ଚାୟତର ବରବରା ଜଙ୍ଗଲ ମଧ୍ୟରେ ଅବସ୍ଥିତ ଢୁ ଢୁଆ ଜଳପ୍ରପାତ ଏବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଲାଗିଛି। ବଣଭୋଜି ନିମନ୍ତେ ସ୍ଥାନଟି ଅନୁକୂଳ ଥିବାବେଳେ ଜଳପ୍ରପାତରେ ସ୍ନାନ ନିଆରା ଅନୁଭୂତି ଦିଏ। ଘଞ୍ଚ ଜଙ୍ଗଲ ମଧ୍ୟରେ କେଉଁ ଅନାଦି କାଳରୁ ଅବସ୍ଥିତ ଏହି ଜଳ ପ୍ରପାତ ଲୋକଲୋଚନକୁ ଆସିପାରିନଥିଲା। ତେବେ କିଛିବର୍ଷ ପୂର୍ବେ ଅଞ୍ଚଳବାସୀଙ୍କଠାରୁ ଖବର ପାଇ ଏହି ପିକ୍‌ନିକ୍ ସ୍ପଟ୍‌କୁ ଦୂରଦୂରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳିଛି । ହେଲେ ପ୍ରାକୃତିକ ସୌନ୍ଦର୍ଯ୍ୟ ପରିବେଷ୍ଟିତ ଜଳପ୍ରପାତଟି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଆଢୁଆଳରେ ରହିଯାଇଛି।

ବାଣପୁରଠାରୁ ସାନ ଶିରେଇପୁର ରାସ୍ତା ଦେଇ ନୀଳାଦ୍ରିପ୍ରସାଦ ଗ୍ରାମ ପ୍ରାୟ ୨୦କିଲୋମିଟର ହେବ। ସେଠାରୁ ମା' ବିରଜାଇ ମନ୍ଦିର ରାସ୍ତାରେ ମାତ୍ର ୨କିଲୋମିଟର ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ । ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ମାଟି ରାସ୍ତାରେ ପ୍ରାୟ ୧କିଲୋମିଟର ଆଗକୁ ଗଲେ ପଡ଼ିବ ଡ଼ିମିରି ସାହି। ଏହି ସାହିରେ ମାତ୍ର ୬ଗୋଟି ଘର ରହିଛି । ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାର ମାତ୍ର ୫୦ମିଟର ଦୂରତାରେ ପ୍ରବାହିତ ହେଉଛି ଢୁ ଢୁଆ ଜଳପ୍ରପାତ । ପର୍ଯ୍ୟଟକ ଏଠାକୁ ଆସିଲେ ଏକ ସଂଗେ ଜଳପ୍ରପାତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ପ୍ରସିଦ୍ଧ ମା' ବିରଜାଇ ଠାକୁରାଣୀ, ମା' ତାରିଣୀ ପୀଠ ଓ ବାଣପୁର ମା' ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ। ପ୍ରଶାସନ ଏଠାକୁ ଗମନାଗମନ ସୁବିଧା ସହ ଅନ୍ୟାନ୍ୟ ବ୍ୟବସ୍ଥା କଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ବିଭାଗୀୟ କର୍ତ୍ତୃପକ୍ଷ ଏହାକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ସର୍ବଭାରତୀୟ ଭଲିବଲ ଟୁର୍ନାମେଣ୍ଟ ୧୦ରୁ

**ଖୋର୍ଦ୍ଧାଅଫିସ,୬।୧**

ଖୋର୍ଦ୍ଧା ଜିଲା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ସହରର ଇଗଲ କ୍ଲବ ପଡିଆରେ ସର୍ବଭାରତୀୟ ଭଲି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଚଳିତ ମାସ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ମ୍ୟାଚରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ହରିୟାନା ସମେତ ରାଜ୍ୟର ସମ୍ବଲପୁର ରେଲୱ ଡ଼ିଭିଜନ, ସ୍ପୋର୍ଟସ୍ ହଷ୍ଟେଲ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଭଲିବଲ ଆସୋସିଏଶନ୍ ଭାଗ ନେବେ। ୧୨ ତାରିଖ ଦିନ ପଶ୍ଚିମବଙ୍ଗ ମହିଳା ଭଲିବଲ ଓ ଓଡ଼ିଶା ମହିଳା ଭଲିବଲ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲରେ ବିଜେତା ଦଳକୁ ଟ୍ରଫି ଓ ୨୦ ହଜାର ଟଙ୍କା ସହ ରନର୍ସ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ନଗଦ ପ୍ରଦାନ କରାଯିବ। ସେହିଭଳି ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ସହ ଟୁର୍ନାମେଣ୍ଟ ଦେଖିବାକୁ ଆସୁଥିବା ଦର୍ଶକମାନଙ୍କୁ ମାଗଣା ଲଟେରି କୁପନ ଦିଆଯିବ। ପ୍ରତ୍ୟେକ ଦିନ ମ୍ୟାଚ ଶେଷରେ ଲଟେରି ଉଠାଣ କରାଯିବ।

# ବନ୍ଧୁମିଳନ ଉତ୍ସବରେ ଆଶାୟୀ ପ୍ରାର୍ଥୀ

**ନୂଆଗାଁ,୬।୧(ଡି.ଏନ.ଏ.)**

ନିର୍ବାଚନ ପାଖେଇ ଆସୁଥିବାରୁ ନୟାଗଡ଼ ଜିଲା ଦଶପଲା ନିର୍ବାଚନ ମଣ୍ଡଳୀ ନୂଆଗାଁ ବ୍ଲକରେ ରାଜନୀତି ବେଶ୍ ସରଗରମ ହେବାରେ ଲାଗିଛି । ବିଭିନ୍ନ ଦଳର ଆଶାୟୀ ପ୍ରାର୍ଥୀମାନେ ଜନସାଧାରଣଙ୍କ ନିକଟତର ହେବାକୁ ଆପ୍ରାଣ ଚେଷ୍ଟା କରି ସଭା, ସମିତି ଓ ବନ୍ଧୁମିଳନ ଉତ୍ସବ ଆଦିରେ ଯୋଗଦେଉଥିବା ଦେଖିବାକୁ ମିଳୁଛି। ରବିବାର ନୂଆଗାଁ ବ୍ଲକ ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୃଷକ ନେତା ଅରୁଣ କୁମାର ସ୍ୱାଇଁ ବିଭିନ୍ନ ପଞ୍ଚାୟତର କୃଷକମାନଙ୍କୁ ନେଇ ପଞ୍ଚୁପାଣ୍ଡବ ନିକଟରେ ବନ୍ଧୁମିଳନ ଉତ୍ସବର ଆୟୋଜନ କରିଥିଲେ। ଖବର ପାଇ ବିଜେଡି ଦଳରୁ ଦଶପଲା ନିର୍ବାଚନ ମଣ୍ଡଳୀ ବିଧାୟକ ଟିକେଟ ପାଇଁ ଆଶାୟୀ ପ୍ରାର୍ଥୀ ଇନ୍ଦୁମତି ନାୟକ ଏହି ଉତ୍ସବରେ ଯୋଗଦେଇଥିଲେ । ସେହିପରି ଭାଜପାର କନ୍ଧମାଳ ସାଂସଦ ଆଶାୟୀ ପ୍ରାର୍ଥୀ କମଳାକାନ୍ତ ପାଣ୍ଡେ ମଧ୍ୟ ଆସିଥିଲେ। ଏହି ଉତ୍ସବରେ କୁଳମଣି ପ୍ରଧାନ, କାହ୍ନୁ ପ୍ରଧାନ, ସାଧୁ ଚରଣ ମଲିକ, ପାଣ୍ଡୁ ଚରଣ ପ୍ରଧାନ ଓ ନିର ସାହୁ ପ୍ରମୁଖ ଯୋଗଦେଇଥିଲେ।



ବନ୍ଧୁତ୍ୱର ବାର୍ତ୍ତା ଦେଉଛନ୍ତି ଆଶାୟୀ ପ୍ରାର୍ଥୀ।

# ରାଜ୍ୟସ୍ତରୀୟ ପ୍ରଦର୍ଶନୀ ମହିଳା ଫୁଟ୍‌ବଲ: କିସ୍ ବିଜୟୀ

**ନିରାକାରପୁର,୬।୧(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆଠାରେ ଫ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଚାଲିଛି । ରବିବାର ଏକ ପ୍ରଦର୍ଶନୀ ମହିଳା ଫୁଟ୍‌ବଲ ମ୍ୟାଚ୍‌ରେ କିସ୍ ଫୁଟ୍‌ବଲ କ୍ଲବ୍ (ଭୁବନେଶ୍ୱର) ଓ ନୀତା ଅମ୍ବାନୀ ଏକାଡେମୀ (ଭୁବନେଶ୍ୱର) ମଧ୍ୟରେ ଖେଳ ହୋଇଥିଲା । ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇ ନ ପାରିବାରୁ ଟାଏବେକର୍ ଦ୍ୱାରା ନିତା ଅମ୍ବାନୀ ଏକାଡେମୀକୁ କିସ୍ ଫୁଟ୍‌ବଲ କ୍ଲବ୍ ୫/୪ଗୋଲ୍‌ରେ ପରାସ୍ତ କରି ବିଜେତା କପ୍ ହାସଲ କରିଥିଲା । କିସ୍ ଗୋଲ୍‌କିପର ଗୁରୁବାରୀ ମୁର୍ମୁ ଓ ନିତା ଅମ୍ବାନି ଦଳର ସତ୍ୟବାଦୀ ମୁର୍ମୁକୁ ଉତ୍ତମ ଖେଳ ପ୍ରଦର୍ଶନ ନିମନ୍ତେ ପୁରସ୍କୃତ କରାଯାଇଛି। ଶରତ ଚନ୍ଦ୍ର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଦିଲୀପ କର ଓ ରାଜ କିଶୋର ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଭାଜପା ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଭାଜପା ରାଜ୍ୟ ସଦସ୍ୟ ରଶ୍ମିରଞ୍ଜନ ମହାପାତ୍ର, ଜିଲା ପରିଷଦ ସଭ୍ୟ ମମତା ଜେନା, ବଡପୋଖରୀଆ ପୂର୍ବତନ ସରପଞ୍ଚ ମଙ୍ଗୁଳି ଜେନା, ଯୁବ ନେତା ଲକ୍ଷ୍ମୀକାନ୍ତ ମିଶ୍ର, ଡ. ସୁବାସ ଚନ୍ଦ୍ର ଚୌଧୁରୀ, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଜେନା, ମହିଳା ମିଶନ ଶକ୍ତିର ସଭାପତି ରଶ୍ମିତା ରାଉତରାୟ, ସାମାଜିକ କର୍ମୀ ରୁନୁବାଳା ତ୍ରିପାଠୀ ପ୍ରମୁଖ କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ସୋମବାର ପତିତପାବନ କ୍ଲବ୍ (ବ୍ରହ୍ମପୁର) ଓ ଧର୍ମଶାଳା ଫୁଟ୍‌ବଲ ଏକାଡେମୀ (ଯାଜପୁର) ମଧ୍ୟରେ ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ଓ ସମ୍ପାଦକ ଭାଗୀରଥି ପ୍ରଧାନ ସୂଚନା ଦେଇଛନ୍ତି।



କୃତୀ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି ଅତିଥି।